


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

♦VOLUME- 43 ♦ISSUE-185 ♦WEDNESDAY ♦31 DECEMBER 2025 ♦PAGE-12 ♦₹ 6.00 | PANIKOILI | ♦ବର୍ଷ-୪୩ ♦ସଂଖ୍ୟା-୧୮୫ ♦ବୁଧବାର ♦୩୧ ଡିସେମ୍ବର ୨୦୨୫ ♦ପୃଷ୍ଠା-୧୨ ♦ଟ.୬.୦୦


# ବାଂଲାଦେଶରେ ଆଉ ଜଣେ ହିନ୍ଦୁଙ୍କୁ ହତ୍ୟା

## ଦୁଇ ସପ୍ତାହ ମଧ୍ୟରେ ତୃତୀୟ ଘଟଣା



**ହାଇକମିସନରଙ୍କୁ ଆଲୋଚନା ପାଇଁ ଡାକିଲା ବାଂଲାଦେଶ**

■ ଢାକା, ୩୦।୧୨ (ଏଜେନ୍ସି): ବାଂଲାଦେଶରେ ଗତ କିଛି ସପ୍ତାହ ଧରି ଅରାଜକତା ଚଳାଇଛନ୍ତି ବିଭିନ୍ନ ଚରମପନ୍ଥୀ ସଂଗଠନ। ସେମାନଙ୍କ ଟାର୍ଗେଟରେ ରହିଛନ୍ତି ବିତାଡ଼ିତ ପ୍ରଧାନମନ୍ତ୍ରୀ ହସିନାଙ୍କ ସମର୍ଥକ ଏବଂ ହିନ୍ଦୁ ସଂପ୍ରଦାୟ। ଦେଶବ୍ୟାପୀ ଏହାକୁ ନେଇ ବିରୋଧ କରାଯାଉଛି। ଭାରତ ମଧ୍ୟ ଏହାର ପ୍ରତିବାଦ କଲାଣି। ଏହାସତ୍ତ୍ୱେ ବାଂଲାଦେଶରେ ହିନ୍ଦୁମାନଙ୍କ ବିରୋଧରେ ହିଂସା ବୃଦ୍ଧି ପାଇବାରେ ଲାଗିଛି। ଗତକାଲି ବାଂଲାଦେଶରେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ହତ୍ୟା ହେଉଛି ଏହାର ଆଉ ଏକ ପ୍ରମାଣ। ହତ୍ୟାକାରୀ ଧରାପଡ଼ିଥିଲେ ମଧ୍ୟ ୟୁନୁସ ସରକାରଙ୍କ ଅପାରଗତାକୁ ନେଇ ବାଂଲା ହିନ୍ଦୁ ସଂପ୍ରଦାୟ ମଧ୍ୟରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ସେମାନେ ଅଭିଯୋଗ କରିଛନ୍ତି ଯେ ସରକାରଙ୍କ ଅପାରଗତାର ସୁଯୋଗ ନେଇ ଚରମପନ୍ଥୀଙ୍କ ଅତ୍ୟାଚାର ସମସ୍ତ ସୀମା ଅତିକ୍ରମ କଲାଣି।

ମିଳିଥିବା ସୂଚନା ଅନୁଯାୟୀ ଗତକାଲି ସନ୍ଧ୍ୟା ବେଳେ ଏକ କପଡ଼ା କାରଖାନାରେ ଜଣେ ହିନ୍ଦୁ ଶ୍ରମିକଙ୍କୁ ତାଙ୍କର ଜଣେ ସହଯୋଗୀ ଗୁଳି କରି ହତ୍ୟା କରିଛି। ମୃତ ଶ୍ରମିକ ହେଉଛନ୍ତି ବଜେନ୍ଦ୍ର ବିଶ୍ୱାସ (୪୨) ଏବଂ ହତ୍ୟା ଅଭିଯୁକ୍ତ ହେଲା ନୋମାନ। ଦୁହେଁ ଏହି କାରଖାନାରେ ସିକୁରିଟି ଗାର୍ଡ ରୂପେ କାମ କରୁଥିଲେ। ଦୁହେଁ ଏକୁଟିଆ ବସିଥିବା ବେଳେ ନୋମାନ ତା ବନ୍ଧୁକରୁ ବଜେନ୍ଦ୍ରଙ୍କୁ ଗୁଳିମାଡ଼ କରିଥିଲା। ଡାକ୍ତରଖାନା ନିଅଯିବା ସମୟରେ ବଜେନ୍ଦ୍ରଙ୍କ ମୃତ୍ୟୁ ଘଟିଥିଲା। ପୁଲିସ ଘଟଣାସ୍ଥଳରେ ପହଞ୍ଚି ନୋମାନକୁ ଗିରଫ କରିବା ସହିତ ତା ଠାରୁ ବନ୍ଧୁକ ଜବତ କରିଛି। ତେବେ ହତ୍ୟାର ▶ପୃଷ୍ଠା-୭

# ଆରାବଳୀ କ୍ଷତିଗ୍ରସ୍ତ ହେଲେ ବିଗିଡ଼ିଯିବ ଓଡ଼ିଶାର ଜଳବାୟୁ

■ ଭୁବନେଶ୍ୱର, ୩୦।୧୨ (ସମିସ): ଆରାବଳୀ ପର୍ବତମାଳାର ସଂରକ୍ଷଣକୁ ନେଇ ଏବେ ସାରାଦେଶରେ ଆରମ୍ଭ ହୋଇଛି ଆନ୍ଦୋଳନ। ଯଦିଓ ଏହାର ଖନନ ନେଇ ପୂର୍ବ ନିର୍ଦ୍ଦେଶନାମା ଉପରେ ସୁପ୍ରିମକୋର୍ଟ ସାମୟିକ ରହିତାଦେଶ ଦେଇଛନ୍ତି, ମାତ୍ର ଏହି ପର୍ବତମାଳା ଉପରୁ ବିପଦ ଶତପ୍ରତିଶତ ଟଳିଯାଇ ନାହିଁ। ତେଣୁ ଆରାବଳୀର ସୁରକ୍ଷାକୁ ନେଇ ଏବେ ବି ସଂଶୟ ଲାଗି ରହିଛି। ଅନ୍ୟପଟେ ଆରାବଳୀ ପର୍ବତମାଳା ସହ ଓଡ଼ିଶାର ସିଧାସଳଖ ସମ୍ପର୍କ ନ ଥିଲେ ହେଁ ଏହି ପର୍ବତମାଳା ପରୋକ୍ଷରେ ଓଡ଼ିଶାର ଜଳବାୟୁ ପରିବର୍ତ୍ତନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରି ଆସିଛି। ତେଣୁ ଆରାବଳୀ ପର୍ବତମାଳା କ୍ଷତିଗ୍ରସ୍ତ ହେଲେ ଓଡ଼ିଶାର ପାଣିପାଗ ସମ୍ପୂର୍ଣ୍ଣ ବିଗିଡ଼ିଯିବାର ଆଶଙ୍କା ରହିଛି।

**ଖରାଦିନେ ସୃଷ୍ଟି ହେବ ରାଜସ୍ଥାନ ପରି ସ୍ଥିତି**

**ପଶ୍ଚିମ ଦିଗରୁ ରାଜ୍ୟକୁ ସିଧା ବହିବ ଶୁଷ୍କ ବାୟୁ**

**ଆଗକୁ ବଢ଼ିବ ନାହିଁ ବଙ୍ଗୋପସାଗର ଲଘୁଚାପ**

**ବଢ଼ିବ ବଜ୍ରପାତ, ବାରମ୍ବାର ଡରାଇବ ବନ୍ୟା**

**ଅଧିକ ଦିନ ପର୍ଯ୍ୟନ୍ତ ରାଜ୍ୟରେ ଶୀତ ଲାଗି ରହିବ**

ଆରାବଳୀ ପର୍ବତମାଳା ଦକ୍ଷିଣପଶ୍ଚିମରୁ ଉତ୍ତରପୂର୍ବ ଦିଗକୁ ବ୍ୟାପିଛି। ଉତ୍ତର ଗୁଜରାଟରୁ ବାହାରି ପୂର୍ବ ରାଜସ୍ଥାନ ମଧ୍ୟ ଦେଇ ଦକ୍ଷିଣ ପଞ୍ଜାବର ପାଦଦେଶ ଯାଏଁ ଲମ୍ବିଛି। ▶ପୃଷ୍ଠା-୭



## ୨୦୨୭ ପାଇଁ ୨୦୨୬ରୁ ପ୍ରସ୍ତୁତି

# ୩ ଦଳ ପାଇଁ ଆହ୍ୱାନ: କଳି-କନ୍ଦଳ-ସଙ୍ଗଠନ

■ ଭୁବନେଶ୍ୱର, ୩୦।୧୨ (ସମିସ): ରାଜ୍ୟ ରାଜନୀତି ବେଶ୍ ଘଟଣାବହୁଳ ରହିଛି ୨୦୨୫। ରାଜନୈତିକ ଛକାପଞ୍ଝା, ପତିଆରା ଲଢ଼େଇ, ଆଭ୍ୟନ୍ତରୀଣ କନ୍ଦଳ ଚା' କପ୍‌ର ଝଡ଼ ପରି ବିଭିନ୍ନ ରାଜନୈତିକ ଦଳରେ ସାମୟିକ କମ୍ପନ ସୃଷ୍ଟି କରିଛି। କଥିତ ଶୃଙ୍ଖଳାର ବେଡି ଅସନ୍ତୋଷକୁ କିଛି ପରିମାଣରେ ନିୟନ୍ତ୍ରଣ କରିବାକୁ ସକ୍ଷମ ହୋଇଛି। ମାତ୍ର ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ ରାଜ୍ୟର ତିନି ଦଳ ବିଜେପି, ବିଜେଡି ଓ କଂଗ୍ରେସ ପାଇଁ ଭିନ୍ନଭିନ୍ନ ଆହ୍ୱାନ ନେଇ ଆସୁଥିବା ରାଜନୈତିକ ସମୀକ୍ଷକମାନେ ମନେ କରୁଛନ୍ତି। ୨୦୨୬ ଦ୍ୱିତୀୟାର୍ଦ୍ଧରେ ଛାତ୍ରସଂସଦ, ୨୦୨୭ ପ୍ରଥମାର୍ଦ୍ଧରେ ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ତିନିଦଳ ବର୍ଷ ଆରମ୍ଭରୁ ପ୍ରସ୍ତୁତି ଆରମ୍ଭ କରିବାକୁ ଯାଉଛନ୍ତି। ପ୍ରତ୍ୟେକ ରାଜନୈତିକ ଦଳ ନିଜ ସାଙ୍ଗଠନିକ ଶକ୍ତି ବୃଦ୍ଧି ପାଇଁ ଚଳିତ ବର୍ଷ ଆରମ୍ଭ କରିଥିବା ଯୋଜନା ୨୦୨୬ରେ କାର୍ଯ୍ୟାନ୍ୱୟନ ସମୟରେ ପ୍ରକୃତ ପରୀକ୍ଷାର ସମ୍ମୁଖୀନ ହେବେ ଓ ଏହା ହିଁ ତିନି ଦଳର ବାସ୍ତବ ସାମର୍ଥ୍ୟକୁ ପ୍ରଦର୍ଶନ କରିବ।



୨୦୨୪ରେ ସାଧାରଣ ନିର୍ବାଚନରେ ଅପ୍ରତ୍ୟାଶିତ ବିଜୟ ଓ ୨୦୨୫ରେ ନୂଆପଡ଼ା ଉପ ନିର୍ବାଚନରେ ବୃହତ୍ ବିଜୟକୁ ନେଇ ବିଜେପି ବେଶ ଉତ୍ସାହିତ ଅଛି। ଏବେଠାରୁ ଆସନ୍ତା ପଞ୍ଚାୟତ ଓ ପୌର ନିର୍ବାଚନ ପାଇଁ ବିଜେପି ପ୍ରସ୍ତୁତି ମଧ୍ୟ ଆରମ୍ଭ କରିଛି। ବିଭିନ୍ନ ଜିଲ୍ଲାରେ ଅନ୍ୟ ଦଳରୁ ନେତା ଓ କର୍ମୀମାନଙ୍କୁ ଆମଦାନୀ କରି ବିଜେପି ନେତାମାନେ ଦଳରେ ମିଶାଉଛନ୍ତି। ଦଳର ସାଂଗଠନିକ ଶକ୍ତିକୁ ବହୁଗୁଣା କରିବାକୁ ନେତା ଆମଦାନୀ ଉପରେ ବିଜେପି ଗୁରୁତ୍ୱ ଦେଉଛି। ତେବେ ବିଜେପିର ଏହି ରାଜନୈତିକ ଗୋଟି ଚାଳନା ଦଳର ତୃଣମୂଳସ୍ତରରେ ସୃଷ୍ଟି କରିଛି ତୀବ୍ର ଅସନ୍ତୋଷ। ପୁରୁଣା କର୍ମୀ ଆମଦାନୀ ନେତାଙ୍କୁ ସହଜରେ ଗ୍ରହଣ କରିପାରୁ ନାହାନ୍ତି, ନୂଆ ନେତାମାନେ ମଧ୍ୟ ପୁରୁଣା କର୍ମୀ ଓ ନେତାଙ୍କ ସହ ମିଶି ପାରୁନାହାନ୍ତି। ଫଳରେ ବିଜେପିରେ ନୂଆ-ପୁରୁଣାଙ୍କ ମଧ୍ୟରେ ଆରମ୍ଭ ହୋଇଥିବା ଶୀତଳ ଯୁଦ୍ଧ ଦଳର ଆଭ୍ୟନ୍ତରୀଣ ରାଜନୀତିକୁ ପ୍ରଭାବିତ କରିପାରେ ▶ପୃଷ୍ଠା-୭

## ଶ୍ରୀମନ୍ଦିରରେ ନୂଆବର୍ଷ ପ୍ରସ୍ତୁତି

# ମହାପ୍ରଭୁ ଶୋଇବେ ମାତ୍ର ୩ ଘଣ୍ଟା



**୧୧ଟା ସୁଦ୍ଧା ପହୁଡ଼, ୨ଟାରେ ଦ୍ୱାରଫିଟା**

■ ପୁରୀ, ୩୦।୧୨ (ସମିସ): ପୁରୁଣା ବର୍ଷକୁ ବିଦାୟ ଏବଂ ନୂଆବର୍ଷକୁ ସ୍ୱାଗତ କରିବା ଲାଗି ପ୍ରସ୍ତୁତ ହୋଇଯାଇଛି ପୁରୀ ସହର। ହୋଟେଲ, ଲଜ୍, ଭକ୍ତନିବାସ, ହଲିଡେ ହୋମ୍‌ଗୁଡିକ ପୂରା ପ୍ୟାକ୍। ବୁଧବାର ରାତି ୧୨ଟାରେ ଜିରୋ ନାଇଟ୍ ସେଲିବ୍ରେଶନ କରି ମଉଜ, ମସ୍ତିରେ ସ୍ୱାଗତ କରିବେ ନୂଆବର୍ଷ ୨୦୨୬କୁ। ପର୍ଯ୍ୟଟକ ଏବଂ ଶ୍ରଦ୍ଧାଳୁଙ୍କ ଭିଡ଼କୁ ଦେଖି ପ୍ରସ୍ତୁତି ହୋଇଯାଇଛି ଜିଲା ପ୍ରଶାସନ, ପୁଲିସ ଓ ଶ୍ରୀମନ୍ଦିର ପ୍ରଶାସନ। ଶ୍ରୀମନ୍ଦିରରେ ନୂଆବର୍ଷ ଲାଗି ସ୍ୱତନ୍ତ୍ର ଭାବେ ନୀତି ନିର୍ଘଣ୍ଟ ପ୍ରସ୍ତୁତ ହୋଇଛି। ନୂଆବର୍ଷରେ ସାଧାରଣ ଲୋକଙ୍କ ଦର୍ଶନ ପାଇଁ ମହାପ୍ରଭୁଙ୍କୁ ଅଧା ▶ପୃଷ୍ଠା-୭





10 YEAR WARRANTY | BAJAJ SECURE • AMC • ROAD SIDE ASSISTANCE | 72198 21111 | SHRIRAM Finance | IDFC FIRST Bank ALWAYS YOU FIRST | BAJAJ AUTO CREDIT | L&T Finance | TATA CAPITAL Two Wheeler Loans

*ସର୍ତ୍ତ ଓ ନିୟମାବଳୀ ଲାଗିବ । ସଞ୍ଚୟ 22 ଡିସେମ୍ବର ଠାରୁ 31 ଡିସେମ୍ବର 2025 ପର୍ଯ୍ୟନ୍ତ ପ୍ରଯୁଜ୍ୟ । ଉଦ୍ଧୃତ ମୋଟ ସଞ୍ଚୟ ହେଉଛି କ୍ୟାଶ୍ ବ୍ୟାକ୍‌ଜନିତ ସଞ୍ଚୟ । ଶୂନ୍ୟ ପ୍ରୋସେସିଙ୍ଗ ଫୀ ଓ 5 ମାଗଣା ସର୍ଭିସ୍ (3 ଷ୍ଟାଣ୍ଡାର୍ଡ ମାଗଣା ସର୍ଭିସ୍ ଓ 2 ଅତିରିକ୍ତ ମାଗଣା ସର୍ଭିସ୍) । ମାଗଣା ସର୍ଭିସ୍ ର ସଞ୍ଚୟସବୁ ନିର୍ଦ୍ଧାରିତ ଲେବର୍ ଚାର୍ଜେସ୍ ଉଦ୍ଦିଷ୍ଟ । ପ୍ରଯୁଜ୍ୟ ଅଫର୍‌ସବୁ ମଡେଲ/ପ୍ରଦେଶ ଅନୁସାରେ ଭିନ୍ନ ହୋଇପାରେ । ଶୂନ୍ୟ ପିଏଫ୍ ର ସଞ୍ଚୟ, ଫାଇନାନ୍ସର୍ ଉପରେ ନିର୍ଭର କରି ବିଭିନ୍ନ ଅଞ୍ଚଳରେ ଭିନ୍ନ ହୋଇପାରେ । ଫାଇନାନ୍ସର୍ ଙ୍କ ନିଜସ୍ୱ ବିବେଚନା ଆଧାରରେ ଫାଇନାନ୍ସ । ଷ୍ଟଣ୍ଟଗୁଡ଼ିକ ଏକ୍ସପର୍ଟ ମାନଙ୍କ ଦ୍ୱାରା, ପେଶାଦାରମାନଙ୍କ ତତ୍ତ୍ୱାବଧାନରେ, ନିୟନ୍ତ୍ରିତ ଓ ଆବଦ୍ଧ ବାତାବରଣରେ, ଜନସାଧାରଣ ବା ପବ୍ଲିକ୍ ରୋଡ୍ ଠାରୁ ଅଲଗାରେ କରାଯାଇଛି । ଏସବୁ ଷ୍ଟଣ୍ଟ ନକଲ କରିବାର ଅପଚେଷ୍ଟା କରନ୍ତୁ ନାହିଁ ଏବଂ ସବୁବେଳେ ଟ୍ରାଫିକ୍ ଓ ସୁରକ୍ଷା ନିୟମଗୁଡ଼ିକ ପାଳନ କରନ୍ତୁ । ପଲ୍‌ସର 125 ଅଫର୍ ନିଅନ୍ ଓ କାର୍ବନ୍ ଫାଇବର୍ ମଡେଲ୍ ସକାଶେ ।

**Authorised Dealers for BAJAJ Auto Ltd.: Jajpur Road** PARIDA BAJAJ 7381012602 • **Dhenkanal** SHIVAM BAJAJ 7873922722 • **Jajpur Road** PARIDA BAJAJ 7381012602 • **Rahama** MAITREE BAJAJ 9668801781 • **Cuttack: Badambadi** SURAJ BAJAJ 8093066603 • **Shikharpur RASHMI BAJAJ 9237379210** • **Satichaura RASHMI BAJAJ 9237379211** • **Chandikhole** TARINI BAJAJ 9937310800. • **Pattamundai MAITREE BAJAJ 7064987720/9668801781,** • **Kendrapara** TARINI BAJAJ 8338944471 • **Rajnagar** MAITREE BAJAJ 7064987720/9668801781 • **Anandapur** PARIDA BAJAJ 7381670007, • **Udala** BALA BAJAJ 8260843646 • **Jaleswar** SURAJ BAJAJ **9124626016,** • **Markona** SURAJ BAJAJ **9124626001** • **Basudevpur SHANKAR BAJAJ 9040902802** • **Rairangpur BALA BAJAJ 9583777236** • **Harichandanpur JR BAJAJ 7008484029.**

ସମ୍ପୂର୍ଣ୍ଣା

ସକାଳ THE SAKALA www.sakalaepaper.com



## ଆଜିର ରାଶିଫଳ

**ମେଷ:** ବରିଷ୍ଠ ଅଧିକାରୀ ଆପଣଙ୍କ କାର୍ଯ୍ୟରେ ଖୁସି ହେବେ। ବ୍ୟବସାୟରେ ସମସ୍ୟା ଦେଖା ଦେବ। କୌଣସି କଥାକୁ ନେଇ ଚିନ୍ତାରେ ରହିବେ। ନୂଆ କାମରେ ପରିବାରର ସହଯୋଗ ମିଳିବ।

**ବୃଷ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। କାର୍ଯ୍ୟରେ ପଦୋନ୍ନତି ସମ୍ଭାବନା ରହିବ। ଛାତ୍ରଛାତ୍ରୀଙ୍କୁ ଶୁଭଫଳ ମିଳିବ। ଅଟକି ରହିଥିବା କାର୍ଯ୍ୟ ପୂରା ହେବ। ଘରେ ପୂଜାପାଠ ଆୟୋଜନ କରିବେ।

**ମିଥୁନ:** ନିଜ ଦାୟିତ୍ୱ ସୁଚାରୁରୂପେ ତୁଲାଇବେ। ଧନ ବ୍ୟୟର ଯୋଗ ରହିଛି। ଭାଇ, ଭଉଣୀଙ୍କ ମନୋମାଳିନ୍ୟ ଦୂର ହେବ। ରାଜନୀତିରେ ସଫଳତା ମିଳିବ।

**କର୍କଟ:** ଚାକିରିଆଙ୍କୁ ଧନ ପ୍ରାପ୍ତି ଯୋଗ ଅଛି। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଯାନବାହନ କିଣିପାରନ୍ତି। କୌଣସି ଇଚ୍ଛା ପୂରଣ ହେବ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖା ଦେବ।

**ସିଂହ:** ଦୂର ସ୍ଥାନକୁ ଯାତ୍ରା କରିବେ। ନୂଆ ଲୋକଙ୍କ ସହ ସମ୍ପର୍କ ଘନିଷ୍ଠ ହେବ। ଅଧିକ ଖର୍ଚ୍ଚାନ୍ତ ହେବେ। ଛାତ୍ରଛାତ୍ରୀ ବିଦେଶ ଯାତ୍ରା କରିବେ।

**କନ୍ୟା:** ବନ୍ଧୁଙ୍କ ସହାୟତାରେ ଆୟର ନୂଆ ମାର୍ଗ ଉନ୍ମୁକ୍ତ ହେବ। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବ। ପୂଜାପାଠରେ ସାମିଲ ହେବେ। ପ୍ରେମ ଜୀବନରେ ମଧୁରତା ଆସିବ।

**ତୁଳା:** ପୈତୃକ ସମ୍ପତ୍ତିରେ ବିବାଦ ଦେଖା ଦେବ। ପୂର୍ବରୁ କରିଥିବା ନିବେଶରୁ ଲାଭ ମିଳିବ। ସରକାରୀ କ୍ଷେତ୍ରରେ ସଫଳତା ମିଳିବ। ଜୀବନସାଥୀଙ୍କ ସହଯୋଗ ମିଳିବ।

**ବିଛା:** ବ୍ୟାଙ୍କ ଚାକିରିଆଙ୍କୁ କୌଣସି ଖୁସି ଖବର ମିଳିବ। ପିଲାଙ୍କ ସହ ସମୟ ଅତିବାହିତ କରିବେ। ପରିବାର ସହ କୌଣସି ସ୍ଥାନକୁ ବୁଲିବାକୁ ଯିବେ। ସ୍ୱାସ୍ଥ୍ୟରେ ସୁଧାର ହେବ।

**ଧନୁ:** ଅର୍ଥ ସଞ୍ଚୟ କରିବେ। ଭବିଷ୍ୟତର କୌଣସି ଯୋଜନାକୁ ନେଇ ଚିନ୍ତାରେ ରହିବେ। ପାରିବାରିକ ଜୀବନ ସୁଖମୟ ହେବ। ଘରେ ମାଙ୍ଗଳିକ କାର୍ଯ୍ୟ ଅନୁଷ୍ଠିତ ହେବ।

**ମକର:** ସମୟ ପୂର୍ବରୁ କାର୍ଯ୍ୟ ଶେଷ କରିବେ। ବ୍ୟବସାୟରେ ପରିବର୍ତ୍ତନ ଆଣିବା ଲାଗି ଘରର ଗୁରୁଜନଙ୍କ ସହ ଆଲୋଚନା କରିବେ। ଜମି କିଣାବିକାକୁ ନେଇ ନୂଆ ଯୋଜନା କରିବେ।

**କୁମ୍ଭ:** ପ୍ରେମ ଜୀବନରେ ପ୍ରଗାଢ଼ତା ଆସିବ। ଭବିଷ୍ୟତ ଲାଗି ଅର୍ଥ ନିବେଶ କରିବେ। ଛାତ୍ରଛାତ୍ରୀ ପ୍ରତିଯୋଗିତାମୂଳକ ପରୀକ୍ଷା ପାଇଁ ପ୍ରସ୍ତୁତି କରିବେ। ପଡ଼ୋଶୀଙ୍କ ସହ ମତାନ୍ତର ଦେଖା ଦେବ।

**ମୀନ:** ଭଜନ, କୀର୍ତ୍ତନରେ ସାମିଲ ହେବେ। କୌଣସି କାମରେ ପରିବାରର ସହଯୋଗ ମିଳିବ। ବିରୋଧୀଙ୍କଠାରୁ ଦୂରତ୍ୱ ରକ୍ଷା କରିବେ।

## ଆଜିର ଇତିହାସ

- ୧୭୮୧- ଆମେରିକାରେ ପ୍ରଥମ ବ୍ୟାଙ୍କ 'ବ୍ୟାଙ୍କ ଅଫ୍ ନର୍ଥ ଆମେରିକା' ଖୋଲିଲା।
- ୧୯୨୯- ମହାତ୍ମା ଗାନ୍ଧୀଙ୍କ ନେତୃତ୍ୱରେ କଂଗ୍ରେସ କର୍ମୀମାନେ ଲାହୋରରେ ପୂର୍ଣ୍ଣ ସ୍ୱରାଜ ପାଇଁ ସଂକଳ୍ପ ନେଲେ।
- ୧୯୬୪- ଇଣ୍ଡୋନେସିଆ ଜାତିସଂଘରୁ ବହିଷ୍କୃତ।
- ୧୯୯୯- ଆଫଗାନିସ୍ତାନର କାନ୍ଦାହର ବିମାନ ବନ୍ଦରରେ ଅପହୃତ ଭାରତୀୟ ବିମାନ ସହ ୧୯୦ ଯାତ୍ରୀ ମୁକ୍ତ।
- ୨୦୦୪- ବୁଏନସ୍ ଆଇରିସସ୍‌ର ଏକ ନାଇଟ୍ କ୍ଲବ୍‌ରେ ଅଗ୍ନିକାଣ୍ଡ ଘଟି ୧୭୫ଲୋକଙ୍କ ପ୍ରାଣହାନି।



## 'ଟକ୍ସିକ୍'ରେ ହୁମାଙ୍କ କିଲର୍ ଲୁକ୍

ପ୍ୟାନ୍ ଇଣ୍ଡିଆ ଷ୍ଟାର୍ ଯଶ୍‌ଙ୍କ ଫିଲ୍ମ 'ଟକ୍ସିକ୍'କୁ ନେଇ ଅନେକ ଦିନରୁ ସାମାଜିକ ଗଣମାଧ୍ୟମରେ ଚର୍ଚ୍ଚା ଲାଗି ରହିଛି। ଏଥିପାଇଁ ଫିଲ୍ମ ନିର୍ମାତା ମଝିରେ ମଝିରେ ଏସମ୍ପର୍କିତ ଅପଡେଟ୍ ସେୟାର୍ କରୁଛନ୍ତି। କିଛି ଦିନ ପୂର୍ବରୁ ଏଥିରେ କିଆରା ଆଡଭାନୀଙ୍କ ଲୁକ୍ ସାମ୍ନାକୁ ଆସିଥିଲା। ଏହାକୁ ଦର୍ଶକେ ଖୁବ୍ ପସନ୍ଦ କରିଥିଲେ। ଏବେ ଏଥିରେ ହୁମା କ୍ୟୁରେସିଙ୍କ ଲୁକ୍ ସାମ୍ନାକୁ ଆସିଛି। ଇନ୍‌ଷ୍ଟାଗ୍ରାମ୍‌ରେ ଫିଲ୍ମ ନିର୍ମାତା ତାଙ୍କ ଲୁକ୍ ସେୟାର୍ କରିଛନ୍ତି। କଳାରଙ୍ଗର ଏକ ଗାଡ଼ି ପାଖରେ ହୁମା ଏକ ମଡର୍ଣ୍ଣ ଗାଉନ୍ ପିନ୍ଧି ଠିଆ ହୋଇଥିବାର ଦେଖାଯାଇଛନ୍ତି। ତାଙ୍କ ପଛପଟରେ ଏକ ପରି ମୂର୍ତ୍ତି ସହ କବରସ୍ଥାନ ଦେଖାଯାଉଛି। ଏହା ଦେଖିବାକୁ ବେଶ୍ ଭୟାନକ ଲାଗୁଛି। ହୁମାଙ୍କ ଲୁକ୍ ସେୟାର୍ କରି ଫିଲ୍ମ ନିର୍ମାତା ଲେଖିଛନ୍ତି- 'ପ୍ରସ୍ତୁତ କରୁଛୁ 'ଟକ୍ସିକ୍: ଫ୍ୟାରି ଟେଲସ୍ ଫର୍ ଗ୍ରୋନ୍‌ଅପ୍ସ'ରେ ଏଲିଜାବେଥ୍‌ଙ୍କ ଭୂମିକାରେ ହୁମା କ୍ୟୁରେସି।' ହୁମାଙ୍କ ଏହି ଲୁକ୍ ସୋସିଆଲ ମିଡିଆରେ ଏବେ ବେଶ୍ ଭାଇରାଲ ହେଉଛି। ଗୀତୁ ମୋହନଦାସ 'ଟକ୍ସିକ୍'ର ନିର୍ଦ୍ଦେଶନା ଦେଇଛନ୍ତି। ଏହାକୁ ଇଂରାଜୀ ଓ କନ୍ନଡ଼ ଭାଷାରେ ସୁଟ୍ କରାଯାଇଛି। ଏହା ଆସନ୍ତା ମାର୍ଚ୍ଚ ୧୯ ରେ ପରଦାକୁ ଆସିବ।



## ଭିଡିଓ ଗେମ୍ ନିଶା: ହୋଟେଲ ସାଜିଲା ଅଳିଆ ଗଦା

ସାଧାରଣତଃ ବୁଲାବୁଲି କରିବାକୁ ବାହାରକୁ ଗଲେ ଲୋକେ ହୋଟେଲରେ ରହିଥାନ୍ତି। ଅତିବେଶୀରେ ଲୋକେ ସପ୍ତାହେ ଧରି ଏଠାରେ ରୁହନ୍ତି। ଜରୁରି ପରିସ୍ଥିତିରେ ଲୋକେ ହୋଟେଲରେ ମାସେ ଦୁଇମାସ ପର୍ଯ୍ୟନ୍ତ ରହିଥାନ୍ତି। ହେଲେ ଚୀନ୍‌ରୁ ଏକ ବିଚିତ୍ର ମାମଲା ସାମ୍ନା ଆସିଛି। ଏଠାରେ ଜଣେ ବ୍ୟକ୍ତି ଗୋଟିଏ ହୋଟେଲରେ ଦୀର୍ଘ ଦୁଇ ବର୍ଷ ଧରି ରହିଥିଲେ। ଉଲ୍ଲେଖନୀୟ କଥାଟି ହେଲା, ଯେତେବେଳେ ସେ ଏହି ହୋଟେଲ ଭିତରୁ ବାହାରିଲେ ସେ ରହୁଥିବା ରୁମ୍‌ଟିକୁ ଦେଖି କର୍ମଚାରୀମାନେ ଆଶ୍ଚର୍ଯ୍ୟ ହୋଇ ଯାଇଥଲେ। ଘର ସାରା ଅଳିଆ ଆବର୍ଜନା ସହ ଏହା ଏକ ପରିତ୍ୟକ୍ତ ଘର ଭଳି ଲାଗୁଥିଲା। ଏହି ଘଟଣାର ଭିଡିଓ ଏବେ ସାମାଜିକ ଗଣମାଧ୍ୟମରେ ବେଶ୍ ଭାଇରାଲ ହେଉଛି। ଅଧିକାଂଶ ଏହାକୁ ଭିଡିଓ ଗେମ୍ ନିଶାର ଏକ ବିପଜ୍ଜନକ ଉଦାହରଣ ବୋଲି କହିଛନ୍ତି। ତେବେ ଏହି ହୋଟେଲଟି ଭିଡିଓ ଗେମ୍ ଖେଳାଳିଙ୍କ ପାଇଁ ତିଆରି କରାଯାଇଥିଲା। ହୋଟେଲର ଏକ ରୁମ୍‌ରେ ଉକ୍ତ ବ୍ୟକ୍ତି ଜଣକ ଦୀର୍ଘ ଦୁଇ ବର୍ଷ ଧରି ରହି ଆସୁଥିଲେ। ଏହି ଦୁଇ ବର୍ଷ ମଧ୍ୟରେ ସେ ଆଦୌ ହୋଟେଲ ବାହାରକୁ ବାହାରି ନ ଥିଲେ। ଏନେଇ ହୋଟେଲ କର୍ମଚାରୀଙ୍କ କହିବା କଥା, ବ୍ୟକ୍ତି ଜଣକ ଦିନରାତି ବସି ରୁମ୍ ଭିତରେ ଭିଡିଓ ଗେମ୍ ଖେଳୁଥିଲେ। ଦୁଇ ବର୍ଷ ପରେ ଏହି ବ୍ୟକ୍ତି ଜଣକ ହୋଟେଲ ଛାଡ଼ିଥିଲେ। ଏହାପରେ ସଫେଇ କର୍ମଚାରୀ ରୁମ୍‌କୁ ସଫା କରିବାକୁ ଯିବାରୁ ଭିତରେ ଖାଇବା ଡବା, ଖାଲି ବୋତଲ, ଅଳିଆ ଆବର୍ଜନା ଘରର ଚଟାଣଠାରୁ ନେଇ ବିଛଣା, ଟେବୁଲ ଚଉକି ସବୁଠି ଏଣେତେଣେ ପଡ଼ିଥିଲା। ଏପରିକି ବ୍ୟବହାର କରାଯାଇଥିବା ଟଏଲେଟ୍ ପେପର୍‌ଗୁଡ଼ିକ ଟଏଲେଟ ସିଟ୍‌ଠାରୁ ଅଧିକ ଉଚ୍ଚାରେ ରହିଥିଲା। ଘର ଦୁର୍ଗନ୍ଧରେ ଫାଟି ପଡୁଥିଲା। ହୋଟେଲ କର୍ମଚାରୀଙ୍କ କହିବାନୁସାରେ, ବ୍ୟକ୍ତି ଜଣକ ଏହି ରୁମ୍‌ରେ ରହିବା ସତ୍ତ୍ୱେ ବି ଖୁବ୍ କମ୍ ନଜର ଆସୁଥିଲେ। ସେ ଜଣେ ହାର୍ଡକୋର ଖେଳାଳି। ସାମାଜିକ ଗଣମାଧ୍ୟମରେ ହୋଟେଲ ରୁମ୍‌ର ଭିଡିଓ ଭାଇରାଲ ହେବା ପରେ କେହି କେହି ଏଭଳି ନିଶାକୁ ବିପଜ୍ଜନକ ରୂପ କହୁଥିବାବେଳେ ଆଉ କେହି କେହି ହୋଟେଲର ଅବହେଳା ଉପରେ ପ୍ରଶ୍ନ ଉଠାଇଛନ୍ତି।

## ଜୀବନ ରକ୍ଷା କରିବ ଉଡ଼ନ୍ତା ରୋବଟ୍

କାଲିଫର୍ଣ୍ଣିଆ ଇନଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (କାଲଟେକ୍) ଏମିତି ଏକ ରୋବଟ୍‌କୁ ପରିଚିତ କରାଇଛି, ଯାହାର ନାଁ 'ଏକ୍ସ ୧'। ତେବେ ଏହା ଗୋଟିଏ ରୋବଟ୍ ନୁହେଁ, ବରଂ ଦୁଇଟି ରୋବଟ୍‌ର ଏକ ଟିମ୍। ଏହି ଦୁଇଟି ରୋବଟ୍ ପରସ୍ପର ସହିତ ମିଶି କାମ କରିଥାଏ। ଗୁରୁତ୍ୱପୂର୍ଣ୍ଣ କଥାଟି ହେଲା, ଏଥିରେ ମଣିଷ ଭଳି ଚାଲୁଥିବା ଏକ ହ୍ୟୁମାନଏଡ୍ ରୋବଟ୍ ଅଛି ଏବଂ ଏହା ପିଠି ଉପରେ ଥିବା ଆଉ ଏକ ରୋବଟ୍ ଆବଶ୍ୟକ ପଡ଼ିଲେ ଡ୍ରୋନ୍‌ରେ ରୂପାନ୍ତରିତ ହୋଇପାରିବ। 'ଏକ୍ସ ୧'କୁ ଉଦ୍ଧାର କାର୍ଯ୍ୟ ଲାଗି ନିର୍ମାଣ କରାଯାଇଛି। ଯେଉଁ ସ୍ଥାନକୁ ମଣିଷ ଯିବା ବିପଜ୍ଜନକ ସେହିସ୍ଥାନଗୁଡ଼ିକୁ ଏହି ରୋବଟ୍‌କୁ ପଠାଇ ହେବ। ସେହିପରି ଏକ୍ସ ୧ ପ୍ରୋଜେକ୍ଟ ଉପରେ କାଲଟେକ୍ ଏବଂ ଆବୁଧାବିର ଟେକ୍ନୋଲୋଜି ଇନୋଭେସନ ଇନଷ୍ଟିଚ୍ୟୁଟ୍ ମିଳିତ ଭାବେ ପ୍ରାୟ ତିନି ବର୍ଷ ପର୍ଯ୍ୟନ୍ତ କାମ କରିଛନ୍ତି। ଏହି ସମୟ ମଧ୍ୟରେ ଇଞ୍ଜିନିୟରମାନେ ଦୁଇଟି ରୋବଟ୍‌କୁ ଏମିତି ପ୍ରଶିକ୍ଷିତ କରିଛନ୍ତି ଯେ, ଯେମିତି ଆବଶ୍ୟକ ପଡ଼ିଲେ ଉଭୟ ଉଭୟଙ୍କୁ ଶକ୍ତି ଯୋଗାଇ ପାରିବେ। ଏପ୍ରକାର ସିଷ୍ଟମକୁ 'ମଲ୍ଟି ରୋବଟ୍ ସିଷ୍ଟମ୍' ବୋଲି କୁହାଯାଏ। ତେବେ ଏକ୍ସ ୧ର ମୁଖ୍ୟ ୟୁନିଟ୍ରି ଜି ୧ ହ୍ୟୁମାନଏଡ୍ ରୋବଟ୍ ଦୁଇ ଗୋଡ଼ରେ ଚାଲିବ ଏବଂ ଭାରି ଜିନିଷ ଉଠାଇ ପାରିବ। ସେହିଭଳି ଏହା ଉପରେ ଥିବା ଏମ୍ ୪ ରୋବଟ୍ ଆବଶ୍ୟକତା



ଅନୁସାରେ ନିଜର ଆକାର ବଦଳାଇପାରେ। ଏମ୍ ୪ କେତେବେଳେ ଚକ ସଦୃଶ ରୋବଟ୍ ପାଲଟି ଯିବ ତ ପୁଣି ଡ୍ରୋନ୍ ହୋଇ ଉଡ଼ିବ। ଏଥିରେ କ୍ୟାମେରା ତଥା ଅନ୍ୟ ସେନ୍ସର୍‌ଗୁଡ଼ିକ ଲାଗିଛି। ଯଦ୍ୱାରା ଏହା ଆଖପାଖର ସ୍ଥିତି ବିଷୟରେ ଜାଣିପାରିବ। ତେବେ ଆଜିର ସମୟରେ ଅନେକ ରୋବଟ୍ କିଛି କାମ ଲାଗି ସୀମିତ ଥିବାବେଳେ ଏକ୍ସ ୧ ଏବଂ ଏମ୍ ୪ ରୋବଟ୍ ଚାଲିପାରିବ, ଉଡ଼ିପାରିବ, ସନ୍ତୁଳନ ରକ୍ଷା କରିବାକୁ ସକ୍ଷମ। ଏହି କ୍ଷମତାକୁ ବୈଜ୍ଞାନିକମାନେ ଲୋକୋମୋସନ ପ୍ଲାଷ୍ଟିସିଟି ବୋଲି କହିଛନ୍ତି। ପରିସ୍ଥିତି ବଦଳିଲେ ରୋବଟ୍ ବି ତା'ର ତରିକା ବଦଳାଇପାରେ। ଅନ୍ୟପଟେ ଏହି ରୋବଟ୍ ଆବଡ଼ାଖାବଡ଼ା ସ୍ଥାନ, ଶିଡ଼ିରେ ବି କାମ କରିପାରିବ। ତେବେ ଏବେ ଏହା ସ୍କ୍ରିପ୍ଟେଡ୍ ମିଶନରେ କାମ କରୁଛି। ଏହାର ଟିମ୍ ଏହାକୁ ଅଧିକ ବିଶ୍ୱାସଯୋଗ୍ୟ ଓ ସୁରକ୍ଷିତ ଭାବେ ତିଆରି କରିବା ଦିଗରେ ପ୍ରଚେଷ୍ଟା ଚଳାଇଛନ୍ତି। ଭବିଷ୍ୟତରେ ଏହି ରୋବଟ୍ ନିଆଁ ଲାଗିଥିବା ସ୍ଥାନ, ଭୂମିକମ୍ପରେ ଧ୍ୱଂସ ହୋଇଯାଇଥିବା ଅଟ୍ଟାଳିକା ମଧ୍ୟରେ ମଣିଷଙ୍କ ବଦଳରେ ଉଦ୍ଧାର କାର୍ଯ୍ୟ କରିପାରିବ। ଭବିଷ୍ୟତରେ ଏହି ରୋବଟ୍ ରେସକ୍ୟୁ ଅପେରସନ୍ ଦିଗରେ ଏକ କ୍ରାନ୍ତି ଆଣିବ ବୋଲି କୁହାଯାଉଛି।



## ଏଆଇ ପାଇଁ କୋର୍ସ

**ଦିନକୁ ଦିନ ଏଆଇର ଚାହିଦା ବୃଦ୍ଧି ପାଉଛି। ତେଣୁ ଏହାକୁ ନେଇ ଓପନଏଆଇ ଏଆଇ ସାର୍ଟିଫିକେସନ କୋର୍ସ ଆରମ୍ଭ କରିଛି। ପ୍ରଫେସନାଲଙ୍କୁ ଏଆଇ ସହିତ ପରିଚିତ କରାଇବା ଏହାର ଉଦ୍ଦେଶ୍ୟ। ଏବେ ବଡ଼ ବଡ଼ କମ୍ପାନି ପାଇଲଟ୍ କାର୍ଯ୍ୟକ୍ରମ ମାଧ୍ୟମରେ ପରୀକ୍ଷା କରୁଛନ୍ତି।**

**ବଢୁଛି ଏଆଇର ଚାହିଦା:** ଏଆଇ ଯୋଗୁଁ ବିଶ୍ୱରେ ଅନେକ ନିଯୁକ୍ତି ସୁଯୋଗ ବଦଳୁଛି। ଓପନଏଆଇ ଅନୁସାରେ, ୮୦ କୋଟିରୁ ଅଧିକ ଲୋକ ଏବେ ଚାଟ୍‌ଜିପିଟିର ବ୍ୟବହାର କରୁଛନ୍ତି। ତେବେ ସାଧାରଣ କର୍ମଚାରୀଙ୍କ ତୁଳନାରେ ଏଆଇରେ ପ୍ରବୀଣ ଲୋକ ଅଧିକ ରୋଜଗାର କରୁଛନ୍ତି। ତେଣୁ ଓପନଏଆଇର ଲକ୍ଷ୍ୟ ଲକ୍ଷାଧିକ ଲୋକଙ୍କୁ ଏଆଇ ଆଧାରିତ ଅର୍ଥବ୍ୟବସ୍ଥା ଲାଗି ପ୍ରସ୍ତୁତ କରିବା।

**ସ୍ୱତନ୍ତ୍ର କୋର୍ସ କାହିଁକି:** ଏଆଇ ସାର୍ଟିଫିକେସନ୍‌ରେ ଅଛି ଏଆଇ ଫାଉଣ୍ଡେସନ କୋର୍ସ। ଏହା ମାଧ୍ୟମରେ ବ୍ୟବହାରକାରୀ ଏଆଇ ସହିତ ଜଡ଼ିତ ଅଲଗା ଅଲଗା କାମର ଅଭ୍ୟାସ କରିପାରିବେ। ସେହିପରି ତୁରନ୍ତ ଶିଖିବା ଦ୍ୱାରା ଫିଡ୍‌ବ୍ୟାକ୍ ପାଇପାରିବେ, ଶିଖିବା ଅଭ୍ୟାସକୁ ମଧ୍ୟ ଟ୍ରାକ୍ କରିପାରିବେ। କୋର୍ସ ପୂରା ହେବା ପରେ ବ୍ୟବହାରକାରୀଙ୍କୁ ସାର୍ଟିଫିକେଟ୍ ମିଳିବ, ଯାହାକି ଇଣ୍ଡଷ୍ଟ୍ରି ଲେବଲର ଏଆଇ ସ୍କିଲକୁ ପ୍ରଦର୍ଶନ କରିବ। ଯଦି ଅତିରିକ୍ତ କୋର୍ସ ଏବଂ ପ୍ରୋଜେକ୍ଟ ପୂରା କଲେ, ଏକ ଅଫିସିଆଲ ସାର୍ଟିଫିକେଟ୍ ମଧ୍ୟ ହାସଲ କରିପାରିବେ।

**ବିଦ୍ୟାର୍ଥୀଙ୍କୁ ପ୍ରଥମ ଅଗ୍ରାଧିକାର:** କଲେଜ ଛାତ୍ରଛାତ୍ରୀଙ୍କୁ ଚାଟ୍‌ଜିପିଟି ଲ୍ୟାବ୍ ମାଧ୍ୟମରେ ଏହି କୋର୍ସ କରିବାର ପ୍ରଥମ ସୁଯୋଗ ମିଳିବ। ଓପନଏଆଇ ଏରିଜୋନା ଷ୍ଟେଟ୍ ୟୁନିର୍ଭସିଟି ଏବଂ କାଲିଫର୍ଣ୍ଣିୟା ଷ୍ଟେଟ୍ ୟୁନିର୍ଭସିଟି ସିଷ୍ଟମ ସହିତ ପାର୍ଟନରସିପ୍ କରିଛି। ଯେଭଳି ଏହି କୋର୍ସ ମାଧ୍ୟମରେ ବିଦ୍ୟାର୍ଥୀ ଉତ୍ତମ ଚାକିରିର ସୁଯୋଗ ପାଇପାରିବେ।

**ଶିକ୍ଷକଙ୍କ ପାଇଁ କୋର୍ସ:** ଓପନଏଆଇ ସ୍କୁଲ ଶିକ୍ଷକଙ୍କ ଲାଗି 'ଚାଟ୍‌ଜିପିଟି ଫାଉଣ୍ଡେସନ ଫର୍ ଟିଚର' ନାମରେ ଏକ ସହଜ କୋର୍ସ ଆରମ୍ଭ କରିଛି। ଏହା ଦ୍ୱାରା ଶିକ୍ଷକମାନେ ଶିଖିପାରିବେ ଚାଟ୍‌ଜିପିଟି କିଭଳି କାମ କରେ, ଏହାକୁ ଆବଶ୍ୟକତା ଅନୁସାରେ କିଭଳି ସେଟ୍ କରିବା ଏବଂ ଶ୍ରେଣୀଗୃହ ଏବଂ ଆଡମିନିଷ୍ଟ୍ରେଟିଭ୍ ଲାଗି କିଭଳି ବ୍ୟବହାର କରାଯିବ। କମ୍ପାନି ଅନୁସାରେ, ପୂର୍ବରୁ ୬୦ ପ୍ରତିଶତ ଶିକ୍ଷକ ଏଆଇ ଟୁଲ୍‌ର ଉପଯୋଗ ପୂର୍ବରୁ କରିଆସୁଛନ୍ତି। ତା'ସହ ଏହି କୋର୍ସ ସେମାନଙ୍କୁ ଶିଖାଇବ ଯେ, ଏହି ଟୁଲ୍‌ର ବ୍ୟବହାର ସହଜରେ କିଭଳି କରାଯିବ। ଏହି କୋର୍ସ ଏବେ କୋରସେରାରେ ଉପଲବ୍ଧ।

**ଚାକିରି ଲାଗି ନୂତନ ସୁଯୋଗ:** ଏହି ସମସ୍ତ କୋର୍ସ ଭବିଷ୍ୟତରେ ଓପନଏଆଇ ଜବ୍ ପ୍ଲାଟଫର୍ମ ପାଇଁ ମୂଳଦୁଆ ସାବ୍ୟସ୍ତ ହେବ ବୋଲି କୁହାଯାଉଛି। ଏହି ପ୍ଲାଟଫର୍ମର ଉଦ୍ଦେଶ୍ୟ ଏଆଇ ସାର୍ଟିଫାଇଡ୍ ଲୋକଙ୍କୁ ସିଧା ବାସ୍ତବିକ ଚାକିରି ସହିତ ଯୋଡ଼ିବା। ଏ ଲାଗି ଓପନଏଆଇ ଜବ୍ ସର୍ଚ୍ଚ ପ୍ଲାଟଫର୍ମ ଇନଡିଡ୍ ସହିତ ଏକ ନୂଆ ପାର୍ଟନରସିପ୍ କରୁଛି। ସେହିପରି ଏହା ଅପ୍‌ୱାର୍କ ସହିତ ନିଜର ସହଯୋଗ ବୃଦ୍ଧି କରୁଛି। ଏହା ଦ୍ୱାରା କମ୍ପାନି ପାଇଁ ଏଆଇ କୌଶଳ ଯୁକ୍ତ ଲୋକଙ୍କୁ ଖୋଜିବା ସହଜ ହେବ। ସେହିପରି ଏହି ସମସ୍ତ ପଦକ୍ଷେପ ଚାକିରି ଲାଗି ନୂଆ ସୁଯୋଗ ସୃଷ୍ଟି କରିବ।

## ପଢ଼ା ବେଳେ ନିଅନ୍ତୁ ବ୍ରେକ୍...

**ପଢ଼ା ମଝିରେ ବ୍ରେକ ନେବା ଅର୍ଥ ଫଟାଫଟ୍ ଫ୍ରେସ୍ ହୋଇ ପୁଣି ଥରେ ପଢ଼ିବାକୁ ବସିବା। ତେବେ ଏହି ବ୍ରେକ୍ ସମୟରେ ଅନେକ କାର୍ଯ୍ୟ ମଧ୍ୟ ଚାହିଁଲେ କରିପାରିବେ।**



- ୨୫-୪୫ ମିନିଟ୍ ଲଗାତାର ବସି ପଢ଼ିବା ପରେ ୧୦ ମିନିଟ୍‌ର ଛୋଟ ବ୍ରେକ୍ ନେବା ଭଲ। ଏହାରି ଭିତରେ କିଛି ସମୟ ପାଇଁ ଚଲାବୁଲା ଏବଂ ପ୍ରାଣାୟମ କରିପାରିବେ।
- ପଢ଼ା ମଝିରେ ବ୍ରେକ୍ ନେଇ ନିଜ ମନପସନ୍ଦର ଗୀତ ଶୁଣିପାରିବେ। ଏହା ଦ୍ୱାରା ଚାପ ଲାଘବ ହୁଏ।
- ପଢ଼ା ମଝିରେ ବ୍ରେକ୍ ନେଇ ନିଜର କିଛି ଛୋଟ ମୋଟ ଅଧୁରା କାମ ପୂରା କରିପାରିବେ।
- ପଢ଼ିବା ବେଳେ ବ୍ରେକ୍ ନେଉଥିଲେ କିଛି ହାଲକା ଖାଦ୍ୟ ଖାଇପାରିବେ। ଜୁସ୍, କଫି କିମ୍ବା ଫଳ ଆଦି ଖାଇପାରିବେ।
- ପଢ଼ା ମଝିରେ ବ୍ରେକ୍ ନେଇ ପରିବାର ସଦସ୍ୟଙ୍କ ସହିତ କଥାବାର୍ତ୍ତା କରନ୍ତୁ। ପଢ଼ା ପ୍ରତି ଅଧିକ ଆଗ୍ରହ ବଢ଼ିବ।

## ସମ୍ଭାବନା



### ସଫଳତାର ରହସ୍ୟ



**ପ୍ରତ୍ୟେକ ବ୍ୟକ୍ତି ସଫଳ ହେବାକୁ ଚାହାନ୍ତି। ତେବେ ପ୍ରଶ୍ନ ଉଠେ ସଫଳ ହେବା ପାଇଁ ପ୍ରଥମେ କ'ଣ କରିବାକୁ ପଡ଼ିବ। ବିଶେଷଜ୍ଞଙ୍କ ଅନୁସାରେ, ବଡ଼ ସଫଳତା ପଛରେ ଛୋଟ ଛୋଟ ଅଭ୍ୟାସ ସାମିଲ ଥାଏ। ମଣିଷ ଯଦି ନିଜ ଭିତରେ କିଛିଦିନ ସକାରାତ୍ମକ ପରିବର୍ତ୍ତନ ଆଣିବ, ତାହାଲେ ନିଜ ଲକ୍ଷ୍ୟପଥରେ ପହଞ୍ଚିପାରିବ।**

ସକାଳୁ ଉଠି ପ୍ରଥମେ ନିଜ ମନରୁ ସ୍ଥିର କରନ୍ତୁ, ଆଜି କ'ଣ ହାସିଲ କରିବାକୁ ପଡ଼ିବ। ଆଖି ବନ୍ଦ କରି ସେହି ଲକ୍ଷ୍ୟକୁ ହାସିଲ କରିବା ଦିଗରେ ଅଗ୍ରସର ହୁଅନ୍ତୁ। ଏଭଳି କରିବା ଦ୍ୱାରା ସଫଳତା ଦିଗକୁ ଅଗ୍ରସର ହେବାକୁ ଉତ୍ସାହିତ ହେବେ। ତେବେ ଯେଉଁ କ୍ଷେତ୍ରରେ ସଫଳ ହେବାକୁ ଚାହୁଁଛନ୍ତି, ତାହା ସହ ସମ୍ବନ୍ଧିତ ଜିନିଷର ଫଟୋକୁ ନିଜ ଘର ତଥା ମୋବାଇଲ ୱାଲପେପର୍‌ରେ ରଖନ୍ତୁ। ଏହି ଫଟୋ ସବୁଦିନ ମନେ ପକାଇବ ଯେ, କେଉଁ ଦିଗରେ ଆଗକୁ ଯିବାକୁ ପଡ଼ିବ। ଚିନ୍ତାଧାରା ହିଁ ଜୀବନକୁ ସଫଳ କରାଏ। ତେଣୁ ମନକୁ ଯେତେବେଳେ ବି କିଛି ନକାରାତ୍ମକ ଚିନ୍ତାଧାରା ଆସୁଛି, ତାହାକୁ ସକାରାତ୍ମକ ବିଚାରରେ ପରିଣତ କରନ୍ତୁ। ଏହା ଦ୍ୱାରା ମନ ହାଲୁକା ରହିବ ଏବଂ ଆତ୍ମବିଶ୍ୱାସ ବଢ଼ିବ। ନିଜ ପାଖରେ ଥିବା ପ୍ରତ୍ୟେକ ଜିନିଷ ଲାଗି ନିଜକୁ କୃତଜ୍ଞତା ଜ୍ଞାପନ କରନ୍ତୁ। କେବେ ବି ଠିକ୍ ସମୟର ଅପେକ୍ଷା କରନ୍ତୁ ନାହିଁ। ଯାହା ବି କିଛି କରିବାର ଅଛି, ଆଜିଠୁ କରିବାର ନିର୍ଣ୍ଣୟ ନିଅନ୍ତୁ। ଏହିପରି ଛୋଟ ଛୋଟ ପ୍ରୟାସ ଜୀବନରେ ସଫଳତା ଆଣିଥାଏ।

## ଗୁଗଲ୍‌ର 'ଇମରଜେନ୍ସି ଲାଇଭ୍ ଭିଡିଓ' ଫିଚର୍

ଗୁଗଲ୍ ଆଣ୍ଡ୍ରଏଡ୍ ବ୍ୟବହାରକାରୀଙ୍କ ଲାଗି ଏକ ନୂଆ ଫିଚର୍ ଆରମ୍ଭ କରିଛି। ଏହାର ନାଁ 'ଇମରଜେନ୍ସି ଲାଇଭ୍ ଭିଡିଓ' ଫିଚର୍। ଏହା ହେଉଛି ଏକ ସୁରକ୍ଷାତ୍ମକ ଫିଚର। ଏହା ବ୍ୟବହାରକାରୀଙ୍କୁ ବିପଦଜନ ପରିସ୍ଥିତିରେ ଲାଇଭ୍ ଭିଡିଓ ଷ୍ଟ୍ରିମ୍ କରିବା ସୁବିଧା ପ୍ରଦାନ କରିବ। ଏହି ଗୁଗଲ ଫିଚର ମାଧ୍ୟମରେ କାର୍ ଦୁର୍ଘଟଣା, ନିଆଁ ଲାଗିବା ଭଳି ମେଡିକାଲ ଇମରଜେନ୍ସି ପରିସ୍ଥିତିରେ ଉଦ୍ଧାରକର୍ତ୍ତାଙ୍କୁ ସ୍ପଷ୍ଟ ତଥ୍ୟ ମିଳିପାରିବ। ଏହି ଫିଚର୍‌କୁ ବ୍ୟବହାର କରିବା ମଧ୍ୟ ଖୁବ୍ ସହଜ। ଏହାକୁ ବ୍ୟବହାର କରିବା ଲାଗି ଫୋନ୍‌ର କୌଣସି ସେଟିଂକୁ ଚାଲୁ କରିବାକୁ ପଡ଼ିବ ନାହିଁ। କୌଣସି ଅସୁବିଧା ପାଇଁ ପୋଲିସ୍, ଆମ୍ବୁଲାନ୍ସ ବା ଫାୟର ବ୍ରିଗେଡ୍‌ଙ୍କୁ ଇମରଜେନ୍ସି କଲ୍ ମେସେଜ କରୁଥିଲେ, ଏହି ପରିସ୍ଥିତିରେ ଉପସ୍ଥିତ ଥିବା ଅଧିକାରୀଙ୍କ ପାଖକୁ ଏକ ଭିଡିଓ ଅନୁରୋଧ ପଠା ଯାଇପାରିବ। ଅନୁରୋଧ ସ୍ୱୀକାର କରିବା ମାତ୍ରେ ଗୋଟିଏ କ୍ଲିକ୍‌ରେ ମୋବାଇଲ କ୍ୟାମେରା ଅନ୍ ହୋଇଯିବ। ଏହା ଦ୍ୱାରା ସୁରକ୍ଷାଦଳ ଭିଡିଓ ମାଧ୍ୟମରେ ସ୍ଥିତିକୁ ସିଧା ଦେଖିପାରିବେ। ଏହା ଦ୍ୱାରା ଏକଥା ବୁଝିବା ସହଜ ହେବ ଜଣେ ବ୍ୟକ୍ତିଙ୍କୁ କେଉଁ ପ୍ରକାର ମେଡିକାଲ ସାହାଯ୍ୟ ଓ ସୁରକ୍ଷା ଉପକରଣ ଆବଶ୍ୟକ। ପ୍ରାରମ୍ଭିକ ପର୍ଯ୍ୟାୟରେ ଗୁଗଲ ଏହାକୁ ଜର୍ମାନୀ, ଆମେରିକା ଏବଂ ମେକ୍ସିକୋରେ ଜାରି କରିବ। ଅନ୍ୟପଟେ ଏହି ଫିଚର୍‌କୁ ଭାରତ ସମସ୍ତେ ଅନ୍ୟ ଦେଶରେ ବି ଉପଲବ୍ଧ କରାଯିବ।



# ବିଶ୍ୱବିଦ୍ୟାଳୟ ଛାତ୍ରୀ ନିର୍ଯାତନା ଘଟଣାରେ ପ୍ରାଧ୍ୟାପକ ନିଲମ୍ବିତ

ବାରିପଦା,୩୦।୧୨(ସମିସ): ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଛାତ୍ରୀ/ଅତିଥି ଅଧ୍ୟାପିକା ନିର୍ଯାତନା ଘଟଣାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଇଣ୍ଟରନାଲ କଂପ୍ଲେନ କମିଟି (ଆଇସିସି) ରିପୋର୍ଟକୁ ଭିତ୍ତି କରି ଅଭିଯୁକ୍ତ ସଂସ୍କୃତ ବିଭାଗର ମୁଖ୍ୟ ପ୍ରାଧ୍ୟାପକ ଡ. ହୀରାଲାଲ ଦାଶଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। ଏଥିସହ ତାଙ୍କଠାରୁ ସମସ୍ତ ଦାୟିତ୍ୱକୁ ଅପସାରଣ କରାଯାଇଥିବା ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ କୁଳପତି ଡ. ପ୍ରମୋଦ କୁମାର ଶତପଥି ପ୍ରକାଶ କରିଛନ୍ତି। ତେବେ ଅନ୍ୟଏକ ଘଟଣାରେ ଅନ୍ୟ ୩ ଛାତ୍ରୀଙ୍କୁ ନିର୍ଯାତନାକୁ ନେଇ ଓଡ଼ିଆ ବିଭାଗ ଅଧ୍ୟାପକଙ୍କ ବିରୋଧରେ ଆସିଥିବା ଅଭିଯୋଗ କମିଟିରେ ବିଚାରାଧୀନ ଥିବାବେଳେ ଏଭଳି ଘଟଣାର ପୁନରାବୃତ୍ତି ନ ହେବା ପାଇଁ ଅଭିଭାବକ ମହଲରେ ଦାବି ହୋଇଛି।

ସୂଚନା ମୁତାବକ, ବିଶ୍ୱବିଦ୍ୟାଳୟର ଜଣେ ପିଜି ଛାତ୍ରୀ ତଥା ଅତିଥି ଅଧ୍ୟାପିକାଙ୍କୁ ନିର୍ଯାତନା ଦେବା ନେଇ ଡ. ଦାଶଙ୍କ ବିରୋଧରେ ଅଭିଯୋଗ ହୋଇଥିଲା। ଆଇସିସି କମିଟି ପକ୍ଷରୁ ଅଭିଯୋଗର ସମସ୍ତ ତଥ୍ୟ ପ୍ରମାଣକୁ ଭିତ୍ତି କରି ତାଙ୍କ ବିରୋଧରେ କୁଳପତି ଓ କୁଳସଚିବଙ୍କୁ ରିପୋର୍ଟ ପ୍ରଦାନ କରିଥିଲେ। ଏହାକୁ ନେଇ ବିଶ୍ୱବିଦ୍ୟାଳୟ ପକ୍ଷରୁ ପ୍ରାଧ୍ୟାପକଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରିବା ସହ ସମସ୍ତ ଦାୟିତ୍ୱକୁ ଅବ୍ୟାହତି ଦିଆଯାଇଥିଲା। ନୋଟିସର ଉତ୍ତର ୧୦ଦିନ ମଧ୍ୟରେ ଦେବାକୁ ଥିବାବେଳେ ୨୯ ତାରିଖ ଅବଧି ଶେଷ ହୋଇଥିଲା। ପ୍ରାଧ୍ୟାପକ ଜଣଙ୍କ କମିଟି ନିକଟରେ ହାଜର ହୋଇ ନୋଟିସର ଉତ୍ତର ଦେବା ପରେ କମିଟିର ନିଷ୍ପତ୍ତି ଅନୁସାରେ ତାଙ୍କୁ ବିଶ୍ୱବିଦ୍ୟାଳୟ ପକ୍ଷରୁ ତାଙ୍କୁ କାର୍ଯ୍ୟରୁ ନିଲମ୍ବନ କରାଯାଇଛି। କାର୍ଯ୍ୟାନୁଷ୍ଠାନ ସମ୍ବନ୍ଧରେ କୁଳାଧିପତିଙ୍କୁ ଅବଗତ କରାଯାଇଛି। ଅପରପକ୍ଷରେ ଓଡ଼ିଆ ବିଭାଗର ୩ ପିଜି ଛାତ୍ରୀଙ୍କ ଅଭିଯୋଗକୁ ନେଇ ଆଇସିସି ପକ୍ଷରୁ ତଦନ୍ତ ଜାରି ରହିଛି।

# ପିଇଓଙ୍କ ଘରେ ଭିଜିଲାନ୍ସ ଚଢ଼ଉ

ହାଟଡିହୀ,୩୦।୧୨(ସମିସ): କେନ୍ଦୁଝର ଜିଲ୍ଲା ହାଟଡିହୀ ବ୍ଲକରେ କାର୍ଯ୍ୟରତ ପିଇଓ ଜିତେନ୍ଦ୍ର ଜେନାଙ୍କ ମରେଇଗାଁସ୍ଥିତ ଘର ଓ ବସନ୍ତିଆ ବଜାରରେ ପତ୍ନୀଙ୍କ ନାମରେ ଥିବା ବ୍ୟବସାୟ ପ୍ରତିଷ୍ଠାନ ଉପରେ ଭିଜିଲାନ୍ସ ଚଢ଼ଉ କରିଛି। ମୋଟ ୬ଟି ସ୍ଥାନରେ ଏହି ଚଢ଼ଉ କରାଯାଇଛି। ଜିତେନ୍ଦ୍ର ଦୀର୍ଘବର୍ଷ ହେବ ହାଟଡିହୀ ବ୍ଲକର ବିଭିନ୍ନ ପଞ୍ଚାୟତରେ ପିଇଓ ଥିବାବେଳେ ଏବେ ବଞ୍ଚୋ ଏବଂ ବାଲିବରେଇ ପଞ୍ଚାୟତର ପିଇଓ ଅଛନ୍ତି। ମଙ୍ଗଳବାର ଭୋର ସମୟରୁ ଭିଜିଲାନ୍ସ ବିଭାଗ ପକ୍ଷରୁ ଏହି ଚଢ଼ଉ



ଜାରି ରହିଛି। କେନ୍ଦୁଝର ଭିଜିଲାନ୍ସ ବିଭାଗର ୪ଜଣ ଡିଏସପି, ୮ଜଣ ଇନ୍ସପେକ୍ଟରଙ୍କୁ ନେଇ ହାଟଡିହୀ ବ୍ଲକର ୬ଟି ସ୍ଥାନରେ ଏହି ଚଢ଼ଉ କରାଯାଇଛି। ମରେଇଗାଁ ପଞ୍ଚାୟତସ୍ଥିତ ନିଜ ଘର, ବସନ୍ତିଆରେ ଥିବା ବାସଭବନ, ଜଗନ୍ନାଥପୁରରେ ଥିବା ଦୋକାନ, ଗୋଦାମ ଘର, ବନ୍ତଲାସ୍ଥିତ ପୈତୃକ ଘର, ବଞ୍ଚୋ, ବାଲିବରେଇ ପଞ୍ଚାୟତ କାର୍ଯ୍ୟାଳୟ ଆଦି ସ୍ଥାନରେ ଚଢଉ ଜାରି ରହିଥିଲା। ଆୟବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ଏହି ଯାଞ୍ଚ ଚାଲିଥିଲା ବେଳେ ଜିତେନ୍ଦ୍ରଙ୍କ ଭୁବନେଶ୍ୱରରେ ୨ଟି ବହୁମହଲା କୋଠା, ଉତ୍ତରା ଭୁବନେଶରରେ ଗୋଟିଏ ଫ୍ଲାଟ ଏବଂ ଖୋର୍ଦ୍ଧା ଟାଉନରେ ଗୋଟିଏ ବହୁମହଲା କୋଠା ସହ ୪ଟି ଉଚ୍ଚ ମୂଲ୍ୟର ପ୍ଲଟ, ୧୦୦ ଗ୍ରାମ ସୁନା, ନଗଦ ୬.୨୦ ଲକ୍ଷ ଟଙ୍କା, ଗୋଟିଏ ଚାରିଚକିଆ ଗାଡ଼ି ଏବଂ ୪ଟି ଦୁଇଚକିଆ ଯାନ ରହିଥିବା ନେଇ ସୂଚନା ମିଳିଛି। ଖବର ଲେଖାଯିବା ଯାଏଁ ଜିତେନ୍ଦ୍ରଙ୍କ ଭୁବନେଶ୍ୱରରସ୍ଥିତ ଏସବିଆଇ ବ୍ୟାଙ୍କରେ ଗୋଟିଏ ଲକର୍ ଏବଂ ବିଭିନ୍ନ ବ୍ୟାଙ୍କ, ପୋଷ୍ଟାଲ ଆଦିରେ ଜମା ଏବଂ ଅନ୍ୟାନ୍ୟ ନିବେଶ ଇତ୍ୟାଦି ନିର୍ଣ୍ଣୟ କରାଯାଉଥିବା ନେଇ ବିଭାଗ ପକ୍ଷରୁ କୁହାଯାଇଥିଲା।

# ଭିଜିଲାନ୍ସ ଜାଲରେ ବାରଙ୍ଗ ଅତିରିକ୍ତ ତହସିଲଦାର

କଟକ,୩୦।୧୨(ସମିସ): ଆୟ ବର୍ହିଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ବାରଙ୍ଗର ଅତିରିକ୍ତ ତହସିଲଦାର ଜିତେନ୍ଦ୍ର କୁମାର ପଣ୍ଡାଙ୍କ ଏକାଧିକ ଠିକଣାରେ ଆଜି ଭିଜିଲାନ୍ସ ଟିମ୍ ଚଢ଼ଉ କରିଛି। ମଙ୍ଗଳବାର ହୋଇଥିବା ଏହି ତଲାସୀ ଅଭିଯାନରେ ଭୁବନେଶ୍ୱର ବଡ଼ଗଡ଼ ବ୍ରିଟ୍ କଲୋନୀସ୍ଥିତ ଜିତେନ୍ଦ୍ରଙ୍କ ଶଶୁରଙ୍କ ଘରୁ ଭିଜିଲାନ୍ସ ପ୍ରାୟ ୭୫ ଲକ୍ଷ ଟଙ୍କା ନଗଦ ଅର୍ଥ ଜବତ କରିଛି। ଅତିରିକ୍ତ ତହସିଲଦାର ନିଜର ବେଆଇନ ଉପାର୍ଜିତ ଅର୍ଥକୁ ଶଯ୍ୟାଶାୟୀ

**ଶଶୁର ଘରୁ ଜବତହେଲା ୭୫ ଲକ୍ଷ ନଗଦ ଟଙ୍କା**



ଶାଶୂଙ୍କ ବନ୍ଦ କୋଠରୀରେ ଲୁଚାଇ ରଖିଥିଲେ। ଭିଜିଲାନ୍ସ ଟିମ୍ ଜିତେନ୍ଦ୍ରଙ୍କ ଭୁବନେଶ୍ୱର ଓ ଖୋର୍ଦ୍ଧାରେ ଏକାଧିକ ବହୁତଳ କୋଠା ଠାବ କରିଛନ୍ତି। ବଡ଼ଗଡ଼ ଗୋପାଳୁଣୀ ନଗର ଏବଂ ବ୍ରିଟ୍ କଲୋନୀରେ ଦୁଇଟି ତିନି ମହଲା ବିଶିଷ୍ଟ ପ୍ରାସାଦ ସମେତ ଖୋର୍ଦ୍ଧା ସାନପଲ୍ଲାରେ ଏକ ଦୁଇ ମହଲା କୋଠା ଓ ଭୁବନେଶ୍ୱର ଉତ୍ତରାରେ ଏକ ଆଧୁନିକ ଫ୍ଲାଟ୍ ରହିଥିବା ଜଣାପଡ଼ିଛି। ଏହାବ୍ୟତୀତ ଭୁବନେଶ୍ୱର ଓ ଖୋର୍ଦ୍ଧାର ମୁଖ୍ୟ ସ୍ଥାନରେ ୪ଟି ଅତି ମୂଲ୍ୟବାନ ପ୍ଲଟ୍‌କୁ ମଧ୍ୟ ଭିଜିଲାନ୍ସ ଚିହ୍ନଟ କରିଛି। ନଗଦ ୭୫ ଲକ୍ଷ ଟଙ୍କା ବ୍ୟତୀତ, ଘରୁ ଅଲଗା ଭାବେ ୬.୨୦ ଲକ୍ଷ ଟଙ୍କା, ୧୦୦ ଗ୍ରାମର ସୁନା ଅଳଙ୍କାର, ଏକ ବିଳାସପୂର୍ଣ୍ଣ କିଆ ସେଲ୍ଟୋସ କାର୍ ଏବଂ ୪ଟି ଦୁଇଚକିଆ ଯାନ ଜବତ କରିଛି। ଏସବିଆଇ ବ୍ୟାଙ୍କରେ ଥିବା ତାଙ୍କର ଏକ ଲକର୍ ଏବେ ବି ବନ୍ଦ ରହିଛି, ଯାହା ଖୋଲିବା ପରେ ଆହୁରି ଅନେକ ଗୁମର ଫିଟିବା ନେଇ ଆଶା କରାଯାଉଛି। ଏହା ସହ ତାଙ୍କର ବ୍ୟାଙ୍କ ଜମା ଓ ବିଭିନ୍ନ ପୁଞ୍ଜିନିବେଶର ମଧ୍ୟ ଯାଞ୍ଚ ଜାରି ରହିଛି।

ଜିତେନ୍ଦ୍ର ପଣ୍ଡା ୧୯୯୫ରେ ମାତ୍ର ୨୦୦୦ ଟଙ୍କା ମାସିକ ଦରମାରେ ଜଣେ ସିନିୟର ଲାବୋରେଟୋରୀ ଆସିଷ୍ଟାଣ୍ଟ ଭାବେ ଚାକିରି ଆରମ୍ଭ କରିଥିଲେ। ମାତ୍ର ଚାକିରିର କିଛି ଦଶନ୍ଧି ମଧ୍ୟରେ ସେ କିଭଳି କୋଟି କୋଟି ଟଙ୍କାର ସମ୍ପତ୍ତି ମାଲିକ ହେଲେ, ତାହାକୁ ନେଇ ଭିଜିଲାନ୍ସ ତନାଘନା କରୁଛି। ବର୍ତ୍ତମାନ ସୁଦ୍ଧା ଭିଜିଲାନ୍ସର ଟେକ୍ନିକାଲ୍ ଟିମ୍ ସମ୍ପତ୍ତିର ମୂଲ୍ୟାୟନ କରୁଥିବା ବେଳେ ଏହି ଆର୍ଥିକ ଅନିୟମିତତାର ପରିମାଣ ଆହୁରି ବଢ଼ିପାରେ ବୋଲି ଅନୁମାନ କରାଯାଉଛି।

**ସରକାରଙ୍କୁ ଡେଡ୍‌ଲାଇନ ଦେଲା ଓମ୍‌ସା**

# ଦାବି ପୂରଣ ନ ହେଲେ ସମୂହ ଇସ୍ତଫା ଦେବେ ଡାକ୍ତର

ଭୁବନେଶ୍ୱର,୩୦।୧୨(ସମିସ): ଆସନ୍ତା ୫ ତାରିଖ ସୁଦ୍ଧା ରାଜ୍ୟ ସରକାର ଯଦି ଦାବି ପୂରଣ ନ କରନ୍ତି, ତାହେଲେ ଓଡ଼ିଶା ମେଡିକାଲ ସର୍ଭିସ ଆସୋସିଏସନ(ଓମସା) ଘଣ୍ଟିକିଆ ପରିବର୍ତ୍ତେ ପ୍ରତିଦିନ ୨ ଘଣ୍ଟିଆ ଓପିଡି ସେବା ବନ୍ଦ କାର୍ଯ୍ୟକ୍ରମ ଆରମ୍ଭ କରିବ। ଏମିତିକି ଓମସାର ଡାକ୍ତରମାନେ ଆଗାମୀ ଦିନରେ ରାଜ୍ୟ ସରକାରଙ୍କୁ ସମୂହ ଇସ୍ତଫା ଦେବେ। ମଙ୍ଗଳବାର ଓମ୍‌ସା ବୈଠକରେ ଏପରି ଚରମ ନିଷ୍ପତ୍ତି ନିଆଯାଇଛି।

ସୂଚନାଯୋଗ୍ୟ ଯେ ନିଜ ଦାବିକୁ ନେଇ ଓମସା ଅଟଳ ଥିବାବେଳେ ଗତ ୨୬ ତାରିଖରୁ ଦୈନିକ ଏକ ଘଣ୍ଟିଆ ଓପିଡି ସେବା ବନ୍ଦ କରିଆସୁଛି। ଆଗାମୀ ଦିନର କାର୍ଯ୍ୟପନ୍ଥା ନେଇ ମଙ୍ଗଳବାର ସଂଘର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଓମସା ଭବନରେ ଅନୁଷ୍ଠିତ ହୋଇଥିଲା। ବୈଠକ ସମାପ୍ତ ପରେ ଓମସାର ସଭାପତି ଡାକ୍ତର କିଶୋର ଚନ୍ଦ୍ର ମିଶ୍ର ଏବଂ ସମ୍ପାଦକ ଡାକ୍ତର ସଞ୍ଜୀବ ପ୍ରଧାନ ଏନେଇ ବିସ୍ତୃତ ସୂଚନା ପ୍ରଦାନ କରିଛନ୍ତି। ସେମାନେ କହିଛନ୍ତି ଯେ ସରକାର ଏଯାଏଁ ଡାକ୍ତରଙ୍କ ଦାବି ଉପରେ ଆଲୋଚନା ଋମ୍ଭ କରିନାହାନ୍ତି। ବର୍ତ୍ତମାନ ଓମ୍‌ସା ପକ୍ଷରୁ ରାଜ୍ୟବ୍ୟାପୀ ୧୦ଟାରୁ ୧୧ଟା ଯାଏଁ ଓପିଡି ସେବାରେ ସହଯୋଗ କରାଯାଉ ନାହିଁ। ଆମେ ସରକାରଙ୍କୁ ଆସନ୍ତା ୫ ତାରିଖ ଯାଏଁ ସମ ଦେଲୁ। ଏହି ସମୟସୀମା ମଧ୍ୟରେ ମ ଦାବି ଯଦି ନଶୁଣାଯାଏ, ତାହେଲେ ଦୈନିକ ଏକ ଘଣ୍ଟା ପରିବର୍ତ୍ତେ ୨ ଘଣ୍ଟା, ଅର୍ଥାତ୍ ସକାଳ ୯ଟାରୁ ଦିନ ୧୧ଟା ଯାଏଁ ଓପିଡି ସେବା ବନ୍ଦ୍ ରଖାଯିବ। ଏହାର ପରବର୍ତ୍ତୀ ସପ୍ତାହ ଗୁଡ଼ିକରେ ପ୍ରତି ସପ୍ତାହରେ ଏକ ଘଣ୍ଟା ଲେଖାଏଁ ଓପିଡି ବନ୍ଦ ସମୟସୀମା ବଢ଼ିବ ବୋଲି ସେମାନେ ସୂଚନା ଦେଇଛନ୍ତି। ସେମାନେ ଆହୁରି ମଧ୍ୟ କହିଛନ୍ତି ଯେ ସରକାର ଆମ

**ଆସନ୍ତା ୫ରୁ ଦୁଇ ଘଣ୍ଟିଆ ଓପିଡି ବନ୍ଦ**

ଦାବି ପୂରଣ ପ୍ରତି କାଳକ୍ଷେପଣ ନୀତି ଅବଲମ୍ବନ କରୁଛନ୍ତି। ବାଧହୋଇ ଆମେ ଚରମ ପଦକ୍ଷେପ ନେବୁ। ନୂଆବର୍ଷ ପରେ ଓମସା ଡାକ୍ତରମାନେ ସମୂହ ଇସ୍ତଫା ପତ୍ର ସଂଘ ପାଖରେ ଦାଖଲ କରିବେ। ପରବର୍ତ୍ତୀ ସମୟରେ ଏହି ଇସ୍ତଫା ପତ୍ର ସରକାରଙ୍କ ପାଖକୁ ପଠାଯିବ ବୋଲି ସେମାନେ ସୂଚନା ଦେଇଛନ୍ତି।

ସୂଚନାଯୋଗ୍ୟ ଯେ ଡାକ୍ତରଙ୍କୁ ଖାଲିପଡ଼ିଥିବା ଡାକ୍ତର ପଦବୀ ତୁରନ୍ତ ପୂରଣ, କେନ୍ଦ୍ରୀୟ ହାରରେ ବେତନ ପ୍ରଦାନ, କ୍ୟାଡର ପୁନର୍ଗଠନ, ସ୍ୱଚ୍ଛ ବଦଳି ନୀତି, କେବିକେରେ ପାଞ୍ଚ ବର୍ଷରୁ ଅଧିକ ସମୟ କାର୍ଯ୍ୟରତ ଡାକ୍ତରମାନଙ୍କୁ ତୁରନ୍ତ ବଦଳ, ସରକାରୀ କ୍ୱାର୍ଟର୍ସ, ସମସ୍ତ ସ୍ୱାସ୍ଥ୍ୟକର୍ମୀଙ୍କ ପାଇଁ ସ୍ୱାସ୍ଥ୍ୟବୀମା ଆଦି ୧୮ ଦଫା ଦାବି ନେଇ ଗତ ନଭେମ୍ବର ୨୦ ତାରିଖରୁ ଓମସା କ୍ୟାଡର କଳା ପୋଷାକ ପିନ୍ଧି ପ୍ରତିବାଦ କରି ଆସୁଥିଲେ। ଗତ ୨୬ ତାରିଖରୁ ସେମାନେ ଏକ ଘଣ୍ଟିଆ ଓପିଡି ବନ୍ଦ ପ୍ରତିବାଦ ଜାରି ରଖିଛନ୍ତି। ଏପଟେ ସେମାନଙ୍କ ଦାବି ଉପରେ ବିଚାର କରିବା ପାଇଁ ସରକାର ଏକ ଅନ୍ତର୍ବିଭାଗୀୟ କମିଟି ଗଠନ କରିଛନ୍ତି।

# ନୂଆବର୍ଷରେ ପିକ୍‌ନିକ ସ୍ପଟ୍ ଉପରେ ନଜର

ଭୁବନେଶ୍ୱର,୩୦।୧୨(ସମିସ): ମଦପିଇ ଗାଡ଼ି ଚଳାଇବା ଏବଂ ଦ୍ରୁତଗତିରେ ଗାଡ଼ି ଚଳାଇବା ଯୋଗୁଁ ପିକନିକ୍ ସ୍ପଟରେ ଅନେକ ସମୟରେ ଦୁର୍ଘଟଣା ଘଟୁଛି। ଏଥିପାଇଁ ପର୍ଯ୍ୟଟକଙ୍କୁ ନେଇ ଯାଉଥିବା ଗାଡ଼ି ଉପରେ ସ୍ୱତନ୍ତ୍ର ଦୃଷ୍ଟି ଦେବାକୁ ପରିବହନ ବିଭାଗ ଅଣ୍ଟା ଭିଡ଼ିଛି। ମୁଖ୍ୟତଃ ପର୍ଯ୍ୟଟକଙ୍କ ଗାଡ଼ି ଡ୍ରାଇଭରଙ୍କର ବ୍ରେଥ୍ ଆନାଲାଇଜରରେ

- ମଦପିଇ ଗାଡ଼ି ଚାଳାଉଥିଲେ କଡ଼ା ଜରିମାନା
- ପର୍ଯ୍ୟଟନସ୍ଥଳୀରେ ହେବ ଜୋର୍‌ଦାର ଧରପଗଡ଼
- ଯାଞ୍ଚ ପାଇଁ ସବୁ ଆର୍‌ଟିଓଙ୍କୁ ଏସ୍‌ଟିଏର ନିର୍ଦ୍ଦେଶ

ଟେଷ୍ଟ କରି ଯେଉଁ ଚାଳକମାନେ ମଦ ପିଇ ଗାଡ଼ି ଚଲାଉଥିବେ, ସେମାନଙ୍କ ଉପରେ କଠୋର କାର୍ଯ୍ୟାନୁଷ୍ଠାନ ପାଇଁ ବିଭାଗ ଯୋଜନା କହିଛି। ଏହି କ୍ରମରେ ରାଜ୍ୟ ପରିବହନ ପ୍ରାଧିକରଣ(ଏସଟିଏ) ପକ୍ଷରୁ ରାଜ୍ୟର ସମସ୍ତ ଆର୍‌ଟିଓଙ୍କୁ ଚିଠି ଲେଖି ଏକ ମାର୍ଗଦର୍ଶିକା ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ମାର୍ଗଦର୍ଶିକାରେ ସଡ଼କ ସୁରକ୍ଷାର ୪ "ଇ' ଯଥା- ଏନଫୋର୍ସମେଣ୍ଟ, ଇଞ୍ଜିନିୟରିଂ, ଏଜୁକେସନ ଓ ଏମର୍ଜେନ୍ସି କେୟାରକୁ ପ୍ରାଧାନ୍ୟ ଦିଆଯାଇଛି।

ମାର୍ଗଦର୍ଶିକାରେ କୁହାଯାଇଛି, ଜିଲ୍ଲାପାଳଙ୍କ ତତ୍ୱାବଧାନରେ ସମସ୍ତ କାର୍ଯ୍ୟ ହେବ। ଯେଉଁଥିରେ ଏସପି, ଆରଟିଓ, ସିଡିଏମଓଙ୍କର ମଧ୍ୟ ଭାଗିଦାରିତା ରହିବ। ବଣଭୋଜିର ଖୁସି ଯେମିତି ସଡ଼କ ଦୁର୍ଘଟଣା ଦୁଃଖରେ ପରିଣତ ନ ହେବ ସେନେଇ ଉଦ୍ୟମ କରାଯିବ। ତେଣୁ ଯେଉଁମାନେ ପିକନିକ୍ ପାଇଁ ବାହାରିଛନ୍ତି ସେମାନେ ସଡ଼କ ସୁରକ୍ଷାର ସମସ୍ତ ନିୟମ ପାଳନ କରନ୍ତୁ ବୋଲି ରାଜ୍ୟ ପରିବହନ ପ୍ରାଧିକରଣ ପକ୍ଷରୁ କୁହାଯାଇଛି। ସଡ଼କ ସୁରକ୍ଷା ନିୟମ ଉଲ୍ଲଙ୍ଘନ କଲେ ମୋଟର ଯାନ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ତେଣୁ ପ୍ରମୁଖ ବଣଭୋଜି ସ୍ଥଳକୁ ଚିହ୍ନଟ କରାଯାଇଛି। ଏଠାରେ ସ୍ୱତନ୍ତ୍ର ଏନଫୋର୍ସମେଣ୍ଟ ଦଳ ମୁତୟନ କରାଯିବ। ଏଣୁ ପ୍ରବେଶ ଓ ପ୍ରସ୍ଥାନ ପଥରେ ଯାଞ୍ଚ କରାଯିବ। ବେପରୁଆ ଗାଡ଼ି ଚାଳନା ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ସହ ଓଭରଲୋଡିଂ, ଗାଡ଼ିରେ ଅସୁରକ୍ଷିତ ପରିବହନ, ଯାନର ବେଆଇନ ବ୍ୟବହାର ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ। ପୁଲିସ ଏବଂ ପରିବହନ ବିଭାଗ ମିଳିତ ଭାବେ ଚେକିଂ ଉପରେ ଗୁରୁତ୍ୱ ଦେବେ।

ପିକ୍‌ନିକ/ତୀର୍ଥଯାତ୍ରା ପାଇଁ ବାହାରୁଥିବା ଗାଡ଼ିଗୁଡିକ ଆର୍‌ଟିଓଠାରୁ ପରମିଟ୍ ନେବା ଆବଶ୍ୟକ। ଅଧିକ ଭିଡ଼ ଥିବା ସ୍ଥାନରେ ଏମରଜେନ୍ସି କେୟାର ଏବଂ ଦୁର୍ଘଟଣାଗ୍ରସ୍ତଙ୍କୁ ଗୋଲଡେନ ଆୱାରରେ ଚିକିତ୍ସା ଉପରେ ଗରୁତ୍ୱ ଦିଆଯିବ। ସ୍କୁଲ୍ ଏବଂ କଲେଜ ଛାତ୍ରଛାତ୍ରୀ ପିକନିକ୍ ଯିବା ପୂର୍ବରୁ ଶିକ୍ଷାନୁଷ୍ଠାନ ସେମାନଙ୍କ ସୁରକ୍ଷା ପ୍ରତି ଯତ୍ନବାନ ହେବେ। ପିକନିକ୍ ଯାଉଥିବା ଗାଡ଼ିରେ ସମସ୍ତ ଡକ୍ୟୁମେଣ୍ଟ ରହିବା ଜରୁରୀ ଏବଂ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପାଇଁ ସ୍କୁଲର ଶିକ୍ଷକ ଏବଂ କଲେଜ ଅଧ୍ୟାପକ ମଧ୍ୟ ରହିବେ ବୋଲି ଏସ୍‌ଟିଏ କହିଛି। ପର୍ଯ୍ୟଟନ ବିଭାଗ ପାର୍କିଂ, ସାଇନେଜ୍ ଓ ଯାତ୍ରୀ ସଂଖ୍ୟା ରେକର୍ଡ ରଖିବେ। ରାସ୍ତା ନିର୍ମାଣକାରୀ ସଂସ୍ଥା ଆବଶ୍ୟକୀୟ ରାସ୍ତାମରାମତି କରିବେ। ସାଇନେଜ୍, ହାଜାର୍ଡ ମାର୍କର୍ ଓ ବାରିକେଡ୍ ସୁଧାର କରିବେ। ଏହି ସମୟରେ ଦ୍ରୁତଗତି, ଓଭରଲୋଡିଂ, ହେଲମେଟ୍/ସିଟ୍‌ବେଲ୍ଟ ପିନ୍ଧିବା ଏବଂ ପଦଚାରୀ ସୁରକ୍ଷା ଉପରେ ମଧ୍ୟ ସଚେତନତା କରାଯିବ। ସେହିଭଳି କୁହୁଡ଼ିକୁ ଦୃଷ୍ଟିରେ ରଖି ଆବଶ୍ୟକୀୟ ସଚେତନତା ଗ୍ରହଣ କରାଯିବ ବୋଲି କୁହାଯାଇଛି।

# ସରକାରୀ ଅଫିସ୍‌ରେ ନୂଆବର୍ଷ ମନା

- ସିଏମଓର ପରାମର୍ଶ, ସରକାରୀ କାର୍ଯ୍ୟାଳୟକୁ ଇଂରାଜୀ ନୂଆବର୍ଷ ପାଳନ ସ୍ଥଳୀ କରାନଯାଉ
- ଉତ୍ସବ, ଭେଟଘାଟ୍, ଭୋଜିଭାତ ସମ୍ପୂର୍ଣ୍ଣ ଭାବେ ମନା
- ମୁଖ୍ୟମନ୍ତ୍ରୀଙ୍କ ଅନୁରୋଧ: ଅଭିନନ୍ଦନ ଜଣାଇବାକୁ ମୋ କାର୍ଯ୍ୟାଳୟକୁ ଆସନ୍ତୁ ନାହିଁ

ଭୁବନେଶ୍ୱର,୩୦।୧୨(ସମିସ): ରାଜ୍ୟ ସରକାର ଇଂରାଜୀ ନବବର୍ଷ ପାଳନ କରିବେ ନାହିଁ। ଅର୍ଥାତ୍ ଜାନୁଆରୀ ପହିଲା ରକାରୀ କାର୍ଯ୍ୟଦିବସ ରହୁଥିବାରୁ, ସମସ୍ତ ରାଜ୍ୟ ସରକାରୀ କାର୍ଯ୍ୟାଳୟରେ ନିୟମିତ କାର୍ଯ୍ୟ ଜାରି ରହିବ। ସରକାରୀ କାର୍ଯ୍ୟାଳୟକୁ କୌଣସି ପ୍ରକାରେ ଇଂରାଜୀ ନୂଆବର୍ଷ ପାଳନର ସ୍ଥଳୀ ନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପରାମର୍ଶ ଦେଇଛି।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏନେଇ ଏକ୍ସରେ ସୂଚନା ଦେଇ କହିଛନ୍ତି ଯେ ନୂଆବର୍ଷର ପ୍ରଥମ ଦିନ ସରକାରୀ କାର୍ଯ୍ୟ ଦିବସ ରହୁଥିବାରୁ, ଏହି ଦିନ ମୋର କାର୍ଯ୍ୟାଳୟ ଗୋଟିଏ ସାଧାରଣ କାର୍ଯ୍ୟଦିବସ ଭଳି ଚାଲିବ ଏବଂ ନିୟମିତ ଭାବେ ସରକାରୀ କାର୍ଯ୍ୟ ହେବ। ତେଣୁ ମୋ କାର୍ଯ୍ୟାଳୟକୁ ନୂଆବର୍ଷର ଅଭିନନ୍ଦନ କିମ୍ବା ଶୁଭେଚ୍ଛା ଜଣାଇବା ପାଇଁ କେହି ନ ଆସିବାକୁ ଅନୁରୋଧ। ସେହିପରି ସରକାରୀ କର୍ମଚାରୀମାନେ ମଧ୍ୟ ଅଫିସ ସମୟରେ ଶୁଭେଚ୍ଛା ଓ ଅଭିନନ୍ଦନ କାର୍ଯ୍ୟକ୍ରମରେ ସାମିଲ ନ ରହି ଅଫିସ କାର୍ଯ୍ୟ ଉପରେ ଗୁରୁତ୍ୱ ପ୍ରଦାନ କରିବାକୁ ଅନୁରୋଧ। ମୋର ସରକାରୀ ବାସଭବନକୁ ଯେଉଁମାନେ ଶୁଭେଚ୍ଛା ଜଣାଇବାକୁ ଆସିବେ, ସମସ୍ତଙ୍କୁ ନିବେଦନ, କୌଣସି ଉପହାର କିମ୍ବା ପୁଷ୍ପଗୁଚ୍ଛ ଧରି ଆସିବେ ନାହିଁ। କେବଳ ଆପଣଙ୍କ ସଦିଚ୍ଛା ଓ ଆଶୀର୍ବାଦ ମୋର ଏକାନ୍ତ କାମ୍ୟ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅପରପକ୍ଷେ ସରକାରୀ କାର୍ଯ୍ୟାଳୟରେ କେବଳ ବ୍ୟକ୍ତିଗତ ସୌଜନ୍ୟମୂଳକ ସମ୍ଭାଷଣ ବ୍ୟତୀତ କୌଣସି ପ୍ରକାର ଉତ୍ସବ, ଭେଟଘାଟ୍, ଭୋଜିଭାତ, ପାର୍ଟି ଇତ୍ୟାଦି ରାଜ୍ୟ ସରକାରୀ କାର୍ଯ୍ୟାଳୟ ପରିସର ମଧ୍ୟରେ ସମ୍ପୂର୍ଣ୍ଣ ଭାବେ ବାରଣ କରାଯାଇଛି। ସମସ୍ତ କାର୍ଯ୍ୟାଳୟ ଓ ଅନୁଷ୍ଠାନର ମୁଖ୍ୟ ଏହାକୁ କଡାକଡି ଭାବେ ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

# ଭୁବନେଶ୍ୱର ବିମାନବନ୍ଦରରୁ ୪ କୋଟିର ମାରିଜୁଆନା ଜବତ

**ବ୍ୟାଙ୍କକରୁ ଆସୁଥିଲା, ପୁରୁଷ ବନ୍ଧୁଙ୍କ ସହ ମହିଳା ଅଟକ**

ଭୁବନେଶ୍ୱର,୩୦।୧୨(ସମିସ): ଭୁବନେଶ୍ୱର ଏୟାରପୋର୍ଟରୁ ୪ କୋଟି ଟଙ୍କାର ମାରିଜୁଆନା ଜବତ ହୋଇଛି। ବ୍ୟାଙ୍କକ୍‌ରୁ ମାରିଜୁଆନା ଚାଲାଣ ବେଳେ ଡାଇରେକ୍ଟୋରେଟ୍ ଅଫ୍ ରେଭେନ୍ୟୁ




ଇଣ୍ଟେଲିଜେନ୍ସ(ଡିଆର୍‌ଆଇ) ଦ୍ୱାରା ମାରିଜୁଆନା ଜବତ ହୋଇଛି। ଡିଆର୍‌ଆଇ ଜଣେ ମହିଳା ଏବଂ ତାଙ୍କ ପୁରୁଷବନ୍ଧୁଙ୍କୁ ଅଟକ ରଖି ପଚରାଉଚରା କରୁଛି। ଏହି ଦୁଇ ଅଭିଯୁକ୍ତ ଅନ୍ତର୍ଜାତୀୟ କ୍ରାଇମ୍ ସିଣ୍ଡିକେଟ୍‌ର ସପ୍ଲାୟର୍ସ ବୋଲି ଜଣାପଡ଼ିଛି। ଏମାନେ ଭାରତକୁ ଗଞ୍ଜେଇ, ଡ୍ରଗ୍ସ ଭଳି ଏକାଧିକ ନିଶା ସାମଗ୍ରୀ ଚାଲାଣ କରନ୍ତି। ମିଳିଥିବା ସୂଚନା ମୁତାବକ ମାରିଜୁଆନା ବ୍ୟାଙ୍କକରୁ ଭୁବନେଶ୍ୱର ଆସୁଥିଲା। ବିଶ୍ୱସ୍ତସୂତ୍ରରୁ ଖବର ପାଇ ଡିଆର୍‌ଆଇ ଜଣେ ମହିଳା ଏବଂ ପୁରୁଷଙ୍କୁ ଯାଞ୍ଚ କରିଥିଲେ। ଯାଞ୍ଚ ବେଳେ ହ୍ୟାଣ୍ଡବ୍ୟାଗରୁ ବିପୁଳ ପରିମାଣର ମାରିଜୁଆନା ମିଳିଲା। ଯାହକୁ ଡିଆର୍‌ଆଇର କଷ୍ଟମ ବିଭାଗ ଏହାକୁ ଜବତ କରିବା ସହ ଦୁଇ ଜଣଙ୍କୁ ହେପାଜତକୁ ନେଇ ପଚରାଉଚରା ଚଳାଇଛି। ତେବେ ଏମାନେ ଅନ୍ତଜାତୀୟ କ୍ରାଇମ୍ ସିଣ୍ଡିକେଟ୍‌ର ସପ୍ଲାୟର୍ସ ବୋଲି ଜଣାପଡ଼ିଛି। ଏକାଧିକ ବାର ବ୍ୟାଙ୍କକରୁ ଭାରତ ମାରିଜୁଆନା ସପ୍ଲାଏ କରିଛନ୍ତି। ହେଲେ ଧରାପଡ଼ି ନ ଥିଲେ। ଯାହାଫଳରେ ଏମାନେ ବାରମ୍ବାର ସପ୍ଲାଏ କରି ଚାଲିଥିଲେ। ଏହି ଦୁଇ ଅଭିଯୁକ୍ତ କେରଳର ଜଣେ ସପ୍ଲାୟର୍ସକୁ ଏହାକୁ ଦେଇଥାନ୍ତେ। ଅଭିଯୁକ୍ତଙ୍କ ଘର ଗୁଜରାଟରେ ବୋଲି ଡିଆର୍‌ଆଇ ସୂତ୍ରରୁ ଜଣାପଡ଼ିଛି।

**ନକଲି ମଦ କାରଖାନାରେ ଚଢ଼ଉ**

# ୫୦୦ ଲିଟର ଚୋରା ମଦ ଜବତ

ବଅଁରପାଳ, ୩୦।୧୨(ସମିସ) : ବଅଁରପାଳ ବ୍ଲକ ମହୀଧର ପୁର ଗ୍ରାମରେ ଅନୁଗୋଳ ଜିଲ୍ଲା ପୁଲିସକୁ ମିଳିଛି ବଡ଼ ସଫଳତା। ଅନୁଗୋଳ ସ୍ପେଶାଲ ସ୍କ୍ୱାଡ ପୁଲିସ ତଳମୂଳ ଗ୍ରାମରେ ଚଢ଼ଉ କରି ୫୦୦ ଲିଟର ନକଲି ମଦ ଜବତ କରିଛି। ନାମୀ ଦାମୀ ମଦ ବ୍ରାଣ୍ଡକୁ ନକଲ କରାଯାଇ ଏଠାରେ ମଦ ପ୍ରସ୍ତୁତ କରାଯାଉଥିଲା। ମଦ ପ୍ରସ୍ତୁତିରେ ବ୍ୟବହାର କରାଯାଉଥିବା ୮୦୦ ଲିଟର ସ୍ପିରିଟ୍ ମଧ୍ୟ ଜବତ ହୋଇଛି। ଏ ନେଇ ଅନୁଗୋଳ ଏସ୍‌ଡିପିଓ ରମାକାନ୍ତ ମହାଲିକ ଏ ନେଇ ସୂଚନା ଦେଇଛନ୍ତି। ତାଙ୍କ କହିବାନୁଯାୟୀ ତଳମୂଳରେ ନକଲି ମଦ ପ୍ରସ୍ତୁତ ହେଉଥିବା



ଖବର ମିଳିବା ପରେ ଚଢ଼ଉ କରିବା ପାଇଁ ଏସ୍‌ପି ରାହୁଲ ଜୈନଙ୍କ ନିର୍ଦ୍ଦେଶରେ ଏକ ଟିମ ଗଠନ ହୋଇଥିଲା। ଏହି ଟିମ୍‌ରେ ଏସ୍‌ଡିପିଓ ଏବଂ ବଅଁରପାଳ ଥାନାଧିକାରୀଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ସାମିଲ ଥିଲେ। ଚଢ଼ଉବେଳେ ମଦ ପ୍ରସ୍ତୁତରେ ସଂପୃକ୍ତ ଥିବା ଲୋକମାନେ ପୁଲିସ ଭୟରେ ସ୍ଥାନ ଛାଡ଼ି ପଳାଇଥିଲେ। ଫଳରେ ସେମାନଙ୍କୁ ଗିରଫ କରାଯାଇପାରିନାହିଁ। ନକଲି ମଦ, ନକଲି ମଦ ପ୍ରସ୍ତୁତ ପାଇଁ ବ୍ୟବହୃତ ସାମଗ୍ରୀ, ଲେବୁଲ ଲେବଲିଂ ମେସିନ, ଠିପି ଇତ୍ୟାଦି ବିପୁଳ ପରିମାଣର ଜବତ କରାଯାଇଛି। ସଂପୃକ୍ତ ମଦ ବେପାରୀଙ୍କ ଘରେ ଚଢ଼ଉ ଜାରି ରହିଛି। ଆହୁରି ଅଧିକ ମଦ ପ୍ରସ୍ତୁତି ସାମଗ୍ରୀ ଜବତ ହେବା ସମ୍ଭାବନା ରହିଛି ବୋଲି ଏସ୍‌ଡିପିଓ ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ମଦ ଫ୍ୟାକ୍ଟ୍ରି ଏଭଳି ସ୍ଥାନରେ କରାଯାଇଥିଲା, ଯାହା ଉପରେ ପୁଲିସ କି ସାଧାରଣ ଜନତାଙ୍କ ନଜର ପଡ଼ିବା ଅସମ୍ଭବ। ଏଠାକୁ ସାଧାରଣ ଜନତାଙ୍କ ଯାତାୟାତ ନଥିବାବେଳେ କେବଳ ମଦ ପ୍ରସ୍ତୁତକାରୀ, ଫାକ୍ଟ୍ରି କର୍ମଚାରୀ ଏଠାକୁ ଯିବା ଆସିବା କରୁଥିଲେ। ନକଲି ମଦକୁ ବିଭିନ୍ନ ଗ୍ରାମାଞ୍ଚଳରେ ଥିବା ହୋଟେଲ, ଢାବା, ପାନ ଦୋକାନ, ଜଳଖିଆ ଦୋକାନ ଇତ୍ୟାକୁ ଚାଲାଣ କରାଯାଉଥିଲା। ସରକାରୀ ଲାଇସେନ୍ସପ୍ରାପ୍ତ ମଦର ଦାମ ଠାରୁ ଏହି ମଦର ଦାମ ସମାନ ରହୁଥିଲା। ଫଳରେ ଲୋକେ ଏହା ଅରିଜିନାଲ ମଦ ଭାବି ପିଉଥିଲେ।

**ଆସୁଛି ନୂଆବର୍ଷ**

# ମୁତୟନ ହେବେ ୭୦ ପ୍ଲାଟୁନ ଫୋର୍ସ

ପୁରୀ,୩୦।୧୨(ସମିସ): ଆଉମାତ୍ର ଦିନକ ପରେ ବିଦାୟ ନେବ ବର୍ଷ ୨୦୨୫। ନୂଆ ବର୍ଷର ପ୍ରଥମ ସୂର୍ଯ୍ୟ ଦର୍ଶନ ସାଙ୍ଗକୁ ମହାପ୍ରଭୁଙ୍କ ନିକଟରେ ଶୁଭକାମନା ଲାଗି ପୁରୀରେ ବହୁସଂଖ୍ୟାରେ ଭକ୍ତ ଓ ପର୍ଯ୍ୟଟକଙ୍କ ସମାଗମ ହେବ। ଏବେଠାରୁ ବି ପୁରୀରେ ଲାଗିଲାଣି ଗହଳି। ଡିସେମ୍ବର ୩୧ ଓ ଜାନୁଆରୀ ପହିଲାରେ ଶ୍ରୀମନ୍ଦିରରେ ପ୍ରବଳ ଭିଡ଼ ହେବ। ଭକ୍ତମାନେ କିଭଳି ଶୃଙ୍ଖଳିତ ଭାବେ ମହାପ୍ରଭୁଙ୍କୁ ଦର୍ଶନ କରି ସୁଖଦ ଅନୁଭୂତି ନେଇ ଫେରିବେ ତା' ଉପରେ ଗୁରୁତ୍ୱ ଦେଉଛି ପ୍ରଶାସନ। ସେହିପରି ଭକ୍ତ, ପର୍ଯ୍ୟଟକଙ୍କ ସୁରକ୍ଷା ଉପରେ ଫୋକସ୍ ରଖିଛି ପୁଲିସ।

ଏହି ପରିପ୍ରେକ୍ଷୀରେ ରିଜର୍ଭ ପୁଲିସ ଲାଇନ୍ ପଡ଼ିଆରେ ଏସ୍‌ପି ପ୍ରତୀକ୍ ସିଂ ଯାତ୍ରୀ ତଥା ପର୍ଯ୍ୟଟକଙ୍କ ଶ୍ରୀମନ୍ଦିରରେ ମହାପ୍ରଭୁଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା, ଟ୍ରାଫିକ୍ ସୁପରିଚାଳନା ପାଇଁ ପୁଲିସ ବ୍ରିଫିଙ୍ଗ୍ କରିଛନ୍ତି। ଉଭୟ ଶ୍ରୀମନ୍ଦିର ଭିତରେ ଓ ବାହାରେ ଭିଡ଼ ନିୟନ୍ତ୍ରଣ, ସମୁଦ୍ର କୂଳରେ ଗହଳି ନିୟନ୍ତ୍ରଣ, ସୁରକ୍ଷିତ ସମୁଦ୍ର ସ୍ନାନ ଉପରେ ଗୁରୁତ୍ୱ ଦିଆଯାଇଛି। ସେହିପରି ଟ୍ରାଫିକ୍ ବ୍ୟବସ୍ଥାକୁ କିପରି ସୁପରିଚାଳନା କରାଯିବ ତା' ଉପରେ ବିସ୍ତୃତ ଭାବେ ସୂଚନା ଦେଇଛନ୍ତି। ଭୁବନେଶ୍ୱର ପଟୁ ଶ୍ରୀସେତୁ ଦେଇ ଆସୁଥିବା କାର୍ ଜେବିପିସି, ବାଟମଙ୍ଗଳା ଓ କୁମ୍ଭାରପଡ଼ା ଦେଇ ଆସୁଥିବା କାର୍ ଜେଲ୍‌ରୋଡ୍ ପାର୍କିଂ ଏବଂ ଶରଧାବାଲି ଓ ଅବକାଶ ନିକଟରେ ପାର୍କିଂ କରିବେ। ବ୍ରହ୍ମଗିରି



ପଟୁ ଆସୁଥିବା ଗାଡ଼ି ମଙ୍ଗଳାଘାଟ ଦେଇ ଯାତ୍ରୀକା ଏବଂ ଷ୍ଟର୍ଲିଂ ଛକ, କୋଣାର୍କ ପଟୁ ଆସୁଥିବା ଗାଡ଼ି ଗ୍ରୀଡ୍ ଷ୍ଟେସନ, ଭୂଦାନ ଛକ ଦେଇ ତାଳବଣିଆରେ ପାର୍କିଂ କରିବେ। ଏହି ତିନିପଟୁ ଆସୁଥିବା ବାଇକ୍ ମାର୍କେଟ୍ ଛକସ୍ଥିତ ମ୍ୟୁନିସିପାଲିଟି ପାର୍କିଂ, ପୁରୁଣା ଜେବିପିସି ଏବଂ ମେଡିକାଲ ଛକରୁ ମାର୍କେଟ୍ ଛକ ପର୍ଯ୍ୟନ୍ତ ବଡ଼ଦାଣ୍ଡର ପୂର୍ବପାଶ୍ୱର୍ରେ ପାର୍କିଂ କରିବେ। ସେହିପରି ମୋଚିସାହି ଛକରୁ ଦୋଳମଣ୍ଡପ ସାହି, ଶୋଳାଖିଆ ବରଗଛରୁ କାକୁଡ଼ିଖାଇ ଛକ ଏବଂ ବୃଷଭ ଛକରୁ ଗାଣ୍ଡୁଆ ଚଉରା ଛକ ନୋ ଭେଇକ୍ଲିଂ ଜୋନ୍ ରହିବ। ଶାନ୍ତିଶୃଙ୍ଖଳା ରକ୍ଷା, ଜନଗହଳି ନିୟନ୍ତ୍ରଣ, ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ ପାଇଁ ୨ ଜଣ କମାଣ୍ଡାଣ୍ଟ, ୧୩ ଅତିରିକ୍ତ ଏସ୍‌ପି, ୪୩ ଡିଏସ୍‌ପି, ୮୭ ଇନ୍ସପେକ୍ଟର,

- ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଉପରେ ଫୋକସ୍
- ସିସିଟିଭି ନଜରରେ ରହିବ ଶ୍ରୀକ୍ଷେତ୍ର

୨୪୬ ଏସ୍‌ଆଇ ଓ ଏଏସ୍‌ଆଇ, ୪୬ ହାବିଲ୍‌ଦାର, ୩୩୦ କନେଷ୍ଟବଳ, ୪୦ ଜଣ ଟ୍ରାଫିକ୍ ହାବିଲ୍‌ଦାର ଓ କନେଷ୍ଟବଳଙ୍କ ସହ ୭୦ ପ୍ଲାଟୁନ୍ ଫୋର୍ସ ମୁତୟନ ହେବେ। ଏଥିସହ ୭୬୨ ଜଣ ହୋମ୍‌ଗାର୍ଡ, ଅଗ୍ନିଶମର ୯୦ ଏବଂ ୩୦୦ ପ୍ରାଇଭେଟ୍ ଲାଇଫ୍‌ଗାର୍ଡ ନିୟୋଜିତ ହୋଇଛନ୍ତି। ସମୁଦ୍ରକୂଳରେ ଲାଇଫ୍‌ଗାର୍ଡ ଓ ଅଗ୍ନିକମାନେ ମୁତୟନ ହୋଇଥିବାବେଳେ ଓଡ୍ରାଫ୍ ୨ ୟୁନିଟ୍, ଏସ୍‌ଟିୟୁ ଗୋଟିଏ ୟୁନିଟ୍, ୭୦ ଜଣ ଏନ୍‌ସିସି ସ୍ୱେଚ୍ଛାସେବୀ ମଧ୍ୟ ନିୟୋଜିତ କରାଯାଇଛି।

ବିଶେଷକରି ଯାନବାହନ ପାର୍କିଂ ଏବଂ ଭିଡ଼ ନିୟନ୍ତ୍ରଣ ଉପରେ ଏଥର ବିଶେଷ ଗୁରୁତ୍ୱ ଦିଆଯାଇଛି। ୨୪ ଘଣ୍ଟିଆ ନିୟନ୍ତ୍ରଣ କକ୍ଷ କାର୍ଯ୍ୟକ୍ଷମ କରିବ। ଅନ୍ୟପଟରେ ଲକ୍ଷାଧିକ ଭକ୍ତ ଓ ପର୍ଯ୍ୟଟକଙ୍କ ଭିଡ଼କୁ ଦୃଷ୍ଟିରେ ରଖି ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଟ୍ରାଫିକ୍ ପରିଚାଳନା ବ୍ୟବସ୍ଥା, ଭିଡ଼ ନିୟନ୍ତ୍ରଣ, ସୁରକ୍ଷିତ ସମୁଦ୍ର ସ୍ନାନ, ପାର୍କିଂ, ଶୃଙ୍ଖଳିତ ଦର୍ଶନ ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ଗ୍ରହଣ କରାଯାଇଛି। ମନ୍ଦିର ଭିତରେ ୧୫୨ ଏବଂ ବାହାରେ ୧୯୨ ସିସିଟିଭି କ୍ୟାମେରା ରହିଛି। ମନ୍ଦିର ଭିତରକୁ ୫ଟି ସେକ୍ଟର, ବାହାର ୪ ସେକ୍ଟର, ଟ୍ରାଫିକ୍‌କୁ ୪ଟି ଜୋନ୍, ବାହାର ଟ୍ରାଫିକ୍ ୨ଟି ଜୋନ୍ କରାଯାଇଥିବା ବେଳେ ୧୪ଟି ପାର୍କିଂସ୍ଥଳ, ୧୧ଟି କଣ୍ଟ୍ରୋଲ୍ ରୁମ୍ ଏବଂ ୧୧ଟି ଜାଗାରେ ନାକା ପୋଷ୍ଟ କରାଯାଇଛି। ସ୍ୱତନ୍ତ୍ର ଆଣ୍ଟି ସ୍ନାଚିଙ୍ଗ୍ ଟିମ୍ ଗଠନ କରାଯାଇଛି। ସେମାନେ ବିଭିନ୍ନ ଜନଗହଳି ସ୍ଥାନରେ ଚୋରି, ଛିନ୍‌ତାଇ ଉପରେ ନଜର ରଖିବେ। ସେହିପରି ଜିଲ୍ଲାର ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଯଥା- କୋଣାର୍କ, ସାତପଡ଼ା, ରାମଚଣ୍ଡୀ, ପୀର୍‌ଜାହାନିଆଁ, ବାଲିହରଚଣ୍ଡୀ ଇତ୍ୟାଦି ସ୍ଥାନ ଉପରେ ସ୍ୱତନ୍ତ୍ର ନଜର ରହିବ ବୋଲି ଏସ୍‌ପି ଶ୍ରୀ ସିଂ ସୂଚନା ଦେଇଛନ୍ତି।

# ଏଏସ୍‌ଡି ଓ ସ୍ମାର୍ଟ ମିଟରନିଷ୍ପତ୍ତି ବିରୋଧରେ ଜନସ୍ୱାର୍ଥ ମାମଲା

କଟକ,୩୦।୧୨(ସମିସ): ଓଡ଼ିଶାରେ ବିଦ୍ୟୁତ୍ ଗ୍ରାହକଙ୍କ ଉପରେ ଲଦି ଦିଆଯାଉଥିବା ଅତିରିକ୍ତ ସୁରକ୍ଷା ଜମା (ଏଏସଡି) ଏବଂ ସ୍ମାର୍ଟ ମିଟର ସ୍ଥାପନ ପ୍ରକ୍ରିୟାକୁ ଚ୍ୟାଲେଞ୍ଜ କରି ଓଡ଼ିଶା ଉଚ୍ଚ ନ୍ୟାୟାଳୟରେ ଏକ ଜନସ୍ୱାର୍ଥ ମାମଲା ଦାୟର ହୋଇଛି। କଟକର ସାମାଜିକ ସଂଗଠନ ଭଏସ୍ ଅଫ୍ କଟକର ସଭାପତି ସିଦ୍ଧାର୍ଥ ମହାନ୍ତି ଏବଂ ସମ୍ପାଦକ ସୌମ୍ୟଦୀପ ଘୋଷଙ୍କ ପକ୍ଷରୁ ଦାୟର ଏହି ପିଟିସନରେ ଟାଟା ପାୱାର ଏବଂ ରାଜ୍ୟ ସରକାରଙ୍କ ନିଷ୍ପତ୍ତିକୁ ବେଆଇନ ଓ ସମ୍ବିଧାନ ବିରୋଧୀ ବୋଲି ଦର୍ଶାଯାଇଛି। ଆବେଦନକାରୀଙ୍କ ଅଭିଯୋଗ ଅନୁଯାୟୀ, ବିଦ୍ୟୁତ୍ ବିତରଣ କମ୍ପାନୀଗୁଡ଼ିକ ଗ୍ରାହକଙ୍କୁ ହଜାର ହଜାର ଟଙ୍କାର ଅତିରିକ୍ତ ସୁରକ୍ଷା ଜମା ପୈଠ କରିବାକୁ ନୋଟିସ୍ ପଠାଉଛନ୍ତି। ଏହି ଅର୍ଥ ପୂର୍ବରୁ ସେସୁ ସମୟରେ ଜମା ହୋଇସାରିଥିବା ବେଳେ ଏବେ ପୁନର୍ବାର ଦାବି କରିବା ଅଯୌକ୍ତିକ। ପିଟିସନରେ ଉଲ୍ଲେଖ କରାଯାଇଛି ଯେ ଓଇଆରସି ନିଜେ ସ୍ୱୀକାର କରିଛନ୍ତି ଯେ ଟାଟା ପାୱାର ୨୦୧୮ ରୁ ୨୦୨୫ ମଧ୍ୟରେ ଗ୍ରାହକଙ୍କଠାରୁ ପ୍ରାୟ ୭,୨୧୫ କୋଟି ଟଙ୍କାର ଅଧିକ ଶୁଳ୍କ ଆଦାୟ କରି ବ୍ୟାଙ୍କରେ ଫିକ୍ସଡ୍ ଡିପୋଜିଟ୍ କରି ରଖିଛନ୍ତି। ଯେତେବେଳେ ରାଜ୍ୟରେ ଗତ ଚାରି ବର୍ଷ ହେବ ବିଦ୍ୟୁତ୍ ଦର ବୃଦ୍ଧି ହୋଇନାହିଁ, ସେତେବେଳେ ଗ୍ରାହକଙ୍କ ଉପରେ ଏହି ଅତିରିକ୍ତ ବୋଝ ଲଦିବାର ଆବଶ୍ୟକତା କ'ଣ ବୋଲି ପ୍ରଶ୍ନ ଉଠାଯାଇଛି। ଏହି ମାମଲାରେ ରାଜ୍ୟରେ ସ୍ମାର୍ଟ ମିଟର ସ୍ଥାପନ ପ୍ରକ୍ରିୟାକୁ ମଧ୍ୟ ବିରୋଧ କରାଯାଇଛି। ଆବେଦନକାରୀମାନେ ମାନ୍ୟବର ହାଇକୋର୍ଟଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି ଯେ ବେଆଇନ ଭାବେ ଜାରି ହୋଇଥିବା ସମସ୍ତ ଏଡିଏସ ନୋଟିସକୁ ତୁରନ୍ତ ରଦ୍ଦ କରାଯାଉ, ସ୍ମାର୍ଟ ମିଟର ଲଗାଇବା ପୂର୍ବରୁ ବ୍ୟାପକ ଜନସଚେତନତା ଓ ଆଇନଗତ ପ୍ରକ୍ରିୟା ପାଳନ ପାଇଁ ନିର୍ଦ୍ଦେଶ ଦିଆଯାଉ, ଏଡିଏସ ପୈଠ ନ କଲେ ବିଦ୍ୟୁତ୍ କାଟ କରିବା ଭଳି କାର୍ଯ୍ୟାନୁଷ୍ଠାନ ଉପରେ ରୋକ୍ ଲଗାଯାଉ। ଏହି ମାମଲାରେ ରାଜ୍ୟ ମୁଖ୍ୟ ଶାସନ ସଚିବ, ଶକ୍ତି ବିଭାଗ ସଚିବ, ଓଇଆରସି ସଚିବ ଏବଂ ଟିପିସିଓଡିଏଲର ପରିଚାଳନା ନିର୍ଦ୍ଦେଶକଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆଗାମୀ ଦିନରେ ଏହି ମାମଲାର ଶୁଣାଣି ହେବାର ସମ୍ଭାବନା ରହିଛି। ଆବେଦନକାରୀଙ୍କ ପକ୍ଷରୁ ଆଇନଜୀବୀ ପଦ୍ମାଳୟା ମହାପାତ୍ର ଏହି ମାମଲାକୁ ପରିଚାଳନା କରୁଛନ୍ତି।

# ଆମେ ୮୩ ଜୁନିୟର ପରିବାର ସମ୍ମିଳନୀ



**ବାରିପଦା, ୩୦।୧୨(ସମିସ):** ସ୍ଥାନୀୟ ଗୁରୁଜୀ ମଣ୍ଡପ ପରିସରରେ ଆମେ ୮୩ ଜୁନିୟର ପରିବାର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଶ୍ରୀଜଗନ୍ନାଥଙ୍କୁ ପୂଜା ଓ ପ୍ରାର୍ଥନା କରାଯିବା ପରେ ଗୁରୁ ପୂଜନ କାର୍ଯ୍ୟକ୍ରମରେ ମହାରାଜା ପୂର୍ଣ୍ଣଚନ୍ଦ୍ର ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷା ବନଜା ମହାନ୍ତିଙ୍କୁ ସମ୍ମାନିତ କରାଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଜନହିତରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯିବାକୁ ନେଇ ଆଲୋଚନା କରାଯାଇଥିଲା। ମେଲୋଡ଼ି କାର୍ଯ୍ୟକ୍ରମ ପରେ ବିଭିନ୍ନ ପ୍ରତିଯୋଗିତାର ବିଜେତାଙ୍କୁ ପୁରସ୍କୃତ କରାଯାଇଥିଲା। ଆମେ ୮୩ ଜୁନିୟର ପରିବାରର ସଦସ୍ୟ ସୁଧାଂଶୁ ଶେଖର ଜେନା, ସୁଶୋଭନ ମହାନ୍ତି, ଦେବୀଦତ୍ତ ଦାଶ, ପ୍ରଦୀପ ଚନ୍ଦ୍ର ପଟ୍ଟନାୟକ, ସୁଶାନ୍ତ ପାଠୀ ଓ ଶୈବାଳକାନ୍ତ ନାୟକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ମାନସ ଦଳବେହେରା ଉପସ୍ଥିତ ଥିଲେ। ଆମେ ୮୩ ଜୁନିୟର ପରିବାର ତରଫରୁ ରକ୍ତଦାନ ଶିବିର, ଡାକ୍ତରଖାନାରେ ଚିକିତ୍ସାଧୀନ ରୋଗୀଙ୍କୁ ଫଳ ବଣ୍ଟନ ସହିତ ବୃଦ୍ଧାଶ୍ରମ ଓ ଅନାଥାଶ୍ରମକୁ ଯଥାସମ୍ଭବ ସହାୟତା ଯୋଗାଇ ଦିଆଯିବା ପରି ସାମାଜିକ କଲ୍ୟାଣ କାର୍ଯ୍ୟ କରାଯାଇଆସୁଛି।

# କୁମ୍ଭୀର୍ଦା ବିଦ୍ୟାଳୟ ପୁରାତନ ଛାତ୍ରଛାତ୍ରୀଙ୍କ ସମ୍ମିଳନୀ



**ଖୁଣ୍ଟ, ୩୦।୧୨(ସମିସ):** ଶୁକୁଳି ବ୍ଲକର ପୁରାତନ ଅଗ୍ରଣୀ ଶିକ୍ଷାନୁଷ୍ଠାନ କୁମ୍ଭୀର୍ଦା କିଚକେଶ୍ୱରୀ ସରକାରୀ ଉଚ୍ଚ ବିଦ୍ୟାଳୟର ୧୯୮୩ ବ୍ୟାଚ୍ ଛାତ୍ରଛାତ୍ରୀଙ୍କ ବନ୍ଧୁମିଳନ ଉତ୍ସବ ଖୁଣ୍ଟସ୍ଥ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଭୟ ଜୁନିୟର ଓ ସିନିୟର୍ ବ୍ୟାଚର ଛାତ୍ରଛାତ୍ରୀ ସପରିବାରେ ଯୋଗ ଦେଇଥିଲେ। ଏ ପରିପ୍ରେକ୍ଷୀରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ପ୍ରତାପ ଚନ୍ଦ୍ର ବେହେରା, ସମ୍ମାନିତ ଅତିଥି ଭାବେ ପୂର୍ବତନ ଶିକ୍ଷକ ପଦ୍ମଲୋଚନ ବାରିକ, ଲାଲମୋହନ ମହାନ୍ତ, ବସନ୍ତ କୁମାର ବୈଦ୍ୟ, ତ୍ରିଲୋଚନ ଗିରି, ଅଣଶିକ୍ଷା କର୍ମଚାରୀ ଭକ୍ତବନ୍ଧୁ ଦେଓ, ମିତ୍ରଭାନୁ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ମୟୂରଭଞ୍ଜର ଆରାଧ୍ୟ ଦେବୀ ମା' କିଚକେଶ୍ୱରୀଙ୍କ ଦର୍ଶନ ପରେ ସଭାକାର୍ଯ୍ୟ ପ୍ରାରମ୍ଭରେ ମୁଖ୍ୟଅତିଥି ଶ୍ରୀଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କ ଫଟୋଚିତ୍ର ସମ୍ମୁଖରେ ଧୂପ ଦୀପ ପ୍ରଜ୍ଜଳନ ପୂର୍ବକ ପୂଜାର୍ଚ୍ଚନା କରିଥିଲେ। ଛାତ୍ରଛାତ୍ରୀ ଶିକ୍ଷକଙ୍କ ସମ୍ମାନାର୍ଥେ ଫୁଲଚନ୍ଦନ ଧୂପଦୀପ ପ୍ରଦାନ ପୂର୍ବକ ଯଥାବିଧି ଗୁରୁପୂଜନ କରିବା ସହିତ ଉପଢୌକନ ଓ ଉତ୍ତରୀୟ ପ୍ରଦାନ କରଥିଲେ। ଦୀର୍ଘ ୪୨ ବର୍ଷ ବ୍ୟବଧାନରେ ଏହି ଅନନ୍ୟ କାର୍ଯ୍ୟକ୍ରମରେ ସମସ୍ତେ ସମବେତ ହୋଇ ଭାବବିନିମୟ କରିଥିଲେ।

### ବେତନଟୀ ପ୍ରିମିୟର ଲିଗ୍
# ବାହାନଡ଼ା ଟାଇଗର ଫାଇନାଲକୁ ଉନ୍ନୀତ




**ବେତନଟୀ, ୩୦।୧୨(ସମିସ):** ବେତନଟୀ କ୍ରିକେଟ କ୍ଲବ ପକ୍ଷରୁ ଆୟୋଜିତ ବେତନଟୀ ପ୍ରିମିୟର ଲିଗ ସିଜିନ-୧୨ର ଦଶମ ଦିନରେ ଗୋଟିଏ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଆଜି ଦ୍ୱିତୀୟ କ୍ୱାଲିଫାୟର ମ୍ୟାଚ୍ ବାହାନଡା ଟାଇଗର ଓ ଜଗନ୍ନାଥ ୱାରିୟର୍ସ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ବାହାନଡ଼ା ଟାଇଗର ପ୍ରଥମ ବ୍ୟାଟିଂ କରି ୨୫ ଓଭରରେ ୭ ୱିକେଟ ହରାଇ ୨୧୦ ରନ ସଂଗ୍ରହ କରିଥିଲା। ଜବାବରେ ଜଗନ୍ନାଥ ୱାରିୟର୍ସ ୧୭ ଓଭରରେ ସମସ୍ତ ୱିକେଟ ହରାଇ ୯୭ ରନ କରି ପରାଜୟବରଣ କରିଥିଲା। ଫଳରେ ବାହାନଡା ଟାଇଗର ଫାଇନାଲରେ ପ୍ରବେଶ କରିଛି। ବାହାନଡ଼ା ଟାଇଗର ଖେଳାଳି ସଞ୍ଜୟ ପରିଚ୍ଛା ୨୬ ବଲରେ ୫୪ ରନ୍ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ମ୍ୟାନ ଅଫ ଦି ମ୍ୟାଚ୍‌ଙ୍କୁ ସମାଜସେବୀ ପ୍ରଦୀପ ମହାପାତ୍ର ପୁରସ୍କୃତ କରିଥିଲେ। ଖେଳକୁ ସୁଧାକର ପଣ୍ଡା ଓ କେ ଇନ୍ଦ୍ରଜିତ ପ୍ରସାଦ ପରିଚାଳନା କରିଥିଲେ। ଟିକି ମହାନ୍ତ ସ୍କୋରର, ଗୌରବ ନାଥ, ସୋରଜ ନାଥ ଅନଲାଇନ୍ ସ୍କୋରର ଥିଲେ। ଆସନ୍ତାକାଲି ଫାଇନାଲ୍ ମ୍ୟାଚ୍ ୧୧ ଷ୍ଟାର ମୋରଡା ଓ ବାହାନଡା ଟାଇଗର ମଧ୍ୟରେ ଅନୁଷ୍ଠିତ ହେବ।

# ମୟୂରଭଞ୍ଜରେ ପ୍ରାଗ୍ ଐତିହାସିକ ଯୁଗର ଖୋଲୁଛି ରହସ୍ୟ

**ବାରିପଦା, ୩୦।୧୨(ସମିସ)**





- ଅଢେଇ ଲକ୍ଷ ବର୍ଷ ତଳର ରହିଛି ଅବଶେଷ
- ବୈଜ୍ଞାନିକ ଦ୍ୱାରା ଉତ୍‌ଖନନ ଓ ଡକ୍ୟୁମେଣ୍ଟେସନ୍ ଆବଶ୍ୟକ

ମୟୂରଭଞ୍ଜ ଓଡ଼ିଶାର ପୁରାତତ୍ତ୍ୱ ଇତିହାସରେ ଏକ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ଅଞ୍ଚଳ ଭାବେ ପରିଚିତ। ପୂର୍ବରୁ ଏଠାରେ ସାର୍କ ଫୋସିଲ୍ ଇତ୍ୟାଦି ମିଳିଥିବାବେଳେ ମାୟୋସିନ୍ ଯୁଗର ରହସ୍ୟ ଉନ୍ମୋଚିତ ହୋଇଥିଲା। ଏବେ ପୁଣିଥରେ ଏଠାରେ ମିଳିଥିବା ପାଷାଣ ଯୁଗୀୟ ଅବଶେଷରୁ ପାଲାଓଲିଥିକ୍ ଯୁଗର ମାନବ ସଭ୍ୟତା ଥିବାର ପ୍ରମାଣ ମିଳିଛି। ମୟୂରଭଞ୍ଜର ବିଭିନ୍ନ ସ୍ଥାନ ବିଶେଷକରି ଶିମିଳିପାଳ, କୁଳିଅଣା ଓ ବୁଢାବଳଙ୍ଗ ନଦୀ ଅବବାହିକାରୁ ମିଳିଥିବା ପାଷାଣ ହତିଆର ଓ ଅନ୍ୟାନ୍ୟ ଅବଶେଷ ନିମ୍ନ ପ୍ରସ୍ତର ଯୁଗରୁ ଆରମ୍ଭ କରି ମଧ୍ୟପ୍ରସ୍ତର ଯୁଗ ଓ କେତେକ ସ୍ଥଳରେ ଉଚ୍ଚ ପ୍ରସ୍ତର ଯୁଗ ଓ ମେସୋଲିଥିକ୍ ଯୁଗ ସହିତ ନୂତନ ପ୍ରସ୍ତର ଯୁଗ ସମ୍ପର୍କିତ ବୋଲି ପୁରାତତ୍ତ୍ୱବିଦ ମତ ରଖିଛନ୍ତି। ଏହି ଅବଶେଷର ଆନୁମାନିକ ବୟସ ପ୍ରାୟ ଅଢେଇ ଲକ୍ଷ ବର୍ଷର ବୋଲି କୁହାଯାଉଛି। ଏହା ଏହି ଅଞ୍ଚଳରେ ମାନବ ବାସର ଦୀର୍ଘ ଐତିହାସିକ ପରମ୍ପରାକୁ ସ୍ପଷ୍ଟ ପ୍ରମାଣିତ କରୁଛି।

ପ୍ରାଚୀନ କାଳରେ ଶିମିଳିପାଳ, କୁଳିଅଣା ତଥା ବୁଢାବଳଙ୍ଗ ଓ ସୁବର୍ଣ୍ଣରେଖା ନଦୀର ଅବବାହିକା ଓ ମଧ୍ୟଭାଗରେ ପ୍ରାଗ୍ ଐତିହାସିକ ମାନବ ବାସ ପାଇଁ ବିଶେଷ ଭାବେ ଉପଯୁକ୍ତ ଥିଲା। ଏହି ଅଞ୍ଚଳରେ ପର୍ଯ୍ୟାପ୍ତ ଜଳ ସମ୍ପଦ, ଘନ ଜଙ୍ଗଲ, ଶିକାର ଯୋଗ୍ୟ ପଶୁପକ୍ଷୀ ଓ ପାଷାଣ ହତିଆର ତିଆରି ପାଇଁ ଆବଶ୍ୟକ କ୍ୱାର୍ଟଜାଇଟ୍, କ୍ୱାର୍ଟଜ୍ ପରି କଞ୍ଚାମାଲ ସହଜରେ ମିଳିପାରୁଥିଲା। ଏହି ପରିବେଶୀୟ ସୁବିଧା ଯୋଗୁଁ ପ୍ରାଗ୍ ଐତିହାସିକ ମାନବ ଏଠାରେ ଦୀର୍ଘ ସମୟ ଧରି ବାସ କରିଥିଲେ ବୋଲି ଅନୁମାନ କରାଯାଏ। ବୁଢାବଳଙ୍ଗ ନଦୀ କୂଳ, କୁଳିଅଣା, ବୈଦ୍ୟପୁର୍ ଓ ଆଖପାଖ ଗ୍ରାମରୁ ପାଷାଣ ଯୁଗୀୟ ହତିଆର ଓ ଫ୍ଲେକ୍ସ୍ ଅର୍ଥାତ୍ ହେଁଡେକ୍ସ, ଚୋପର, କ୍ଲେଭାର, ସ୍କ୍ରେପାର, ବ୍ଲେଡ୍ ଓ ଫ୍ଲାକ୍ ଆଦି ମିଳିଥିବା ତଥ୍ୟ ଏହାକୁ ପ୍ରମାଣିତ କରିଛି। ବିଶେଷକରି ଏହି ହାତ ହତିଆର ସବୁ ସେତେବେଳେ ମାନବ ଜାତିକୁ ମୁଖ୍ୟତଃ ପଶୁପକ୍ଷୀଙ୍କୁ ଶିକାର କରିବା, ମାଂସ କାଟିବା, ହାଡ଼ ଭାଙ୍ଗିବା ଓ ଖାଦ୍ୟ ପ୍ରସ୍ତୁତିରେ ବ୍ୟବହୃତ କରାଯାଉଥିଲା ଏହି ହତିଆରକୁ ଅଧ୍ୟୟନ କଲେ ସ୍ପଷ୍ଟ ହୁଏ ଯେ, ସେ ସମୟର ମାନବ ଶିକାର ଓ ଖାଦ୍ୟ ସଂଗ୍ରହ ଆଧାରିତ ଜୀବନଶୈଳୀ ଅନୁସରଣ କରୁଥିଲେ ଏବଂ ପରିବେଶ ସହ ଖୁବ ନିକଟ ସମ୍ପର୍କ ରଖୁଥିଲେ। ଉଦ୍ଧାର ହୋଇଥିବା ଏହି ପଥର ହତିଆର ମଧ୍ୟରୁ କିଛି ରାଜ୍ୟ ସଂଗ୍ରହାଳୟ, କିଛି ବିଶ୍ୱବିଦ୍ୟାଳୟର ପୁରାତତ୍ତ୍ୱ ଲ୍ୟାବ୍ ଓ ଶିକ୍ଷାମୂଳକ ସଂଗ୍ରହ କେନ୍ଦ୍ରରେ ସୁରକ୍ଷିତ ଭାବେ ରଖାଯାଇଛି। ଏହି ଅବଶେଷକୁ ସୁରକ୍ଷା କରିବା ଅତ୍ୟନ୍ତ ଆବଶ୍ୟକ। କାରଣ ଏହା ମାନବ ସଭ୍ୟତାର ସବୁଠୁ ପ୍ରାଚୀନ ଅଧ୍ୟାୟର ସାକ୍ଷୀ। ଅନିୟନ୍ତ୍ରିତ ଖନନ, ପ୍ରାକୃତିକ କ୍ଷୟ ଓ ମାନବୀୟ ଅବହେଳା ଯୋଗୁଁ ଏହି ସ୍ଥଳଗୁଡ଼ିକ ନଷ୍ଟ ହେବା ଆଶଙ୍କା ରହିଛି।

ବର୍ତ୍ତମାନ ସମୟରେ ସରକାରୀ ସ୍ତରରେ ଏସବୁ ଐତିହାସିକ ସ୍ଥଳର ସୁରକ୍ଷା ଘୋଷଣା, ବୈଜ୍ଞାନିକ ଦ୍ୱାରା ଉତଖନନ ସହ ଡକ୍ୟୁମେଣ୍ଟେସନ୍ କରାଗଲେ ଆଗାମୀ ଭବିଷ୍ୟତ ପାଇଁ ଏହାର ସଂରକ୍ଷଣ ଓ ଅନୁସନ୍ଧାନ କ୍ଷେତ୍ରରେବେଶ୍ ସହାୟକ ହୋଇପାରନ୍ତା ବୋଲି ମତ ରଖିଛନ୍ତି ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜ ଦେଓ ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭାଗ ଗବେଷକ ମାନୁ ନାଏକ। ଇତିହାସ ଦୃଷ୍ଟିରୁ ମୟୂରଭଞ୍ଜର ପ୍ରାଗ୍ ଐତିହାସିକ ଗୁରୁତ୍ୱ ପ୍ରଥମେ ୧୯ଶ ଶତାବ୍ଦୀରେ ଉଜାଗର ହୋଇଥିଲା। ୧୮୭୫ରେ ଭ୍ୟାଲେଣ୍ଟାଇନ୍ ବଲ୍ ଓଡ଼ିଶାର ପ୍ରାଗ୍ ଐତିହାସିକ ଅବଶେଷ ଉପରେ ଧ୍ୟାନ ଆକର୍ଷଣ କରିଥିଲେ। ପରେ ୧୯୨୩ରେ ମୟୂରଭଞ୍ଜ ଷ୍ଟେଟ୍ ଆର୍କଲୋଜିଷ୍ଟ ପଦ୍ମଶ୍ରୀ ପରମାନନ୍ଦ ଆଚାର୍ଯ୍ୟ ମୟୂରଭଞ୍ଜରେ ନିଓଲିଥିକ୍ ଉପକରଣ ଚିହ୍ନଟ କଲେ ଓ ୧୯୨୪ରେ ଆରଡି ବାନାର୍ଜୀ ବୁଢାବଳଙ୍ଗ ନଦୀ କୂଳରୁ ପାଷାଣ ହତିଆର ଚିହ୍ନଟ କରି ଏହି ଅଞ୍ଚଳକୁ ଭାରତୀୟ ପୁରାତତ୍ତ୍ୱ ମାନଚିତ୍ରରେ ସ୍ଥାନ ଦେଇଥିଲେ। ୧୯୪୮ରେ କୋଲକାତା ବିଶ୍ୱବିଦ୍ୟାଳୟର ନିର୍ମଳ ବୋଷ ଓ ଧରଣୀ ସେନ କୁଳିଅଣାଠାରେ ଉତ୍‌ଖନନ କରିଥିଲେ। ଯାହା ଭାରତର ପ୍ରଥମ ପ୍ରସ୍ତର ଯୁଗ ସ୍ଥାନ ଭାବେ ପରିଚିତ। ମୟୂରଭଞ୍ଜର ଏହି ପାଷାଣ ଯୁଗୀୟ ଆବିଷ୍କାର ଓଡ଼ିଶା ଓ ଭାରତର ପୁରାତତ୍ତ୍ୱ ଇତିହାସରେ ଅତ୍ୟନ୍ତ ମୂଲ୍ୟବାନ। ଏହା ଓଡ଼ିଶାରେ ମାନବ ବାସର ଆରମ୍ଭ ଅତ୍ୟନ୍ତ ପୁରୁଣା ସମୟରୁ ହୋଇଥିବା ପ୍ରମାଣ କରେ ଓ ଭାରତର ଅନ୍ୟାନ୍ୟ ପ୍ରସିଦ୍ଧ ପାଷାଣ ଯୁଗୀୟ ସ୍ଥଳଗୁଡ଼ିକ ସହ ମୟୂରଭଞ୍ଜକୁ ସମାନ ମହତ୍ତ୍ୱ ଦିଏ। ଏହି ଆବିଷ୍କାର ଆଧାରରେ ମୟୂରଭଞ୍ଜକୁ ଏକ ପୁରାତତ୍ତ୍ୱ ଗବେଷଣା କେନ୍ଦ୍ର ଓ ହେରିଟେଜ୍ ପର୍ଯ୍ୟଟନ ଗନ୍ତବ୍ୟ ଭାବେ ଉନ୍ନତ କରାଯାଇପାରିବ ବୋଲି ମତ ରଖିଛନ୍ତି ପୂର୍ବତନ ମନୁମେଣ୍ଟ ଅଥରିଟି ଚେୟାରମ୍ୟାନ ପ୍ରଫେସର କିଶୋର କୁମାର ବସା ଓ ଏମଏସିବି ବିଶ୍ୱବିଦ୍ୟାଳୟର ନୃତତ୍ତ୍ୱ ବିଭଗର ସହଯୋଗୀ ପ୍ରଫେସର ଡ. ବସନ୍ତ କୁମାର ମହାନ୍ତ। ମୟୂରଭଞ୍ଜରୁ ଆବିଷ୍କାର ପ୍ରାଗ୍ ଐତିହାସିକ ବସ୍ତୁଗୁଡିକ ପ୍ରସ୍ତର ଯୁଗୀୟ ସଂସ୍କୃତିକୁ ପୁନର୍ଜୀବିତ କରିଛି। ଆଗାମୀ ଦିନରେ ଏହି ସ୍ଥାନ ପ୍ରତ୍ନତତ୍ତ୍ୱ ବିଶାରଦଙ୍କ ପାଇଁ ଏକ ପ୍ରମୁଖ ଗବେଷଣା କେନ୍ଦ୍ର ପାଲଟିବ ବୋଲି ଆଶା କରାଯାଉଛି।

### ନୂଆ ବର୍ଷକୁ ସ୍ୱାଗତ ପାଇଁ ସ୍ୱତନ୍ତ୍ର ପ୍ରସ୍ତୁତି
# ଜିରୋ ନାଇଟ୍‌ରେ ଝୁମିବେ ଯୁବଗୋଷ୍ଠୀ

**ରାଇରଙ୍ଗପୁର, ୩୦।୧୨(ସମିସ):** ୨୦୨୬ ନବବର୍ଷକୁ ସ୍ୱାଗତ କରିବା ପାଇଁ କାଉଣ୍ଟଡାଉନ୍ ଆରମ୍ଭ ହୋଇଯାଇଛି। ବୁଧବାର ରାତି ୧୨ଟାକୁ ସମସ୍ତେ ଅପେକ୍ଷା କରିଥିବାବେଳେ ଜିରୋ ନାଇଟ୍ ସେଲିବ୍ରେସନ୍ ପାଇଁ ରାଇରଙ୍ଗପୁରସ୍ଥ ବିଭିନ୍ନ ସ୍ଥାନରେ ଯୁବଗୋଷ୍ଠୀଙ୍କ ସ୍ୱତନ୍ତ୍ର ପ୍ରସ୍ତୁତି ହୋଇଛି। ନବ ବର୍ଷକୁ ସ୍ୱାଗତ କରିବା ପାଇଁ ସବୁଠି ଉତ୍ସବର ମାହୋଲ ଦେଖିବାକୁ ମିଳିବ। ରଙ୍ଗିନ୍ ଲାଇଟରେ ରାଇରଙ୍ଗପୁର ବିଭିନ୍ନ ସ୍ଥାନ ସଜେଇ ହୋଇଥିବାବେଳେ ଡିଜେ ଧୂନରେ ମତୁଆଲା ହେବାକୁ ଯୁବପିଢି ଅପେକ୍ଷା କରିଛନ୍ତି। ୨୦୨୫କୁ ବିଦାୟ ଦେଇ ୨୦୨୬କୁ ସ୍ୱାଗତ ଜଣାଇ ବିଭିନ୍ନ ଯୁବ କ୍ଲବ, ସଙ୍ଗଠନ, ହୋଟେଲରେ ଜିରୋ ନାଇଟ୍ ସେଲିବ୍ରେସନ ସ୍ୱତନ୍ତ୍ର ପ୍ରସ୍ତୁତି ହୋଇଛି। ସାଜସଜ୍ଜା ସହିତ ଖାଦ୍ୟପେୟ ମଧ୍ୟ ବ୍ୟବସ୍ଥା କରାଯାଇଛି। ନାଚଗୀତରେ ସମସ୍ତେ ମତୁଆଲା ହୋଇ ନୂଆବର୍ଷକୁ ସ୍ୱାଗତ ଜଣାଇବେ। ଅନେକ ଉତ୍କଣ୍ଠା ମଧ୍ୟରେ ନବ ବର୍ଷକୁ ସ୍ୱାଗତ ଜଣାଇବାକୁ ରାତି ୧୨କୁ ଅପେକ୍ଷା କରି ରହିଛନ୍ତି। ଜିରୋ ନାଇଟ୍ ସେଲିବ୍ରେସନକୁ ଅଧିକ ଆକର୍ଷଣୀୟ କରିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା ହୋଇଛି। ଖାଦ୍ୟପେୟ ସହ ବାଣ ଫୁଟାଇବା ମନୋରଞ୍ଜନର ସହିତ ନବବର୍ଷକୁ ସ୍ୱାଗତ ଜଣାଇବେ।

**ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି**

ଏଥିପାଇଁ ପୁଲିସ ପକ୍ଷରୁ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଛି। ଜିରୋ ନାଇଟକୁ ନେଇ ବିଭିନ୍ନ କଟକଣା ଥିବାବେଳେ ତାହାର ଯାଞ୍ଚ ପ୍ରକ୍ରିୟା ହେବ। ରାତି ୧୨ ପର୍ଯ୍ୟନ୍ତ ସମୟ ସୀମା ଥିବାବେଳେ ସେଥି ମଧ୍ୟରେ କାର୍ଯ୍ୟକ୍ରମ ଶେଷ କରିବାକୁ ଯାଞ୍ଚ ହେବ। ଏହାସହିତ ମଦ ଦୋକାନ ବନ୍ଦ କରିବା, ଅପରାଧିକ କାର୍ଯ୍ୟକଳାପ, ଡ୍ରିଙ୍କ ଏଣ୍ଡ ଡ୍ରାଇଭ ଆଦି ପ୍ରତି ପୁଲିସ ଦୃଷ୍ଟି ରଖିବ। ରାଜ୍ୟ ସରକାରଙ୍କ ପକ୍ଷରୁ ଜାରି ହୋଇଥିବା ଜିରୋ ନାଇଟ ସେଲିବ୍ରେସନ ପାଇଁ କଟକଣାକୁ ରାଇରଙ୍ଗପୁର ସହରରେ ପାଳନ ନେଇ ପୁଲିସ ପ୍ରଶାସନ ପକ୍ଷରୁ କଡାକଡି ଯାଞ୍ଚ ହେବ। ଆଇନ୍‌ଶୃଙ୍ଖଳା ପରିସ୍ଥିତିକୁ ଗୁରୁତ୍ୱ ଦିଆଯିବ ବୋଲି ରାଇରଙ୍ଗପୁର ପୁଲିସ ଏସଡିପିଓ ଗୋକୁଳାନନ୍ଦ ସାହୁ କହିଛନ୍ତି। ଜିରୋ ନାଇଟରେ ମଦ ପିଇ ଉତ୍ପାତ କଲେ କଡା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ରାଇରଙ୍ଗପୁର ସମେତ ଉପଖଣ୍ଡର ସ୍ଥାନେ ସ୍ଥାନେ ପୁଲିସ ମୁତୟନ ରହିବେ। ମଦ୍ୟପ ଓ ଦୁର୍ବୃତ୍ତଙ୍କ ଉପଦ୍ରବକୁ ରୋକିବା ପାଇଁ ପାଟ୍ରୋଲିଂକୁ ରାତିତମାମ ଜୋରଦାର କରାଯିବ। ଏହାସହିତ ମଦୁଆ ଧରପଗଡ଼ ମଧ୍ୟ ହେବ। ଜିରୋ ନାଇଟକୁ ସୁରୁଖୁରୁରେ ପାଳନ କରିବା ପାଇଁ ପୁଲିସ ପ୍ରଶାସନ ସ୍ୱତନ୍ତ୍ର ଦୃଷ୍ଟିରେ ରଖି ପ୍ରାୟ ୧ ପ୍ଲାଟୁନ ଫୋର୍ସ ମୁତୟନ କରାଯିବ ବୋଲି ସୂଚନା ପ୍ରଦାନ କରିଛନ୍ତି।

# ବେତନଟୀ ଧମାକା ମହୋତ୍ସବ ପ୍ରସ୍ତୁତି

**ବେତନଟୀ, ୩୦।୧୨(ସମିସ):** ଆସୁଛି ନବବର୍ଷ ୨୦୨୬। ବିଦାୟ ନେବ ୨୦୨୫। ଏଥିପାଇଁ ବେତନଟୀର ଅଗ୍ରଣୀ ଯୁବ ସାମାଜିକ ସଂଗଠନ ୟଙ୍ଗ ମ୍ୟାନ ଆସୋସିଏସନ (ୱାଇଏମ୍ଏ) ପକ୍ଷରୁ ଅନୁଷ୍ଠିତ ହେବ ବେତନଟୀ ଧମାକା ମହୋତ୍ସବ-୨୦୨୬। ଏହି ମହୋତ୍ସବ ପାଇଁ ପ୍ରସ୍ତୁତି ଚାଲିଛି। ୨୦୨୫କୁ ବିଦାୟ ଦେବାକୁ ବୁଧବାର ହେବାକୁ ଥିବା ଉଦଘାଟନ ଉତ୍ସବ ପାଇଁ ଚାଲିଛି ବ୍ୟାପକ ଆୟୋଜନ। ସେହିଭଳି ନୂତନ ବର୍ଷର ଜାନୁଆରୀ ୧ରୁ ୩ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ହେବାକୁ ସ୍ଥିର ହୋଇଛି। କୁନି କୁନି ପିଲାମାନଙ୍କଠାରୁ କିଶୋର ବୟସର ବାଳିକା/ବାଳକଙ୍କ ବିଭିନ୍ନ ନୃତ୍ୟ, ଗୀତ, କୁଇଜ, ଚିତ୍ରାଙ୍କନ ଭଳି ବହୁ ପ୍ରତିଭାସମ୍ପନ୍ନ ପ୍ରତିଯୋଗିତା ଆୟୋଜିତ ହେବ। ବହୁ ପ୍ରତିଭାଧାରୀ ବାଳିକା/ବାଳକଙ୍କୁ ଏହି ମଞ୍ଚ ଚୟନ କରି ସେମାନଙ୍କୁ ପୁରସ୍କାର ପ୍ରଦାନ କରାଯିବ। ଏଥିପାଇଁ ପ୍ରତିଯୋଗୀ ନିଜର ନାମ ପଞ୍ଜୀକରଣ ପାଇଁ ମଞ୍ଚର କାଉଣ୍ଟର ନିକଟରେ ଭିଡ଼ ଲଗାଉଥିବା ଦେଖିବାକୁ ମିଳିଛି। ଝାଡ଼ଖଣ୍ଡ, ବିହାର, ପଶ୍ଚିମବଙ୍ଗ ଭଳି ପଡୋଶୀ ରାଜ୍ୟରୁ ବିଗତ ବର୍ଷମାନଙ୍କରେ ପ୍ରତିଯୋଗୀ ଅଂଶଗ୍ରହଣ କରି ବିଜୟୀ ହୋଇ ପୁରସ୍କାର ନେଉଥିବାବେଳେ ଏବର୍ଷ ମଧ୍ୟ ବହୁ ସଂଖ୍ୟାରେ ଯୋଗ ଦେଉଛନ୍ତି ବୋଲି ଆସୋସିଏସନ ପକ୍ଷରୁ କୁହାଯାଇଛି। ଏଥିସହ ୧ରୁ ୩ ତାରିଖ ପର୍ଯ୍ୟନ୍ତ ତିନି ଦିନ ଧରି ଏକ ବିଶାଳ ରକ୍ତଦାନ ଶିବିର ସହିତ କୁଡ଼ମାଳୀ, ସାନ୍ତାଳୀ ଓ ଓଲିଉଡ଼ କଣ୍ଠଶିଳ୍ପୀଙ୍କୁ ନେଇ ରଙ୍ଗାରଙ୍ଗ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ହଜାର ହଜାର ଦର୍ଶକ ଉପସ୍ଥିତ ରହି ରାତି ତମାମ ଏହି କାର୍ଯ୍ୟକ୍ରମକୁ ଉପଭୋଗ କରିପାରିବେ ବୋଲି ଆସୋସିଏସନ ପକ୍ଷରୁ କୁହାଯାଇଛି।

# ହୋ' ସମାଜର ସମାରୋହ



**ଘଟଗାଁ/ଶରତ, ୩୦।୧୨(ସମିସ):** କେନ୍ଦୁଝର ଜିଲ୍ଲା ଘଟଗାଁ ମିନି ଷ୍ଟାଡିୟମରେ ଷଷ୍ଠତମ ହୋ' ସମାଜ ଉପୁରୁମ ଜୁମୂର (ବନ୍ଧୁମିଳନ ସମାରୋହ) ଅନୁଷ୍ଠିତ ହୋଇଯାଇଛି। ଘଟଗାଁ ବିର୍ସାମୁଣ୍ଡା ହୋ ସମାଜ ମାର୍ଶାଲ ଆକାଳା ଆନୁକୂଲ୍ୟରେ ଅନୁଷ୍ଠିତ ଏହି ହୋ' ସମାଜ ବନ୍ଧୁ ମିଳନ ସମାରୋହରେ ମୁଖ୍ୟବକ୍ତା ଭାବେ କେନ୍ଦୁଝର ଲୋକସଭା ସାଂସଦ ଅନନ୍ତ ନାଏକ, ସମ୍ମାନିତ ଅତିଥି ଭାବେ ଯାଜପୁର କଳିଙ୍ଗନଗର ଅଞ୍ଚଳର ଯୁବନେତା ବାବୁଲି ହାଇବୁରୁ, ସମ୍ମାନିତ ଅତିଥି ଭାବେ ଜୀବନ ସିଂ ମୁଦୁୟା, ସ୍ୱତନ୍ତ୍ର ଅତିଥି ଭାବେ ସାମାଜିକ କର୍ମୀ ଗାମାଏ ରୀମିଲ ଗୋଇପାଇ, ପଇଦାପାଟଣା ସରପଞ୍ଚ ମୁକୁନ୍ଦ ପୂର୍ତ୍ତି, ବଡ଼ଜାମୁପଶି ସରପଞ୍ଚ ଶ୍ରୀମତୀ ଯମୁନା ଆଲଡ଼ା, ତରା ସରପଞ୍ଚ ଶ୍ରୀମତୀ ଚୂଡ଼ାମଣି ହେମ୍ବ୍ରମ, ବୁଧିରାମ ପୂର୍ତ୍ତି, ନବୀନ ମୁଣ୍ଡୁରୀ ପ୍ରମୁଖ ଅଂଶଗ୍ରହଣ କରି ଆଦିବାସୀ ହୋ' ଭାଷା, ସଂସ୍କୃତି ଓ ପରମ୍ପରା ଉପରେ ଆଲୋଚନା କରିଥିଲେ। ବିର୍ସା ମୁଣ୍ଡା ମାର୍ଶାଲ ଆକାଳାର ସଭାପତି ପ୍ରହ୍ଲାଦ ଗାଗାରାଇ, ଉପସଭାପତି ସହଦେବ ହନହାଗା, ସମ୍ପାଦକ ଗୋବିନ୍ଦ ବାନ୍ଦିଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଘଟଗାଁ ବ୍ଲକର ୨୭ଟି ଗ୍ରାମ ପଞ୍ଚାୟତ, ଆଖପାଖ ବ୍ଲକ ଓ ଓଡ଼ିଶାର ବିଭିନ୍ନ ଜିଲ୍ଲାରୁ ପ୍ରାୟ କୋଡିଏ ହଜାରରୁ ଊର୍ଦ୍ଧ୍ୱ ହୋ ସମ୍ପ୍ରଦାୟର ଆଦିବାସୀ ଲୋକ ପାରମ୍ପରିକ ବସ୍ତ୍ର ପରିଧାନ କରି ମିନି ଷ୍ଟାଡିୟମରେ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବା ସହିତ ମାଦଳ, ଦାମା ଓ ଦୁମେଙ୍ଗ ବାଜାର ତାଳେ ତାଳେ ନୃତ୍ୟ ପରିବେଷଣ କରିଥିଲେ। ଶ୍ରୀମତୀ ଜେମାମଣୀ ସିଦୁ ସ୍ୱାଗତ ଭାଷଣ ଦେଇଥିବାବେଳେ ଶରତ ଚନ୍ଦ୍ର ପୂର୍ତ୍ତି ଅତିଥି ପରିଚୟ ଦେଇଥିଲେ।

# ଗ୍ରୋସରୀ ଦୋକାନରୁ ବିପୁଳ ପରିମାଣର ବାଣ ଜବତ

**ରାଇରଙ୍ଗପୁର/କରଞ୍ଜିଆ, ୩୦।୧୨(ସମିସ):** ବିନା ଲାଇସେନ୍ସରେ ଗ୍ରୋସରୀ ଦୋକାନରେ ବାଣ ବିକ୍ରି କରୁଥିବାବେଳେ ବିପୁଳ ପରିମାଣର ବାଣ କରଞ୍ଜିଆ ଥାନା ପୁଲିସ ଜବତ କରିଛି। କରଞ୍ଜିଆ ଥାନା ପୁଲିସ ପାଟ୍ରୋଲିଂ କରୁଥିବାବେଳେ କୁରୁଳିଆ ଅଞ୍ଚଳର ଇନ୍ଦ୍ର କୁମାର ଦେଓଙ୍କ ଗ୍ରୋସରି ଦୋକାନରେ ବାଣ କାରବାର ନେଇ ଖବର ମିଳିଥିଲା। ଯାହାକୁ ନେଇ ଉକ୍ତ ଦୋକାନରେ ଅତର୍କିତ ଭାବେ ଚଢ଼ଉ କରିଥିଲେ। ଦୋକାନରୁ ବିଭିନ୍ନ ପ୍ରକାର ବିପୁଳ ପରିମାଣର ବାଣ ଜବତ ହୋଇଛି। ପୁଲିସକୁ ଦେଖି ଦୋକାନ ମାଲିକ ଖସିଯିବାକୁ ଚେଷ୍ଟା କରୁଥିବାବେଳେ ପୁଲିସ ଧରିଥିଲା। ବାଣ କାରବାର ନେଇ ଅନୁମତି ପତ୍ର ମାଗିବାରୁ କୌଣସି କାଗଜପତ୍ର ଦେଖାଇପାରି ନ ଥିଲେ। ଯାହାକୁ ନେଇ ବେଆଇନ ବାଣ କାରବାର ନେଇ କରଞ୍ଜିଆ ଥାନା ପୁଲିସ ପକ୍ଷରୁ ମାମଲା ରୁଜୁ କରିଛନ୍ତି।

### ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ ଚାମ୍ପିଅନ୍‌ସିପ୍‌ରେ ମୟୂରଭଞ୍ଜ ଖେଳାଳିଙ୍କ ସଫଳତା
# ୮ ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୪ ବ୍ରୋଞ୍ଜ ପଦକ ହାସଲ



**ବେତନଟୀ, ୩୦।୧୨(ସମିସ)**

୨୭ ଓ ୨୮ ତାରିଖ ଦୁଇଦିନ ଧରି ଭଦ୍ରକର ଚରମ୍ପାସ୍ଥ ମହାରାଜା ଅଗ୍ରେସନ ଭବନରେ ୨୨ତମ ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ ଚାମ୍ପିଅନସିପ ଆୟୋଜିତ ହୋଇଯାଇଛି। ଏହି ଚାମ୍ପିଅନସିପ୍‌ରେ ମୟୂରଭଞ୍ଜର ୨୫ ଜଣ ଖେଳାଳି ଅଂଶଗ୍ରହଣ କରି ସଫଳତା ହାସଲ କରିଛନ୍ତି। ସେମାନେ ୮ଟି ସ୍ୱର୍ଣ୍ଣ, ୫ଟି ରୌପ୍ୟ ଓ ୪ଟି ବ୍ରୋଞ୍ଜ ପଦକ ଜିତି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ଆଜି ବେତନଟୀ ଡାକବଙ୍ଗଳାରେ ପଦକ ଜିତିଥିବା ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯାଇଛି।

ସମାଜସେବୀ ଡମ୍ବରୁଧର ମହାନ୍ତଙ୍କ ସଭାପତିତ୍ୱରେ ଆୟୋଜିତ ସମ୍ବର୍ଦ୍ଧନା ସଭାରେ ୩୫ନଂ ଜୋନର ପୂର୍ବତନ ଜିଲ୍ଲା ପରିଷଦ ସଦସ୍ୟ ଇଂ ସୁଶାନ୍ତ ବଳା, ସଠିଲ ପଞ୍ଚାୟତ ସମିତି ସଭ୍ୟ କିଶୋର ନାୟକ ପ୍ରମୁଖ ଯୋଗଦେଇ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ସିନିୟର ପୁରୁଷ ବିଭାଗରେ ସ୍ମୃତିରଞ୍ଜନ ଟୁଡୁ, ଜୁନିୟର ବିଭାଗରେ ମହିତ ଜେନା, ସବ୍‌ଜୁନିୟର ବାଳକ ବିଭାଗରେ ତେଜସ ବାରିକ, ବାଳିକା ସବ୍‌ଜୁନିୟର ବିଭାଗରେ ସିଦ୍ଧିକା ନାୟକ, କ୍ୟାଡେଟ ବାଳକ ବିଭାଗରେ ସାଇ ଅନୁସ୍ ପାତ୍ର, କ୍ୟାଡେଟ ବାଳିକା ବିଭାଗରେ ନାଭିଆ ନମ୍ରତା ସିଂ ସ୍ୱର୍ଣ୍ଣପଦକ ଜିତିଥିବାବେଳେ ସବ୍‌ଜୁନିୟର ବାଳକ ବିଭାଗରେ ଆୟୁଷ୍ମାନ ମହାନ୍ତି, ମହାବୀର ଦିବ୍ୟାଂଶ ରଣା, ସବ୍‌ଜୁନିୟର୍ ବାଳିକା ବିଭାଗରେ ଦିବ୍ୟଶ୍ରୀ ସାମଲ, କ୍ୟାଡେଟ ବାଳକ ବିଭାଗରେ ସମରଜିତ୍ ନାୟକ, ହାର୍ଦ୍ଦିକ କୁମାର ବଳା ରୌପ୍ୟ, କ୍ୟାଡେଟ ବାଳିକା ବିଭାଗରେ ହିମାଦ୍ରୀ ମହାନ୍ତ, ପୂମସେ ବାଳକ କଲର୍‌ବେଲ୍ଟ ବିଭାଗରେ ତେଜସ ବାରିକ୍ ବ୍ରୋଞ୍ଜ୍ ପଦକ ହାସଲ କରିଥିଲେ। ସମ୍ବର୍ଦ୍ଧନା ଉତ୍ସବରେ ଅନ୍ୟ କିଛି ଖେଳାଳି ଅନୁପସ୍ଥିତ ଥିଲେ। ଅନ୍ୟ ଖେଳାଳିଙ୍କ ମଧ୍ୟରୁ ମୁସ୍କାନ ପଣ୍ଡା, ମଧୁସ୍ମିତା ମହାନ୍ତ, ଅଙ୍କୁର ମାଇତି, ଅନିମେଶ ଆଚାର୍ଯ୍ୟ ପ୍ରମୁଖ ଉନ୍ନତ ଖେଳ ପ୍ରଦର୍ଶନ କରି ଅଳ୍ପକେ ମେଡାଲ ପାଇବାରୁ ବଞ୍ଚିତ ହୋଇଥିଲେ। ଏ ଅବସରରେ ମୟୂରଭଞ୍ଜର ଦୁଇ ଜାତୀୟ ରେଫରୀ ଓ କୋଚ୍ ଗୌତମ ମହାନ୍ତ ଓ ଓଁକାର ମହାନ୍ତ, ବାରିପଦା କୋଚ୍ ଯୋଗେଶ ମହାନ୍ତଙ୍କୁ ସିନିୟର୍ ଜାତୀୟ ରେଫରୀ ହିମାଂଶୁ କୁମାର ମହାନ୍ତ ସ୍ୱତନ୍ତ୍ର ଭାବେ ସମ୍ବର୍ଦ୍ଧନା ଜଣାଇଥିଲେ। ମୟୂରଭଞ୍ଜ ଦଳର ଏହି ସଫଳତା ପାଇଁ ଓଡ଼ିଶା ଟାଏକ୍ୱୋଣ୍ଡୋ ଆସୋସିଏସନ୍‌ର ଯୁଗ୍ମ ସମ୍ପାଦକ ଯୋଗେଶ୍ୱର ମହାନ୍ତ ଶୁଭେଚ୍ଛା ଜଣାଇଥିଲେ। ଅଭିଭାବକ ପ୍ରସନ୍ନ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

# ମୟୂରଭଞ୍ଜ ବରିଷ୍ଠ ନାଗରିକ ସମିତି ପକ୍ଷରୁ ପରିଚୟପତ୍ର ପ୍ରଦାନ




**ବାରିପଦା, ୩୦।୧୨(ସମିସ):** ବାରିପଦାସ୍ଥ ମୟୂରଭଞ୍ଜ ବରିଷ୍ଠ ନାଗରିକ ସମିତି ପକ୍ଷରୁ ମୟୂରଭଞ୍ଜ ଜିଲ୍ଲାର ୧୨୭ ଜଣ ବରିଷ୍ଠ ସଦସ୍ୟଙ୍କୁ ମଙ୍ଗଳବାର ଏକ ଭବ୍ୟ ପରିବେଶ ମଧ୍ୟରେ ବରିଷ୍ଠ ନାଗରିକ ପରିଚୟ ପତ୍ର ପ୍ରଦାନ କରାଯାଇଛି। ସଭାପତି ଯୋଗେନ୍ଦ୍ର ନାଥ ପଣ୍ଡାଙ୍କ ପୌରୋହିତ୍ୟରେ ମଧୁବନସ୍ଥ କେମିଷ୍ଟ ଆଣ୍ଡ ଡ୍ରଗିଷ୍ଟ ଅସୋସିଏସନ ସମ୍ମିଳନୀ କକ୍ଷରେ ଆଜି ଏହି ପରିଚୟ ପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକାରିଣୀ ସଦସ୍ୟ କୁଞ୍ଜବନ ପୃଷ୍ଟି ଅତିଥିଙ୍କୁ ମଞ୍ଚକୁ ସ୍ୱାଗତ କରିବା ପରେ ପଣ୍ଡିତ ଭାଗବତ ପଣ୍ଡାଙ୍କ ମଙ୍ଗଳାଚରଣ ପାଠ ପୂର୍ବକ ସଭାକାର୍ଯ୍ୟ ଆରମ୍ଭ ହୋଇଥିଲା। ସଭାପତିଙ୍କ ପ୍ରାରମ୍ଭିକ ସମ୍ଭାଷଣ ପରେ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିବା ବାରିପଦା ନଗରପାଳ କୃଷ୍ଣାନନ୍ଦ ମହାନ୍ତି ବାରିପଦା ପୌରାଞ୍ଚଳର ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ ବିଷୟରେ ଅବଗତ କରାଇଥିଲେ। ସମ୍ମାନିତ ବକ୍ତା ଶିକ୍ଷାରତ୍ନ ପୂର୍ଣ୍ଣଚନ୍ଦ୍ର ବୁଗୁଡେଇ ବାରୁଣୀ ଘାଟ ଶ୍ମଶାନକୁ ଶବ ନେଇ ଯାଉଥିବା ବ୍ୟକ୍ତିବିଶେଷଙ୍କ ପାଇଁ ଚା' ପାଣି ଆଦି ବ୍ୟବସ୍ଥା କରିବା, ଦେବୋତ୍ତର ଜାଗାରେ ଗୋ-ଶାଳା ପ୍ରତିଷ୍ଠା କରିବା ଓ ସଦଭାବନା ଗୃହ ପ୍ରତିଷ୍ଠା କରିବା ଭଳି ପ୍ରସ୍ତାବ ରଖିଥିଲେ। ମୁଖ୍ୟବକ୍ତା ସାମ୍ବାଦିକ ଡ. ବିଜୟ ଅଗ୍ରୱାଲା ଅନୁଷ୍ଠାନର ଉନ୍ନତିମୂଳକ କାର୍ଯ୍ୟର ପ୍ରଶଂସା କରିବା ସହ ବଳଙ୍ଗ ଆଡିବନ୍ଧ ନିର୍ମାଣ ଓ ପ୍ରସ୍ତାବିତ ସମସ୍ତ କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ନଗରପାଳ ଓ ଉପଜିଲ୍ଲାପାଳଙ୍କୁ ଅବଗତ କରାଇଥିଲେ। ବାରିପଦା ଉପଜିଲ୍ଲାପାଳ ଡ ଦୟାସିନ୍ଧୁ ପରିଡ଼ା ମୁଖ୍ୟଅତିଥି ଭାବେ ଯୋଗ ଦେଇ ବରିଷ୍ଠ ନାଗରିକଙ୍କ ହୃଦୟରେ ସକାରାତ୍ମକ ଚିନ୍ତା ଓ ଚେତନା ସ୍ଥାନ ପାଇବା ଉଚିତ ଏବଂ ସମାଜ ଗଠନରେ ସେମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବା କହିଥିଲେ। ପ୍ରମୋଟର ବିକ୍ରମ କେଶରୀ ଜେନାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ୨ ଶହରୁ ଅଧିକ ବରିଷ୍ଠ ନାଗରିକ ଯୋଗ ଦେଇଥିଲେ। ଉପସଭାପତି ରଘୁନାଥ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ। ପରିଚୟ ପତ୍ର ବଣ୍ଟନ କାର୍ଯ୍ୟକ୍ରମରେ ସୁବୋଧ ପଲେଇ, ଈଶ୍ୱର ଦାସ, ନନୀଗୋପାଳ ମହାନ୍ତି, କୋଷାଧ୍ୟକ୍ଷ ରବୀନ୍ଦ୍ର ନାୟକ ପ୍ରମୁଖ ସହଯୋଗ କରିଥିଲେ।

# ଥାନା ପରିସରରେ ଯୁବକଙ୍କ ଆତ୍ମହତ୍ୟା ଉଦ୍ୟମ



**ଏକ ପାଖିଆ ପ୍ରେମର କରୁଣ ପରିଣତି**

ହାଟଡ଼ିହୀ/ଆନନ୍ଦପୁର, ୩୦।୧୨(ସମିସ): ବିବାହ କରିବାକୁ ପ୍ରେମିକା ମନା କରିବାରୁ ପ୍ରେମିକ ଜଣକ ଥାନାକୁ ଆସି ବିଷ ପିଇ ଦେଇଛନ୍ତି। ନନ୍ଦିପଦା ଥାନା ଅଧୀନ ଶାଳଣିଆଁ ଗ୍ରାମର ବିପିନ କୁଅଁର ଗୁରୁତର ଆହତ ହୋଇ ଡାକ୍ତରଖାନାରେ ଭର୍ତ୍ତି ହୋଇଥିଲା ବେଳେ ପୁଲିସ ଘଟଣା ଉପରେ ନଜର ରଖିଛି। ପ୍ରେମ ପ୍ରତାରଣାଜନିତ ଯୁବକ ଜଣକ ଏଭଳି କାଣ୍ଡ କରିଥିବା ଅଭିଯୋଗ ହୋଇଛି। ସୂଚନା ଅନୁସାରେ, ଡ଼ିମିରିଆ ଗ୍ରାମର ଜଣେ ୨୭ ବର୍ଷୀୟା ଯୁବତୀଙ୍କୁ ଗତ ୩ ବର୍ଷ ଧରି ଭଲ ପାଇ ଆସୁଥିଲେ। କିଛିଦିନ ତଳେ ବିପିନ୍ ଉକ୍ତ ଯୁବତୀଙ୍କୁ ବିବାହ ପାଇଁ ପ୍ରସ୍ତାବ ଦେବାରୁ ଯୁବତୀ ଜଣକ ବିବାହ ପାଇଁ ମନା କରି ଦେଇଥିଲେ। ଏନେଇ ଉଭୟ ବିପିନ ଓ ଯୁବତୀଙ୍କ ମଧ୍ୟରେ ମନୋମାଳିନ୍ୟ ସୃଷ୍ଟି ହୋଇଥିଲା। ବିବାହ ପାଇଁ ବିପିନ ବାଧ କରିବାରୁ ଯୁବତୀ ଜଣକ ତାଙ୍କ ପରିବାର ଲୋକଙ୍କୁ ନେଇ ବିପିନ ନାମରେ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ଆଧାରରେ ଆଜି ନନ୍ଦିପଦା ପୁଲିସ୍ ଉଭୟ ପରିବାର ଲୋକଙ୍କୁ ଥାନାକୁ ଡକାଇ ଘଟଣା ସମ୍ପର୍କରେ ଆଲୋଚନା ମାଧ୍ୟମରେ ସମାଧାନ ପାଇଁ ପ୍ରୟାସ ଚଳାଇଥିଲା। ହେଲେ ଯୁବତୀଙ୍କଠାରୁ ଏଭଳି ପ୍ରତାରଣାକୁ ସହି ନପାରି ଥାନା ପରିସରରେ ବିପିନ୍ ବିଷ ପିଇ ଦେଇଥିବା ନେଇ ବିପିନଙ୍କ ବଡ଼ଭାଇ କୈଳାସ ଓ ତାଙ୍କ ସାନଭାଇ ଜିତେନ୍ଦ୍ର କହିଛନ୍ତି। ବିଷ ପିଇବା ଯୋଗୁଁ ବିପିନଙ୍କ ଅବସ୍ଥା ଖରାପ ହେବାରୁ କୈଳାସ ଓ ଜିତେନ୍ଦ୍ର ତାଙ୍କୁ ନେଇ ପ୍ରଥମେ ହାଟଡ଼ିହୀ ମେଡିକାଲ ପରେ ଆନନ୍ଦପୁର ଉପଖଣ୍ଡ ମେଡିକାଲକୁ ନେଇ ଚିକିତ୍ସା କରାଇଥିଲେ। ବିପିନଙ୍କ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଆନନ୍ଦପୁର ମେଡିକାଲରୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି।

# ଭଦ୍ରାସାହି ହତ୍ୟାକାଣ୍ଡ: ଦୁଇ ଅଭିଯୁକ୍ତ କୋର୍ଟ ଚାଲାଣ



**ଲୁହା ରଡ୍ ଜବତ**

ବଡ଼ବିଲ,୩୦।୧୨(ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ଥାନା ଅନ୍ତର୍ଗତ ଭଦ୍ରାସାହି ନିକଟରେ ଗତ ନଭେମ୍ବର ୫ ତାରିଖରେ ହୋଇଥିବା ଏକ ହତ୍ୟାକାଣ୍ଡ ଘଟଣାରେ ବଡ଼ବିଲ ପୁଲିସକୁ ବଡ଼ ସଫଳତା ମିଳିଛି। ପ୍ରଥମେ ଏହା ଏକ ଅପମୃତ୍ୟୁ ଘଟଣା ବୋଲି ଜଣାଯାଉଥିଲା ବେଳେ ପରବର୍ତ୍ତୀ ଅବସ୍ଥାରେ ଏହା ଏକ ସୁପରିକଳ୍ପିତ ହତ୍ୟାକାଣ୍ଡ ବୋଲି ପୁଲିସ ତଦନ୍ତରୁ ସ୍ପଷ୍ଟ ହୋଇଛି। ଘଟଣାରେ ସମ୍ପୃକ୍ତ ଦୁଇ ଜଣଙ୍କୁ ଗିରଫ କରାଯାଇଛି। ହତ୍ୟା ରେ ବ୍ୟବହୃତ ଏକ ଲୁହା ରଡ ଜବତ କରାଯାଇଛି। ଏ ବିଷୟରେ ବଡ଼ବିଲ ଉପଖଣ୍ଡ ଆରକ୍ଷୀ ଅଧିକାରୀ ଦେବେନ୍ଦ୍ରନାଥ ପିଙ୍ଗୁଆ ସୂଚନା ଦେଇଛନ୍ତି କି, ଭଦ୍ରାସାହି ଛକ ଶଙ୍କର ଢ଼ାବା ନିକଟ ଗୋଳିଆ ନାଳ ପୋଲ ନିକଟରେ ଏହି ଘଟଣା ଘଟିଥିଲା। ସ୍ଥାନୀୟ ଲୋକମାନେ ଗତ ୨୩ ତାରିଖରେ ମୃତଦେହକୁ ଦେଖି ପୁଲିସକୁ ଖବର କରିଥିଲେ। ପୁଲିସ ଘଟଣାସ୍ଥଳରୁ ଶବ ଜବତ କରି ଏକ ଅପମୃତ୍ୟୁ ମାମଲା ରୁଜୁ କରିଥିଲା। ତେବେ ପରବର୍ତ୍ତୀ ସମୟରେ ମୃତକଙ୍କ ପତ୍ନୀ ଦେବନ୍ତୀ ଦେବୀ ଏ ବାବଦରେ ବଡ଼ବିଲ ଥାନାରେ ଏତଲା ଦେବା ପରେ ପୁଲିସ ତନାଘନା ଆରମ୍ଭ କରିଥିଲା। ଜଣାଯାଇଥିଲା କି ଘଟଣା ଦିନ ମୃତକ ସଞ୍ଜୟ ଯାଦବ ଶଙ୍କର ଢ଼ାବାରେ ଖାଇଥିଲେ। ପଇସାପତ୍ର ଦେବା ନେବା ନେଇ ଢ଼ାବା ମାଲିକ ଶଙ୍କର ସହ ତାଙ୍କ ଝଗଡ଼ା ହୋଇଥିଲା। ଏହି ଝଗଡ଼ାକୁ କେନ୍ଦ୍ରକରି ଢ଼ାବା ମାଲିକ ଶଙ୍କର ଓ ଜଣେ କର୍ମଚାରୀ ମିଶି ସଞ୍ଜୟଙ୍କୁ ଲୁହା ରଡରେ ପିଟି ମାରି ଦେଇଥିଲେ। ପରେ ପୋଲ ତଳେ ଫିଙ୍ଗି ଦେଇଥିଲେ। ଏହି ଘଟଣାରେ ଝାଡ଼ଖଣ୍ଡ ହଜାରିବଗା ଅଞ୍ଚଳର ଶଙ୍କର ପ୍ରସାଦ ମାହାତୋ ଏବଂ ଭଦ୍ରାସାହି ବାସିନ୍ଦା ମିଥୁନ ମୁଣ୍ଡାଙ୍କୁ ଗିରଫ କରାଯାଇଥିବା ଏସଡିପିଓ ଶ୍ରୀ ପିଙ୍ଗୁଆ ସୂଚନା ଦେଇଛନ୍ତି।

# ସରକାରୀ କାମରେ ଇଂରାଜୀ ସୂଚନାଫଳକ




**ଓଡ଼ିଆ ଅସ୍ମିତାକୁ ଅଧିକାରୀଙ୍କ କୋଣଠେସା**

**ବାଲିବନ୍ଧ, ୩୦।୧୨ (ସମିସ):** ସରକାରୀ କାର୍ଯ୍ୟାଳୟଠାରୁ ବେସରକାରୀ ଅନୁଷ୍ଠାନ ଏବଂ ଅଧିକାରୀଙ୍କ ନାମଫଳକଗୁଡ଼ିକର ଓଡ଼ିଆ ଭାଷାରେ ଲେଖିବା ପାଇଁ ବାଧ୍ୟତାମୂଳକ ରହିଥିବା ବେଳେ ଝୁମ୍ପୁରା ବ୍ଲକରେ ଏହାର ସମ୍ପୂର୍ଣ୍ଣ ବ୍ୟତିକ୍ରମ ହେଉଛି। ବ୍ଲକ ପ୍ରଶାସନର ଏହାକୁ ନେଇ ସମ୍ବେଦନଶୀଳ ନଥିବାରୁ ଓଡ଼ିଆ ଅସ୍ମିତା କୋଣଠେସା ହୋଇ ରହୁଛି। ଝୁମ୍ପୁରା ବ୍ଲକ କାର୍ଯ୍ୟାଳୟ ଅଧିକାରୀଙ୍କ ଇଂରାଜୀ ପ୍ରୀତି ବଢ଼ି ଯାଇଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ବ୍ଲକର ସମସ୍ତ ପଞ୍ଚାୟତରେ ବିଭିନ୍ନ ପ୍ରକାର ଉନ୍ନୟନ କାର୍ଯ୍ୟ ଚାଲୁଛି। ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଯେ କୌଣସି ଉନ୍ନୟନ କାର୍ଯ୍ୟ କରିବା ପୂର୍ବରୁ କାର୍ଯ୍ୟସ୍ଥଳରେ ଓଡିଆରେ ସୂଚନା ଫଳକ ନିର୍ମାଣ କରିବା ପାଇଁ ବାଧ୍ୟତାମୂଳକ ହୋଇଛି। ହେଲେ ଇଂରାଜୀରେ ଲେଖାଥିବା ସୂଚନା ଫଳକ ପ୍ରତି କାହାରି ଦୃଷ୍ଟି ପଡୁନାହିଁ। ମାତୃଭାଷା ପ୍ରତି ଠିକାଦାରଙ୍କଠାରୁ ଆରମ୍ଭ କରି କନିଷ୍ଠ ଯନ୍ତ୍ରୀ ଯାଇ ସ୍ଥାନ ପରିଦର୍ଶନ କରିବା ସହିତ ଲେଆଉଟ ଦେଉଛନ୍ତି। କାର୍ଯ୍ୟକୁ ତଦାରଖ କରିବା ପାଇଁ ସହକାରୀ ନିର୍ବାହୀ ଯନ୍ତ୍ରୀ, ଗୋଷ୍ଠୀ ଉନ୍ନୟନ ଅଧିକାରୀ ଗସ୍ତ କରିଛନ୍ତି ହେଲେ କେହିବି ଗୁରୁତ୍ୱ ଦେଉ ନଥିବାରୁ ଏହାକୁ ନେଇ ସ୍ଥାନୀୟ ଅଞ୍ଚଳର ଲୋକଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଉଛି।

ବ୍ଲକର ୨୨ଟି ପଞ୍ଚାୟତରେ ଚାଲିଥିବା ଉନ୍ନୟନ କାମଗୁଡିକରେ ଅଧିକାଂଶ ସୂଚନାଫଳକ ଇଂରାଜୀରେ ଲେଖାହୋଇଛି। ଯାହାର ଜ୍ୱଳନ୍ତ ଉଦାହରଣ ନହବେଡା ପଞ୍ଚାୟତ କାର୍ଯ୍ୟାଳୟ ନିକଟରେ ନିର୍ମାଣ ହେଉଥିବା ସାମୂହିକ ସୁବିଧା କେନ୍ଦ୍ର। ୨୦୨୪-୨୫ ଆର୍ଥିକ ବର୍ଷରେ ନିର୍ମାଣାଧୀନ ସାମୂହିକ ସୁବିଧା କେନ୍ଦ୍ର ନିମନ୍ତେ ୫ମ ରାଜ୍ୟ ଅର୍ଥକମିଶନ ଯୋଜନାରୁ ୧୦ଲକ୍ଷ ଟଙ୍କା ଅନୁଦାନ ପ୍ରଦାନ କରାଯାଇଛି। କାର୍ଯ୍ୟରେ ବ୍ୟବହାର ହେଉଥିବା ସାମଗ୍ରୀ ର ସଠିକ ଭାଗମାପ ଓ ପାଣି ସିଞ୍ଚନ ସଠିକ ଭାବେ ହେଉ ନଥିବା ଏବଂ ନିମ୍ନମାନର କାମ ହେଉଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ଏହି ସାମୂହିକ ସୁବିଧା କେନ୍ଦ୍ର (ପ୍ରୋଭିଜନ ଅଫ ଫେସିଲିଟି ସେଣ୍ଟର) ଓଡ଼ିଆ ଅସ୍ମିତାକୁ ଅସମ୍ମାନ କରି ଇଂରାଜୀରେ ସୂଚନାଫଳକ ଲେଖାହୋଇଛି। ତେବେ କାର୍ଯ୍ୟ ଆରମ୍ଭ ହେବା ସମୟରେ କନିଷ୍ଠ ଯନ୍ତ୍ରୀ, ବିଏଫଟି ଯଦି ଉପସ୍ଥିତ ରହିଥିଲେ ତାହେଲେ ସୂଚନାଫଳକରେ ଇଂରାଜୀରେ ଲେଖା ହୋଇଥିଲେ ମଧ୍ୟ କାମ କରୁଥିବା ଠିକାଦାରକୁ ତାଗିଦ ନକରି ଘୋଷ୍ଟ ଘୋଡ଼ାଇବା ପଛରେ କି ରହସ୍ୟ ରହିଛି ବୋଲି ଏବେ ଆଲୋଚନା ହେଉଛି। ଏନେଇ ସମ୍ପୃକ୍ତ କନିଷ୍ଠ ଯନ୍ତ୍ରୀ ମିହିର କୁମାର ଟୁଡୁଙ୍କ କୌଣସି ପ୍ରତିକ୍ରିୟା ମିଳିପାରି ନାହିଁ। ଅନ୍ୟପକ୍ଷରେ, ବ୍ଲକ ସହକାରୀ କାର୍ଯ୍ୟନିର୍ବାହୀ ଯନ୍ତ୍ରୀ ସିଦା ମାଝୀ କହିଲେ, ଇଂରାଜୀରେ ସୂଚନାଫଳକ ଲେଖିବା ନିୟମ ନାହିଁ। ମୁଁ କନିଷ୍ଠ ଯନ୍ତ୍ରୀଙ୍କୁ କହୁଛି, ତୁରନ୍ତ ଓଡ଼ିଆରେ ସୂଚନାଫଳକ ଲେଖା ହେବ ବୋଲି ପ୍ରକାଶ କରିଥିଲେ।

# ଅଲତି ଓ ଛେନାପଦିରେ 'ବନ୍ଧୁ ପାଇଁ ଦିନଟିଏ' କାର୍ଯ୍ୟକ୍ରମ




ଆନନ୍ଦପୁର, ୩୦।୧୨ (ସମିସ): ଘସିପୁରା ବ୍ଲକ ଅନ୍ତର୍ଗତ ଅଲତିସ୍ଥିତ ଦରିଦ୍ର ନାରାୟଣ ବିଦ୍ୟାପୀଠର ୨୦୦୧ ମସିହାର ଛାତ୍ରଛାତ୍ରୀଙ୍କ ୨୫ ବର୍ଷ ପୂର୍ତ୍ତି ଉପଲକ୍ଷେ ଆୟୋଜିତ ବନ୍ଧୁମିଳନର ରୌପ୍ୟ ଜୟନ୍ତୀ ପାଳନ ଅବସରରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମ ବନ୍ଧୁ ପାଇଁ ଦିନଟିଏ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ଏକ ସାଧାରଣ ସଭାରେ ପୁରାତନ ଛାତ୍ର ପ୍ରିୟବ୍ରତ ମହାରଣାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପୁରାତନ ଛାତ୍ରଛାତ୍ରୀଙ୍କୁ ପୁଷ୍ପଗୁଚ୍ଛ ଓ ଉତ୍ତରୀୟ ଦେଇ ସ୍ୱାଗତ ସମ୍ବର୍ଦ୍ଧନା କରିଥିଲେ। ପୁରାତନ ଛାତ୍ରମାନେ ଏକ କମିଟି ଗଠନ କରି ଆଗାମୀ ଦିନରେ ବିଭିନ୍ନ ଜନହିତକର କାର୍ଯ୍ୟ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ରଶ୍ମିତା ଶଙ୍ଖୁଆ, ସତ୍ୟଭାମା ମିଶ୍ର, ସାକମ୍ବରୀ ସାହୁ, ସତ୍ୟସୀମା ସ୍ୱାଇଁଙ୍କ ସହ ସମସ୍ତ ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

ସେହିପରି ହାଟଡିହୀ ଉଚ୍ଚବିଦ୍ୟାଳୟର ୧୯୮୫ ମସିହା ମ୍ୟାଟ୍ରିକ ବ୍ୟାଚ ଛାତ୍ରଛାତ୍ରୀଙ୍କ ଷଷ୍ଠ ବନ୍ଧୁ ମିଳନ ଉତ୍ସବ ଚଳିତବର୍ଷ ଛେନାପଦି ଛକ ଶ୍ରୀକୃଷ୍ଣ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଚିତ୍ତରଞ୍ଜନ ପଣ୍ଡା, ସୁଦାମ ମହାନ୍ତି, ବଳରାମ କୁଅଁର, ଶଶିମଣି ବେହେରା, ସସ୍ମିତା ନାୟକ ପ୍ରମୁଖ ପରିଚାଳନା କରିଥିଲେ। ପାଖାପାଖି ୫୦ ଜଣ ବନ୍ଧୁବାନ୍ଧବୀ ସପରିବାର ଯୋଗଦାନ କରିଥିଲେ। ଆସନ୍ତା ବର୍ଷ ଏଇ ଉତ୍ସବରେ ହାଟଡିହୀ ଉଚ୍ଚବିଦ୍ୟାଳୟର ଶିକ୍ଷକଙ୍କୁ ନିମନ୍ତ୍ରଣ କରି ତାଙ୍କ ଆଶୀର୍ବାଦ ନେବାପାଇଁ ଶ୍ରୀ ପଣ୍ଡାଙ୍କ ପ୍ରସ୍ତାବକୁ ସମସ୍ତଙ୍କ ଦ୍ୱାରା ଗୃହୀତ ହୋଇଥିଲା। ବିଷ୍ଣୁପ୍ରିୟା ରାଉତ, ମନ୍ଦାକିନୀ ପଣ୍ଡା, ପ୍ରତିମା ସେଠୀ, ଲକ୍ଷ୍ମୀପ୍ରିୟା ବେହେରା, ନିରୂପମା ଜେନା, ତପସ୍ୱିନୀ ପହି, ଶାନ୍ତିଲତା ସା, ହରେକୃଷ୍ଣ ଜେନା, ରମେଶ ବେହେରା, ଅନାଦି ଜେନା, ନିକୁଞ୍ଜ ଓଝା, କୋଦଣ୍ଡ ଜେନା, ବିଜୟ ତ୍ରିପାଠୀ, ବନମାଳି ଜେନା, ନବଘନ ଧଳ, ସଂଜୟ ବେହେରା, ସତ୍ୟାନନ୍ଦ କୁଅଁର, ପୁରୁଷ୍ତମ ବେହେରା, ରବିନ୍ଦ୍ର ସା, ସୁଧାଂଶୁ ମଲ୍ଲିକ ସହଯୋଗ କରିଥିଲେ।



# ବିଜେଡି ଜିଲ୍ଲା ସମ୍ପାଦକ ଦାୟିତ୍ୱରେ ସୁଶୀଲ ଓ ବାବୁଲାଲ

ଆନନ୍ଦପୁର, ୩୦।୧୨ (ସମିସ): ରାଜ୍ୟ ବିଜେଡି ସଭାପତି ନବୀନ ପଟ୍ଟନାୟକ ଗତ ୨୭ ତାରିଖ ବିଭିନ୍ନ ଜିଲ୍ଲାର କମିଟି ଗଠନ କରିଛନ୍ତି। କେନ୍ଦୁଝର ଜିଲ୍ଲା ସଭାପତି ଆଶିଷ ଚକ୍ରବର୍ତ୍ତୀ ବର୍ତ୍ତମାନ ଜିଲ୍ଲା ଉପସଭାପତି ଏବଂ ସାଧାରଣ ସମ୍ପାଦକଙ୍କ ନାମ ଘୋଷଣା କରିଛନ୍ତି। ଏହିକ୍ରମରେ ପୌର ପରିଷଦ ଅନ୍ତର୍ଗତ ୫ ନମ୍ବର ୱାର୍ଡର ବରିଷ୍ଠ ବିଜେଡି ନେତା ସୁଶୀଲ ହୋତାଙ୍କୁ ଜିଲ୍ଲା ସାଧାରଣ ସମ୍ପାଦକ ଭାବେ ରାଜ୍ୟ ସଭାପତି ନବୀନ ପଟ୍ଟନାୟକ ନିଯୁକ୍ତି ଦେଇଛନ୍ତି। ପୌର ପରିଷଦ ଅନ୍ତର୍ଗତ ସମସ୍ତ ୧୬ଟି ୱାର୍ଡରେ ଥିବା ତାଙ୍କ ସମର୍ଥକ ତାଙ୍କ ବାସଭବନରେ ପହଞ୍ଚି ଶୁଭେଚ୍ଛା ଜଣାଇଥିଲେ। ଶ୍ରୀ ହୋତା ୨୦୦୩ରୁ ୨୦୦୮ ପର୍ଯ୍ୟନ୍ତ ପୌର ପରିଷଦ ଉପନଗରପାଳ ଭାବେ କାର୍ଯ୍ୟ କରି ବେଶ ଲୋକପ୍ରିୟତା ସାଉଁଟିଥିଲେ। ପରେ ଦଳ ତାଙ୍କୁ ଭରସା କରି ପ୍ରଥମେ ୨୦୦୯ରୁ ୨୦୧୪ ଏବଂ ୨୦୧୯ରୁ ୨୦୨୫ ଦ୍ୱିତୀୟ ଥର ନଗର ସଭାପତି ଦାୟିତ୍ୱ ନ୍ୟସ୍ତ କରିଥିଲା। ସେହିପରି ଶ୍ରୀ ହୋତା ବର୍ତ୍ତମାନ ସମବାୟ ସମିତି ସଭାପତି ଏବଂ ଆରଏମସି ଡାଇରେକ୍ଟର ଭାବେ ମଧ୍ୟ କାର୍ଯ୍ୟରତ ଅଛନ୍ତି।

**ଯୋଡ଼ା:** ସେହିପରି ଯୋଡ଼ା ଅଞ୍ଚଳର ଯୁବନେତା ବାବୁଲାଲ ସାହୁଙ୍କୁ ଚମ୍ପୁଆ ନିର୍ବାଚନମଣ୍ଡଳୀର ସାଧାରଣ ସମ୍ପାଦକ ଭାବେ ମନୋନୀତ କରାଯାଇଛି। ଏହାକୁ ନେଇ ଦଳରେ ଖୁସିର ଲହରୀ ଖେଳିଯାଇଛି। ପୂର୍ବରୁ ମଧ୍ୟ ବାବୁଲାଲ ସାହୁ ସାଧାରଣ ସମ୍ପାଦକ ରହି ଦଳ ପାଇଁ କାର୍ଯ୍ୟ କରି ଆସୁଥିଲେ। ପୁଣି ଥରେ ତାଙ୍କୁ





ସାଧାରଣ ସମ୍ପାଦକ ଭାବେ ବାଛିଥିବାରୁ ସେ ଦଳର ସମସ୍ତ ନେତା-କର୍ମୀଙ୍କୁ କୃତଜ୍ଞତା ଜଣାଇବା ସହ ମୁଖ୍ୟ ଦଳପତି ରାଜ୍ୟ ସଭାପତି ନବୀନ ପଟନାୟକଙ୍କୁ କୃତଜ୍ଞତା ଜ୍ଞାପନ କରିଛନ୍ତି। ଯୋଡ଼ା, ଚମ୍ପୁଆ, ବଡ଼ବିଲ ଅଞ୍ଚଳରୁ ଶ୍ରୀ ସାହୁଙ୍କୁ ଶୁଭେଚ୍ଛାର ସୁଅ ଛୁଟୁଛି। ଦଳ ପାଇଁ ଆହୁରି ଅଧିକ ପରିଶ୍ରମ କରିବି ବୋଲି ଶ୍ରୀ ସାହୁ ଗଣମାଧ୍ୟମକୁ ସୂଚନା ପ୍ରଦାନ କରିଛନ୍ତି।

# 'ଓଡ଼ିଆ ଅସ୍ମିତା' ପୁସ୍ତକ ଉନ୍ମୋଚିତ

ତେଲକୋଇ, ୩୦।୧୨(ସମିସ): ତେଲକୋଇ ବ୍ଲକ ସିରିଗିଡ଼ାସ୍ଥିତ ପିଏମଶ୍ରୀ ସରକାରୀ ଉଚ୍ଚବିଦ୍ୟାଳୟର ସୁବର୍ଣ୍ଣ ଜୟନ୍ତୀ ଉତ୍ସବରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ 'ଓଡ଼ିଆ ଅସ୍ମିତା' ନାମକ ଏକ ପୁସ୍ତକ ଉନ୍ମୋଚନ କରିଛନ୍ତି। ହାଲପୁଡ଼ି ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ସାହିତ୍ୟିକ ବିଜୟ କୁମାର ପ୍ରଧାନଙ୍କ ଦ୍ୱାରା ସଂକଳିତ ହୋଇଥିବା ଏହି ପୁସ୍ତକ ଓଡ଼ିଶାର ବରପୁତ୍ରଗଣଙ୍କ ଜୀବନ କାହାଣୀ ଉପରେ ଆଧାରିତ। ୧୧୪ ପୃଷ୍ଠା ବିଶିଷ୍ଟ ଏହି ପୁସ୍ତକରେ ସମୁଦାୟ ୭୯ ଜଣ ବରପୁତ୍ରଙ୍କ ଜୀବନୀ ଉପରେ ରଚନା କରାଯାଇଛି। ଏହି ପୁସ୍ତକ ଏବେ ଅଞ୍ଚଳର ବୁଦ୍ଧିଜୀବୀଙ୍କ ମଧ୍ୟରେ ବେଶ୍ ଆଦୃତ ଲାଭ କରିଛି। ଏହାର ସଂଗ୍ରାହକ ତଥା ସାହିତ୍ୟିକ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀଙ୍କୁ କୃତଜ୍ଞତା ଜଣାଇଛନ୍ତି।

# ପୂର୍ବତନ ସୈନିକ ସଂଘର ସ୍ଥାୟୀ ଜମି ଓ ଗୃହ ଦାବି

ଚମ୍ପୁଆ, ୩୦।୧୨(ସମିସ): ଚମ୍ପୁଆ ସଦର ମହକୁମାରେ ସ୍ଥାୟୀ ଜମି ଓ କାର୍ଯ୍ୟାଳୟ ଗୃହ ଯୋଗାଇଦେବା ନିମନ୍ତେ ଚମ୍ପୁଆ ପୂର୍ବତନ ସୈନିକ ସଂଘ ପକ୍ଷରୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯିବା ସହିତ ଏକ ଲିଖିତ ଦାବି ଜଣାଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ କେନ୍ଦୁଝର ଗସ୍ତକ୍ରମରେ ସଙ୍ଘର ଏକ ପ୍ରତିନିଧି ଦଳ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝିଙ୍କୁ ସାକ୍ଷାତ କରିଥିଲେ। ସୈନିକ ସଂଘର ନିଜସ୍ୱ ଜମି ଓ କାର୍ଯ୍ୟାଳୟ ଗୃହ ନଥାଇ ଜାତୀୟ ଦିବସ ସେନା ଦିବସ, କାରଗିଲ ବିଜୟ ଦିବସ ସହିତ ସାମାଜିକ ଦାୟିତ୍ୱ ବହନ ପୂର୍ବକ ସ୍ୱାସ୍ଥ୍ୟ ସଚେତନତା କାର୍ଯ୍ୟକ୍ରମ, ସେନାରେ ଭର୍ତ୍ତି ପାଇଁ ଯୁବ ପିଢ଼ିଙ୍କୁ ପ୍ରଶିକ୍ଷଣ ଆଦି କାର୍ଯ୍ୟ କରାହୋଇଆସୁଥିବା ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସେହିପରି ଏହି ପ୍ରତିନିଧି ଦଳ ସଂସଦ ଅନନ୍ତ ନାୟକଙ୍କୁ ବାରିଆଠାରେ ସାକ୍ଷାତ କରି ଉକ୍ତ ଦାବି ଉପସ୍ଥାପନା କରିଥିବା ସଂଘ ପକ୍ଷରୁ ସୂଚନା ମିଳିଛି।



ଆନନ୍ଦପୁର: ଆଦିବାସୀଙ୍କ ପାରମ୍ପରିକ ଦାମୋଦର ପର୍ବ ଅବସରରେ ବୈତରଣୀ ନଦୀର ବିଭିନ୍ନ ଘାଟରେ ପ୍ରାୟ ୧୫ ହଜାର ଶ୍ରଦ୍ଧାଳୁଙ୍କ ପିଣ୍ଡଦାନ

**ଲିଜ୍‌ସତ୍ତ୍ୱେ ମିଳୁନି ଅନୁମତି**

# ବାଲିଚୋରି ସୀମା ଟପିଲାଣି

ଆନନ୍ଦପୁର, ୩୦।୧୨ (ସମିସ): ଆନନ୍ଦପୁର ବୈତରଣୀ ନଦୀରେ ସରକାରଙ୍କ ପକ୍ଷରୁ ଲିଜ୍ ଦିଆଯାଇଥିବା ବାଲିଘାଟରୁ ଉତ୍ତୋଳନ ପାଇଁ ଅନୁମତି ମିଳୁ ନଥିବାରୁ ବାଲି ଚୋରି ସୀମା ଟପିଲାଣି। ଅପରପକ୍ଷରେ ଚୋରା ବାଲି ଟ୍ରାକ୍ଟର ପିଛା ୩ ହଜର ଟଙ୍କା ଯୋଗୁଁ ସାଧାରଣ ଲୋକେ ଅତିଷ୍ଠ ହୋଇପଡିଲେଣି। ଖଣି ବିଭାଗ ଏହି ଘାଟକୁ ଜରିମାନା କରିବା ସହ ବନ୍ଦ କରି ଦେଇଥିବାରୁ ବାଲିର ଅଭାବ ଯୋଗୁଁ ବିଭିନ୍ନ ସରକାରୀ ଯୋଜନା ବାଧାପ୍ରାପ୍ତ ହେଉଛି। ଦୁଇବର୍ଷରୁ ଉର୍ଦ୍ଧ୍ୱ ହେଲା ଏଠାରୁ ବାଲି ଉତ୍ତୋଳନ ବନ୍ଦ ରହିଛି। କିଛିଦିନ ହେଲା ବନ୍ଦ ଥିବା ଘାଟରୁ ଦିନରାତି ବାଲି ଚୋରି କରୁଥିବା ଅଭିଯୋଗ ହୋଇଛି। ଏନେଇ ଆଜି ଆନନ୍ଦପୁର ଥାନାରେ ଲିଜ୍‌ଧାରୀ ମାନସ ବାରିକ ଏତଲା ଦେଇଛନ୍ତି। ଘସିପୁରା ଥାନା ବାଇଲୋ ଗ୍ରାମର ମାନସ ବାରିକ ଆନନ୍ଦପୁର ବାଲିଘାଟକୁ ଲିଜ୍ ସୂତ୍ରରେ ନେଇଛନ୍ତି। ଦୁଇବର୍ଷ ହେବ ବାଲିଘାଟ ବନ୍ଦ ଥିବା ବେଳେ ଏହାକୁ ନେଇ ମାନସ ଉଚ୍ଚନ୍ୟାୟାଳୟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ମାମଲା ବିଚାରାଧୀନ ରହିଛି। କିଛିଦିନ ହେଲା ମାଫିଆମାନେ ରାତିରେ ଟ୍ରାକ୍ଟରରେ ଏଠାରୁ ବାଲି ଉଠାଇ ଅନ୍ୟତ୍ର ଗଚ୍ଛିତ ରଖୁ ରଖୁଛନ୍ତି। ପରେ ହାଇୱାରେ ବିଭିନ୍ନ ସ୍ଥାନକୁ ଚାଲାଣ କରୁଛନ୍ତି। ଘାଟରୁ ଅନ୍ୟମାନେ ବାଲି ଚୋରି କରୁଥିବା ବେଳେ ସେ କାହିଁକି କାହିଁକି ଜରିମାନା ଦେବେ ବୋଲି ମାନସ କହିଛନ୍ତି। ଆଜି ମାନସ ଏନେଇ ଥାନାରେ ଏତଲା ଦେଇଥିବା ବେଳେ ବାଲିଘାଟ ରାସ୍ତାରେ ଟ୍ରେଞ୍ଚ ଖୋଳିଛନ୍ତି। ବାଲି ଚୋରି ରୋକିବା ପାଇଁ ପୁଲିସ ପଦକ୍ଷେପ ନେବାକୁ ସେ ନିବେଦନ କରିଛନ୍ତି।



# ଅସହାୟଙ୍କୁ କମ୍ବଳ ବଣ୍ଟନ

ଚମ୍ପୁଆ, ୩୦।୧୨(ସମିସ): ଶୀତଋତୁର ପ୍ରାଦୁର୍ଭାବକୁ ଦୃଷ୍ଟିରେ ରଖି ସହାନୁଭୂତି ମୂଳକ ପଦକ୍ଷେପ ଭାବେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ମାନବପ୍ରେମୀ ସେବା ଟ୍ରଷ୍ଟ ଓ ଇକୋରାଇଜ୍ ଆଲିଆନ୍ସ ଆସୋସିଏସନ୍ ମିଳିତ ଆନୁକୂଲ୍ୟରେ ନାରଦପୁର ଗ୍ରାମପଞ୍ଚାୟତ ଅନ୍ତର୍ଗତ ଜଗନ୍ନାଥପୁର ଗ୍ରାମରେ ବସବାସ କରି ରହୁଥିବା ଅସହାୟ ବୃଦ୍ଧବୃଦ୍ଧା ଓ ଅନାଥ ଶିଶୁମାନଙ୍କୁ କମ୍ବଳ ବଣ୍ଟନ କରାଯାଇଛି। କାନପୁର ନଦୀବନ୍ଧ ପ୍ରକଳ୍ପ ଜରିଆରେ ସର୍ବସ୍ୱ ହରାଇ ଚମକପୁର, ରେଭେନ୍ସାପୁର (କ), ଧୋବାକୁଟୁଡା, ଲୁଣଗୋଠାଣି ଆଦି ଗ୍ରାମର ବିସ୍ଥାପିତ ଅଧିବାସୀ ଅତି ଦୟନୀୟ ଭାବେ ବସବାସ କରୁଛନ୍ତି। ଏକ ଉତ୍ତମ ଉଦାହରଣ ସୃଷ୍ଟି କରି ଆସୋସିଏସନ୍ ଅଧକ୍ଷ କବିତା ମହାନ୍ତ, କୋଷାଧକ୍ଷ ପୁରେନ୍ଦ୍ର ମହାନ୍ତଙ୍କ ସହ ମାନବପ୍ରେମୀ ସେବା ଟ୍ରଷ୍ଟର ଉପଦେଷ୍ଟା ପ୍ରମୋଦ ମହାନ୍ତ, ସଭାପତି ବିଚିତ୍ରାନନ୍ଦ ଦାସ, ସମ୍ପାଦକ ପିଣ୍ଟୁନ ନାଏକ, ଆଇନଜୀବୀ ସଞ୍ଜୟ ମହାନ୍ତ, ସିକ୍ସିସ୍ମିତା ମହାନ୍ତ, ଆଞ୍ଜେଲିନା ମହାନ୍ତ ପ୍ରମୁଖ ଏହି ସହାୟତା ପ୍ରଦାନ କରିଥିଲେ। ଏ ଦିଗରେ ଜିନ୍ଦଲ ଷ୍ଟିଲ ଫାଉଣ୍ଡେସନ ଆବଶ୍ୟକ ସହାୟତା ପ୍ରଦାନ କରିଥିବା ଜଣାପଡ଼ିଛି।



# ଲୋକଙ୍କ ମୌଳିକ ସମସ୍ୟା ନେଇ ଗର୍ଜିଲା କଂଗ୍ରେସ

ଯୋଡ଼ା, ୩୦।୧୨ (ସମିସ)

କେନ୍ଦୁଝର ଜିଲ୍ଲା ଯୋଡ଼ା ନଗର କଂଗ୍ରେସ ତରଫରୁ ଯୋଡ଼ା ଲୋକଙ୍କ ମୌଳିକ ସମସ୍ୟା ଏବଂ ନିଯୁକ୍ତି ପ୍ରସଙ୍ଗ ଭଳି ୧୬ ଦଫା ଦାବିନେଇ ମଙ୍ଗଳବାର କଳାପାହାଡ ଛକରୁ ଏକ ପଦଯାତ୍ରା କରି ପୌରନିର୍ବାହୀ ଅଧିକାରୀଙ୍କୁ ଏକ ଦାବିପତ୍ର ଦିଆଯାଇଛି। ଯୋଡ଼ା ନଗର କଂଗ୍ରେସ ସଭାପତି ସୁବ୍ରତ କୁମାର ନାଏକଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରାରେ ପୂର୍ବତନ ସାଂସଦ ତଥା କଂଗ୍ରେସ ଆଦିବାସୀ ସେଲ୍ ସଭାପତି ଜୋସବନ୍ତ ନାରାୟଣ ସିଂ ଲାଗୁରି, ଜିଲ୍ଲା ଉପସଭାପତି ରୂପରଞ୍ଜନ ପଣ୍ଡା, ବଡ଼ବିଲ ନଗର କଂଗ୍ରେସ ସଭାପତି ଅମିତ ପାତ୍ର, କଂଗ୍ରେସ ସଦସ୍ୟ ଏମ.ଡି.ତସୀଫ, ମିଥୁନ ମୁଣ୍ଡା, ଅଭି ପାତ୍ର ଏବଂ କାର୍ତ୍ତିକ ନାଗ ସମେତ ଶତାଧିକ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ। ବାଂଶପାଣି ଅଞ୍ଚଳରେ ବଢୁଥିବା ପ୍ରଦୂଷଣ ଏବଂ ଟ୍ରାଫିକ ସମସ୍ୟା, କୋମାରଯୋଡ଼ାରୁ ବାଂଶପାଣି ପର୍ଯ୍ୟନ୍ତ ଫ୍ଲାଏଓଭରର ସମ୍ପ୍ରସାରଣ ଏବଂ ଡିଏଭି ସ୍କୁଲରୁ ଜାତୀୟ ରାଜପଥକୁ ଫ୍ଲାଇଓଭର ସଂଯୋଗ, କୋମାରଯୋଡ଼ା ରେ ଥିବା ପୋଖରୀର ତୁରନ୍ତ ପୁନରୁଦ୍ଧାର, ରେଳ ଯାତ୍ରୀଙ୍କ ପାଇଁ ବାଂଶପାଣି ଛକଠାରୁ ଷ୍ଟେସନ ପର୍ଯ୍ୟନ୍ତ ରାସ୍ତାର ନିର୍ମାଣ, ନୂତନ ବସଷ୍ଟାଣ୍ଡର ଅବିଳମ୍ବେ ନିର୍ମାଣ, କୋମାରଯୋଡ଼ା ମେଡିକାଲରେ ବିପର୍ଯ୍ୟସ୍ତ ହୋଇପଡିଥିବା ରୋଗୀସେବାର ସୁଧାର, ପୌରପାଳିକା ନିର୍ଦ୍ଦେଶରେ ଟାଟା ଷ୍ଟିଲ ଦ୍ୱାରା ମଙ୍ଗଳା ମନ୍ଦିରରୁ ଗଣେଶ ଭବନ ଭାୟା ଦେଇ ପୂର୍ବଯୋଡ଼ାକୁ ସଂଯୋଗ କରୁଥିବା ରାସ୍ତାର ମରାମତି ସହ ପ୍ରଶସ୍ତୀକରଣ କରିବା, ସ୍ଥାୟୀ ପରିବା ବଜାର ଯୁଦ୍ଧକାଳୀନ ଭିତରେ ନିର୍ମାଣ, ୨୪ ଘଣ୍ଟିଆ ଘରେ ଘରେ ପାନୀୟଜଳ ଯୋଗାଣ କାର୍ଯ୍ୟକୁ ଯଥାଶୀଘ୍ର ୧୪ଟି ୱାର୍ଡରେ ସମ୍ପୂର୍ଣ୍ଣ କରିବା, ଅଚଳ ହୋଇ ପଡିରହିଥିବା ପୌରପାଳିକା ହୋମିଓପାଥି ଡ଼ିସପେନ୍ସରିକୁ ତୁରନ୍ତ ଚାଲୁ କରିବା, ସହରରେ ବଢୁଥିବା ଚୋରି ଏବଂ ଅପରାଧକୁ ରୋକିବା ପାଇଁ ସହରର ବିଭିନ୍ନ ସ୍ଥାନରେ ସି.ସି.କ୍ୟାମେରା ଲଗେଇବା, ଯୋଡ଼ା ସହରରେ ପରିମଳ ବ୍ୟବସ୍ଥାରେରେ ସୁଦ୍ଧାର କରିବା, ଟ୍ରାଫିକ ସମସ୍ୟାକୁ ଦୃଷ୍ଟିରେ ରଖି ଧରଣୀଧର ଛକଠାରୁ ପୁରୁଣା ଥାନା ପର୍ଯ୍ୟନ୍ତ ରାସ୍ତାକୁ ତୁରନ୍ତ ୱାନୱେର ବ୍ୟବସ୍ଥା, ସୁନାନଦୀର ଦୁଇପାର୍ଶ୍ୱରେ ରିଙ୍ଗ ରୋଡ଼ ଓ ପଥର ପ୍ୟାଚିଂ କାର୍ଯ୍ୟ ଶୀଘ୍ର ଆରମ୍ଭ କରିବା, ସ୍ଥାନୀୟ ଲୋକଙ୍କୁ କିପରି ଯୋଡ଼ା ଅଞ୍ଚଳରେ କାମ ମିଳିପାରିବ ପୌରପାଳିକା ପଦକ୍ଷେପ ନେବା ସହ ବାହାର ରାଜ୍ୟରୁ ଲୋକ ଆଣି ଏଠାରେ ନିଯୁକ୍ତି ଦେଉଥିବା ଶିଳ୍ପ ସଂସ୍ଥାଗୁଡ଼ିକର ମନମୁଖୀ କାର୍ଯ୍ୟ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ କରିବା, ଉତ୍କଳ ଗୌରବ ବାରିଷ୍ଟର ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତି କଳାପାହାଡ଼ ଛକ ନିକଟରେ ସ୍ଥାପନା କରାଯାଉ, ପରିମଳ ବ୍ୟବସ୍ଥାରେ ତୁରନ୍ତ ସୁଧାର କରି ପ୍ରିୟାପ୍ରୀତି ତୋଷଣ ମାଧ୍ୟମରେ ଠିକାଦାର ନିଯୁକ୍ତି ବନ୍ଦ କରାଯାଉ, ମଶା ଧୂଆଁ ମେସିନ, ଡ୍ରେନର ସଫେଇ କାର୍ଯ୍ୟକୁ ଅତିଶୀଘ୍ର କରିବା ଏବଂ ପରିମଳ ବ୍ୟବସ୍ଥାରେ ହେଉଥିବା ଦୁର୍ନୀତି ବିରୋଧରେ ପୌରପାଳିକା ତରଫରୁ ତୁରନ୍ତ ତଦନ୍ତ କରିବା ଭଳି ପ୍ରସଙ୍ଗ ରହିଛି। ଦାବିଗୁଡିକୁ ଗମ୍ଭୀରତାର ନେଇ ସହ ତୁରନ୍ତ ପଦକ୍ଷେପ ନ ନେଲେ ଆଗାମୀ ଦିନରେ କଂଗ୍ରେସ ଆନ୍ଦୋଳନକୁ ଓଲହାଇବ ବୋଲି ନଗର ସଭାପତି ସୁବ୍ରତ ନାଏକ କହିଛନ୍ତି।



ସକାଳ
THE SAKALA

# ସମ୍ପାଦକୀୟ



କେହି ରହିନାହିଁ ରହିବେ ନାହିଁ ଏ ଭବରଙ୍ଗ ଭୂମି ତଳେ, ସର୍ବେ ନିଜନିଜ ଅଭିନୟ ସାରି ବାହୁଡ଼ିବେ କାଳ ବଳେ
- କବିବର ରାଧାନାଥ ରାୟ

## ପଚିଶର ପୁନରାବଲୋକନ

ହସ-କାନ୍ଦ, ମିଳନ-ବିଚ୍ଛେଦ, ଆଶ୍ୱାସନା-ପ୍ରତାରଣା, ହର୍ଷ-ଉଲ୍ଲାସ, ସଫଳ-ବିଫଳ, ଆଶା-ନିରାଶା, ଲାଭ-କ୍ଷତି, ନ୍ୟାୟ-ଅନ୍ୟାୟର ଅଧ୍ୟାୟକୁ ସମୟର ଇତିହାସ ପୃଷ୍ଠାରେ ଲେଖିଦେଇ ଦୁଇହଜାର ପଚିଶ ଏବେ ଅସ୍ତାଚଳମୁଖୀ। ପ୍ରତିଟି ଅଧ୍ୟାୟର ଚର୍ଚ୍ଚା ସରିଛି ଏବଂ ଭବିଷ୍ୟତରେ ଚର୍ବିତଚର୍ବଣର ଅବକାଶ ସୃଷ୍ଟି ହୋଇଛି। ତେଣୁ ବର୍ଷାନ୍ତରର ବାକି ଥିବା ମୁହୂର୍ତ୍ତମାନଙ୍କରେ ସେ ବିଷୟରେ ଅଧିକ ଆଲୋଚନା ନ କରି ବରଂ ସେଥିରୁ ମିଳିଥିବା ଶିକ୍ଷା ଓ ଅଭିଜ୍ଞତାକୁ କିଭଳି ଭବିଷ୍ୟତରେ ଉପଯୋଗ କରାଯାଇପାରିବ ସେ ବିଷୟରେ ଯୋଜନା ପ୍ରସ୍ତୁତ କରିବା ଅଧିକ ପ୍ରାସଙ୍ଗିକ ହେବ।

ଅନ୍ତର୍ଜାତୀୟସ୍ତରରୁ ଆରମ୍ଭ କରି ଆଞ୍ଚଳିକ ପର୍ଯ୍ୟନ୍ତ ରାଜନୀତିରେ ଅନେକ ଅପ୍ରତ୍ୟାଶିତର ମୂକସାକ୍ଷୀ ହୋଇସାରିଛି ଦୁଇହଜାରପଚିଶ। ବିଶ୍ୱର ସର୍ବଶକ୍ତିମାନ ରାଷ୍ଟ୍ର ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ନୋବେଲ୍ ଶାନ୍ତି ପୁରସ୍କାର ପାଇଁ ଆତୁରତା କିଭଳି ମଧ୍ୟପ୍ରାଚ୍ୟରେ ଯୁଦ୍ଧର ଘନଘଟା ସୃଷ୍ଟି କରିଛି ଏବଂ ମାତ୍ରାଧିକ ଶୁଳ୍କ ବୃଦ୍ଧି ବିଶ୍ୱର ବାଣିଜ୍ୟ-ଅର୍ଥନୀତିକୁ ବିପନ୍ନ କରିଛି ତାହା ପ୍ରମାଣିତ ହୋଇଛି। ଇରାନ-ଇସ୍ରାଏଲ୍‌ର ଅହେତୁକ ଯୁଦ୍ଧ କେବଳ ଧନଜୀବନ ହାନିରେ ସମାପ୍ତ ହୋଇଛି। ଧର୍ମାନ୍ଧ ଆତଙ୍କବାଦ ଆହୁରି କାୟାବିସ୍ତାର କରି ଅଷ୍ଟ୍ରେଲିଆ ଦକ୍ଷିଣ ଆଫ୍ରିକା ପର୍ଯ୍ୟନ୍ତ ବ୍ୟାପିଚାଲିଛି। ପ୍ରକୃତିର କୋପ ଆଗରେ ଆମେରିକା ଭଳି ସର୍ବଶକ୍ତିମାନ ରାଷ୍ଟ୍ର ମଧ୍ୟ କିଭଳି ବିବଶ ତାହା ମଧ୍ୟ ପ୍ରମାଣିତ ହୋଇଛି। ଜଳବାୟୁ ପରିବର୍ତ୍ତନ ସଙ୍କଟର ପଞ୍ଝାରୁ ଉତ୍ତରବିଶ୍ୱ ମଧ୍ୟ ସୁରକ୍ଷିତ ନୁହେଁ, ସେହି ଚେତାବନୀ ଦେଇଛି ଦୁଇହଜାର ପଚିଶି। ତେଣୁ ବିକଶିତ ଓ ଧନୀ ଦେଶମାନେ ଅକ୍ଷୟଶକ୍ତିର ବିକାଶ ଲାଗି ବିଶ୍ୱ ନେତୃତ୍ୱ ନେବା ସହିତ ପରିବେଶ ପାଣ୍ଠିକୁ ଅଧିକ ଦୃଢ଼ କରିବା ଦିଗରେ ଆହ୍ୱାନ ସୃଷ୍ଟି ହୋଇଛି। ଅଥଚ କୋପ୍୩୦ର ନିଷ୍ଫଳ ନିଷ୍କର୍ଷରେ ସମାପ୍ତ ହୋଇଛି।

ଭାରତ ପାଇଁ ଦୁଇହଜାରପଚିଶ ଥିଲା ଅନେକ ଅବାଞ୍ଛିତ ଓ ମର୍ମନ୍ତୁଦ ଘଟଣାର ମୂକସାକ୍ଷୀ। ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ପାଲଟା ଜବାବରେ 'ଅପରେସନ୍ ସିନ୍ଦୂର'ର ପ୍ରତିକ୍ରିୟାରେ ପାକିସ୍ତାନ ପଟୁ ଆଣବିକ ଯୁଦ୍ଧର ଆଶଙ୍କା ଏବଂ ଚୀନ୍ ଓ ତୁର୍କୀର ପାକିସ୍ତାନକୁ ସାମରିକ ସହାୟତା, ଆମେରିକାର ମଧ୍ୟସ୍ଥିରେ ଯୁଦ୍ଧବିରତିର ଆତ୍ମପ୍ରଚାର ଆଦି ଅନେକ ଦିନ ପର୍ଯ୍ୟନ୍ତ ଚର୍ଚ୍ଚିତ ହୋଇରହିବ। ଭାରତର ରାଜନୀତି ମଧ୍ୟ ୨୦୨୫ରେ ଅନେକ ମାତ୍ରାରେ ସରଗରମ ହୋଇ ରହିଥିଲା। ମାଗଣା ଯୋଜନା କିଭଳି ନିର୍ବାଚନକୁ ପ୍ରଭାବିତ କରିପାରେ ତାହା ବିହାର ବିଧାନସଭା ନିର୍ବାଚନରୁ ପୁଣି ଥରେ ପ୍ରମାଣିତ ହୋଇଥିଲା ବେଳେ 'ଭୋଟ ଚୋରି', 'ଏସ୍‌ଆଇଆର' ବିବାଦ ଭାରତୀୟ ଗଣତନ୍ତ୍ର ପାଇଁ ନୂଆ ଆହ୍ୱାନ ଆଣିଥିଲା। ୨୦୨୫ 'ବନ୍ଦେ ମାତରମ୍'ର ରଚନାର ୧୫୦ ବର୍ଷ ପୂର୍ତ୍ତି ପାଳନ କରୁଥିବା ବେଳେ ଏହାକୁ ନେଇ ବିତର୍କ ଆଳରେ ଆରୋପ ପ୍ରତ୍ୟାରୋପ ସଂସଦୀୟ ଇତିହାସରେ ଏକ ଅବାଞ୍ଛିତ ଫର୍ଦ୍ଦ ଲେଖିଦେଇଗଲା। ବର୍ଷର ଶେଷ ଭାଗରେ 'ଏମ୍‌ନରେଗା'ରୁ ମହାତ୍ମା ଗାନ୍ଧୀଙ୍କ ନାମ ବାଦ୍ ଦେବା, ଶ୍ରମ ସଂହିତା ପ୍ରଚଳନ, ଆରାବଳୀର ସଂଜ୍ଞା ପରିବର୍ତ୍ତନ ଆଦି ବିବାଦୀୟ ପ୍ରସଙ୍ଗ ଜାତୀୟ ରାଜନୀତିକୁ ସରଗରମ କରି ରଖିଥିଲା।

ବିଶ୍ୱ ଭୂରାଜନୀତିରେ ପ୍ରଭୁତ୍ୱବାଦ କିଭଳି ଅଯଥା ରକ୍ତପାତ ଓ ନିରୀହ ଜନତାଙ୍କ ବିସ୍ଥାପନ, ଶରଣାର୍ଥୀ ସମସ୍ୟା ବୃଦ୍ଧି କରିପାରେ ତାହା ରୁଷ-ୟୁକ୍ରେନ୍, ଇସ୍ରାଏଲ-ହମାସ୍ ଯୁଦ୍ଧ ଏବଂ ବାଂଲାଦେଶ, ସିରିଆ ଅରାଜକତାରୁ ସୂଚିତ ହେଉଛି। କ୍ଷୁଦ୍ର ଓ ବିକାଶଶୀଳ ରାଷ୍ଟ୍ରମାନେ ଚୀନ୍‌ର ପ୍ରଲୋଭନରୁ ଦୂରେଇ ରହିବା ପାଇଁ ମାଲଦ୍ୱୀପ, ଭୁଟାନ ଓ ଶ୍ରୀଲଙ୍କାକୁ ଉଦାହରଣ ରୂପେ ଆବିର୍ଭାବ ହୋଇଛନ୍ତି। ଯୁଦ୍ଧବିଧ୍ୱସ୍ତ ବିଶ୍ୱ ଅର୍ଥନୀତି ଅସ୍ଥିରତାର କୁହୁଡ଼ି ଭିତରେ କବଳିତ ହୋଇରହିଛି। ଦେଶର ମୋଟ ଘରୋଇ ଉତ୍ପାଦ ବା ଅର୍ଥନୈତିକ ଅଭିବୃଦ୍ଧି ବଢୁଥିବା ବେଳେ ଖାଉଟିମାନେ ଘାଇଲା ହୋଇଛନ୍ତି। ଭାରତର ପ୍ରତ୍ୟକ୍ଷ ପ୍ରୋତ୍ସାହନରେ ଶ୍ରୀଲଙ୍କାର ଅର୍ଥନୈତିକ ସଙ୍କଟ ଟଳିଥିବା ବେଳେ ପାକିସ୍ତାନର ଆର୍ଥିକ ଦୁରବସ୍ଥା ଜାରି ରହିଛି ଏବଂ ବାଂଲାଦେଶ ସେହି ଦିଗକୁ ଗତି କରୁଛି। ଅର୍ଥନୈତିକ ଅଭିବୃଦ୍ଧି ପାଇଁ ରାଜନୈତିକ ସ୍ଥିରତା କେତେ ଜରୁରୀ ତାହା ବାଂଲାଦେଶ ଓ ପାକିସ୍ତାନ ଦୃଷ୍ଟାନ୍ତ ହୋଇଛନ୍ତି। ବର୍ଷ ଶେଷ ବେଳକୁ ଭାରତୀୟ ପ୍ରତିଭୂତି ବଜାରରେ ଦ୍ରୁତସ୍ଖଳନ ଦେଖାଦେଇ ନିବେଶକମାନେ ଲକ୍ଷଲକ୍ଷ କୋଟି ଟଙ୍କା ହରାଇଛନ୍ତି। ତେଣୁ ଅତ୍ୟାଶାରୁ ମୂଳନାଶ ଆପ୍ତବାକ୍ୟଟି ପୁଣି ଥରେ ସତ ସାବ୍ୟସ୍ତ ହୋଇଛି।

ଭାରତୀୟନ୍ୟାୟିକ ଇତିହାସରେ ପଚିଶ ଏକ ଅଭୁଲା ଅଧ୍ୟାୟ ଲେଖିଦେଇଯାଇଛି। ଦୀର୍ଘବର୍ଷ ଧରି ବିଚାରାଧୀନ ଥିବା ଅନେକ ଜଟିଳ ମାମଲାର ରାୟ ସମ୍ବିଧାନ ଖଣ୍ଡପୀଠ ଶୁଣାଇଥିବା ବେଳେ ବିଚାରପତିଙ୍କ ଘରୁ ଅଧାପୋଡ଼ା ନଗଦ ଉଦ୍ଧାର, ଅବାଞ୍ଛିତ ରାୟ ଆଦି ଜନମାନସରେ ଗ୍ରହଣୀୟ ହୋଇପାରିନାହିଁ। ପ୍ରଧାନବିଚାରପତିଙ୍କ ଉପରକୁ ଜୋତା ଫୋପାଡ଼ିବା ଉଦ୍ୟମ ମଧ୍ୟ ହୋଇଛି। ଆରାବଳିର ପରିବର୍ତ୍ତିତ ସଂଜ୍ଞା ଗ୍ରହଣ, ଉନ୍ନାଓ ବଳତ୍କାରୀ ବିଧାୟକଙ୍କୁ ଜାମିନ୍ ପ୍ରଦାନ ଓ ଦଣ୍ଡ କୋହଳ ଆଦି ନ୍ୟାୟିକ ବ୍ୟବସ୍ଥାର ନିଷ୍ପକ୍ଷତା ଉପରେ ପ୍ରଶ୍ନ ଚିହ୍ନ ଲଗାଇ ଦେଇଛି। ଜନମତର ବିରୋଧାଭାସ ପରେ ଉକ୍ତ ପୁନର୍ବିଚାର ପାଇଁ ପୂର୍ବ ରାୟ ଉପରେ ରହିତାଦେଶ ଜାରି ହୋଇଛି।

ଶ୍ରୀଜଗନ୍ନାଥଙ୍କ ରଥଯାତ୍ରା ପୁଣି ଥରେ ୟୁନେସ୍କୋର ଅସ୍ପର୍ଶନୀୟ ସାଂସ୍କୃତିକ ଐତିହ୍ୟ ମାନ୍ୟତା ପାଇବାରୁ ବଞ୍ଚିତ ହୋଇଛି। ମହେନ୍ଦ୍ରଗିରିର ସ୍ଥାୟୀତ୍ୱ ପ୍ରତି ବିପଦ ସୃଷ୍ଟି ହୋଇଛି। ଅପରପକ୍ଷରେ ଉପଯୁକ୍ତ ଭାରପ୍ରାପ୍ତ ଅଧିକାରୀଙ୍କ ସମୟୋପଯୋଗୀ ଯୋଜନା, ଦାୟିତ୍ୱବୋଧ, କଳାଚାତୁରୀ, ସମର୍ପଣ, ସର୍ଜନାତ୍ମକ ଦୃଷ୍ଟିଭଙ୍ଗୀ ଓ କଳାଚାତୁର୍ଯ୍ୟ, କର୍ମନିଷ୍ଠା କିଭଳି ସଫଳତା ଆଣିପାରେ ତାହା ୨୦୨୫ ଆନ୍ତର୍ଜାତିକ ବାଣିଜ୍ୟ ମେଳାରେ ଓଡ଼ିଶାର ଷ୍ଟଲ୍ ସ୍ୱର୍ଣ୍ଣପଦକ ପାଇବାରୁ ପ୍ରମାଣିତ ହୋଇଛି।

ମଧୁର-ତିକ୍ତ ଅଭିଜ୍ଞତା ଓ ତ୍ରୁଟି-ବିଚ୍ୟୁତିରୁ ଶିକ୍ଷା ଲାଭ କରି ଅତୀତର ଅବାଞ୍ଛିତ ମୁହୂର୍ତ୍ତ ଓ ଘଟଣାମାନଙ୍କୁ ଭୁଲି ଭବିଷ୍ୟତର ସୁସଂହତ, ସସମନ୍ୱିତ, ସୁସଂଯତ ସମାଜ ଗଠନ ପାଇଁ ସକାରାତ୍ମକ ଦୃଷ୍ଟିଭଙ୍ଗୀରେ ସାମ୍ୟବାଦର ଆଧାର ଶିଳା ଉପରେ ସୁନେଲି ସ୍ୱପ୍ନ ଦେଖିବାକୁ ଆହ୍ୱାନ ଦେଇ ବିଦାୟ ନେଉଛି ୨୦୨୫।

## ଶ୍ରମ କୋଡ୍: କାହା ସ୍ୱାର୍ଥରେ?

କିଶୋର ଜେନା

କେନ୍ଦ୍ର ସରକାର ଗତ ନଭେମ୍ବର, ୧୧ ତାରିଖରେ ଚାରିଟି ଶ୍ରମ କୋଡ୍‌ର ବିଜ୍ଞପ୍ତି ପ୍ରକାଶ କରିଛନ୍ତି। ଏହି କୋଡ୍‌ଗୁଡ଼ିକର ମୂଳ ବକ୍ତବ୍ୟ ହେଲା ଶ୍ରମର ଦୁନିଆରେ ନମନୀୟତା ଆଣିବା। ଏହାର ପ୍ରତିବାଦରେ ୨୬ ନଭେମ୍ବର ୨୦୨୫ ଦେଶବ୍ୟାପୀ ଶ୍ରମିକ-କୃଷକମାନେ ରାସ୍ତାକୁ ଓହ୍ଲାଇ ଶ୍ରମକୋଡ୍‌ର ପ୍ରତିଲିପିକୁ ପୋଡ଼ିବା ସହ ବିକ୍ଷୋଭ ପ୍ରଦର୍ଶନ କରିଛନ୍ତି। ରାଷ୍ଟ୍ରପତିଙ୍କୁ ସ୍ମାରକପତ୍ର ଦେଇଛନ୍ତି ଶ୍ରମକୋଡ୍ ବାତିଲ ପାଇଁ। କେନ୍ଦ୍ରୀୟ ଟ୍ରେଡ ୟୁନିୟନଗୁଡ଼ିକ ବାହାରେ ଥିବା ବହୁ ଶ୍ରମଜୀବୀ ମଧ୍ୟ ଏହି ଆନ୍ଦୋଳନରେ ଭାଗ ନେଇଥିଲେ। ଆଗାମୀଦିନରେ ଶ୍ରମକୋଡ୍‌ର ପ୍ରତ୍ୟାହାର ଦାବିରେ ଦେଶର ଶ୍ରମଜୀବୀ ଜନଗଣ ଆହୁରି ଜୋରଦାର ଆନ୍ଦୋଳନ କରିପାରନ୍ତି ବୋଲି ଆଲୋଚନା ହେଉଛି।

ନୂଆ ଚାରିଶ୍ରମ କୋଡ୍‌ରେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କ୍ଷେତ୍ରରେ ଶ୍ରମିକ ସଂଖ୍ୟାର ପ୍ରାପ୍ତ ସୀମା ବଢ଼ାଯାଇଛି, ଯେଉଁଠି ପ୍ରଯୁକ୍ତିଗତ ବିକାଶ ସହ ଏହି ପ୍ରାପ୍ତ ସୀମା କମାଇବା ଉଚିତ ଥିଲା। ଫ୍ୟାକ୍ଟରିଜ ଆକ୍ଟ ପରିବର୍ତ୍ତେ ଅକୁପେସନାଲ ସେଫଟି ଆଣ୍ଡ ଦି ହେଲ୍‌ଥ କୋଡ୍‌କୁ କାରଖାନାଗୁଡ଼ିକରେ ଶ୍ରମିକ ସଂଖ୍ୟାର ସୀମା ବଢ଼ାଇ ୧୦ରୁ ୨୦ (ବିଦ୍ୟୁତ ସହ) ଏବଂ ୨୦ରୁ ୪୦ (ବିଦ୍ୟୁତ୍ ବିହୀନ) କରାଯାଇଛି। ଫଳରେ ହଜାର ହଜାର କ୍ଷୁଦ୍ର ଓ ମଧ୍ୟମ ଧରଣ ୟୁନିଟ୍ ଏଥିରୁ ବାଦ୍ ପଡ଼ିବେ। ସେହି କୋଡ୍‌ରେ ଅସ୍ଥାୟୀ ଚୁକ୍ତି ଶ୍ରମିକ ବ୍ୟବହାର କ୍ଷେତ୍ରରେ 'ଲାଇସେନ୍ସ ଓ ରେଗୁଲେସନ' ପ୍ରୟୋଗର ସୀମା ୨୦ରୁ ବୃଦ୍ଧି କରାହୋଇଛି। ଏହାଫଳରେ ୫୦ରୁ କମ୍ ଠିକା ଶ୍ରମିକ ନିଯୁକ୍ତିକାରୀ କଣ୍ଟ୍ରାକ୍ଟର କ୍ଷେତ୍ରରେ ଆଉ କୌଣସି ଧରଣର ଆଇନ କାନୁନ୍ ମାନିବାର ବାଧ୍ୟବାଧକତା ରହିବ ନାହିଁ। ଏହାଛଡ଼ା ଷ୍ଟାଣ୍ଡିଂ ଅର୍ଡର ପ୍ରଣୟନ କ୍ଷେତ୍ରରେ ୧୦୦ରୁ ୩୦୦ ସୀମାକୁ ବଢ଼ାଇ ଦିଆଯାଇଛି। ଫଳରେ କାର୍ଯ୍ୟ ସଂକ୍ରାନ୍ତ ପରିଷ୍କାର ନୀତି ନିୟମ କାର୍ଯ୍ୟର ସର୍ତ୍ତ, ଶାସ୍ତି ମୂଳକ ବିଧି, ଛୁଟି ବା ଅନ୍ୟାନ୍ୟ ସୁବିଧା ବିଷୟରେ କୌଣସି ନିର୍ଦ୍ଦିଷ୍ଟ ନିୟମ ରଖିବା ଅଧିକାଂଶ ୟୁନିଟ୍‌ରେ ଆଉ ବାଧ୍ୟତାମୂଳକ ନୁହେଁ। ଛଟେଇ ପାଇଁ ୧୦୦ରୁ ଅଧିକ ଶ୍ରମିକ ଥିଲେ ବାଧ୍ୟତାମୂଳକ ଥିବା ସରକାରୀ ଅନୁମତିକୁ ସଂଶୋଧନ କରି ସଂଖ୍ୟା ୩୦୦କୁ ବଢ଼ାଇ ଦିଆଯାଇଛି। ଏହି ସମସ୍ତ ଧାରାର ଏକମାତ୍ର ଉଦ୍ଦେଶ୍ୟ ହେଲା ଦେଶର ସଙ୍ଗଠିତ କ୍ଷେତ୍ରର ପ୍ରାୟ ୯୦ ପ୍ରତିଶତ ଶ୍ରମିକଙ୍କୁ ଏହି ସମସ୍ତ ଶ୍ରମ ଆଇନର ପରିସରରୁ ବାହାରେ ରଖି ମଧ୍ୟମ ଓ କ୍ଷୁଦ୍ର କାରଖାନାର ଶୋଷଣର ମାତ୍ରା ବଢ଼ାଇବାର ବନ୍ଦୋବସ୍ତ କରାଯାଇଛି।

ସୁରକ୍ଷା ଓ ସ୍ୱାସ୍ଥ୍ୟ କଲ୍ୟାଣ ପାଇଁ ପ୍ରୟୋଜନୀୟ ପ୍ରାପ୍ତ ସୀମା ଏଭଳି ଭାବେ ନିର୍ଦ୍ଧାରଣ କରାଯାଇଛି, ଯଦ୍ୱାରା ମାଲିକମାନେ ସହଜରେ ନିଜର ବାଧ୍ୟବାଧକତାକୁ ଏଡ଼ାଇ ଯିବେ। ଉଦାହରଣ ସ୍ୱରୂପ ୫୦୦ରୁ କମ୍ ଶ୍ରମିକ ଥିବା କାରଖାନାର ନିର୍ମାଣ କାର୍ଯ୍ୟ ପାଇଁ କୌଣସି ସେଫ୍‌ଟି ଅଫିସର ବାଧ୍ୟତାମୂଳକ ନୁହେଁ। ୨୫୦ରୁ କମ୍ ହେଲେ ୱେଲଫେୟାର (ମଙ୍ଗଳ) ଅଫିସରରେ ଆବଶ୍ୟକ ନାହିଁ। ୫୦ରୁ ବେଶି ମହିଳା ଶ୍ରମିକ ଥିଲେ କ୍ରେଚ୍‌ର ସୁବିଧା ଦିଆଯିବ। ୫୦୦ ଶ୍ରମିକ ଥିଲେ ଯାଇ ଆମ୍ବୁଲାନ୍ସ ସେବା ଦିଆଯିବ। ବୃହତ୍ ଅଂଶର ଶ୍ରମିକ ଓ କର୍ମଚାରୀ ଯେଉଁମାନେ ସୁପରଭାଇଜର ପଦରେ କାର୍ଯ୍ୟ କରୁଛନ୍ତି, ସେମାନଙ୍କ ମଧ୍ୟରୁ ଯେଉଁମାନଙ୍କର ମାସିକ ବେତନ ୧୮୦୦୦ ଟଙ୍କା, ସେମାନେ ଶ୍ରମିକ ସଂଜ୍ଞା ମଧ୍ୟରେ ଆସିବେ ନାହିଁ। ଅନେକ ପ୍ରତିଷ୍ଠାନଗୁଡ଼ିକରେ ଶ୍ରମିକ ଓ କର୍ମଚାରୀଙ୍କୁ ସୁପରଭାଇଜର/ ମ୍ୟାନେଜର/ ଅଫିସର/ ଏକଜିକ୍ୟୁଟିଭ୍ ରୂପେ ନିଯୁକ୍ତ କରାଯାଏ, ଯଦ୍ୱାରା ସେମାନେ ୟୁନିୟନ କରିବାର ଅଧିକାରରୁ ବଞ୍ଚିତ ରହିବେ। 'କୋଡ୍ ଅନ୍ ଇଣ୍ଡଷ୍ଟ୍ରିଆଲ ରିଲେସନ'ରେ ଏହି ଷଡ଼ଯନ୍ତ୍ରକୁ ବୈଧତା ଦିଆଯାଇଛି।

ନୂତନ ଶ୍ରମ କୋଡ୍‌ରେ ସ୍ଥାୟୀ କାର୍ଯ୍ୟରେ ନିର୍ଦ୍ଦିଷ୍ଟ ମିଆଦ ବା ଫିକ୍ସଡଟର୍ମ ନିଯୁକ୍ତିକୁ ଆଇନଗତ ବୈଧତା ଦିଆଯାଇଛି। ଏଥିରେ ଭବିଷ୍ୟତରେ ସମସ୍ତ ନିଯୁକ୍ତି ସ୍ଥାୟୀ ନ ହୋଇ ନିର୍ଦ୍ଦିଷ୍ଟ ସମୟ ପାଇଁ ଚୁକ୍ତିରେ କାର୍ଯ୍ୟ କରିବେ। ଚୁକ୍ତିର ମିଆଦ ଶେଷ ହେଲେ ନିଯୋଗକର୍ତ୍ତା ନିଜର ଇଚ୍ଛାନୁସାରେ ଶ୍ରମିକଙ୍କୁ ଚାକିରିରୁ ବିଦା କରି ଦେଇପାରିବେ। ଫଳରେ ଶ୍ରମିକ ପଦୋନ୍ନତି ଓ ବରିଷ୍ଠତାର ସୁଯୋଗ ହରାଇବ। ଚାକିରି ହରାଇବାର ଭୟଥିବାରୁ ଏହିସବୁ ଶ୍ରମିକ ସଙ୍ଗଠିତ ହେବାର ସମ୍ଭାବନା କମିଯିବ। ବଡ଼ ଅଂଶର ଶ୍ରମିକ, ବିଶେଷକରି ଅସଂଗଠିତ ଶ୍ରମିକଙ୍କର ପ୍ରଚଳିତ ସାମାଜିକ ସୁରକ୍ଷାଗୁଡ଼ିକ ନୂତନ କୋଡ୍‌ରେ ଅନିଶ୍ଚିତତା ମଧ୍ୟକୁ ଠେଲି ଦିଆଯାଇଛି। ଅଥଚ ସରକାର ଏହି ନୂଆ କୋଡ୍‌ରେ ସମସ୍ତ କ୍ଷେତ୍ରର ଶ୍ରମିକଙ୍କ ସାମାଜିକ ସୁରକ୍ଷା ପାଇଁ ପ୍ରଚଳିତ ସେସ୍ ସଂଗ୍ରହ ସଂକ୍ରାନ୍ତ ବିଧାନ ବାତିଲ କରିଛନ୍ତି। ଫଳରେ ଲକ୍ଷ ଲକ୍ଷ ଶ୍ରମିକଙ୍କ ସାମାଜିକ ସୁରକ୍ଷା କାର୍ଯ୍ୟତଃ ଅନିଶ୍ଚିତ ହୋଇପଡ଼ିବ।

ନୂଆ ଶ୍ରମକୋଡ୍‌ରେ ୟୁନିୟନ ରେଜିଷ୍ଟ୍ରେସନ ଓ ଧର୍ମଘଟ ଦୁଇ ମୌଳିକ ଶ୍ରମିକ ଅଧିକାର ଉପରେ ଆକ୍ରମଣ କରାହୋଇଛି। ୟୁନିୟନ ପଞ୍ଜୀକରଣ ପାଇଁ ଏବେ ପ୍ରତିଷ୍ଠାନର ମୋଟ ଶ୍ରମିକଙ୍କର ୧୦ ପ୍ରତିଶତ ବା ୧୦୦ଜଣ ସଦସ୍ୟ ରହିବା ବାଧ୍ୟତାମୂଳକ, ଯାହା ବଡ଼ ୟୁନିଟ୍ ବା ବିସ୍ତୃତ କର୍ମକ୍ଷେତ୍ରରେ ସଙ୍ଗଠନ ଆରମ୍ଭ କରିବା ପ୍ରକ୍ରିୟା କଷ୍ଟକର ହୋଇପଡ଼ିବ। ରେଜିଷ୍ଟ୍ରେସନ ପ୍ରକ୍ରିୟା ମଧ୍ୟ ଜଟିଳ ଓ ଶ୍ରମ ଅଧିକାରୀଙ୍କ ଇଚ୍ଛା ଉପରେ ନିର୍ଭରଶୀଳ କରିଦିଆଯାଇଛି। ଧର୍ମଘଟକୁ କାର୍ଯ୍ୟତଃ ନିଷିଦ୍ଧ କରିବା ପାଇଁ ସବୁ ଶିଳ୍ପ କ୍ଷେତ୍ରରେ ୧୪ଦିନର ନୋଟିସ ବାଧ୍ୟତାମୂଳକ କରାଯାଇଛି। ଆଉ ଏହାପରେ କୌଣସି ମଧ୍ୟସ୍ଥତା ପ୍ରକ୍ରିୟା ଚାଲୁଥିବା ସମୟରେ ଧର୍ମଘଟ ନିଷିଦ୍ଧ, ନିୟମ ଭାଙ୍ଗିଲେ କଠୋର ଜୋରିମାନା ଓ ଜେଲ ଦଣ୍ଡ ଭଳି ଶାସ୍ତି ବିଧାନର ବ୍ୟବସ୍ଥା ହୋଇଛି। ଏହା ଶ୍ରମିକଙ୍କୁ ଭୟ ଦେଖାଇ ଧର୍ମଘଟକୁ ଅଟକାଇବା ପାଇଁ ତିଆରି କରାଯାଇଥିବା ମନେ ହୁଏ।

ଏ ସମସ୍ତ ଆଇନଧାରା ହିଁ ଶୋଷଣର ମାତ୍ରା ବଢ଼ାଇ ଆହୁରି ଉଦ୍‌ବୃତ୍ତ ଶ୍ରମ ଶ୍ରମିକଙ୍କଠାରୁ ବାହାର କରିନେବା ପାଇଁ ପରିକଳ୍ପିତ। ନୂତନ ଶ୍ରମକୋଡ୍‌ରେ ଶ୍ରମ ସମୟ ବଢ଼ାଇ ୧୨ ଘଣ୍ଟା କରାଯାଇଛି। ଅର୍ଥାତ୍ ମାଲିକ ଚାହିଁଲେ ଶ୍ରମିକଙ୍କ କାର୍ଯ୍ୟ, ବିରତି ଓ ଅପେକ୍ଷାକୁ ମିଳାଇ ପୂରା ୧୨ ଘଣ୍ଟା କର୍ମକ୍ଷେତ୍ରରେ ରହିବାକୁ ପଡ଼ିବ, ଯଦିଓ ତା'ର କାର୍ଯ୍ୟର ସମୟ ୮ ଘଣ୍ଟା ହେବ। ବେତନ ମଧ୍ୟ ସେହି ଅନୁଯାୟୀ। ଏହାଛଡ଼ା ଓଭରଟାଇମ୍ ନିୟମରେ ମଧ୍ୟ ଟାଳଟୁଳ କରାଯାଇଛି। ଏଥିରେ ଶ୍ରମିକଙ୍କ ଇଚ୍ଛା ବିରୁଦ୍ଧରେ ଅତିରିକ୍ତ ସମୟ କାର୍ଯ୍ୟ କରାଇବା ଆହୁରି ସହଜ ହେବ। ନୂଆକୋଡ୍‌ରେ ଚାରି ଦିନର କର୍ମ ସପ୍ତାହର ସୁଯୋଗ ରଖାଯାଇଛି। ଏହାର ଅର୍ଥ ପ୍ରତିଦିନ ଓଭରଟାଇମ୍ ମଜୁରି ଛଡ଼ା ୧୨ ଘଣ୍ଟା ପର୍ଯ୍ୟନ୍ତ କାର୍ଯ୍ୟ କରାଇବା ଏକରକମ ବୈଧ ହୋଇଯିବ। ସବୁ ମିଶି ଏସବୁ ପରିବର୍ତ୍ତନ ଶ୍ରମିକଙ୍କର ବିଶ୍ରାମ, ସ୍ୱାସ୍ଥ୍ୟ, ପରିବାର ଜୀବନ ଏବଂ ସଙ୍ଗଠିତ ହେବାର ସୁଯୋଗ ଉପରେ ପ୍ରତିକୂଳ ପ୍ରଭାବ ପକାଇବ।

ପ୍ରତିବର୍ଷ ଆମ ଦେଶରେ ହଜାର ହଜାର ଶ୍ରମିକ କାର୍ଯ୍ୟ କ୍ଷେତ୍ରରେ ଦୁର୍ଘଟଣାରେ ପ୍ରାଣ ହରାଉଛନ୍ତି। ନୂଆ ଶ୍ରମକୋଡ୍‌ରେ ଶ୍ରମିକଙ୍କ ସୁରକ୍ଷା ସଂକ୍ରାନ୍ତ ଇନସ୍‌ପେକ୍ସନ ବ୍ୟବସ୍ଥାକୁ ମାରାତ୍ମକ ଭାବେ ଦୁର୍ବଳ କରିଦିଆଯାଇଛି। ପୂର୍ବପରି ହଠାତ୍ ବା ଅନିୟମିତ ପରିଦର୍ଶନର ସୁଯୋଗ ନାହିଁ। ଏବେ ଇନ୍ସପେକ୍ସନ ପାଇଁ ପୂର୍ବରୁ ନୋଟିସ୍ ଦେବାକୁ ହେବ ଏବଂ ସରକାରଙ୍କ ଅନୁମତି ନେବାକୁ ପଡ଼ିବ। ଏହାଫଳରେ ମାଲିକମାନେ ସବୁ ବେନିୟମକୁ ଲୁଚେଇ ଦେଇ ପାରିବେ ଏବଂ କର୍ମକ୍ଷେତ୍ରର ପ୍ରକୃତ ପରିବେଶ ଓ ପରିସ୍ଥିତି ଦେଖାଯିବ ନାହିଁ। ଏହାଛଡ଼ା ଇନ୍ସପେକ୍ଟରମାନଙ୍କ ସ୍ୱାଧୀନତାକୁ କମାଇ ଦିଆଯାଇଛି। ସେମାନଙ୍କୁ କେବଳ ମାତ୍ର ସହାୟକ ବା ଫେସିଲିଟେଟର କରି ଦିଆଯାଇଛି। ଏଣୁ ସେମାନଙ୍କ ପକ୍ଷରେ ଦ୍ରୁତ ଓ କାର୍ଯ୍ୟକାରୀ ବ୍ୟବସ୍ଥା ଗ୍ରହଣ କରିବା କଠିନ। ଫଳସ୍ୱରୂପ ଶ୍ରମିକଙ୍କର ଜୀବନ ବିପଦରେ ପଡ଼ିବ।

ଏହା ସହ ଆସିଛି ଶ୍ରମଶକ୍ତି ନୀତି ୨୦୨୫, ଯାହାର ମୂଳ ଉଦ୍ଦେଶ୍ୟ ହେଲା ସାରା ଦେଶରେ ଶ୍ରମଶକ୍ତିକୁ ଏକ ଡିଜିଟାଲ ପ୍ରକ୍ରିୟା ମଧ୍ୟଦେଇ ଆସିଥିବା ପୁଞ୍ଜିର ଚାହିଦା ଅନୁଯାୟୀ ବ୍ୟବସ୍ଥା କରିବା, ସମସ୍ତ ସ୍ଥାୟୀ କାର୍ଯ୍ୟର ବଦଳରେ ଶ୍ରମକୁ 'ଗିଗ୍ ନେଚର' କରିଦିଆଯିବ- ଅର୍ଥାତ୍ ସାରା ଦେଶରେ ଶ୍ରମଶକ୍ତିକୁ ଧୀରେ ଧୀରେ ସମସ୍ତ ରେଗୁଲେସନର ବାହାରକୁ ବାହାର କରିଦେବାର ପ୍ରକ୍ରିୟା ଆରମ୍ଭ ହୋଇଛି କହିଲେ ଭୁଲ୍ ହେବ ନାହିଁ।

କଟକ, ମୋ: ୯୪୩୭୩୮୪୮୬୭

## କେମିତି ଭୁଲିବୁ - ୨୦୨୫!

ବୈଷ୍ଣବ ମେହେର

ମଣିଷ ହିଁ ନିଜ ସୁବିଧା ଅନୁଯାୟୀ ସମୟକୁ ବର୍ଷ-ମାସ-ଦିନ-ଦଣ୍ଡରେ ବିଭକ୍ତ କରି ଦେଇଛି। ସେହି ପ୍ରକ୍ରିୟାରେ ବିଶ୍ୱ ପୁଣି ନୂଆ ଏକ ବର୍ଷକୁ ସ୍ୱାଗତ କରିବାକୁ ଯାଉଥିବା ବେଳେ ପୁରୁଣା ବର୍ଷଟିକୁ ବିଦାୟ ଦେବାକୁ ସମସ୍ତେ ମାନସିକ ପ୍ରସ୍ତୁତି ନେଇ ସାରିଛେ। ଅନେକ ଭାବନ୍ତି ନୂଆ ବର୍ଷ ୨୦୨୬ ଧରାପୃଷ୍ଠକୁ ପାଦ ଦେଉଦେଉ ସେହି କ୍ଷଣରୁ ୨୦୨୫ର ଅନ୍ତ ହୋଇଯିବ। କିନ୍ତୁ ବିଦାୟୀ ବର୍ଷର ୩୬୫ ଦିନର ଅବଧି ମଧ୍ୟରେ ଯାହା ସବୁ ଘଟଣା ଅଘଟଣ ଘଟିଛି ସେସବୁକୁ କ'ଣ ସହଜରେ ପାସୋରି ଦେଇ ହେବ! ମୋ ଭଳି ଅନେକଙ୍କ ମନରେ ଜର୍ଜରିତ ହେଉଥିବା ଗତବର୍ଷର ଅନେକ କ୍ଷତ ଦୀର୍ଘଦିନ ଧରି ତାଜା ଓ ଅଭୁଲା ରହିବ।

ବିଶ୍ୱ ମାନଚିତ୍ରରେ ୨୦୨୫କୁ ଯଦି କେହି ଯୁଦ୍ଧର ବର୍ଷ ଭାବରେ ଅଭିହିତ କରନ୍ତି ତେବେ ଭୁଲ ହେବ ନାହିଁ। ଏସିଆ, ମଧ୍ୟପ୍ରାଚ୍ୟ, ଆଫ୍ରିକା ଓ ଦକ୍ଷିଣ-ଏସିଆରେ ଏକାଧିକ ଯୁଦ୍ଧରେ ଲକ୍ଷଲକ୍ଷ ଲୋକ ନିହତ ହେବା ସହ କୋଟିଏରୁ ଅଧିକ ଲୋକ ବିସ୍ଥାପିତ ହେବାର ଦାରୁଣ ଦୁଃଖକୁ କ'ଣ କେବେ ଭୁଲି ଯାଇହେବ? ପରମାଣୁ ଶକ୍ତିସମ୍ପନ୍ନ ଭାରତ ଓ ପାକିସ୍ତାନ ଯୁଦ୍ଧଠାରୁ ଆରମ୍ଭ କରି ଇସ୍ରାଏଲ-ଇରାନର ଯୁଦ୍ଧ ମାନବ ସଭ୍ୟତାକୁ ଅନିଶ୍ଚିତତାର ଘନ କୁହୁଡ଼ି ଭିତରକୁ ଠେଲି ଦେଇଛି। ଅପରପକ୍ଷେ ଦିନକୁଦିନ ପ୍ରକୃତିର ନିର୍ମମ ପ୍ରହାର ମଣିଷ ସମାଜକୁ ନୟାନ୍ତ କରୁଥିବା ବେଳେ ୨୦୨୫ର ପ୍ରାକୃତିକ ବିପର୍ଯ୍ୟୟ ଏବଂ ତତଜନିତ କ୍ଷୟକ୍ଷତି ସମସ୍ତଙ୍କୁ ଦୋହଲାଇ ଦେଇଛି। ଚଳିତ ଗୋଟିଏ ବର୍ଷରେ ଉଭୟ ମରୁଡ଼ି, ବନ୍ୟା, ବାତ୍ୟାକୁ ସାମନା କରିବାକୁ ପଡ଼ିଛି। ଶୀତ ନ ଛାଡୁଣୁ ଘୋଟି ଆସିଛି ଟାଇଁଟାଇଁ ଖରା। ଶ୍ରାବଣରେ ଚାଷଜମି ଫାଟି ଆଁ କରୁଛି ତ ଆଶ୍ୱିନରେ ଘନଘୋର ବର୍ଷା ଯୋଗୁଁ ଜନଜୀବନ ଅସ୍ତବ୍ୟସ୍ତ ହୋଇ ପଡ଼ିଛି। ଉଜୁଡ଼ି ଯାଇଛି ଏକର ଏକର ଫସଲ। ବାୟୁମଣ୍ଡଳ କଥା ନ କହିବା ଭଲ। ଦେଶର ରାଜଧାନୀଠାରୁ ରାଜ୍ୟ ରାଜଧାନୀ ଓ ଅନେକ ଛୋଟବଡ଼ ସହରରେ ବାୟୁ ପାଲଟିଛି ବିଷ। ଏତଦ୍‌ବ୍ୟତୀତ ବଜ୍ରାଘାତ, ସାପକାମୁଡ଼ା, ବନ୍ୟଜନ୍ତୁ ଆକ୍ରମଣ, ଅଗ୍ନିକାଣ୍ଡ, ଦୁର୍ଘଟଣା ଅନେକ ଧନଜୀବନକୁ ନଷ୍ଟ କରି ଦେଇଛି।

୨୦୨୫ରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଭାରତ ବିରୋଧରେ କଡ଼ା ଶୁଳ୍କ ନିଷ୍ପତ୍ତି, ଏଚ-୧ବି ଭିସା ଉପରେ କଟକଣା ଏବଂ ପାକିସ୍ତାନ ସହ ଜଡ଼ିତ ଭୂ-ରାଜନୈତିକ ଉତ୍ତେଜନା ଯୋଗୁଁ ଉଭୟ ଦେଶର ସମ୍ପର୍କ ଚାପଗ୍ରସ୍ତ ହେବା ପ୍ରମୁଖ ଘଟଣା ହୋଇ ରହିବ। ଭାରତରୁ ବିଦେଶୀ ନିବେଶକଙ୍କ ପାଣ୍ଠି ପ୍ରତ୍ୟାହାର ଦୃଷ୍ଟିରୁ ୨୦୨୫ ଏକ ଖରାପ ବର୍ଷ ସାବ୍ୟସ୍ତ ହୋଇଛି। ଆମେରିକୀୟ ଡଲାର ତୁଳନାରେ ଟଙ୍କା ଦୁର୍ବଳ ହେବା, ଭୂରାଜନୈତିକ ସଙ୍କଟ, ବାଣିଜ୍ୟ ସମସ୍ୟା, ଆମେରିକୀୟ ଶୁଳ୍କ ବୃଦ୍ଧି ଭଳି ବିଭିନ୍ନ କାରଣ ପାଇଁ ଏହି ବର୍ଷ ରେକର୍ଡ ୧.୬ ଲକ୍ଷ କୋଟି ଟଙ୍କା ପ୍ରତ୍ୟାହାର କରିବା ଆଗରୁ କେବେ ଘଟି ନ ଥିଲା।

ଏପ୍ରିଲ ୨୨ରେ ପହଲଗାମ ଠାରେ ଆତଙ୍କବାଦୀମାନେ ୨୬ ଜଣ ହିନ୍ଦୁ ପର୍ଯ୍ୟଟକଙ୍କୁ ଗୁଳି କରି ହତ୍ୟା ଘଟଣା ମାନବ ସମାଜ ପାଇଁ ଏକ କଳଙ୍କିତ ଫର୍ଦ୍ଦ ହୋଇ ରହିଯିବ। ପରବର୍ତ୍ତୀ ସମୟରେ ଏହାର ଜବାବରେ ପାକିସ୍ତାନ ବିରୋଧରେ 'ଅପରେସନ ସିନ୍ଦୂର' ମାଧ୍ୟମରେ ଭାରତ ଦେଖାଇଥିବା ପରାକ୍ରମ ସାରା ବିଶ୍ୱର ଦୃଷ୍ଟି ଆକର୍ଷଣ କରିଥିଲା। ଏୟାର ଇଣ୍ଡିଆର ବିମାନ ଅହମ୍ମଦାବାଦରୁ ଲଣ୍ଡନକୁ ଉଡ଼ାଣ ଭରିବାର ମାତ୍ର କିଛି ମୁହୂର୍ତ୍ତ ମଧ୍ୟରେ ଏକ ମେଡିକାଲ କଲେଜର ହଷ୍ଟେଲ କୋଠା ଉପରେ ପଡ଼ିଯିବାରୁ ପ୍ରାୟ ୨୬୦ ଜଣଙ୍କ ମୃତ୍ୟୁ ଘଟିବା ସାରା ଦେଶକୁ ସ୍ତବ୍ଧ କରିଦେଇଥିଲା। ପଡ଼ିଆ ଭିତରେ ଅନେକ ନୂଆ ପୁଲକ ଆଣିଥିବା ୨୦୨୫ ଅନେକ କ୍ଷେତ୍ରରେ ଦେଶକୁ ରୁଦ୍ଧିମନ୍ତ କରିଥିବା ବେଳେ ଆରସିବିର ଆଇପିଏଲ ବିଜୟ ଉତ୍ସବରେ ହୃଦୟ ବିଦାରକ ଦଳାଚକଟା କ୍ରୀଡ଼ାଜଗତକୁ ଅନେକ ଦିନ ଯାଏଁ ବ୍ୟଥିତ କରି ରଖିବ।

ଆମ ରାଜ୍ୟରେ ମଧ୍ୟ ଏମିତି କିଛି ଅଘଟଣ ୨୦୨୫କୁ ସରଗରମ କରିଥିଲା। ଅଧ୍ୟାପକଙ୍କ ଦ୍ୱାରା ଛାତ୍ରୀଙ୍କୁ ମାନସିକ ନିର୍ଯାତନା ଦେବା ସହ 'ଫେଭର୍' ମାଗୁଥିବା ଅଭିଯୋଗରେ ବାଲେଶ୍ୱର ଫକୀର ମୋହନ ସ୍ୱୟଂଶାସିତ କଲେଜ ଛାତ୍ରୀଙ୍କ ଆତ୍ମଦାହ ସାରା ରାଜ୍ୟରେ ନିଆଁ ଲଗାଇ ଦେଇଥିଲା। ଏହି ସମ୍ବେଦନଶୀଳ ଘଟଣା ପରେପରେ ବଳଙ୍ଗା ନାବାଳିକା ଆତ୍ମାହୁତି ଓ ଗୋପାଳପୁର ଗଣଦୁଷ୍କର୍ମ ଘଟଣା ଜାତୀୟସ୍ତରରେ ଆମ ରାଜ୍ୟକୁ ଅଡୁଆ ସ୍ଥିତିରେ ପକାଇ ଥିଲା। ସେହିଭଳି ଆମେରିକା ତରଫରୁ ମହିଳାଙ୍କ ପାଇଁ ଓଡ଼ିଶା ଅସୁରକ୍ଷିତ ଦର୍ଶାଇ ସେଠାକୁ ଯିବାକୁ କଟକଣା କରାଯିବା ଏକ କଳଙ୍କିତ ଅଧ୍ୟାୟ ବୋଲି କୁହାଯିବ। ନିଯୁକ୍ତି କ୍ଷେତ୍ରରେ ଚଳିତ ବର୍ଷ ବଡ଼ବଡ଼ ବିଭ୍ରାଟ ମୁଣ୍ଡ ଟେକିଥିଲା। ଭବିଷ୍ୟତର ସୁନେଲି ସ୍ୱପ୍ନ ଦେଖି ଆଗକୁ ବଢୁଥିବା ଛାତ୍ରଛାତ୍ରୀ ଏବର୍ଷ ପରୀକ୍ଷାର ପ୍ରହେଳିକା ମଧ୍ୟରେ ସ୍ଥଳକୂଳ ବିହୀନ ହୋଇ ପଡ଼ିଥିଲେ, ଯାହା ଯୁବପିଢ଼ିଙ୍କ ମାନସିକ ସ୍ୱାସ୍ଥ୍ୟକୁ ବିଗାଡ଼ି ଦେଇ ଅହେତୁକ ହତାଶା ଭିତରକୁ ଠେଲି ଦେଇଥିଲା। ବହୁଚର୍ଚ୍ଚିତ ପୁଲିସ ଏସଆଇ ପରୀକ୍ଷା କେଲେଙ୍କାରୀଠାରୁ ଆରମ୍ଭ କରି ଆରଆଇ, ଅମିନ ପରୀକ୍ଷା ବିଭ୍ରାଟ, ଓଟିଇଟି ପ୍ରଶ୍ନପତ୍ର ପ୍ରଘଟ, ଏଏନଏମ ପ୍ରଶ୍ନପତ୍ର ଭାଇରାଲ୍ ଭଳି ଏକାଧିକ ଘଟଣା ସାଧାରଣରେ ଉଦବେଗର ବିଷୟ ହୋଇଥିଲା। ଗୋଟିଏ ପଟେ ବେକାରୀଙ୍କ ସଂଖ୍ୟା ବଢୁଥିବା ବେଳେ ନିଯୁକ୍ତିକୁ ନେଇ ଏଭଳି ବ୍ୟାପକ ଅନିୟମିତତା ଉଭୟ ନିଯୁକ୍ତି ଆଶାୟୀ ଓ ଅଭିଭାବକଙ୍କୁ ନିରାଶ କରିଛି। ନିକଟରେ ଆମ ରାଜ୍ୟର ରାଉରକେଲା, ସମ୍ବଲପୁର ଆଦି ସ୍ଥାନରେ ପଞ୍ଚମ ଶ୍ରେଣୀ ଯୋଗ୍ୟତା ଥିବା ହୋମଗାର୍ଡ ଚାକିରି ପାଇବାକୁ ହଜାରହଜାର ସଂଖ୍ୟାରେ ଉଚ୍ଚଶିକ୍ଷିତଙ୍କ ଆବେଦନ ବେକାରୀ ସମସ୍ୟାର ଉତ୍କଟ ରୂପକୁ ଦର୍ଶାଇଛି।

ବିଶ୍ୱସ୍ତରରେ ପ୍ରଯୁକ୍ତି ଦୁନିଆରେ କାମ କରୁଥିବା କର୍ମଚାରୀଙ୍କ ପାଇଁ ମଧ୍ୟ ୨୦୨୫ ବର୍ଷ ଖରାପ ସମୟ ଆଣିଥିଲା। ବିଶ୍ୱର ଭିନ୍ନଭିନ୍ନ ୨୧୮ଟି କମ୍ପାନୀରେ କାମ କରୁଥିବା ପ୍ରାୟ ୧ ଲକ୍ଷରୁ ଅଧିକ କର୍ମଚାରୀ ଜୀବିକା ହରାଇଥିଲେ। ଏତତବ୍ୟତୀତ ହତ୍ୟା, ଆତ୍ମହତ୍ୟା ଓ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଭଳି ହୃଦୟ ବିଦାରକ ଅଘଟଣର ହିସାବ ନଥିଲା। ପୁରୁଣା ବର୍ଷରେ ଏମିତି ଅନେକ ଘଟଣା ଘଟିଛି ଯାହା ଘଟୁ ବୋଲି ଆମେ କେହି କେବେ ଚାହୁଁ ନଥିଲୁ। ସେସବୁ ଘଟଣା ପାଇଁ ଆମେ କେବେ ପୁରୁଣା ବର୍ଷକୁ ଭୁଲି ପାରିବୁ ନାହିଁ।

ସିନାପାଲି(ନୂଆପଡ଼ା), ମୋ: ୯୭୭୭୭୫୩୯୩୫

## ପାଞ୍ଚପା ମଠ

### ଲୋକକଥାରେ ଲୋକଦେବତା

ସ୍ୱପ୍ନେଶ୍ୱର

ଖଣ୍ଡପଡ଼ା ଗାଆଁରେ ଗୋଟିଏ ଅନାଥ ପିଲା ଥିଲା। ପିଲାଟି ସ୍ୱଭାବରେ ସରଳ, ନିଷ୍କପଟ ଓ କର୍ମଠ ଥିଲା। କିନ୍ତୁ ଖାଇବାରେ ପେଟୁ ଥିଲା। ଗାଆଁର ପ୍ରଧାନଙ୍କ ଅନୁରୋଧରେ ଜଣେ ଗୁମାସ୍ତା ପିଲାଟାକୁ ନେଇ ଏକ ମଠରେ ରଖିବାର ବ୍ୟବସ୍ଥା କଲେ। କି କାମ ପରିପାରିବ ଏବଂ ସେ ବାବଦରେ ପାଉଣ କ'ଣ ନେବ ବୋଲି ମହନ୍ତ ପଚାରନ୍ତେ ପିଲାଟି କହିଲା, 'ଦୁଇ ଓଳି ପାଞ୍ଚପା ଲେଖାଏଁ ଚାଉଳର ଭାତ ଖାଇବା ଛଡ଼ା ଆଉ କିଛି ପାଉଣା ନେବ ନାହିଁ।' ପାଞ୍ଚପା ଚାଉଳ ଆଜିର ୬୨୫ ଗ୍ରାମ ସଂଗେ ସମାନ। ମହନ୍ତ ଭାବିଲେ ମଠରେ ଖାଇବାକୁ କୋଉ ଅଭାବ ଅଛି ଯେ ଚିନ୍ତା ପଡ଼ିଛି। ମହନ୍ତଙ୍କ ଅନୁମତିକ୍ରମେ ସେ ସେଠାରେ ରହି ମଠର ସବୁକାମ କଲା। ମଠର ଅନ୍ତେବାସୀମାନେ ତାକୁ ସ୍ନେହରେ 'ପାଞ୍ଚପା' ବୋଲି ଡାକିଲେ।

ଦିନେ ଏକାଦଶୀ ପଡ଼ିଲା। ମହନ୍ତ ମହାରାଜ ପିଲାକୁ ପଚାରିଲେ, 'ଆଜି ମଠରେ ରୋଷେଇ ହବ ନାହିଁ। ଫଳମୂଳ ଖାଇ ଚଳେଇ ଦେବୁ?' କିନ୍ତୁ 'ପାଞ୍ଚପା' ରାଜି ହେଲା ନାହିଁ। ତେଣୁ ମହନ୍ତଙ୍କ ନିର୍ଦ୍ଦେଶକ୍ରମେ ମଠରୁ ପାଞ୍ଚପା ଚାଉଳ ଓ ପରିବା ନେଇ ମଠ ବାହାର ତୋଟାରେ ରାନ୍ଧି ଖାଇବାକୁ ସେ ବାହାରିଲା। ତୋଟାକୁ ଯିବା ବେଳେ ତାକୁ ପଛରୁ ଡାକି ମହନ୍ତ କହିଲେ, 'ଆମେ ଯାହା ସବୁ ଖାଉଛେ ସେ ସବୁର ମାଲିକ ହେଲେ ଜଗନ୍ନାଥ। ଖାଇବା ପୂର୍ବରୁ ତାଙ୍କୁ ସମର୍ପଣ କରି ଖାଇବୁ।' 'ପାଞ୍ଚପା' ତୋଟାରେ ରୋଷେଇ ସାରି ଖାଇବା ଆଗରୁ ମହନ୍ତଙ୍କ କଥା ମନେପଡ଼ିଲା। ସେ ବଡ଼ ପାଟିରେ ଡାକିଲା, 'ଆରେ ହେ! ଜଗନ୍ନାଥ ବୋଲି କିଏ କୋଉଠି ଅଛ? ତୁମକୁ ଭାତ ସମର୍ପଣ କଲେ ଖାଇବି ବୋଲି ମହନ୍ତ କହିଛନ୍ତି। ଜଲ୍‌ଦି ଆସ। ଭୋକରେ ପେଟ ଜଳିଲାଣି।' ତା'ର ସରଳ ନିଷ୍କପଟ ସ୍ୱଭାବରେ ମୁଗ୍ଧ ହୋଇ ମହାପ୍ରଭୁ ତତ୍‌କ୍ଷଣାତ୍ ସେଠାରେ ଆବିର୍ଭାବ ହୋଇଗଲେ। ମନ୍ଦ ମନ୍ଦ ହସି ମହାପ୍ରଭୁ କହିଲେ, 'ଚଞ୍ଚଳ ଦୁଇଟା ପତ୍ରରେ ବାଢ଼, ଖାଇ ଦେବା।' ତହୁଁ 'ପାଞ୍ଚପା' କହିଲା, 'ତମେ ଖାଇବ ନା କ'ଣ? ମହନ୍ତ ତ କହିଥିଲେ ସମର୍ପଣ କରି ତୁ ଖାଇବୁ। ତମେ ଖାଇବା କଥା ଜାଣିଥିଲେ, ଅଧିକା ଚାଉଳ ଆଣିଥା'ନ୍ତି। ହଉ ତମେ ଆଜି ଅଳପ ଖାଅ, ଆର ଏକାଦଶୀକୁ ତମ ପାଇଁ ଆଉ ପାଞ୍ଚପା ଚାଉଳ ଆଣିବି। ସେ ଦିନ ପେଟ ପୂରା ଖାଇବ।' ମହାପ୍ରଭୁ ହସହସ ମୁହଁରେ ତା' ରନ୍ଧା ଭାତ ଖାଇ ଚାଲିଗଲେ।

ପନ୍ଦର ଦିନ ପରେ ପୁଣି ଏକାଦଶୀ ପଡ଼ିଲା। ସେ ଦିନ ସକାଳେ 'ପାଞ୍ଚପା' ମହନ୍ତଙ୍କୁ ଆଉ ପାଞ୍ଚପା ଚାଉଳ ମାଗି ତୋଟାକୁ ରାନ୍ଧିବାକୁ ଗଲା। ରାନ୍ଧିସାରି ଡାକିଲା, 'ହଇହୋ' ଏ ଜଗନ୍ନାଥ। ଆସ। ଆଜି ତମ ପାଇଁ ବି ପାଞ୍ଚପା ଚାଉଳ ପକେଇଛି। ଜଲଦି ଆସ।' 'ପାଞ୍ଚପା'ର ଡାକ ଶୁଣି ମହାପ୍ରଭୁ ଆସିବାକୁ ବାହାରିବା ବେଳକୁ ମାଆ ଲକ୍ଷ୍ମୀ ପଚାରିବାରୁ ମହାପ୍ରଭୁ ତାଙ୍କର ଅଦ୍ଭୁତ ଭକ୍ତ ବିଷୟରେ କହିଲେ। ଏଥର ମାଆ ଲକ୍ଷ୍ମୀ ମଧ୍ୟ ମହାପ୍ରଭୁଙ୍କ ସାଙ୍ଗରେ ଆସି ତୋଟାରେ ପହଞ୍ଚିଲେ। ସେମାନଙ୍କୁ ଦେଖି ପାଞ୍ଚପା କହିଲା, 'ଗଲା ଥର ତମେ ଆସିଥିଲ ବୋଲି ତମ ପାଇଁ ଆଉ ପାଞ୍ଚପା ଚାଉଳ ମାଗି ଆଣିଥିଲି। ମାଗଣା ମିଳୁଛି ବୋଲି ଆଜି ଜଣେ ମାଇପି ଲୋକକୁ ଧରି ଆଣିଛ। ମୋ ପାଞ୍ଚପା ମୁଁ ଖାଇବି। ବାକି ଯାହା ରହିଲା, ତମେ ଦି ଜଣ ଖାଅ।' ସେ ତିନିଖଣ୍ଡ ପତ୍ର ପକେଇ ଯାହା ରାନ୍ଧିଥିଲା ସେଥିରୁ ଅଧା ନିଜେ ନେଲା ଓ ବାକି ଅଧା ସେମାନଙ୍କ ପତ୍ରରେ ବାଢ଼ି ଦେଲା। ଜଗନ୍ନାଥ ଓ ଲକ୍ଷ୍ମୀ ମହାଆନନ୍ଦରେ ପାଞ୍ଚପା ରାନ୍ଧଣା ଖାଇ ଚାଲିଗଲେ।

ତୃତୀୟ ଏକାଦଶୀ ଦିନ ପାଞ୍ଚପା ମହନ୍ତଙ୍କୁ କହିଲା, 'ମହାରାଜ! ସେଇ ଯୋଉ ଜଗନ୍ନାଥ ଗଲାଥର ତା' ଭାରିଯା ହବ କି କ'ଣ, ଗୋଟେ ମାଇପିକୁ ନେଇକି ଆସିଥିଲା। ମୋ ପାଞ୍ଚପା ମୁଁ ଖାଇଲି, ବାକି ପାଞ୍ଚପା ସେମାନଙ୍କୁ ବାଣ୍ଟି ଦେଲି। ସେଥିରେ ତାଙ୍କ ପେଟ ପୂରି ନ ଥିବ। ଆଜି ଆଉ ପାଞ୍ଚପା ଚାଉଳ ଅଧିକା ଦିଅନ୍ତୁ।' ଏ କଥା ଶୁଣି ମହନ୍ତଙ୍କ ମନରେ କୌତୁହଳ ଜାତ ହେଲା। ପିଲାଟା ଚାଉଳ ନେଇ ରୋଷେଇ କରୁଛି, ତା' ଠୁ ଖାଉଛି କିଏ? ଏହି ରହସ୍ୟ ଜାଣିବା ପାଇଁ ସେ ଗୋଟେ ଗଛ ପଛପଟେ ଲୁଚି ରହିଲେ। ସେ ଦିନ ମାଆ ଲକ୍ଷ୍ମୀ ଓ ଜଗନ୍ନାଥଙ୍କ ସହିତ ବଡ଼ଠାକୁର ମଧ୍ୟ ତୋଟାରେ ଆସି ପହଞ୍ଚିଲେ। ସେମାନଙ୍କୁ ଦେଖି 'ପାଞ୍ଚପା' କହିଲା, 'ପ୍ରଥମେ ଏକା ଆସିଲ, ତା' ପରେ ଗୋଟେ ମାଇପି ଲୋକକୁ ନେଇକି ଆସିଲ, ଆଜି ଜଣେ ଭାଇ ବତାସିଆକୁ ଆଣି ଆସିଛ। ମୋ ଭାଗ ପାଞ୍ଚପାରୁ ଗୋଟେ ଦାନା କମ ହବନି। ବାକତକ ତମ ତିନି ଜଣକୁ ବାଣ୍ଟି ଦେବି। ଯେତିକି ହେଲା ସେତିକି।' ପାଞ୍ଚପା ପ୍ରଥମେ ନିଜ ଖାଇବା ବାଢ଼ି ନେଇ ବାକି ଭାତକୁ ତିନି ପତ୍ରରେ ବାଢ଼ି ଦେଲା। ତିନି ଠାକୁର 'ପାଞ୍ଚପା' ହାତ ରନ୍ଧା ଖାଇ ଚାଲି ଗଲେ।

ମଠର ମହନ୍ତ ଗଛ ଆଢୁଆଳରୁ ବାହାରି 'ପାଞ୍ଚପା'ର ଗୋଡ଼ ତଳେ ପଡ଼ିଗଲେ। କହିଲେ, 'ପାଞ୍ଚପା! ଯେଉଁ ମହାପ୍ରଭୁମାନଙ୍କ ଦର୍ଶନ ଦେବତାମାନଙ୍କ ପାଇଁ ଦୁର୍ଲଭ, ଯାହାର ଦର୍ଶନ ପାଇଁ ମୁନିଋଷିମାନେ ସାରା ଜୀବନ ସାଧନା କରି ମଧ୍ୟ ପାଆନ୍ତି ନାହିଁ, ସେ ଆଜି ତୋତେ ପ୍ରତ୍ୟକ୍ଷ ଦର୍ଶନ ଦେଇଛନ୍ତି ଏବଂ ତୋ ହାତରନ୍ଧା ପ୍ରସାଦ ଭୋଜନ କରିଛନ୍ତି। ତୁ ଧନ୍ୟ, ତୋର ପିତାମାତା ଧନ୍ୟ। ତୋ ଯୋଗୁଁ ମୁଁ ମହାପ୍ରଭୁମାନଙ୍କର ପ୍ରତ୍ୟକ୍ଷ ଦର୍ଶନ ପାଇ ନିଜକୁ ଧନ୍ୟ ମନେ କରୁଛି। ଆଜିଠାରୁ ତୋ ନାମାନୁସାରେ ଆମ ମଠ 'ପାଞ୍ଚପା ମଠ' ନାମରେ ଜଣାଯିବ।'

ମୋ: ୯୯୦୦୦୮୩୪୩୩

### ଲେଖକ/ଲେଖିକାଙ୍କ ନିମନ୍ତେ ସୂଚନା

୧. 'ସକାଳ'ର ସମ୍ପାଦକୀୟ ପୃଷ୍ଠା ପାଇଁ ପ୍ରଥମ ଲେଖା ସର୍ବାଧିକ ୯୦୦ ଶବ୍ଦ ଏବଂ ଦ୍ୱିତୀୟ ଲେଖା ସର୍ବାଧିକ ୫୦୦ ଶବ୍ଦ ମଧ୍ୟରେ ସୀମିତ ରଖିବା ବାଞ୍ଛନୀୟ।
୨. ଲେଖା ପ୍ରକାଶନ ସମ୍ପର୍କରେ ସମ୍ପାଦନା ମଣ୍ଡଳିର ନିଷ୍ପତ୍ତି ଚୂଡ଼ାନ୍ତ। ଲେଖାର କେବଳ ସମ୍ପାଦିତ ଅଂଶ ହିଁ ପ୍ରକାଶିତ ହେବ।
୩. 'ସକାଳ'କୁ ପଠାଇଥିବା ସମାନ ଲେଖା ଏକାଧିକ ଖବରକାଗଜ/ପତ୍ରପତ୍ରିକାରେ ପ୍ରକାଶିତ ହେଲେ ଏବଂ ଅତୀତରେ ପ୍ରକାଶିତ ଲେଖାକୁ ପୁଣି ଥରେ ପଠାଇବା ଜଣାପଡ଼ିଲେ ଭବିଷ୍ୟତରେ ସମ୍ପୃକ୍ତ ଲେଖକ/ଲେଖିକାଙ୍କ ଲେଖା ଆଉ ବିଚାରକୁ ନିଆଯିବ ନାହିଁ।
୪. ଲେଖା ପଠାଇବାର ୭ ଦିନ ମଧ୍ୟରେ ପ୍ରକାଶିତ ନ ହେଲେ ଲେଖକ/ଲେଖିକା ତାହାକୁ ଅନ୍ୟ ଖବରକାଗଜ/ପତ୍ରପତ୍ରିକାକୁ ପଠାଇ ପାରିବେ।
୫. ସାମ୍ପ୍ରଦାୟିକ ଉତ୍ତେଜନା ସୃଷ୍ଟିକାରୀ, ବ୍ୟକ୍ତିଗତ ଆକ୍ରୋଶମୂଳକ ଓ ପ୍ରଶଂସାସୂଚକ ଲେଖା ପ୍ରକାଶିତ ହେବ ନାହିଁ। ପ୍ରସଙ୍ଗଭିତ୍ତିକ, ସୁସ୍ଥ ଓ ବୌଦ୍ଧିକ ସମାଲୋଚନାମୂଳକ ଲେଖାକୁ ଅଗ୍ରାଧିକାର ଦିଆଯିବ।
୬. ଲେଖା ପ୍ରକାଶନର ଅନ୍ତର ଅନ୍ୟୂନ ୧୫ ଦିନ ରହିବ।
୭. 'ସକାଳ' ଓଡ଼ିଶାର ବୃହତ୍ ପାଠକବର୍ଗଙ୍କର। ସେମାନଙ୍କ ରୁଚି, ଆଗ୍ରହ ଓ ଚାହିଦାକୁ ସମ୍ମାନ ଜଣାଇବା ଆମ ସମସ୍ତଙ୍କର କର୍ତ୍ତବ୍ୟ। ଏହାକୁ ହୃଦୟଙ୍ଗମ କରି ଉପରୋକ୍ତ ମାର୍ଗଦର୍ଶିକାକୁ ସଯତ୍ନ ଅନୁପାଳନ ପାଇଁ ଲେଖକ/ଲେଖିକାଙ୍କୁ ପୁଣି ଥରେ ବିନମ୍ର ଓ ସଶ୍ରଦ୍ଧ ଅନୁରୋଧ କରୁଛୁ।

କାର୍ଯ୍ୟନିର୍ବାହୀ ସମ୍ପାଦକ



ଦୈନିକ 'ସକାଳ' ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ। ସେଥିପାଇଁ 'ସକାଳ' କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ।

ସକାଳ THE SAKALA
ବୁଧବାର ୩୧ ଡିସେମ୍ବର, ୨୦୨୫



**ସରକାର ଗାଡ଼ିମାଲିକଙ୍କଠାରୁ ଜିଜିଆ କର ଆଦାୟ କରୁଛନ୍ତି**

# ପ୍ରଦୂଷଣ ସାର୍ଟିଫିକେଟ୍ ପ୍ରସଙ୍ଗରେ ରାସ୍ତାକୁ ଓହ୍ଲାଇବ ଯୁବ କଂଗ୍ରେସ

ଭୁବନେଶ୍ୱର,୩୦।୧୨(ସମିସ): ରାଜ୍ୟ ସରକାର ଗାଡ଼ି ମାଲିକଙ୍କଠାରୁ ଜିଜିଆକର ଆଦାୟ କରୁଛନ୍ତି। ଏକକୋଟି ୧୩ ଲକ୍ଷ ବିଜୁଳି ଉପଭୋକ୍ତାଙ୍କ ଠାରୁ ଟାଟା ପାୱାର କମ୍ପାନୀକୁ ଲଗାଇ ରକ୍ତଶୋଷଣ କଲାଭଳି ବିଜୁଳି ବିଲ୍ ଦେୟ ଆଦାୟ କରୁଛନ୍ତି। ସେତିକିରେ ତାଙ୍କର ନୃଶଂସତା ସୀମିତ ହୋଇଯାଇ ନାହିଁ। ଏବେ ପ୍ରଦୂଷଣ ସାର୍ଟିଫିକେଟ ନାମରେ ଦୁଇ ଚକିଆ, ଚାରି ଚକିଆ ଏବଂ ସମସ୍ତ ଯାନର ମାଲିକଙ୍କଠାରୁ ମଶାଭଳି ରକ୍ତ ଶୋଷଣ କରୁଛନ୍ତି ବୋଲି ପ୍ରଦେଶ ଯୁବ କଂଗ୍ରେସ ସଭାପତ ରଞ୍ଜିତ ପାତ୍ର କହିଛନ୍ତି। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରେ ଏକ ସାମ୍ବାଦିକ ସମ୍ମିଳନୀରେ ଶ୍ରୀ ପାତ୍ର କହିଛନ୍ତି, ପ୍ରଦୂଷଣ ସାର୍ଟିଫିକେଟ ନାମରେ ବିଭିନ୍ନ ଗାଡ଼ି ଉପରେ ଥିବା ମାତ୍ରାଧିକ ଫାଇନ ଦେବାକୁ ବାଧ କରାଯାଉଛି। ଲୋକଙ୍କୁ ସଚେତନ କରା ନ ଯାଇ ମନଇଛା ଫାଇନ ଲାଗୁ କରାଯାଇଛି। ଏପଟେ କୁହାଯାଉଛି ଯେ ଯଦି ଫାଇନ ନ ଦେବ ତେବେ ପ୍ରଦୂଷଣ ସାର୍ଟିଫିକେଟ ଦିଆଯିବ ନାହିଁ। ପୁଣି କୁହାଯାଉଛି ଯେ ଯଦି ପ୍ରଦୂଷଣ ସାର୍ଟିଫିକେଟ ନ ଥିବ




ତେବେ ପେଟ୍ରୋଲ ଟାଙ୍କିରେ ତେଲ ମଧ ମିଳିବ ନାହିଁ। ତେଣୁ ଏହା ଏକ ଜନହିତୈଷୀ ସରକାର ନା ଜନବିରୋଧି ସରକାର ବୋଲି କଂଗ୍ରେସ ପ୍ରଶ୍ନ କରିଛି।

ଦଳ ପକ୍ଷରୁ କୁହାଯାଇଛି ଯାହାର ଗାଡ଼ିର ମୂଲ୍ୟ ୨୦ ହଜାର ଟଙ୍କା ତାହା ଉପରେ ଫାଇନ ୨୫ ହଜାର ଟଙ୍କା କରାଯାଉଛି। ଫଳରେ ଗାଡ଼ି ମାଲିକ ଆଉ ଗାଡି ଚଲାଇବା ପାଇଁ ସକ୍ଷମ ହୋଇପାରିବ ନାହିଁ। ଲୋକଙ୍କୁ ହଇରାଣ ହରକତ କରି ଫାଇନ ଆଦାୟ କରିବାକୁ ବରଦାସ୍ତ କରାଯିବ ନାହିଁ। ପ୍ରଦୂଷଣ ସାର୍ଟିଫିକେଟ ଇସ୍ୟୁରେ ଗାଡ଼ି ଉପରେ ଥିବା ଫାଇନ ଲାଗୁ ବ୍ୟବସ୍ଥା ହଟିବା ଦରକାର। ସମସ୍ତଙ୍କ ଗାଡ଼ି ପରୀକ୍ଷା କରି ଏକ ସୁଲଭ ମୂଲ୍ୟରେ ପ୍ରଦୂଷଣ ସାର୍ଟିଫିକେଟ ଇସ୍ୟୁ କରିବାପାଇଁ ଯୁବ କଂଗ୍ରେସ ଦାବି କରିଛି। ଯଦି ସରକାର ଗାଡ଼ି ଉପରେ ଥିବା ଫାଇନ ପୂରଣ କରିବାପରେ ପ୍ରଦ୍ୟୁଷଣ ସାର୍ଟିଫିକେଟ ଇସ୍ୟୁ କରିବାର ନିଷ୍ପତ୍ତିରେ ଅଟଳ ରୁହନ୍ତି ତେବେ ଯୁବ କଂଗ୍ରେସ ରାଜ ରାସ୍ତାକୁ ଓହ୍ଲାଇବ ବୋଲି ଦଳ ଚେତାବନୀ ଦେଇଛି। ଏହି ସାମ୍ବାଦିକ ସମ୍ମିଳନୀରେ ମନୋଜ ବିଶ୍ୱାଳ, ୟାସିର ନୱାଜ, ଜାଭେଦ ଅକତର ଓ କେଦାର ଦଳାଇ ଉପସ୍ଥିତ ଥିଲେ।

# ୧୧ ବିଭାଗରେ ୧୫୪୩ ଜଣଙ୍କୁ ନିଯୁକ୍ତି

ଭୁବନେଶ୍ୱର,୩୦।୧୨(ସମିସ): ୧୪ତମ ନିଯୁକ୍ତି ମେଳା ମଙ୍ଗଳବାର ଭୁବନେଶ୍ୱର ରେଳ ଅଡିଟୋରିଅମରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୧୧ଟି ବିଭାଗର ସମୁଦାୟ ୧୫୪୩ ଜଣଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଛନ୍ତି। ଏଥିରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ୬୮୧ଜଣ ଶାରୀରିକ କ୍ରୀଡ଼ା ପ୍ରଶିକ୍ଷକ, ୭୪ଜଣ ସ୍ନାତକୋତ୍ତର ଶିକ୍ଷକ, କୃଷି ଓ କୃଷି ସଶକ୍ତୀକରଣ ବିଭାଗର ୭୭ ଜଣ ସହକାରୀ ମୃତ୍ତିକା ସଂରକ୍ଷଣ ଅଧିକାରୀ ଏବଂ ୩୧୫ ଜଣ ମୃତ୍ତିକା ସଂରକ୍ଷଣ ସମ୍ପ୍ରସାରଣ କର୍ମୀ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ୮୬ ଜଣ ଓଡ଼ିଶା ରାଜସ୍ୱ ସେବା ଅଧିକାରୀ ଏବଂ ୩୦ ଜଣ ଓଡ଼ିଶା ପ୍ରଶାସନିକ ସେବା ଅଧିକାରୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ସେହିପରି ଅର୍ଥ ବିଭାଗର ୬୫ ଜଣ ଓଡ଼ିଶା ଟିକସ ଓ ହିସାବ ସେବା ଅଧିକାରୀ, ୫୬ ଜଣ ଓଡ଼ିଶା ଅର୍ଥସେବା ଅଧିକାରୀ, ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗର ୧୦୫ ଜଣ ଓଡ଼ିଶା ଶ୍ରମସେବା ଅଧିକାରୀ, ଜଣେ ପରିସଂଖ୍ୟାନ ସହାୟକ, ସମବାୟ ବିଭାଗର ୧୨ ଜଣ ଓଡ଼ିଶା ସମବାୟ ସେବା ଅଧିକାରୀ ଏବଂ ୩ ଜଣ ଓଡ଼ିଶା ସମବାୟ ସମୀକ୍ଷା ସେବା ଅଧିକାରୀ, ପର୍ଯ୍ୟଟନ ବିଭାଗର ୧୮ ଜଣ ଓଡ଼ିଶା ପର୍ଯ୍ୟଟନ ସେବା ଅଧିକାରୀ, ଗୃହ ବିଭାଗର ୬ ଜଣ ଓଡ଼ିଶା ପୋଲିସ ସେବା ଅଧିକାରୀ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ




ବିଭାଗର ୫ ଜଣ ମାର୍କେଟ ଇଣ୍ଟେଲିଜେନ୍ସ ଅଫିସର, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ଜଣେ ଓଡ଼ିଶା କର୍ମ ନିଯୋଜନ ସେବା ଅଧିକାରୀ ଏବଂ ଯୋଜନା ଓ ସଂଯୋଜନ ବିଭାଗର ୮ଜଣ ସହକାରୀ ନିର୍ଦ୍ଦେଶକ ଭାବେ ନିଯୁକ୍ତି ପତ୍ର ପାଇଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ପ୍ରତ୍ୟେକ ଜିଲ୍ଲାରୁ ଜଣେ ଲେଖାଏଁ ନବନିଯୁକ୍ତଙ୍କୁ ନିଯୁକ୍ତି ପତ୍ର ପ୍ରଦାନ କରିଥିଲେ। ଏହାସହ ଜାତୀୟ ପୁରସ୍କାରପ୍ରାପ୍ତ ଶିକ୍ଷକ ମାଲକାନଗିରି ଜିଲ୍ଲାର ବସନ୍ତ କୁମାର ରଣା ଓ କୋରାପୁଟ ଜିଲ୍ଲାର ତରୁଣ କୁମାର ଦାସଙ୍କୁ ମଧ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ। କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତୀକରଣ ମନ୍ତ୍ରୀ କନକବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ତଥା ପର୍ଯ୍ୟଟନ ମନ୍ତ୍ରୀ ପ୍ରଭାତୀ ପରିଡ଼ା, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ, ଗଣଶିକ୍ଷା ମନ୍ତ୍ରୀ ନିତ୍ୟାନନ୍ଦ ଗଣ୍ଡ, ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂହ ପ୍ରମୁଖ ଉପସ୍ଥିତ ଥିଲେ। ପ୍ରାରମ୍ଭରେ କୃଷି ଓ କୃଷକ ସଶକ୍ତୀକରଣ ବିଭାଗର ପ୍ରମୁଖ ଶାସନ ସଚିବ ଡକ୍ଟର ଅରବିନ୍ଦ ପାଢୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ଗଣଶିକ୍ଷା ବିଭାଗର କମିସନର ତଥା ଶାସନ ସଚିବ ଏନ୍.ଥିରୁମାଲା ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

**ସରକାରଙ୍କ ଉପରେ ବର୍ଷିଲା ବିଜେଡି**

# ରାଜ୍ୟରେ ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି ଧାନକିଣା ବ୍ୟବସ୍ଥା

ଭୁବନେଶ୍ୱର,୩୦।୧୨(ସମିସ): ରାଜ୍ୟର ୧୩ଟି ଜିଲ୍ଲାରେ ଧାନ କିଣା ଆରମ୍ଭ ହୋଇଥିବା ବେଳେ ଏହି ଧାନ କିଣା ବ୍ୟବସ୍ଥା ଚଳିତ ବର୍ଷ ସମ୍ପୂର୍ଣ୍ଣ ଭାବେ ଭୁଶୁଡ଼ି ପଡିଛି। ୮୦୦ ଟଙ୍କା ଇନ୍‌ପୁଟ୍ ସବସିଡ଼ି ପ୍ରଦାନ କରି ବାହାବା ନେଉଥିବା ରାଜ୍ୟ ସରକାର ବାସ୍ତବରେ ଚାଷୀଙ୍କ ପ୍ରତି ପ୍ରତାରଣା କରୁଛନ୍ତି ବୋଲି କହିଛି ବିଜେଡି। ମଙ୍ଗଳବାର ଶଙ୍ଖ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳ ଉପନେତା ତଥା ବିଜେଡି କୃଷକ ସେଲର ଆବାହକ ପ୍ରସନ୍ନ ଆଚାର୍ଯ୍ୟ ଓ ଉପସଭାପତି ସଞ୍ଜୟ କୁମାର ଦାସବର୍ମା ରାଜ୍ୟର ଚାଷୀକୁଳଙ୍କୁ ରାଜ୍ୟ ସରକାର ହତାଶ କରିଛନ୍ତି ବୋଲି ଅଭିଯୋଗ କରିଛନ୍ତି।

ଶ୍ରୀ ଆଚାର୍ଯ୍ୟ କହିଛନ୍ତି ଯେ ଯେ ଡବଲ ବିକାଶ ନାରା ଦେଇ ଆସିଥିବା ସରକାର ବାସ୍ତବରେ ଚଳିତ ବର୍ଷ ଧାନ କିଣା ବ୍ୟାପାରରେ ସମ୍ପୂର୍ଣ୍ଣ ବିଫଳ ହୋଇଛନ୍ତି। ରାଜ୍ୟରେ ଧାନ କିଣା ବ୍ୟବସ୍ଥା ସମ୍ପୂର୍ଣ୍ଣ ଭୁଶୁଡ଼ି ପଡିଛି । ନିକଟରେ କେନ୍ଦ୍ର ସରକାରଙ୍କ ବୈଠକରେ ଧାନ କିଣା ପାଇଁ ରଖାଯାଇଥିବା ଲକ୍ଷ୍ୟରେ ଆଶ୍ଚର୍ଯ୍ୟଜନକ ଭାବେ ଓଡିଶା ଠାରୁ ଛତିଶଗଡ଼ରେ ଅଧିକ ରହିଛି। ଛତିଶଗଡ଼ ଓଡ଼ିଶାଠାରୁ କମ୍ ଧାନ ଉତ୍ପାଦନ କରୁଛି। ମାତ୍ର ଓଡ଼ିଶା ପାଇଁ ୭୩ ଲକ୍ଷ ମେଟ୍ରିକ ଟନ ଧାନକିଣା ଲକ୍ଷ୍ୟ ଥିବାବେଳେ ଛତିଶଗଡ଼ରେ ଏହି ପରିମାଣ ୮୦ ଲକ୍ଷ ଟନ୍। ଓଡ଼ିଶା ସରକାର ଏ



ପ୍ରସଙ୍ଗରେ ନିରବ ରହିଛନ୍ତି। ଛତିଶଗଡ଼ରେ ଧାନ ସଂଗ୍ରହ ପ୍ରକ୍ରିୟା ଆଗେଇ ଚାଲିଥିବା ବେଳେ ଓଡ଼ିଶାରେ ଧାନ କିଣା ପ୍ରକ୍ରିୟାରେ ବ୍ୟାପକ ଅବ୍ୟବସ୍ଥା ଦେଖିବାକୁ ମିଳୁଛି । ରାଜ୍ୟ ଯୋଗାଣ ନିଗମ ଉପରେ ଋଣ ଭାର ୧୮,୮୮୬ କୋଟି ଟଙ୍କା ଓ ଧାନ କିଣା ବାବଦରେ କେନ୍ଦ୍ର ସରକାରଙ୍କ ନିକଟରୁ ୮୧୨୧ କୋଟି ଟଙ୍କା ଓଡ଼ିଶା ପାଇବାର ଅଛି। ପଞ୍ଜିକରଣ ପ୍ରକ୍ରିୟାକୁ ଅଧିକ ଜଟିଳ କରିବା ଦ୍ୱାରା ରାଜ୍ୟର ସମସ୍ତ ଚାଷୀଙ୍କର ପଞ୍ଜିକରଣ ହୋଇପାରିଲା ନାହିଁ । ପଞ୍ଜିକରଣ ନହେଲେ ଚାଷୀ ଧାନ ମଣ୍ଡିରେ ବିକ୍ରି କରିପାରିବ ନାହିଁ। ସରକାର ଦାରୁଭୂତ ମୁରାରୀ ହୋଇ ବସି ରହିଛନ୍ତି । ଚାଷୀଙ୍କୁ ଶୋଷଣ କରିବାର ସମସ୍ତ ଉପାୟ

- ଛତିଶଗଡ଼ରେ ୪୦%, ଓଡ଼ିଶାରେ ମାତ୍ର ୮ ପ୍ରତିଶତ
- ଚାଷୀଙ୍କୁ ନ୍ୟାୟ ଦେବାରେ ସରକାର ସମ୍ପୂର୍ଣ୍ଣ ବିଫଳ
- ଚାଷୀଙ୍କ ସ୍ୱାର୍ଥ ପାଇଁ ଆନ୍ଦୋଳକୁ ଓହ୍ଲାଇବ ବିଜେଡି

ସରକାର ଅବଲମ୍ବନ କରୁଛନ୍ତି ବୋଲି ସେ କହିଛନ୍ତି।

ଶ୍ରୀ ଦାସବର୍ମା କହିଛନ୍ତି ଯେ ଯେଉଁ ୮୦୦ ଟଙ୍କା ଇନପୁଟ ସବସିଡି କଥା କହିଥିଲେ ତାହା ପ୍ରଦାନ ନକରିବା ଉଦ୍ଦେଶ୍ୟରେ ଧାନ କିଣାରେ ଟାଳଟୁଳ ନୀତି ରାଜ୍ୟ ସରକାର ଅବଲମ୍ବନ କରୁଛନ୍ତି । ଯୋଗାଣ ମନ୍ତ୍ରୀ ଧାର୍ଯ୍ୟ ଲକ୍ଷ୍ୟଠାରୁ ଅଧିକ ଧାନ କିଣା ଯିବ ନାହିଁ ବୋଲି କହିଥିବା ବେଳେ କ୍ୟାବିନେଟ ବୈଠକରେ ସମସ୍ତ ବଳକା ଧାନ କିଣାଯିବା ନେଇ ମୁଖ୍ୟମନ୍ତ୍ରୀ ନିଷ୍ପତ୍ତି ନେଇଛନ୍ତି ବୋଲି ଗଣମାଧ୍ୟମରେ ଖବର ପ୍ରକାଶ ପାଇଛି। ରାଜ୍ୟ ସମବାୟ ମନ୍ତ୍ରୀ ଟୋକନ ପିଛା ୧୫୦ କୁଇଣ୍ଟାଲ ଧାନ କିଣାଯିବ ବୋଲି କହିଛନ୍ତି । ଉପମୁଖ୍ୟମନ୍ତ୍ରୀ ତଥା ରାଜ୍ୟ କୃଷି ମନ୍ତ୍ରୀ ରାଜ୍ୟର କୃଷକମାନଙ୍କୁ ଧାନ ଚାଷ ନକରିବା ପାଇଁ ପରାମର୍ଶ ଦେଇଛନ୍ତି । ଏହା ରାଜ୍ୟର ଚାଷୀକୁଳକୁ ହତାଶ କରିଛି। ବର୍ତ୍ତମାନ ସୁଦ୍ଧା ଓଡ଼ିଶାରେ ମାତ୍ର ୮ ପ୍ରତିଶତ ଚାଷୀ ଧାନ ବିକିବା ପାଇଁ ସକ୍ଷମ ହୋଇଥିଲା ବେଳେ ଛତିଶଗଡ଼ରେ ୪୦ ପ୍ରତିଶତ ଚାଷୀ ଧାନ ବିକ୍ରି କରିସାରିଲେଣି । ଧାନ ମଣ୍ଡିରେ ଓ ରାଜରାସ୍ତାରେ ଧାନ ରଖି କୃଷକ ମାନେ ଧାନ ବିକିବାକୁ ଚାତକ ପରି ଚାହିଁ ବସିଛନ୍ତି । କିନ୍ତୁ ରାଜ୍ୟ ସରକାର ନିଦାବିଷ୍ଟ । ରାଜ୍ୟର କୃଷକ ମାନଙ୍କ ସ୍ୱାର୍ଥ ରକ୍ଷା ପାଇଁ ବିଜେଡି ସ୍ୱର ଉଠାଇବ ଓ ଖୁବଶୀଘ୍ର ରାଜରାସ୍ତାକୁ ଓହ୍ଲାଇବ ବୋଲି ସେ ଚେତାବନୀ ଦେଇଛନ୍ତି।

## ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

### ଆରାବଳୀ କ୍ଷତିଗ୍ରସ୍ତ...

ଫଳରେ ଆରବୀୟ ଅଞ୍ଚଳରୁ ଭାରତକୁ ପ୍ରବାହିତ ହେଉଥିବା ଶୁଷ୍କ ସ୍ଥଳଭାଗ ବାୟୁ ଆଗରେ ଆରାବଳୀ ପର୍ବତମାଳା ଏକ ପ୍ରାଚୀର ସଦୃଶ ଠିଆ ହୋଇ ଏହି ବାୟୁକୁ ପ୍ରତି ମୁହୂର୍ତ୍ତରେ ଭାରତ ପ୍ରବେଶକୁ ବାଧା ଦେଉଛି। ଫଳ ସ୍ୱରୂପ ଭାରତରେ ମୌସୁମୀ, ଗ୍ରୀଷ୍ମ ପ୍ରବାହ ଏବଂ ଶୀତ ଲହରୀ ପ୍ରଭୃତି ପାଣିପାଗ ପ୍ରକ୍ରିୟାରେ ଏହି ବାୟୁର ବିଶେଷ ନକରାତ୍ମକ ପ୍ରଭାବ ପଡ଼ିପାରୁ ନାହିଁ। ବିଶେଷଜ୍ଞଙ୍କ ମତରେ ଭାରତରେ ସାଧାରଣତଃ ମୌସୁମୀ ନିମ୍ନଚାପ ରେଖା ରାଜସ୍ଥାନର ଗଙ୍ଗାନଗରରୁ ବାହାରି ବଙ୍ଗୋପସାଗର ପର୍ଯ୍ୟନ୍ତ ପଡ଼ିଥାଏ। ଏହା ତେର୍ଛା ହୋଇ ପଡ଼ି ରହିବା କାରଣରୁ ଦେଶର ବିଭିନ୍ନ ଅଞ୍ଚଳରେ ବର୍ଷା ହୋଇଥାଏ। ମାତ୍ର ଆରାବଳୀ ପର୍ବତମାଳା ହଟିଗଲେ ବିଭିନ୍ନ ବାୟୁର ଦିଗ ପରିବର୍ତ୍ତନ ହେତୁ ଏହି ମୌସୁମୀ ନିମ୍ନଚାପରେଖା ସିଧା ହୋଇଯିବ। ଏହାଦ୍ୱାରା ଓଡ଼ିଶା ସମେତ ନିର୍ଦ୍ଦିଷ୍ଟ କିଛି ଅଞ୍ଚଳରେ ପ୍ରବଳ ବୃଷ୍ଟିପାତ ବଢ଼ିବ। ଅପରପକ୍ଷରେ ବଙ୍ଗୋପସାଗରରେ ସୃଷ୍ଟି ହେଉଥିବା ଲଘୁଚାପଗୁଡ଼ିକ ପ୍ରଥମେ ବଙ୍ଗୋପସାଗର ଉପକୂଳବର୍ତ୍ତୀ ରାଜ୍ୟରେ ବର୍ଷା କରାଇ ଧୀରେ ଧୀରେ ଏହି ନିମ୍ନଚାପ ରେଖା ଦେଇ କେନ୍ଦ୍ରୀୟ ଭାରତ ଓ ପଶ୍ଚିମ ଭାରତକୁ ଅଗ୍ରସହ ହୋଇଥାଏ ଓ ସେଠାରେ ବର୍ଷା କରାଏ। ମାତ୍ର ଆରାବଳୀ ନ ରହିଲେ ଅପରପଟୁ ପ୍ରଚୁର ମାତ୍ରାରେ ଶୁଷ୍କ ବାୟୁ ପ୍ରବାହ ବଢ଼ିବା ଯୋଗୁଁ ଲଘୁଚାପଗୁଡ଼ିକ ଆଗକୁ ବଢ଼ିବାକୁ ଶକ୍ତି ପାଇବେ ନାହିଁ। ଏହାଫଳରେ ବର୍ଷାର ପ୍ରଭାବ ଓଡ଼ିଶା ଛତିଶଗଡ଼ ଓ ଅତିବେଶୀରେ ପୂର୍ବ ମଧ୍ୟପ୍ରଦେଶ ପର୍ଯ୍ୟନ୍ତ ରହିବ। ଓଡ଼ିଶା ଦେଇ ବହିଥିବା ପ୍ରମୁଖ ନଦୀ ଯଥା ମହାନଦୀ, ବ୍ରାହ୍ମଣୀ ଓ ବୈତରଣୀରେ ବାରମ୍ବାର ବନ୍ୟା ସ୍ଥିତି ସୃଷ୍ଟି ହେବ। ଏହାସହିତ ବଙ୍ଗୋପସାଗର ଆଡ଼କୁ ପ୍ରଚୁର ଶୁଷ୍କ ବାୟୁ ପ୍ରବାହ ପରେ ବଙ୍ଗୋପସାଗରୀୟ ଆର୍ଦ୍ର ବାୟୁ ସଂସ୍ପର୍ଶରେ ଆସିବା ଫଳରେ ବଜ୍ରପାତର ତୀବ୍ରତା ମଧ ବୃଦ୍ଧି ପାଇବ। ଏହା ଶକ୍ତିଶାଳୀ ବଜ୍ରପାତ କରାଇବାରେ ମଧ ସହାୟକ ହେବ।

ମୌସୁମୀ ଭଳି ଗ୍ରୀଷ୍ମ କାଳରେ ମଧରେ ଓଡ଼ିଶା ଉପରେ ଅନେକ ପ୍ରଭାବ ପଡ଼ିବ। କାରଣ ଆରାବଳୀ ପର୍ବତଶ୍ରେଣୀ ଗରମ ମହାଦେଶୀୟ ବାୟୁକୁ ଭାରତର ପୂର୍ବ ଦିଗକୁ ବିସ୍ତାର ହେବାରୁ ଅନେକାଂଶରେ ରୋକିଥାଏ। ଏହାର ଅନୁପସ୍ଥିତି, ରାଜସ୍ଥାନର ଥର ମରୁଭୂମିରୁ ଆସୁଥିବା ଗରମ ବାୟୁ ଓଡ଼ିଶା ପର୍ଯ୍ୟନ୍ତ ପହଞ୍ଚିବ। ଫଳତଃ ଏଠାରେ ଅଧିକ ଏବଂ ଦୀର୍ଘକାଳୀନ ଗ୍ରୀଷ୍ମ ପ୍ରବାହ ଦେଖାଦେବ। ସାଧାରଣତଃ ଖରାଦିନେ ରାଜସ୍ଥାନ ଆଦି ଅଞ୍ଚଳରେ ୫୦-୫୨ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ଯାଇଥାଏ। ଏହି ହାରରେ ଓଡ଼ିଶାରେ ୪୦-୪୨ ଡିଗ୍ରୀ ତାପମାତ୍ରା ରେକର୍ଡ ହୋଇଥାଏ। ପୂର୍ବରୁ ରହି ଆସୁଥିବା ଏହି ୧୦ ଡିଗ୍ରୀର ତାପମାତ୍ରା ଅନ୍ତର ହ୍ରାସ ହୋଇ ଓଡ଼ିଶାରେ ମଧ ତାପମାତ୍ରା ୫୦ ଡିଗ୍ରୀ ନିଟତର ହେବାର ଆଶଙ୍କାକୁ ଏଡ଼ାଯାଇ ନ ପାରେ।

ଶୀତ ଋତୁରେ ମଧ ଓଡ଼ିଶାରେ କୁପ୍ରଭାବ ଦେଖାଦେଇପାରେ। ଭାରତରେ ସାଧାରଣତଃ କେନ୍ଦ୍ରୀୟ ଏସିଆ ଇରାନ ଆଫଗାନିସ୍ତାନ ଅଞ୍ଚଳରୁ ଆସୁଥିବା ଥଣ୍ଡା ବାୟୁ ଦ୍ୱାରା ଶୀତ ଲହରୀ ପଡ଼ିଥାଏ। ଆରାବଳୀ ପର୍ବତମାଳା ଏହି ବାୟୁ ପ୍ରବାହ ଉପରେ ଏକ ଆଂଶିକ ବାଧା ଭାବେ କାର୍ଯ୍ୟ କରି, ଉତ୍ତରପଶ୍ଚିମ ଭାରତରୁ ଆସୁଥିବା ଶୀତଳ ଏବଂ ଶୁଷ୍କ ବାୟୁକୁ ପୂର୍ବ ଦିଗକୁ ଅଗ୍ରସର ହେବାରେ ପ୍ରତିହତ ସୃଷ୍ଟି କରେ। ଫଳସ୍ୱରୂପ ଉତ୍ତରପଶ୍ଚିମ ଭାରତ ମୁଖ୍ୟତଃ ପଶ୍ଚିମ ହିମାଳୟ ପଞ୍ଜାବ, ରାଜସ୍ଥାନ ହରିୟାନ, ଦିଲ୍ଲୀ ପ୍ରଭୃତି ଅଞ୍ଚଳରେ ଶୀତ ଲହରୀ ପ୍ରଭାବ ଦେଖାଦେଉ ଥିବା ବେଳେ ଏହାର ତୀବ୍ରତା ଓଡ଼ିଶା ସମେତ ପୂର୍ବ ଓ ଦକ୍ଷିଣ ଭାରତରେ କିଛି ପରିମାଣରେ କମିଯାଏ। କିନ୍ତୁ ଆରାବଳୀ ପର୍ବତମାଳାର ଅନୁପସ୍ଥିତି ଫଳରେ ଶୀତ ଲହରୀର ପ୍ରଭାବ ଆହୁରି ଅଧିକ ରହିବା ସହ ଅଧିକ ଦିନ ଶୀତ ଅନୁଭୂତ ହୋଇପାରେ।

### ବାଂଲାଦେଶରେ ଆଉ ଜଣେ ...

କାରଣ ଜଣାପଡ଼ିନାହିଁ। ଗତ ଦୁଇ ସପ୍ତାହ ମଧ୍ୟରେ ଏହାକୁ ମିଶାଇ ହିନ୍ଦୁ ସଂପ୍ରଦାୟର ତିନି ଜଣଙ୍କୁ ହତ୍ୟା କରାଗଲାଣି। ଗତ ୧୮ ତାରିଖରେ ଦୀପୁ ଦାସ ନାମକ ଜଣେ ଯୁବକଙ୍କୁ କେତେକ ଲୋକ ପିଟିପିଟି ହତ୍ୟା କରିବା ପରେ ତାଙ୍କ ଦେହରେ ନିଆଁ ଲଗାଇଦେଇଥିଲେ। ଏହାକୁ ନେଇ ଦେଶ ଭିତରେ ଓ ବାହାରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଥିଲା। ଏହାର କିଛି ଦିନ ପରେ ଆଉ ଜଣେ ହିନ୍ଦୁ ଯୁବକଙ୍କୁ ମଧ ପିଟିପିଟି ହତ୍ୟା କରାଯାଇଥିଲା। ଏହି ଘଟଣାରେ କିଛି ଅଭିଯୁକ୍ତଙ୍କୁ ଗିରଫ କରାଯାଇଥିଲା। ଭାରତଏହି ଘଟଣା ନେଇ ପ୍ରତିବାଦ ଜଣାଇଥିଲା। ବାଂଲାଦେଶରେ ସଂଖ୍ୟାଲଘୁ ହିନ୍ଦୁ ସଂପ୍ରଦାୟର ସୁରକ୍ଷା ପାଇଁ ଆବଶ୍ୟକ ପଦକ୍ଷେପ ଲାଗି ଭାରତ ସରକାର ପରାମର୍ଶ ଦେଇଥିଲା। ତଥାପି ଗତକାଲି ପୁଣି କିଛି ହିନ୍ଦୁ ସଂପ୍ରଦାୟର ଲୋକଙ୍କ ଘରେ ମଧ ନିଆଁ ଲଗାଇ ଦିଆଯାଇଥିଲା।

ଏହିସବୁ ଘଟଣା ନେଇ ଭାରତ ଓ ବାଂଲାଦେଶ ମଧ୍ୟରେ ସଂପର୍କ ତିକ୍ତ ହୋଇଛି। ବାଂଲାଦେଶରେ ହିଂସା ନେଇ ଭାରତ ଉଦ୍‌ବେଗ ପ୍ରକାଶ କରୁଥିବା ବେଳେ ବାଂଲାଦେଶ ସରକାର ଓଲଟା ଭାରତ ବିରୋଧରେ ଅଭିଯୋଗ କରୁଛି। ଢାକାରେ ଭାରତର ହାଇକମିସନ ଅଫିସ ଉପରେ ଆକ୍ରମଣ କରିବାକୁ ଯୋଜନା କରିଥିଲେ ବିଭିନ୍ନ ଚରମପନ୍ଥୀ ସଂଗଠନ। ବାଂଲାଦେଶରେ ହିନ୍ଦୁମାନଙ୍କ ଉପରେ ଆକ୍ରମଣର ବିରୋଧ କରି ଦିଲ୍ଲୀରେ ମଧ ବାଂଲା ହାଇକମିସନ ସମ୍ମୁଖରେ ବିକ୍ଷୋଭ କରିଛନ୍ତି ବିଭିନ୍ନ ସଂଗଠନ। ଏଥିପାଇଁ ଉଭୟ ଭାରତ ଓ ବାଂଲାଦେଶ ପରସ୍ପର ଦେଶର ହାଇ କମିସନରଙ୍କୁ ସମନ୍ କରି ନିଜ ନିଜର ଉଦବେଗ ଜଣାଇଛନ୍ତି। ଏଭଳି ପରିସ୍ଥିତି ମଧ୍ୟରେ ବାଂଲାଦେଶ ସରକାର ନୂଆଦିଲ୍ଲୀ ସ୍ଥିତ ଏହାର ହାଇକମିସନରଙ୍କୁ ଗତକାଲି ଡାକିନେଇଛି। ଦୁଇ ଦେଶ ମଧ୍ୟରେ ବିଗୁଡ଼ୁଥିବା ସଂପର୍କ ନେଇ ବିଚାର ଆଲୋଚନା ପାଇଁ ବାଂଲାଦେଶ ଏହାର କମିସନର ରିଆଜ ହମିଦୁଲ୍ଲାଙ୍କୁ ଡାକିଥିବା ଜଣାପଡ଼ିଛି। ଢକରା ପାଇଁ ରିଆଜ ଗତକାଲି ସନ୍ଧ୍ୟାରେ ଢାକା ଯାଇଛନ୍ତି।

### କଳି-କନ୍ଦଳ...

ବୋଲି ରାଜନୈତିକ ବିଶେଷଜ୍ଞ ଆକଳନ କରୁଛନ୍ତି। ଗତ ସାଧାରଣ ନିର୍ବାଚନରେ ବିଜେପିର ସଫଳତା ପଛରେ ନିଜ ସାଙ୍ଗଠନିକ ଶକ୍ତି ଅପେକ୍ଷା ପ୍ରତିପକ୍ଷ ବିରୋଧରେ ଅସନ୍ତୋଷ ପ୍ରମୁଖ କାରଣ ଥିବା ଏବେ ବି ଦଳର ଶୀର୍ଷ ନେତୃତ୍ୱ ବିଶ୍ୱାସ କରନ୍ତି। ରାଜ୍ୟର ପ୍ରମୁଖ ନେତାମାନେ ମଧ ଏହାକୁ ସ୍ୱୀକାର କରିଛନ୍ତି। ତୃଣମୂଳସ୍ତରରେ ବିଜେପି ଏଯାଏ ପହଞ୍ଚି ପାରିନାହିଁ ଓ ସଙ୍ଗଠନ ମଧ ସେତେ ସୁଦୃଢ଼ ନାହିଁ। ଯାହା ଦଳ ପାଇଁ ବଡ଼ ଆହ୍ୱାନ ହୋଇପାରେ। ଏହା ସହ ରାଜ୍ୟରେ ସାଧାରଣ ଲୋକ ସମ୍ମୁଖୀନ ହେଉଥିବା ବିଭିନ୍ନ ସମସ୍ୟାଜନିତ ରୋଷ ଶାସକ ଦଳକୁ ଅଡୁଆ ପରିସ୍ଥିତିରେ ପକାଇପାରେ ବୋଲି ମଧ ଆକଳନ କରାଯାଉଛି ।

ବିଜେପି ପରି ବିଜେଡି ପାଇଁ ମଧ ୨୦୨୬ ଆହ୍ୱାନର ବର୍ଷ ହେବ। ୨୦୨୪ ସାଧାରଣ ନିର୍ବାଚନ ଓ ୨୦୨୫ ନୂଆପଡ଼ା ପରାଜୟ ସତ୍ତ୍ୱେ ବିଜେଡି ସାରା ରାଜ୍ୟରେ ପ୍ରାଧାନ୍ୟ ରଖିଛି । ୨୦୨୫ରେ ଦଳର ସାଙ୍ଗଠନିକ କାର୍ଯ୍ୟକ୍ରମ ସାମାନ୍ୟ ମନ୍ଥର ହୋଇଥିଲେ ବି ବର୍ଷ ଶେଷ ବେଳକୁ ପୁନର୍ବାର ଦଳ ସକ୍ରିୟ ହୋଇଛି। ଦଳର ସଭାପତି ନବୀନ ପଟ୍ଟନାୟକ ନିଜେ ଦଳର ମଙ୍ଗ ଧରିବା ସହ ଜିଲ୍ଲାସ୍ତରରେ କମିଟି ପୁନର୍ଗଠନ ଆରମ୍ଭ କରିଛନ୍ତି। ଜଣେ ବା ଦୁଇଜଣ ନେତାଙ୍କୁ ନେଇ ବିଜେଡି ଗଠିତ ନୁହେଁ ବୋଲି ଦଳର ସୁପ୍ରିମୋଙ୍କ ଇଙ୍ଗିତ ଅନେକ ଗୁରୁତ୍ୱ ବହନ କରୁଛି। ଦୁଇ ଛାମୁଆ ସଙ୍ଗଠନ ଯୁବ ଓ ଛାତ୍ର ବିଜେଡିର ପୁନର୍ଗଠନ ପରେ ଖୁବଶୀଘ୍ର ବ୍ଲକ ଓ ପଞ୍ଚାୟତ ସ୍ତରରେ ମଧ ପରିବର୍ତ୍ତନ ଆରମ୍ଭ ହେବ। ବିଭିନ୍ନ ପ୍ରସଙ୍ଗକୁ ନେଇ ବିବାଦୀୟ ୧୮ ମାସର ବିଜେପି ସରକାର ବିରୋଧରେ ଜନସାଧାରଣଙ୍କ ରୋଷକୁ ନିଜ ସପକ୍ଷକୁ ନେବାକୁ ବିଜେଡି ପୁରା ଉଦ୍ୟମ କରିବ ବୋଲି କୁହାଯାଉଛି। ସାରା ରାଜ୍ୟର ସବୁ ନିର୍ବାଚନମଣ୍ଡଳୀରେ ଏକ ଭୋଟ ବ୍ୟାଙ୍କ ସୃଷ୍ଟି କରିଥିବା ବିଜେଡି ଦୀର୍ଘ ୨୪ ବର୍ଷ ଶାସନ ଓ ସଙ୍ଗଠନର ଅଭିଜ୍ଞତାକୁ ଉପଯୋଗ କରି ଆଗକୁ ବଢ଼ିବାକୁ ଉଦ୍ୟମ କରିବ। ଦ୍ୱିତୀୟ ପିଢ଼ି ଓ ତୃତୀୟ ପିଢ଼ି ନେତାଙ୍କ ମଧ୍ୟରେ ଦଳ ଯଦି ଉପଯୁକ୍ତ ସମନ୍ୱୟ ରଖିପାରିଲା, ତେବେ ୨୦୨୭ରେ ଦଳର ସଫଳତାକୁ କେହି ରୋକି ପାରିବେ ନାହିଁ ବୋଲି ରାଜନୈତିକ ସମୀକ୍ଷକମାନେ ମତ ପ୍ରକାଶ କରିଛନ୍ତି ।

ଅପରପକ୍ଷେ ଭକ୍ତଚରଣ ଦାସ ପିସିସି ମୁଖିଆ ହେବା ପରେ କଂଗ୍ରେସ ମଧ୍ୟରେ ଦେଖିବାକୁ ମିଳିଥିବା ନୂଆ ଉତ୍ସାହରେ ଏବେ ଭଟ୍ଟା ପଡ଼ିଛି। ୨୦୨୫ ପ୍ରଥମାର୍ଦ୍ଧରେ ଦଳ ଯେପରି ଏକାଠି ଦେଖାଯାଉଥିଲା, ବର୍ଷ ଶେଷ ବେଳକୁ ତାହା ସେପରି ସ୍ଥିତିରେ ନାହିଁ। କିଛି ମାସ ମଧ୍ୟରେ କଂଗ୍ରେସର ଆଭ୍ୟନ୍ତରୀଣ ରାଜନୀତି ଓ କନ୍ଦଳ ଅଧିକ ତୀବ୍ର ହୋଇଛି । ଯାହା ଉଭୟ ଭକ୍ତ ଏବଂ କଂଗ୍ରେସ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରିଛି। ବିଶେଷକରି କଂଗ୍ରେସର ପୁରୁଣା ବିରୋଧ ଓ ମେଳି ରୋଗ ଦଳକୁ ପୁଣି ପଛୁଆ କରି ଦେଇଛି। ବିଦାୟୀ ବର୍ଷରେ ଦଳୀୟ ନେତାଙ୍କୁ ସମାଲୋଚନା କରି ମୋକିମ୍‌ଙ୍କ ପରି ଟାଣୁଆ ନେତା ବିତାଡ଼ିତ ହୋଇଛନ୍ତି। ଏହି କ୍ରମରେ ୨୦୨୬ କେବଳ ଦଳର ସଭାପତି ନୁହନ୍ତି, କଂଗ୍ରେସ ପାଇଁ ବି ସବୁଠାରୁ ବଡ଼ ଆହ୍ୱାନର ବର୍ଷ ହେବ। କଂଗ୍ରେସକୁ ମଜବୁତ କରିବାକୁ ପିସିସି ସଭାପତିଙ୍କ ଏକଲା ଚଲୋ ନୀତି କେତେ ସଫଳ ହେବ ତାହା ବିରାଟ ପ୍ରଶ୍ନବାଚୀ ସୃଷ୍ଟି କରିଛି। ଶାସକ ଦଳର ବିରୋଧରେ ଅସନ୍ତୋଷ ପରୋକ୍ଷରେ କଂଗ୍ରେସ ପ୍ରତି ସାଧାରଣ ଲୋକଙ୍କ ମନରେ ଦରଦ ସୃଷ୍ଟି କରିଥିଲେ ହେଁ ଏହାକୁ କେତେମାତ୍ରାରେ କଂଗ୍ରେସ ନିଜ ସପକ୍ଷକୁ ନେଇପାରିବ, ତାହା ୨୦୨୬ ସ୍ଥିର କରିବ ।

### ମହାପ୍ରଭୁ ଶୋଇବେ...

ଅନିଦ୍ରା ହେବେ। ବୁଧବାର ଅର୍ଥାତ ଡ଼ିସେମ୍ବର ୩୧ ରାତି ୧୧ଟା ସୁଦ୍ଧା ରାତ୍ର ପହୁଡ଼ ହେବ ଓ ରାତି ୨ଟାରେ ଦ୍ୱାରଫିଟା ଯିବ ବୋଲି ଶ୍ରୀମନ୍ଦିର ପ୍ରଶାସନ ନିଷ୍ପତ୍ତି ନେଇଛି । ନୂଆବର୍ଷ ପାଇଁ ଅର୍ଦ୍ଧରାତ୍ରିରୁ ମନ୍ଦିର ଖୋଲି ମହାପ୍ରଭୁଙ୍କୁ ଅନିଦ୍ରା ନ ରଖିବା ଲାଗି ପରିଚାଳନା କମିଟି ସଦସ୍ୟ ମହେଶ କୁମାର ସାହୁ ଗଜପତି ମହାରାଜା, ଆଇନମନ୍ତ୍ରୀଙ୍କୁ ଚିଠି ଲେଖିଥିଲେ। କିନ୍ତୁ ଛତିଶା ନିଯୋଗ ପୂର୍ବରୁ ନିର୍ଘଣ୍ଟ କରିଥିବା ନୀତିକାନ୍ତି ଅନୁଯାୟୀ ନୀତି କରାଯିବ ବୋଲି ଜଣାପଡିଛି।

**OFFICE OF THE REGULATED MARKET COMMITTEE**
AT/PO-ATTABIRA, DIST-BARGARH (ODISHA), PIN-76
Email-ID- attabirarmc@gmail.com

➤ ନିୟନ୍ତ୍ରିତ ବଜାର କମିଟି, ଅତାବିରା ଜିଲ୍ଲା ବରଗଡ ଅଧିନସ୍ଥ ଚାଷୀ, ବ୍ୟବସାୟୀ ତଥା ଶୁଭେଚ୍ଛୁ ମାନଙ୍କୁ ହାର୍ଦ୍ଦିକ ଅଭିନନ୍ଦନ ଜଣାଉଛୁ । ଏହି ବଜାର କମିଟିର ୧୯ ଗୋଟି ସ୍ଥାୟି ବଜାର ପ୍ରାଙ୍ଗଣ ଯଥା- ଅତାବିରା, ଭେଡେନ, ଗୋଚରଗା, ଗୌରଟିକିରା, ଜାଙ୍ଗେଡ, କାଠଡେରା, ଖରମୁଣ୍ଡା, କାଦୋବାହାଲ, ଖୁଣ୍ଟୁଲିପାଲି, ଲରମ୍ବା, ମହୁଲପାଲି, ପାହାଡଶ୍ରୀଗିଡା, ପଦଙ୍ଗା, ପତ୍ରାପାଲି, ରେଶମ, ରୁଷୁଡା, ସହରାଟିକିରା, ଡେବ୍ଲୁଲିଟିକିରା ଓ ଝରାପାଲି ଏବଂ ୩୧ ଗୋଟି ଅସ୍ଥାୟି କେନ୍ଦ୍ର- ଅର୍ଜୁଣ୍ଡା, ଅରେଇଗୁଡି, ଚିଚିଣ୍ଡା, ରେମୁଣ୍ଡା, ସାମ୍ନଲ ଜେ. ଏଫ. ସି. ଏସ, ସିଆଲଖଣ୍ଡହତା, ସାଲେପାଲି, ପଧାନପାଲି, ବରପଦର, ସିଂଘେନପାଲି, ବସେଇକେଲା, ଜାମପାଲି, ହାତିପାଲି ସୁନାଲରମ୍ବା, ତାଙ୍ଗପାଲି, ଜମ୍ମୁପତା, ଝିଲମିଣ୍ଡା, କୁଲୁଣ୍ଡା, ଲଡ଼ଲା, ଲହଣ୍ଡା, ମଳାପଡା, ସିଙ୍ଗପାଲି, ଟାଙ୍ଗରପାଲି, ତାଲପତରଟିକିରା, ଟୋପ, ବଡପିପଲିପାଲି, ବଢ଼ି, ଗୁରଖାପାଲି, ଲଟିଡା, କୁଦୋପାଲି ଓ କୁଡେଇଡେଗା ଗୁଡିକରେ ଧାନ ସଂଗ୍ରହ ପାଇଁ ବ୍ୟବସ୍ଥା ରହିଅଛି । ଏଣୁ ଚାଷୀ ଭାଇମାନେ ଏହିସବୁ ଧାନ ସଂଗ୍ରହ କେନ୍ଦ୍ରଗୁଡିକୁ ଧାନ ଆଣି ସରକାରୀ ଧାର୍ଯ୍ୟ ମୂଲ୍ୟ ପ୍ରାପ୍ତ କରି ଲାଭବାନ ହୋଇ ନିୟନ୍ତ୍ରିତ ବଜାର କମିଟି, ଅତାବିରା କୁ ଏକ ଉନ୍ନତ ସମୃଦ୍ଧ ନିୟନ୍ତ୍ରିତ ବଜାର କମିଟି ଭାବରେ ଗଢି ତୋଳିବା ପାଇଁ ଏହି ଅଂଚଳର ସମସ୍ତ ଚାଷୀ ଭାଇମାନଙ୍କ ଅକୁଣ୍ଠ ସାହାଯ୍ୟ ସହଯୋଗ କାମନା କରୁଅଛି ।

➤ ଇ-ନାମ ମାଧ୍ୟମରେ ପନିପରିବା ବିକ୍ରୟ କରି ଲାଭବାନ ହୁଅନ୍ତୁ ।

ଉପରୋକ୍ତ ଦର କେବଳ ଗ୍ରହଣ ଉପଯୋଗୀ ହୋଇଥିବା ସୁସ୍ଥ, ଶୁଖିଲା, ସୁସ୍ଥ ଏବଂ ଏକବର୍ଣ୍ଣ ସମାନ ଆକାରର ଧାନ ପାଇଁ ଏବଂ ସେଥିରେ ମଳିନତା, ପୋକିଲା, ଦୁର୍ଗନ୍ଧ ଓ ବୈଷମ୍ୟ ଧାନ ନଥିବା ଉଚିତ । ଏକ କିସମର ଧାନରେ ଅନ୍ୟ ନିକୃଷ୍ଟ ଧାନର ମିଶ୍ରଣ ନଥିବା ଉଚିତ । ପୁନଶ୍ଚ ଧାନର ଆର୍ଦ୍ରତା (ଜଳୀୟ ଅଂଶ) ଶତକଡା ୧୭ ଭାଗରୁ ଅଧିକ ନଥିବା ଉଚିତ । ତେଣୁ ଚାଷୀ ଭାଇ ଭଉଣୀ ମାନଙ୍କୁ ଅନୁରୋଧ ଯେ ଧାନକୁ ଭଲ ଭାବେ ଶୁଖାଇ ସଫା କରି କ୍ରୟ କେନ୍ଦ୍ର କୁ ବିକ୍ରୟ ପାଇଁ ଆଣିବେ ।

| କ୍ର.ନଂ | ଧାନରେ ମିଶ୍ରଣ ଥିବା ଅପରିଷ୍କୃତ ଆଦି | ସର୍ବୋଚ୍ଚ ପରିମାଣ | କ୍ୱି. ପ୍ରତି |
|---|---|---|---|
| ୧ | ବାହ୍ୟ ବସ୍ତୁ (କ) ଅଜୈବିକ (ମାଟି, ଗୁଣ୍ଡ, ଗୋଡି, ବାଲି, ପଥର , ଧୂଳି | ୧% | ୧ କି.ଗ୍ରା |
| | (ଖ) ଜୈବିକ (ପୋଲ, ଅଗାଡି, କାଠି, କୁଟା ଏବଂ ଧୂଷ | ୧% | ୧ କି.ଗ୍ରା |
| ୨ | ନଷ୍ଟ, ବେରଙ୍ଗୀ ଗଜା ଉଠିଥିବା, ପୋକିଲା | ୫% | ୫ କି.ଗ୍ରା |
| ୩ | ଅପରିପକ୍ୱ, ସଙ୍କୁଚିତ, କଂଚା ସବୁଜ, ବଂଷା | ୩% | ୩ କି.ଗ୍ରା |
| ୪ | ସରୁ ଧାନରେ ମିଶିଥିବା ମୋଟା ଧାନ (କେବଳ ଗ୍ରେଡ ଏ ଧାନ ନିମନ୍ତେ) | ୬% | ୬ କି.ଗ୍ରା |
| ୫ | ଆର୍ଦ୍ରତା ବା ଜଳୀୟ ଅଂଶ | ୧୭% | |

ଶ୍ରୀ ଅଙ୍କିତ ପଣ୍ଡା, ଓ.ଆର.ସ, ସବ-ରେଜିଷ୍ଟ୍ରାର, ଅତାବିରା
ତଥା-ସଂପାଦକ
ନିୟନ୍ତ୍ରିତ ବଜାର କମିଟି, ଅତାବିରା

ଶ୍ରୀ ପ୍ରସନ୍ନ କୁମାର ପାଣ୍ଡେ, OAS Gr. A(SB)
ଉପ-ଜିଲ୍ଲାପାଳ, ବରଗଡ-ତଥା ଅଧକ୍ଷ
ନିୟନ୍ତ୍ରିତ ବଜାର କମିଟି, ଅତାବିରା

**NOTICE**
By virtue of an affidavit sworn before the Executive Magistrate, Balangir, dated 29.12.2025 , Kailasha Mutkia, s/o. Dasharath Mutkia, Address- At: Beherapali, Ward No.9, Balangir, PO/PS. Balangir, Dist. Balangir- 767001 (Odisha), declare that I have changed my name from Kailash Mujhkia, Slo. Dasarath Mujhakia to Kailasha Mutkia, s/o. Dasharath Mutkia. Henceforth, I shall be known as Kailasha Mutkia, s/o. Dasharath Mutkia for all purposes.

**AFFIDAVIT**
By virtue of an affidavit sworn before the Executuve Magistrate, Nabarangpur, vide no 1133, dated. 29.12.2025 I, SABHAN GARADA , S/o - Gagan Bihari Garada, At Village- Amalabhata, PO. - Tentulikhunti, PS.- Tentulikhunti, Dist- Nabarangpur, Odisha, Pin - 764070, declare that I have changed my name from SHOVAN GARADA to SABHAN GARADA. Henceforth, I shall be known as **SABHAN GARADA** for all purposes.
**Sd/- SABHAN GARADA**

**AFFIDAVIT**
By virtue of an affidavit sworn before the Executive Magistrate, Nabarangpur, vide no 1131, dated 29.12.2025 I, KAMALA MAJHI, W/o - Chaitanya Majhi , Resident of Village - Mundagada, PO- Bhatigam, PS - Kodinga, Dist- Nabarangpur, Odisha, Pin - 764063, declare that I have changed the name of my Daughter from M.BATI MAJHI to HEMABATI MAJHI. Henceforth, She shall be known as **HEMABATI MAJHI** for all purposes.
**Sd/- Kamala Majhi**

**AFFIDAVIT**
I, Namita Patra, Vill: Orada, P.O. Tusar, P.S. Kiakata, Dist.: Angul, Odisha - 759126, hereby declare that I have changed my minor daughter's name from Priyanka Patra to Ankita Patra vide affidavit No. 1008 before the Executive Magistrate, Rairakhol on 30.12.2025. Henceforth, she shall be known as **Ankita Patra** for all purposes.
**Sd/- Namita Patra**

**NOTICE**
By virtue of an affidavit sworn before Executive Magistrate, Bhubaneswar vide Serial No. 80 dt.24.09.2025 I,SAIKH JUNED resident of At-Singada, PO- Barimunda, P.S.- Mancheswar, Dist.: Khordha, Odisha declare that I have changed my name from SEKHA JUNETH to SAIKH JUNED.Henceforth I shall be known as **SAIKH JUNED** for all purposes.
**(SAIKH JUNED)**

**AFFIDAVIT**
By virtue of an affidavit (SL No. 10274, dt- 18/12/2025) sworn before The Executive Magistrate, Cuttack. I, **Yagnaseni Panda,** W/o- Ansuman Tripathy, permanent resident of At- Nuapada New Colony, PO- Nayabazar, PS- Madhupatana, Dist- Cuttack, PIN- 753004, Odisha declare that I have changed my name from **Jagyanseni Panda** to **Yagnaseni Panda.** Henceforth, I shall be known as **Yagnaseni Panda** (new name) for all purposes.
**Yagnaseni Panda**

**DOCUMENTS LOST**
Notice is hereby given that Mr. Rabinarayan Sarangi has purchased the full plot from Mr. Prafulla Kumar Mishra and had collected the original ROR (Khata No. 535/127) and Sale Deed from him.The said original ROR and Sale Deed standing in the name of Mr. Prafulla Kumar Mishra have been lost/misplaced at Dhenkanal. **If found, please contact: Mob: +91 99371 52416**

**AFFIDAVIT**
By virtue of an affidavit (CF No. 01, dtd- 30/12/2025) sworn before the Executive Magistrate, Padampur. I, **Pratapsing Jagat,** S/o- Bidyadhar Jagat, permanent & current resident of AT- Bilaspir, PO- Bilaspur, PS- Jharbandh, Dist- Bargarh, PIN- 768042, Odisha declare that I have changed my name from **Chandan Jagat to Pratapsing Jagat.** Henceforth, I shall be known as **Pratapsing Jagat** (new name) for all purposes.
**Pratapsingh Jagat**

**AFFIDAVIT**
By virtue of an affidavit sworn before The Executive Magistrate, Bhubaneswar, CF.NO- 09, dated 30-12-2025 I, **KARALA SUNITA CHOUDHARY,** Permanent resident of At- Krushnacharan pur, Gundura Po- Gundra, PS- Jarada, Dist- Ganjam, State- Odisha, PIN- 761005, declare that I have changed my name from **SUNITA SISTU** (Old name) to **KARALA SUNITA CHOUDHARY** (New name), Henceforth, I shall be known as **KARALA SUNITA CHOUDHARY** for all purposes.
**Sd- KARALA SUNITA CHOUDHARY**

**AFFIDAVIT**
By virtue of an affidavit before the Notary Public, Titilagarh, on dated- 30/12/2025. I, **Haripriya Chhatar** (new name), formerly called as **Haripriya Kata** (old name), W/o- Jayanta Kata, permanent resident of C/o Jayanta Kata, Ward No.6, Gauntiapada, VTC: Kesinga, PO: Kesinga, Sub District: Kesinga, Dist: Kalahandi, PIN: 766012, Odisha now residing at the same place declare that I have changed my name from **Haripriya Kata** to **Haripriya Chhatar.** Henceforth in all records, deeds and writing in all proceeding, dealing and transaction private as well as public and upon all occasion I will be known as **Haripriya Chhatar** (new name) for all future purposes.
**Haripriya Chhatar**

**ହଜିଛି**
ମୁଁ **ଶ୍ରୀ ଚନ୍ଦ୍ରଶେଖର ମହାନ୍ତି,** ପିତା: ଶ୍ରୀ ପିତାମ୍ବର ମହାନ୍ତି, ଗ୍ରାମ: ଦହିସଡ଼ା, ଥାନା: ସୋରୋ, ଜିଲ୍ଲା: ବାଲେଶ୍ୱର, ଘୋଷଣା କରୁଅଛି କି ମହେଶ୍ୱର ମହାନ୍ତି, ଚନ୍ଦ୍ରଶେଖର ମହାନ୍ତି, ସର୍ବେଶ୍ୱର ମହାନ୍ତି, ସମସ୍ତଙ୍କ ପିତା: ଶ୍ରୀ ପିତାମ୍ବର ମହାନ୍ତିଙ୍କ ନାମରେ ମିଳିତ ରେକର୍ଡଭୁକ୍ତ ସମ୍ପତ୍ତିର ପଟ୍ଟା ଯାହାର ଖାତା ନଂ: ୧୦୨/୬୦, ପ୍ଲଟ୍ ନଂ: ୨୩୨, ୨୩୩, ୨୩୪, ମୋଟ କ୍ଷେତ୍ର: ୦.୩୪୦ ଏକର ଅଟେ। ଏହି ସମ୍ପତ୍ତିର ମୂଳ ଲିଙ୍କ୍ ଦଲିଲ ନଂ: ୧୦୧୪୧୧୦୨୯୧୨ ତା୨୬.୦୮.୨୦୧୧ରିଖ ଯାହାକି କାଳନ୍ଦୀ ଚରଣ ମାଝୀ (ପୂର୍ବତନ ବିକ୍ରେତା) ଙ୍କ ନାମରେ ଅଛି ତାହା ତା୨୧.୦୭.୨୦୨୨ରିଖରେ ମୋର ନିଜ ଗ୍ରାମରୁ ସୋରୋ ଯିବା ସମୟରେ କେଉଁଠାରେ ହଜିଯାଇଛି। ବର୍ତ୍ତମାନ ମୁଁ ଖାତା ନଂ: ୧୦୨/୬୦, ପ୍ଲଟ ନଂ: ୨୩୨, ୨୩୩, ୨୩୪, ମୌଜା: ନାୟକବନ୍ଧ, ଥାନା: ସୋରୋ, ନଂ: ୨୭୧, ତହସିଲ: ବାହାନଗା, କଲେକ୍ଟରେଟ-ବାଲେଶ୍ୱର ସମ୍ପତ୍ତିକୁ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ବନ୍ଧକ ରଖି ଋଣ ନିମନ୍ତେ ଆବେଦନ କରିଛି। ଯଦି କୌଣସି ବ୍ୟକ୍ତିଙ୍କର ଏହି ସମ୍ପତ୍ତି ଉପରେ କୌଣସି ଦାବି / ଅଭିଯୋଗ ଥାଏ ତେବେ ଏହି ନୋଟିସ ପ୍ରକାଶନର ୭ ଦିନ ମଧ୍ୟରେ ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କରେ ନିଜର ପକ୍ଷ ରଖିପାରିବେ।

**AFFIDAVIT**
By virtue of an affidavit before the Notary Public, Khordha vide Sl. No. 2827, dtd- 24/12/2025. I **Kamalinee Swain,** W/o- Akshaya Kumar Samantsinghar, resident of Vill- Goudaput, Po- Sarua, Ps/Dist- Khordha, Odisha have changed my name from **Kamalinee Swain to Kamalinee Samantsinghar.** Henceforth, I shall be known as **Kamalinee Samantsinghar** for all purpose.
**Kamalinee Samantsinghar**

## ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ

# ଖାଲିପଡ଼ିଛି ୬୦ ପଦବୀ; ୩୮ ଜଣ ଅଧ୍ୟାପକରେ ଚାଲିଛି ଶିକ୍ଷାଦାନ

■ ୫ଟି ବିଭାଗରେ କେହିନାହାନ୍ତି
■ ୧୪୧ କର୍ମଚାରୀ ମଧ୍ୟରୁ ୮୬ଟି ପଦବୀ ଖାଲି




ବାରିପଦା, ୩୦।୧୨(ସମିସ):ସ୍ଥାନୀୟ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟରେ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ସମେତ ଅନ୍ୟାନ୍ୟ ପଦପଦବୀ ଅଧାରରୁ ଅଧିକ ଖାଲିପଡ଼ିଛି। ଫଳରେ ଶିକ୍ଷାଦାନ କ୍ଷେତ୍ରରେ ବାଧା ପାଇଁ ଛାତ୍ରଛାତ୍ରୀ ଉଚ୍ଚଶିକ୍ଷାରୁ ବଞ୍ଚିତ ସହିତ ଅନ୍ୟ କାର୍ଯ୍ୟ ପ୍ରଭାବିତ ହେଉଛି। ଯାହା ପାଇଁ ପୁଞ୍ଜିଭୂତ ଛାତ୍ର ଅଶାନ୍ତି ଆନ୍ଦୋଳନ ରୂପ ଧାରଣ କରିବାକୁ ଯାଉଛି।

ଶିକ୍ଷା କ୍ଷେତ୍ରରେ ବୈପ୍ଳବିକ ପରିବର୍ତ୍ତନ ପାଇଁ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ପକ୍ଷରୁ ଜାତୀୟ ଶିକ୍ଷାନୀତି ଆରମ୍ଭ ହୋଇଛି। ଏଥିପାଇଁ ପ୍ରାକ୍ ବିଦ୍ୟାଳୟ ସ୍ତରରୁ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟ ସ୍ତରରେ ଭିତ୍ତିଭୂମି ସୁଦୃଢ଼ କରିବା ନିମନ୍ତେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି। ମାତ୍ର ମୟୂରଭଞ୍ଜ ଜିଲ୍ଲାର ବିଶ୍ୱବିଦ୍ୟାଳୟରେ ଶିକ୍ଷକ ଅଭାବ ପୂରଣ ହୋଇପାରୁ ନ ଥିବାରୁ ଶିକ୍ଷାଦାନ ଓ ଉଚ୍ଚଶିକ୍ଷାରେ ବାଧା ଉପୁଜିଛି। ଏପରିକି ଛାତ୍ରୀଛାତ୍ର ବେସରକାରୀ ସ୍ତରରେ କୋଚିଂ କିମ୍ବା ଟିଉସନ ଉପରେ ନିର୍ଭର କରି ଯୋଗ୍ୟତାଭିତ୍ତିକ ସାର୍ଟିଫିକେଟ ହାସଲ କରୁଛନ୍ତି। ୨୮ ବର୍ଷରେ ପଦାର୍ପଣ କରିଥିବା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟ ନାକ୍ ଦ୍ୱାରା 'ଏ' ଗ୍ରେଡ ମାନ୍ୟତା ପାଇଛି। ବିଶ୍ୱବିଦ୍ୟାଳୟ କୁଳସଚିବଙ୍କ କାର୍ଯ୍ୟାଳୟରୁ ମିଳିଥିବା ସୂଚନା ଅନୁସାରେ ବର୍ତ୍ତମାନ ୧୭ଟି ବିଭାଗ ବା ବିଷୟରେ ଏହି ବିଶ୍ୱବିଦ୍ୟାଳୟରେ ଶିକ୍ଷାଦାନ ହେଉଛି। ଏଥିପାଇଁ ସରକାରୀ ଭାବେ ୯୮ ଜଣ ଅଧ୍ୟାପକ ରହିବାକୁ ଥିବାବେଳେ ୬୦ଟି ଖାଲିପଡ଼ିଛି। ମାତ୍ର ୩୮ ଜଣ ଅଧ୍ୟାପକଙ୍କୁ ନେଇ ଶିକ୍ଷାଦାନ ଜାରି ରହିଛି।

ସବୁଠୁ ବଡ଼ ଆଶ୍ଚର୍ଯ୍ୟର ବିଷୟ ମଧ୍ୟରେ ୫ଟି ବିଭାଗ ମଧ୍ୟରୁ ଏମବିଏ, ଏମଏସଡବ୍ଲ୍ୟୁ, ଶିକ୍ଷା, ଗଣିତ, ଇଣ୍ଟିଗ୍ରେଟେଡ ବିଏଡ ଓ ଏମଏଡ୍‌ରେ ୬ଟି ଲେଖାଏଁ ମଞ୍ଜୁରୀପ୍ରାପ୍ତ ଅଧ୍ୟାପକ ଥିବାବେଳେ ସମସ୍ତ ପଦବୀ ଖାଲି ପଡ଼ିଛି। ସେହିପରି ଉଦ୍ଭିଦ ବିଜ୍ଞାନରେ ପ୍ରଫେସର, ଆସୋସିଏଟ ପ୍ରଫେସର ଓ ଆସିଷ୍ଟାଣ୍ଟ ପ୍ରଫେସରଙ୍କୁ ମିଶାଇ ୬ଟି ମଞ୍ଜୁରୀ ପଦବୀରୁ ୩ଟି, ବାୟୋଟେକ୍ନୋଲଜିରେ ୬ଟି ପଦବୀରୁ ୨ଟି ପଦବୀ, କମ୍ପ୍ୟୁଟର ଆପ୍ଲିକେଶନ ବିଭାଗରେ ୬ଟି ପଦବୀରୁ ୩ଟି, ଅର୍ଥନୀତି ବିଭାଗରେ ୬ରୁ ୪ ପଦବୀ, ପଦାର୍ଥ ବିଜ୍ଞାନ ବିଭାଗରେ ୬ରୁ ୨ଟି, ରସାୟନ ବିଜ୍ଞାନ ବିଭାଗରେ ୬ରୁ ୧ଟି, ପ୍ରାଣୀ ବିଜ୍ଞାନ ବିଭାଗର ୬ ପଦବୀରୁ ୧ଟି, ସାନ୍ତାଳୀ ବିଭାଗର ୫ଟି ପଦବୀରୁ ୪ଟି, ନୃତତ୍ତ୍ୱ ଓ ଜନଜାତି ଶିକ୍ଷା ବିଭାଗରେ ୬ଟି ପଦବୀରୁ ୨ଟି, ବନ୍ୟପ୍ରାଣୀ ବିବିଧତା ବିଭାଗରେ ୬ରୁ ୩ଟି, କମ୍ପ୍ୟୁଟର ସାଇନ୍ସ ଏମଏସସି ବିଭାଗର ୬ରୁ ୪ଟି, ଓଡ଼ିଆରେ ୩ଟି ପଦବୀରୁ ୨ଟି ଖାଲିପଡ଼ିଛି।

ଅପରପକ୍ଷରେ ଏଠାରେ ସ୍ଥାୟୀ କୁଳପତି ନ ଥିବାବେଳେ ୧୪୧ କର୍ମଚାରୀ ପଦବୀ ମଧ୍ୟରୁ ୮୬ଟି ପଦବୀ ଖାଲିପଡ଼ିଛି। ସେଥିମଧ୍ୟରୁ ଡେଭେଲପମେଣ୍ଟ ଅଫିସର, ଡେପୁଟି ରେଜିଷ୍ଟାର, ମେଡିକାଲ ଅଫିସର, ସିକ୍ୟୁରିଟି ଅଫିସର, ଜୁନିୟର ଇଞ୍ଜିନିୟର, ଅଡିଟର, ଗେଷ୍ଟ ହାଉସ ମ୍ୟାନେଜର, କ୍ୟୁରେଟର, ଟାଇପିଷ୍ଟ, ନର୍ସ, ଫାମାସିଷ୍ଟ, ଲାଇବ୍ରେରୀ ଆଟାଣ୍ଡାଣ୍ଟ, ଲେବ୍ରଟାରୀ ଆଟାଣ୍ଡାଣ୍ଟ, କେୟାର ଟେକର, ଡ୍ରେସର ଓ ରୋଷୟା ପଦବୀ ଖାଲିପଡ଼ିଛି। ଦିନକୁ ଦିନ ଅଧ୍ୟାପକ ପଦବୀ ଖାଲି ସଂଖ୍ୟା ବୃଦ୍ଧି ପାଇବା ଫଳରେ ପୁଞ୍ଜିଭୂତ ଛାତ୍ର ଅଶାନ୍ତି ଆନ୍ଦୋଳନର ଦାନା ବାନ୍ଧୁଛି। ନିକଟରେ ୟୁଜିସି ପକ୍ଷରୁ ଖାଲିଥିବା ଅଧ୍ୟାପକ ଅଧ୍ୟାପିକା ପଦବୀ ପୂରଣ ପାଇଁ ଦୃଷ୍ଟି ଆକର୍ଷଣ କରାଯାଇଛି। କୁଳସଚିବ ସୁମିତା ସିଂଙ୍କ କହିବାନୁଯାୟୀ, ପଦବୀ ପୂରଣ ପାଇଁ ସରକାର ଓ ଓପିଏସସିକୁ ଅନୁରୋଧ କରାଯାଇଛି। ଅବସରପ୍ରାପ୍ତ ଅଧ୍ୟାପିକା ଅଧ୍ୟାପକଙ୍କୁ ଅସ୍ଥାୟୀ ନିଯୁକ୍ତି ଦ୍ୱାରା ଶିକ୍ଷାଦାନ ପାଇଁ ଚେଷ୍ଟା ଜାରି ରହିଛି। ସ୍ଥାୟୀ କୁଳପତି ନିଯୁକ୍ତି କରାଯାଇ ନ ଥିବାରୁ ଅସ୍ଥାୟୀ ଭାବେ ଡ. ପ୍ରମୋଦ କୁମାର ଶତପଥିଙ୍କୁ ଭାରପ୍ରାପ୍ତ ଦାୟିତ୍ୱ ପ୍ରଦାନ କରାଯାଇଛି। ଏଣୁ ସ୍ଥାୟୀ କୁଳପତି ପଦବୀ ପୂରଣ କରିବା ସହିତ ବିଶ୍ୱବିଦ୍ୟାଳୟରେ ଖାଲି ପଡ଼ିଥିବା ପଦବୀ ପୂରଣ କରିବା ପାଇଁ ଅଭିଭାବକ ମହଲରେ ଦାବି ହେଉଛି। ତେବେ ବିଶ୍ୱବିଦ୍ୟାଳୟ ସ୍ତରରେ ଅଧ୍ୟାପକ ପଦବୀ ଖାଲିଥିବାବେଳେ ମହାବିଦ୍ୟାଳୟ ସ୍ତରରେ କିଭଳି ଶିକ୍ଷାଦାନ ହେଉଥିବ, ତାହାକୁ ନେଇ ଅଭିଭାବକ ମହଲରେ ଆଲୋଚନା ଜୋର ଧରିଛି।

● ଜବରଦଖଲ ଉଚ୍ଛେଦ

## ଭଙ୍ଗାଗଲା ସରକାରୀ ଜମିରେ ଥିବା ଘର



ବାରିପଦା, ୩୦।୧୨(ସମିସ):ମୟୂରଭଞ୍ଜ ଜିଲ୍ଲା ପ୍ରଶାସନ ପକ୍ଷରୁ ସରକାରୀ ଜମିରୁ ଉଚ୍ଛେଦ କରାଯାଇଛି। ବାରିପଦା ପୌରପାଳିକା ଅନ୍ତର୍ଗତ ମୁର୍ଗାବାଡ଼ିସ୍ଥ ଗ୍ରାଣ୍ଡ ଗଳିରେ ସ୍ଥାନୀୟ ବାସିନ୍ଦା କୁଞ୍ଜବିହାରୀ ମହାନ୍ତ ୨୩ ଡେସିମିଲ ସରକାରୀ ଜମିରେ ଅନେକ ବର୍ଷ ହେବ ଜବରଦଖଲ ପୂର୍ବକ ଘର ନିର୍ମାଣ କରି ରହିଥିଲେ। ଯାହାକୁ ନେଇ ସ୍ଥାନୀୟ ଲୋକେ ଜିଲ୍ଲା ପ୍ରଶାସନ ଓ କୋର୍ଟରେ ଅଭିଯୋଗ କରିଥିଲେ। ବର୍ତ୍ତମାନ ହାଇକୋର୍ଟରେ ମାମଲା ମଧ୍ୟ ଚାଲିଛି। ଉଚ୍ଛେଦ ନେଇ ମାସକ ପୂର୍ବରୁ ନୋଟିସ ହୋଇଥିଲା। ମଙ୍ଗଳବାର ବାରିପଦା ତହସିଲଦାରଙ୍କ ଉପସ୍ଥିତିରେ ଘର ଭଙ୍ଗାଯାଇଛି। ପୁଲିସ ଉପସ୍ଥିତିରେ ଜେସିବି ସହାୟତାରେ ଘର ଭାଙ୍ଗି ମାଟିରେ ମିଶାଯାଇଛି। କୁଞ୍ଜ ବିହାରୀ ମହାନ୍ତ ଏ ନେଇ ହାଇକୋର୍ଟରେ ଗୁହାରି କରିଥିବାବେଳେ ତାହା ବିଚାରାଧୀନ ରହିଛି। ଏହା ସତ୍ତ୍ୱେ ଘର ଉଚ୍ଛେଦ କରାଯାଇଥିବାରୁ ସେ ଏ ବାବଦରେ ଜିଲ୍ଲାପାଳ ଓ ହାଇକୋର୍ଟର ଦ୍ୱାରସ୍ଥ ହେବେ ବୋଲି କହିଛନ୍ତି।

## ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚର ଆଲୋଚନାଚକ୍ର ଓ କବିତା ଆସର




ବାରିପଦା, ୩୦।୧୨(ସମିସ): ସାହିତ୍ୟ ସଂସ୍କୃତି ବିକାଶ ମଞ୍ଚର ଶୀତ ଆଲୋଚନାଚକ୍ର ଓ କବିତା ଆବୃତ୍ତି କାର୍ଯ୍ୟକ୍ରମ ସୀତାକୁଣ୍ଡସ୍ଥ ନେଚର୍ସ କଟେଜ ପରିସରରେ ଆୟୋଜନ ହୋଇଯାଇଛି। 'ଓଡ଼ିଆ ସାହିତ୍ୟରେ ଶିମିଳିପାଳ' ଶୀର୍ଷକରେ ଅନୁଷ୍ଠିତ ଆଲୋଚନାଚକ୍ରରେ ଅଧ୍ୟାପକ ଅଶୋକ ପୁଷ୍ଟି ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଏମପିସି ସ୍ୱୟଂଶାସିତ ମହାବିଦ୍ୟାଳୟର ସହକାରୀ ପ୍ରଫେସର ଡ. ସରୋଜ ନାୟକ ଯୋଗଦେଇ ରାଧାନାଥ ରାୟଙ୍କ ସୃଷ୍ଟିରେ ଶିମିଳିପାଳ ଓ ତା'ର ନଦନଦୀ ଉପରେ ବିଶେଷ ଆଲୋକପାତ କରିଥିଲେ। ମୁଖ୍ୟବକ୍ତା ଭାବେ ଡକ୍ଟର ନିରୁପମା ନାୟକ ଯୋଗ ଦେଇଥିବାବେଳେ ସମ୍ମାନିତ ଅତିଥି ଭାବେ ସ୍ମିତା ବେହେରା, ଇଂ ମନୋଜ ନାୟକ, ମୟୂରଭଞ୍ଜ ଯୁବ ପ୍ରକଳ୍ପ ଜିଲ୍ଲା ସଂଯୋଜକ ମଳୟ ନାୟକ, କାଞ୍ଚନମାଳା ସାହୁ, ବଟକୃଷ୍ଣ ବେହେରା ଯୋଗଦେଇଥିଲେ। ଏସପି ଜ୍ୟୋତିଙ୍କ ସଂଯୋଜନାରେ ଆୟୋଜିତ କବିତା ଅସାରରେ ଅନନ୍ୟା ନାୟକ, ଦର୍ଶଦୀପ, ଅୟାଂଶ ପ୍ରମୁଖ ଶିଶୁ କବିତା ଆବୃତ୍ତି କରିଥିଲେ। ଏ ଅବସରରେ ସାହିତ୍ୟିକ ଦମ୍ପତି ବିମଳା ନାୟକ ଓ ହାରାଧନ ନାୟକଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା। ପ୍ରଦୀପ ଭଞ୍ଜଦେଓ ସ୍ୱାଗତ ଭାଷଣ ପ୍ରଦାନ କରିଥିବାବେଳେ ଏସ ରାମକୃଷ୍ଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ନିସ୍ୱାର୍ଥ ସେବା ସଂଗଠନ ପକ୍ଷରୁ ସେବା ଓ ଚାରାରୋପଣ କାର୍ଯ୍ୟକ୍ରମ



ବାରିପଦା, ୩୦।୧୨(ସମିସ): ବର୍ଷ ଶେଷ ହେବାକୁ ଯାଉଥିବାବେଳେ ଲୋକେ ପର୍ଯ୍ୟଟନ ସ୍ଥଳୀ ବୁଲିବା ସହ ବଣଭୋଜିରେ ବ୍ୟସ୍ତ ରହୁଛନ୍ତି। ତେବେ ବାରିପଦାର ନିସ୍ୱାର୍ଥ ସେବା ସଂଗଠନ ପକ୍ଷରୁ ମଞ୍ଚବନ୍ଧା ଗଣେଶ ମନ୍ଦିର ପରିସରରେ ପ୍ରାୟ ୩୦ ଜଣ କିନ୍ନରଙ୍କୁ ଶାଢୀ, ଚୁଡ଼ି, ଅଳତା ଓ ଟିଫିନ ପ୍ରଦାନ କରି ସମ୍ମାନିତ କରିବା ସହିତ ମନ୍ଦିର ପରିସରରେ ବୃକ୍ଷରୋପଣ କରିଥିଲେ। ପରେ ସଂଗଠନର କର୍ମୀ ସ୍ଥାନୀୟ ଗୋଶାଳା ଯାଇ ଗୋମାତାଙ୍କୁ ଖାଦ୍ୟ ପ୍ରଦାନ କରିବା ସହ ସେବା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଭିଜିଲାନ୍ସ ଡିଏସପି ବିକାଶ ସ୍ୱାଇଁ, ପୂର୍ବତନ ଉପନଗରପାଳ ଜିତେନ୍ଦ୍ର ମହାନ୍ତି, ଯୁବ ନେତା ଆଭାସ ଦେ ପ୍ରମୁଖ ଯୋଗଦେଇ ସେବା ହିଁ ମଣିଷର ପ୍ରକୃତ ଧର୍ମ ବୋଲି କହିଥିଲେ। ସଦସ୍ୟ ସୁମିତ ପ୍ରିୟଦର୍ଶୀ, ପି. ଚନ୍ଦ୍ରଭାନୁ, ମଧୁସ୍ମିତା କର, ଆରବ ପଣ୍ଡା, ହରିପଦ ବେହେରା, ସଙ୍କେତ ଦାସ ଅଧିକାରୀ, ସୌମ୍ୟଜିତ ବେହେରା ପ୍ରମୁଖ ସହଯୋଗ କରିଥିଲେ। ଆଗାମୀ ଦିନରେ ଅସହାୟ ରୋଗୀଙ୍କୁ ରିହାତି ମୂଲ୍ୟରେ ମେଡିସିନ ପ୍ରଦାନ ସହ ଚିକିତ୍ସାରେ ସହଯୋଗ କରିବା, ବ୍ୟକ୍ତିଙ୍କ ମୃତ୍ୟୁ ପରେ ଶବ ସତ୍କାର ନିମନ୍ତେ ସଂକୀର୍ତ୍ତନ ଆୟୋଜନ କରିବା, ରାସ୍ତାରେ ବୁଲୁଥିବା ପଶୁପକ୍ଷୀଙ୍କ ପାଇଁ ବିବିଧ ବ୍ୟବସ୍ଥା ଆଦି କାର୍ଯ୍ୟକ୍ରମ କରାଯିବ ବୋଲି ସଂଗଠନ ପକ୍ଷରୁ କୁହାଯାଇଛି।

## ଜନଆରୋଗ୍ୟ ଚେତନା ଅଭିଯାନ

ବୈଶିଙ୍ଗା, ୩୦।୧୨(ସମିସ): ସରକାରୀ ହୋମଓପାଥିକ ଚିକିତ୍ସାଳୟ ଖଡ଼ିକପଦା ଆନୁକୂଲ୍ୟରେ ସୁସ୍ଥ ନାଗରିକ ସଶକ୍ତ ରାଷ୍ଟ୍ର କାର୍ଯ୍ୟକ୍ରମ ଅନ୍ତର୍ଗତ ଜନଆରୋଗ୍ୟ ଚେତନା ଅଭିଯାନ ଚିକିତ୍ସାଧିକାରୀ ଡା ନଳିନୀପ୍ରଭା ବେହେରାଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଭାରତ ରତ୍ନ ଅଟଳବିହରୀ ବାଜପେୟୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଆଖପାଖ ଅଞ୍ଚଳର ବହୁ ପୁରୁଷ, ମହିଳା, ଶିଶୁ ଯୋଗଦେଇ ସ୍ୱାସ୍ଥ୍ୟ ପରୀକ୍ଷା କରାଇ ମାଗଣା ଔଷଧ ଓ ଚିକେନ ପକ୍ସ ପ୍ରତିଷେଧକ ଗ୍ରହଣ କରିଥିଲେ। ଡା. ଅମ୍ଳାନ ଦାସଙ୍କୁ ଔଷଧ ବିତରଣରେ ସଞ୍ଜୀବ ଦାସ ସହଯୋଗ କରିଥିଲେ।

## ବାଇକ୍‌ରୁ ପଡ଼ି ଜଣେ ମୃତ

ରାଇରଙ୍ଗପୁର, ୩୦।୧୨ (ସମିସ): ବାଇକ୍ ଚଳାଇ ଯାଉଥିବାବେଳେ ଭାରସାମ୍ୟ ହରାଇ ପଡ଼ିଯିବାରୁ ଜଣେ ବ୍ୟକ୍ତିଙ୍କ ମୃତ୍ୟୁ ହୋଇଛି। ମୃତକ ଜଣକ ବାଦାମପାହାଡ଼ ଥାନା ଅନ୍ତର୍ଗତ ଦୁଧିଝରଣ ଗ୍ରାମର ଯତନ ମାଝୀ। ସେ ବାଇକ ଯୋଗେ ଯାଉଥିବାବେଳେ ଚାଉରଣଡ଼ିହି ଛକ ନିକଟରେ ଭାରସାମ୍ୟ ହରାଇ ଖସି ପଡ଼ିଥିଲେ। ଆହତ ଅବସ୍ଥାରେ ତାଙ୍କୁ ସ୍ଥାନୀୟ ଲୋକେ ଉଦ୍ଧାର କରି ବାଦାମପାହାଡ଼ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ପରିବାରର ଅଭିଯୋଗକ୍ରମେ ବାଦାମପାହାଡ଼ ଥାନାରେ ମାମଲା ରୁଜୁ ହୋଇ ତଦନ୍ତ ଜାରି ରହିଛି।

## ବାଲି ବୋଝେଇ ଟ୍ରାକ୍ଟର ଜବତ

ରାଇରଙ୍ଗପୁର, ୩୦।୧୨(ସମିସ): ବେଆଇନ ଭାବେ ବାଲି ଚୋରାଚାଲାଣ ବେଳେ ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ପୁଲିସ ଦ୍ୱାରା ବାଲି ବୋଝେଇ ଟ୍ରାକ୍ଟର ଜବତ ହୋଇଛି। ଅନେକ ପରିମାଣର ଲଘୁ ଖଣିଜ ଚୋରା ଚାଲାଣ ହେଉଥିବା ବାରମ୍ବାର ଅଭିଯୋଗ ହେଉଛି। ଯାହାକୁ ନେଇ ପୁଲିସ ପକ୍ଷରୁ ପାଟ୍ରୋଲିଂ ଜାରି ରହିଥିବାବେଳେ ପଲାସବଣି ଛକ ଅଞ୍ଚଳରେ ଚଢ଼ଉ କରି ଟ୍ରାକ୍ଟର ଜବତ କରାଯାଇଛି। ନଦୀରୁ ବେଆଇନ ଭାବେ ବାଲି ଉତ୍ତୋଳନ କରିବା ନେଇ ବିଶ୍ୱସ୍ତସୂତ୍ରରୁ ଖବର ପାଇ ଚଢ଼ଉ କରାଯାଇଥିଲା। ଟ୍ରାକ୍ଟର ଅଟକାଇ ପଚରାଉଚରା କରାଯାଇଥିବାବେଳେ ଡ୍ରାଇଭର ସଠିକ୍ କାଗଜପତ୍ର ଦେଖାଇ ନ ପାରିବାରୁ ଗାଡିକୁ ଜବତ କରାଯାଇଛି। ରାଇରଙ୍ଗପୁର ଗ୍ରାମାଞ୍ଚଳ ଥାନା ଅନ୍ତର୍ଗତ ଜୁଡାଟୁଆ ଗ୍ରାମର ପୁରୁଷୋତ୍ତମ ତିରିଆ ଟ୍ରାକ୍ଟର ଚାଳକ ଥିବାବେଳେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏ ନେଇ ଥାନାରେ ଲଘୁ ଖଣିଜ ବେଆଇନ ଚୋରା ଚାଲାଣ ନେଇ ମାମଲା ରୁଜୁ କରାଯାଇ ତଦନ୍ତ ଜାରି ରହିଛି।

## ଅବସରପ୍ରାପ୍ତ ସେନା କର୍ମଚାରୀଙ୍କ ସମ୍ମିଳନୀ



ରାଇରଙ୍ଗପୁର, ୩୦।୧୨(ସମିସ): ଦେଶ ମାତୃକାରେ ସେବା କରି ଅବସର ଗ୍ରହଣ କରିଥିବା ସେନା କର୍ମଚାରୀଙ୍କ ବନ୍ଧୁମିଳନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ନୂତନ ବର୍ଷ ଆଗମନକୁ ସ୍ୱାଗତ ଜଣାଇ ଆଡ଼ମ୍ବରପୂର୍ଣ୍ଣ ଭାବେ ପାଳନ କରାଯାଇଛି। ବାଇଦାପୋଷି ନୂତନ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଉକ୍ତ ଉତ୍ସବରେ ମୁଖ୍ୟଅତିଥି ଭାବେ ସାଂସଦ ନବଚରଣ ମାଝୀ ଯୋଗଦେଇ ଦେଶ ପାଇଁ ହସି ହସି ପ୍ରାଣବଳୀ ଦେଇଥିବା ବୀର ଯବାନଙ୍କୁ ଶ୍ରଦ୍ଧାଞ୍ଜଳି ଜଣାଇ ବଳିଦାନ ଓ ବୀରତ୍ୱ ସ୍ମୃତିଚାରଣ କରିଥିଲେ। ସେନାର ଯବାନ ହେବାର ଗୌରବ ବାର୍ତ୍ତା ଓ କିପରି ଯବାନ ହେବେ ତାହା ମତ ପ୍ରକାଶ କରିଥିଲେ। ଯୁଦ୍ଧକାଳୀନ ସମୟର ସ୍ଥିତିକୁ ବଖାଣି ଯୁବକଙ୍କ ଇଚ୍ଛାଶକ୍ତି ବୃଦ୍ଧି କରିଥିଲେ। ବିଭିନ୍ନ ଆଦିବାସୀ ସମ୍ପ୍ରଦାୟର ମହିଳା ବିଭିନ୍ନ ପାରମ୍ପରିକ ଆଦିବାସୀ ନୃତ୍ୟ ପରିବେଷଣ କରିଥିଲେ। ଆଦିବାସୀ ସେନାପତି ଅବସରପ୍ରାପ୍ତ ମେଜର ଗୁରୁଚରଣ ହେମ୍ବ୍ରମଙ୍କ ତତ୍ତ୍ୱାବଧାନରେ ବନ୍ଧୁମିଳନ ଉତ୍ସବ ଧୂମଧାମରେ ପାଳିତ ହୋଇଥିଲା।



**ଶୀତ ଲହରୀ:** ମହୁଲଡିହାରେ ୪ଟା ବେଳୁ ଲୋକେ ନିଆଁ ଜାଳି ବସୁଛନ୍ତି

## ଚାନ୍ଦୁଆ ଲ୍ୟାମ୍ପ୍‌ସରେ ଧାନମଣ୍ଡି କେନ୍ଦ୍ର ଉଦ୍‌ଘାଟିତ



କୁଳିଅଣା, ୩୦।୧୨(ସମିସ): କୁଳିଅଣା ବ୍ଲକ ଅନ୍ତର୍ଗତ ଚାନ୍ଦୁଆ ପଞ୍ଚାୟତ ଚାନ୍ଦୁଆ ଲ୍ୟାମ୍ପସରେ ଧାନ ସଂଗ୍ରହ କେନ୍ଦ୍ର ଉଦ୍‌ଘାଟିତ ହୋଇଛି। ଚାନ୍ଦୁଆ ଲ୍ୟାମ୍ପ୍‌ସ ପରିଚାଳିକା ସୁମି ସାହାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କୁଳିଅଣା ବ୍ଲକ ଯୋଗାଣ ନିରୀକ୍ଷକ ଉତ୍କଳିକା ନାଏକ, କୁଳିଅଣା ବ୍ଲକ ଏଓ ସଞ୍ଜୟ ଦାସ, ଭିଏଲଡବ୍ଲୁ ସୁମନ୍ତ ଷଡ଼ଙ୍ଗୀ ଯୋଗଦେଇ ଧାନମଣ୍ଡ ଉଦ୍‌ଘାଟନ କରିଥିଲେ। ଏଥିରେ ୭ଟି ପଞ୍ଚାୟତରୁ ୧୦୩୭ ଜଣ ଚାଷୀ ପଞ୍ଜୀକରଣ ସହିତ ଧାନ କିଣା ହେବ ଜଣାପଡ଼ିଛି। ପ୍ରଥମ ଦିନରେ ୬ ଜଣ ଚାଷୀଙ୍କଠାରୁ ୧୭୫.୧୨ କିଲୋ ଗ୍ରାମ ଧାନ ସଂଗ୍ରହ ହୋଇଛି। ଉଦଘାଟନୀ ଉତ୍ସବରେ ବରିଷ୍ଠ ଚାଷୀ ଝାବୁ ସରେନ, ସଞ୍ଜୟ ପାଲ, ଗିରିଶ ଚନ୍ଦ୍ର ସିଂଙ୍କ ସମେତ ବହୁ ସଂଖ୍ୟକ ଚାଷୀ ଉପସ୍ଥିତ ଥିଲେ।

## କୁଶଳଦା ଓ ପୁରୁଣା ବାରିପଦାରେ ଖୋଲିଲା ଧାନମଣ୍ଡି



କୁଆମରା, ୩୦।୧୨(ସମିସ): ଗୋପବନ୍ଧୁନଗର ବ୍ଲକ କୁଶଳଦା ଓ ପୁରୁଣା ବାରିପଦାରେ ଧାନମଣ୍ଡି ଉଦଘାଟିତ ହୋଇଛି। କୁଶଳଦା ଲ୍ୟାମ୍ପ୍‌ସରେ ସଭାପତି ଚୌଧୁରୀ ସିଂ ମୁଖ୍ୟଅତିଥି ଭାବେ ଯୋଗଦେଇ ମଣ୍ଡିକୁ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଲ୍ୟାମ୍ପ୍‌ର ଏମ୍‌ଡି ସୁମନ ସୌରଭ ବେହେରା, ମଣ୍ଡି ସୁପରଭାଇଜର ଶୁଭଲକ୍ଷ୍ମୀ ଶତପଥୀ, ନୋଡାଲ ଅଫିସର ରଣଜିତ ଗିରି, ତପନ ରାଜ, ରଞ୍ଜନ ବାରିକ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମ ଦିବସରେ ୭ ଜଣ ଚାଷୀଙ୍କଠାରୁ ୨୭୨ କ୍ୱିଣ୍ଟାଲ ଧାନ କିଣାଯାଇଥିବା ଶ୍ରୀ ବେହେରା ସୂଚନା ଦେଇଛନ୍ତି। ୧୩୩୦ ଚାଷୀ ଆବେଦନ କରିଥିବାବେଳେ ଚଳିତ ଖରିଫ ଋତୁରେ ୫୦ ହଜାର କ୍ୱିଣ୍ଟାଲ ଧାନ କିଣାଯିବା ଲକ୍ଷ୍ୟ ଧାର୍ଯ୍ୟ ହୋଇଛି। ସେହିପରି ପଶୁଦା ଲ୍ୟାମ୍ପସ୍ ଅଧୀନରେ ଥିବା ପୁରୁଣା ବାରିପଦା ମଣ୍ଡିକୁ ୧୫ନଂ ଜୋନ୍ ଜିଲ୍ଲା ପରିଷଦ ସଭ୍ୟା ଉର୍ମିଳା ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦଘାଟନ କରିଥିଲେ। ପଶୁଦା ଲ୍ୟାମ୍ପସର ଏମ୍‌ଡି ନିର୍ମଳ ସେନ, ଗୌରମୋହନ ବେହେରା, ସୁଶାନ୍ତ ପଣ୍ଡା, ଚାଷୀ କମିଟି ସଦସ୍ୟ ନରେନ୍ଦ୍ର ପାତ୍ର, ଆତ୍ମାରାମ ମହାପାତ୍ର, କର୍ମଚାରୀ ସଞ୍ଜୟ ବେନ୍ତାଳ ପ୍ରମୁଖ ଉପସ୍ଥିତ ଥିଲେ। ୧୦୬୧ ଚାଷୀ ଆବେଦନ କରିଥିବାବେଳେ ୪୦ ହଜାର କ୍ୱିଣ୍ଟାଲ ଧାନ କିଣାଯିବା ଲକ୍ଷ୍ୟ ରଖାଯାଇଛି।

# ଅଲଚିକି ଲିପିର ଶତବାର୍ଷିକୀ ଉଦ୍‌ଯାପନୀ ସମାରୋହରେ ରାଷ୍ଟ୍ରପତି

**ରାମଦାସ ମୁର୍ମୁ ସମ୍ବର୍ଦ୍ଧିତ**

ବହଳଦା, ୩୦।୧୨(ସମିସ):ଝାଡ଼ଖଣ୍ଡ ରାଜ୍ୟ ଜାମସେଦପୁର ସହରର କରନଡିହିସ୍ଥ ଦିଶମ ଜାହେର ଥାନଠାରେ ଅଲଚିକି ଶତବାର୍ଷିକୀ ଉଦ୍‌ଯାପନୀ ସମାରୋହ ଆୟୋଜିତ ହୋଇଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମୁଖ୍ୟଅତିଥି ଭାବେ ଯୋଗଦେଇ ଉଦ୍‌ଯାପନୀ ସମାରୋହକୁ ଉଦଘାଟନ କରିବା ସହ ଉପସ୍ଥିତ ଜନସାଧାରଣ ଓ ଆଦିବାସୀ, ସାନ୍ତାଳ ସମାଜର ଲୋକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। କରନଡିହି ଦିଶମ ଜାହେର ଥାନ କମିଟି ଓ ଅଖିଳ ଭାରତୀୟ ସାନ୍ତାଳୀ ଲେଖକ ସଂଘ ପକ୍ଷରୁ ଆୟୋଜିତ ଏହି ଅଲଚିକି ଶତବାର୍ଷିକୀ ଉଦଯାପନୀ ସମାରୋହରେ ସାନ୍ତାଳୀ ଭାଷା ଅଲଚିକି ଲିପିର ପ୍ରଚାର, ପ୍ରସାର, ସଂରକ୍ଷଣ ଓ ସମୃଦ୍ଧିରେ ଉଲ୍ଲେଖନୀୟ ଅବଦାନ ଦେଇଥିବା ବ୍ୟକ୍ତିବିଶେଷଙ୍କୁ ରାଷ୍ଟ୍ରପତିଙ୍କ ଦ୍ୱାରା ମାନପତ୍ର ଓ ଉପଢୌକନ ପ୍ରଦାନ କରାଯାଇ ସମ୍ମାନିତ କରାଯାଇଥିଲା। ଏହି ଐତିହାସିକ ଭବ୍ୟ ସମାରୋହରେ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ୧୨ ଜଣ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନିତ କରାଯାଇଥିବାବେଳେ ତନ୍ମଧ୍ୟରୁ ମୟୂରଭଞ୍ଜ ଜିଲ୍ଲା ବହଳଦା ବ୍ଲକ ଅନ୍ତର୍ଗତ ଗିଦିଘାଟୀ ପଞ୍ଚାୟତ ପାତ୍ରାମହୁଲପାଣି ଗ୍ରାମର ଅଲଚିକି ଭାଷାର ସଂଗ୍ରାହକ, ଗବେଷକ ତଥା ବାବା ତିଲକା ଲାଇବ୍ରେରୀ ପ୍ରତିଷ୍ଠାତା ଓ ବରିଷ୍ଠ ସାମ୍ବାଦିକ ରାମଦାସ ମୁର୍ମୁ ଅନ୍ୟତମ। ରାମଦାସ ମୁର୍ମୁ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ ହେବାପରେ ବହଳଦା ଅଞ୍ଚଳରେ ଆନନ୍ଦ ପ୍ରକାଶ ପାଇଛି। ତାଙ୍କ ବ୍ୟତୀତ ରାଇରଙ୍ଗପୁର ଅଞ୍ଚଳର ଅଖିଳ ଭାରତୀୟ ସାନ୍ତାଳୀ ଲେଖକ ସଂଘର ମୁଚିରାମ




ହେମ୍ବ୍ରମ ଓ ପାର୍ସି ସିଂ ଚାନ୍ଦୋ ମାହାଲ ମାଡୱା ସଂଗଠନର ଅଧ୍ୟକ୍ଷ ତଥା ଗୁରୁଗୋମକେ ପଣ୍ଡିତ ରଘୁନାଥ ମୁର୍ମୁଙ୍କ ନାତି ଭୀମୱାର ମୁର୍ମୁଙ୍କୁ ମଧ୍ୟ ମହାମହିମ ରାଷ୍ଟ୍ରପତିଙ୍କ ଦ୍ୱାରା ସମ୍ମାନିତ କରାଯାଇଥିଲା।

# ବିନା ସୂଚନା ଫଳକରେ ହେଉଛି ପ୍ରକଳ୍ପ କାମ



କପ୍ତିପଦା, ୩୦।୧୨(ସମିସ): ପୂର୍ବ ସରକାରରେ ଯେଉଁଠି ଉନ୍ନୟନ କାର୍ଯ୍ୟ ହେଉଥିଲା, ପ୍ରଥମେ ସୂଚନା ଫଳକ ଲାଗୁଥିଲା ଓ ପରେ କାମ ହେଉଥିଲା। ମାତ୍ର ନୂଆ ସରକାର ଆସିବା ପରେ ସବୁ ଓଲଟା। କେଉଁଠି କାମ ଶେଷରେ ତ କେଉଁଠି ଜମା ଲାଗୁନି ସୂଚନା ଫଳକ। ଫଳରେ କେତେ ଟଙ୍କାର ଅଟକଳ, କ'ଣ କାମ ହେଉଛି; ତାହା ଜାଣିବା ସହଜ ହୋଇପାରୁନି। ମୋଟାମୋଟି କହିବାକୁ ଗଲେ ପ୍ରଶାସନିକ ଅଧିକାରୀଙ୍କୁ ହାତବାରିଶ କରି ଲୁଟ ହେଉଛି ପ୍ରକଳ୍ପ ଟଙ୍କା। ଏମିତି ଏକ ଘଟଣା ଜାମବଣୀ ପଞ୍ଚାୟତ ସୁଡସୁଡିଆ ଗ୍ରାମରେ ଦେଖିବାକୁ ମିଳିଛି।

ସୋନନଦୀ ପାଣିରୁ ରକ୍ଷା ପାଇବା ପାଇଁ ପୁରୁଣା ପ୍ରୋଟେକସନ ୱାଲକୁ ସିମେଣ୍ଟ ପାଣିଦେଇ ମରାମତି କରାଯାଉଛି। ଏ କାମ ପାଇଁ କେତେ ଟଙ୍କା ଅନୁଦାନ ଆସିଛି ଓ କେଉଁ ବିଭାଗ ଦ୍ୱାରା କାମ ହେଉଛି, ତାହା ଜାଣିବା ମୁସ୍କିଲ। ଏ ନେଇ ଗ୍ରାମବାସୀଙ୍କ ଅଭିଯୋଗ ପାଇବା ପରେ ଘଟଣା ସମ୍ପର୍କରେ ଅବଗତ ହୋଇ ପ୍ରକୃତରେ ଏମିତି କରାଯାଉଥିବା ଦେଖିବାକୁ ମିଳିଥିଲା। ଖୋଦ ୱାର୍ଡ ସଭ୍ୟ ସେହି କାର୍ଯ୍ୟ କରାଉଥିଲେ। ସେ ତାଙ୍କ ପ୍ରତିକ୍ରିୟାରେ କହିଛନ୍ତି, ଏହା ଏକ ମରାମତି କାମ। ତେବେ ଫଳକ କାହିଁକି ଲାଗିନାହିଁ ବୋଲି ପଞ୍ଚାୟତ ପିଇଓଙ୍କୁ ଯୋଗାଯୋଗ କରିବାରୁ ଫଳକ ଲାଗିବା କଥା। ଯଦି ଲାଗିନାହିଁ କହିବି ଲଗାଇ ଦେବେ। ନଦୀ ପାଇଁ ଗୋଟିଏ ପ୍ରୋଟେକ୍ସନ ୱାଲ ଥିଲା। ଆଉ ଗୋଟିଏ କରିଦେଲେ ଗାଁରେ ଜମା ହେଉଥିବା ପାଣି ନିଷ୍କାସନ ହୋଇପାରିବ ବୋଲି ଏପରି ହେଉଛି। ଏ ସମ୍ପର୍କରେ ଯନ୍ତ୍ରୀ ଜାଣିଛନ୍ତି ବୋଲି କହିଥିଲେ। ଏ ନେଇ ବିଭାଗୀୟ ଯନ୍ତ୍ରୀ ଫୋନ୍ ରିସିଭ କରି ନ ଥିଲେ। ଅନେକ ଦିନ ହେବ ପଞ୍ଚାୟତରେ ଉନ୍ନତିମୂଳକ କାର୍ଯ୍ୟ ବନ୍ଦ ରହିଥିବାବେଳେ ଏବେ କିଛି କାମ ଆରମ୍ଭ ହୋଇଛି। ତାହା ପୁଣି ଏଭଳି ଢଙ୍ଗରେ। ତୁରନ୍ତ ତଦାରଖ କରି ପଦକ୍ଷେପ ନେବାକୁ ଗ୍ରାମବାସୀ ଦାବି କରିଛନ୍ତି।

## ଗାଁ ବଜାରରେ ବୁଲୁଛି ବଣୁଆ ଦନ୍ତା; ଲୋକେ ଭୟଭୀତ

**ହାଟଡ଼ିହୀ,୩୦।୧୨(ସମିସ):** ହାଟଡ଼ିହୀ ଅଞ୍ଚଳର ଗାଁ ବଜାରଗୁଡ଼ିକରେ ବୁଲିଲା ଦନ୍ତାହାତୀ। ମଙ୍ଗଳବାର ସକାଳ ସମୟରେ ଏକ ବଣୁଆ ହାତୀ ଆମ୍ରୋ ଗାଁରୁ ବାହାରି ଅଣତୀରା, କୋଳିପଦି, ସରଳ ଗାଁ ଦେଇ ବଡ଼ରମ୍ପାସ ଗାଁରେ ପଶିଥିଲା। କାହାରି କୌଣସି କ୍ଷତି କରି ନଥିବା ବେଳେ ବଡ଼ରମ୍ପାସ ଗ୍ରାମରେ ଏକ ବାଇକ ଭାଙ୍ଗିଥିବା ଜାଣିବାକୁ ମିଳିଛି। ଦେଖଣାହାରୀ ଏବଂ ଘଉଡ଼ାଥିବା ଲୋକଙ୍କ ହୋ ହାଲ୍ଲା ସକାଶେ ହାତୀଟି ବଡ଼ରମ୍ପାସରୁ ବାହାରି ଏଲକଣା ଗାଁ କଡ଼ ଦେଇ ହାଟଡ଼ିହୀର ଜଳକଳଙ୍ଗ ବଜାରରେ ପହଞ୍ଚିଥିଲା। ପରେ ପରେ ଭଦ୍ରକ ଆନନ୍ଦପୁର ୫୩ନଂ ରାଜ୍ୟ ରାଜପଥର ସମ୍ପୂର୍ଣ୍ଣ ଜଳକଳଙ୍ଗ ଓ ହାଟଡ଼ିହୀ ମାର୍କେଟ ବୁଲିବା ସହିତ ହାଟଡ଼ିହୀ ହାଇସ୍କୁଲ ଓ ହାଟଡ଼ିହୀ କଲେଜ ଭିତରେ ପଶିଥିଲା। ହାତୀଟି କାହାରି କୌଣସି କ୍ଷତି ନକରି ଶିକ୍ଷାନୁଷ୍ଠାନରେ ପ୍ରବେଶ କରିବା ଯୋଗୁଁ କଲେଜରେ ଲାଗିଥିବା ଷ୍ଟିଲ ଫାଟକ ଭାଙ୍ଗିଥିବା ସୂଚନା ମିଳିଛି। ପରେ ହାତୀଟି ଗୋପ ଗାଁକୁ ଯାଇ ଫେରିଥିଲା। ଲୋକଙ୍କ ହୋ ହାଲ୍ଲା ଯୋଗୁଁ ପରେ ହାଟଡ଼ିହୀ ଗାଁ ଭିତରେ ପଶିଯାଇଥିଲା। ଜଙ୍ଗଲୀ ହାତୀ ହଠାତ୍ ହଜାର ହଜାର ଲୋକଙ୍କୁ ଦେଖି ଛାନିଆ ହୋଇଯିବା କାରଣରୁ ଗାଁର କିଛି ଲୋକଙ୍କ ବାଡ଼ ଭାଙ୍ଗି ଦେଇଥିଲା। ବନବିଭାଗ କର୍ମଚାରୀ ଓ ସ୍ଥାନୀୟ ପୁଲିସ ଫୋର୍ସ ହାତୀ ସୁରକ୍ଷାରେ ନିୟୋଜିତ ଥିଲେ। ବନବିଭାଗର ଅକ୍ଳାନ୍ତ ପରିଶ୍ରମ ପରେ ହାତୀଟି ହଦଗଡ଼ ଅଭୟାରଣ୍ୟ ମଧ୍ୟରେ ପ୍ରବେଶ କରିଛି। ଖବର ଲେଖାଯିବା ଯାଏଁ ହାତୀଟି ହଦଗଡ଼ ଅଭୟାରଣ୍ୟ ଅଞ୍ଚଳରେ ଘୂରି ବୁଲୁଥିବା ବେଳେ, ସ୍ଥାନୀୟ ଲୋକଙ୍କ ଅସୁବିଧା ନହେବା ପାଇଁ ବନବିଭାଗ ହାତୀ ଉପରେ ନଜର ରଖିଛି।



## କୁକୁଡ଼ା ଲଢ଼େଇ ବନ୍ଦ କରିବାକୁ ଯାଇ ହଟହଟା ପୁଲିସ

**ତୁରୁମୁଙ୍ଗା, ୩୦।୧୨(ସମିସ):** ପାଟଣା ଥାନା ଅନ୍ତର୍ଗତ ସାହାରପଡ଼ା ବ୍ଲକ ଡାଳପକା ପଞ୍ଚାୟତ କେନ୍ଦୁଯୋଡ଼ା ଗ୍ରାମରେ ମଙ୍ଗଳବାର ଚାଲିଥିଲା ବେଆଇନ କୁକୁଡ଼ା ଲଢ଼େଇ। ଦାମୋଦର ଯାତ୍ରା ଚାଲୁଥିବା ବେଳେ ସେଠାରେ ବେଆଇନ ଭାବରେ କୁକୁଡ଼ା ଲଢ଼େଇ ଖେଳ ଚାଲିଥିବା ଖବର ପାଇ ଖେଳ ବନ୍ଦ କରିବାକୁ ପାଟଣା ଥାନାଧିକାରୀ ମାନସ ମହାକୁଲଙ୍କ ସମେତ ପାଟଣା ଥାନା କର୍ମଚାରୀ ସାହାରପଡ଼ା ଫାଣ୍ଡି ଏସଆଇ ପାର୍ଥ ଓରାମ ଚଢ଼ଉ କରିଥିଲେ। ପୁଲିସ ଚଢ଼ଉ ଦେଖି କିଛି ଲୋକ ଦୌଡ଼ି ପଳାଇଥିବା ବେଳେ ଏହାର ସୁଯୋଗ ନେଇ କିଛି ଲୋକଙ୍କ କୁକୁଡ଼ାଗୁଡିକୁ ଅନ୍ୟ ଲୋକେ ଧରି ପଳାଇଥିଲେ। ଏଥିରେ ଉତ୍କ୍ଷିପ୍ତ ହୋଇ ହଜାର ହଜାର ଲୋକେ ପୁଲିସ ସହ ଭିଡ଼ାଭିଡ଼ ହୋଇ ଯାଇଥିଲେ। ଗାଡ଼ି ସାମନାରେ ଛିଡ଼ା ହୋଇ ପାଟଣା ଓ ସାହାରପଡା ଫାଣ୍ଡି ପୁଲିସ ଗାଡ଼ିକୁ ଦୀର୍ଘ ସମୟ ଧରି ଅଟକ ରଖିଥିଲେ। ଫଳରେ କିଛି ସମୟ ଧରି ଉତ୍ତେଜନା ଦେଖା ଦେଇଥିଲା। ବୁଝାସୁଝା ପରେ ଉତ୍ତ୍ୟକ୍ତ ଲୋକଙ୍କ କବଳରୁ ପୁଲିସ ମୁକୁଳିବା ସହ ଘଟଣାସ୍ଥଳରୁ ଖାଲି ହାତରେ ଫେରିଥିବା ଜଣାପଡ଼ିଛି।



## ଅନୁଦାନପ୍ରାପ୍ତ ଉଚ୍ଚବିଦ୍ୟାଳୟର ସମସ୍ୟା ନେଇ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର

**କେନ୍ଦୁଝର,୩୦।୧୨(ସମିସ):** ଅନୁଦାନପ୍ରାପ୍ତ ଉଚ୍ଚବିଦ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ନେଇ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। କେନ୍ଦୁଝର ସର୍କିଟ ହାଉସରେ ଅନୁଷ୍ଠିତ ଅଭିଯୋଗ ଶୁଣାଣି ବେଳେ ଏହି ଦାବିପତ୍ର ପ୍ରଦାନ କରାଯାଇଛି। ସଂଘର ହୃଷିକେଶ ମହାନ୍ତ,ରବିନ୍ଦ୍ରନାଥ ମହାନ୍ତ, ମଦନ ମୋହନ ମହାନ୍ତ, ନଟବର ମହାନ୍ତ,ନକୁଳ ଚରଣ ମହାନ୍ତ ପ୍ରମୁଖ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ଓଷ୍ଟା ସଂଘ ସଭାପତି ମନ୍ମଥ ନାଥ ମହାନ୍ତ ମୁଖ୍ୟମନ୍ତ୍ରୀଙ୍କୁ ସାକ୍ଷାତ କରି ଅନୁଦାନପ୍ରାପ୍ତ ଉଚ୍ଚବିଦ୍ୟାଳୟର ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରିଥିଲେ। ବିଶେଷ କରି ୧୯୪ଟି ଉଚ୍ଚବିଦ୍ୟାଳୟକୁ ତୁରନ୍ତ ଅନୁଦାନ ପ୍ରଦାନ, ଚାକିରି ସର୍ତ୍ତାବଳୀ, ନୂତନ ଅନୁଦାନପ୍ରାପ୍ତ ବିଦ୍ୟାଳୟକୁ ପେନସନରେ ଅନ୍ତର୍ଭୁକ୍ତ କରିବା, ଶିକ୍ଷକଙ୍କ ଦାବି ପୂରଣ ପାଇଁ ଗଠନ କରାଯାଇଥିବା କମିଟି ଦ୍ୱାରା ଶୀଘ୍ର ସମାଧାନ କରିବା ପାଇଁ ଦାବି ଜଣାଇଥିଲେ।



## ବାଥୁଡି ସମାଜର ଅଠର ଦେଉଳ ସଭା

**କରଞ୍ଜିଆ, ୩୦।୧୨(ସମିସ):** ଯଶିପୁରସ୍ଥ ଶ୍ରୀଶ୍ରୀ ରଘୁନାଥଜୀଉ ମଠ ପ୍ରାଙ୍ଗଣରେ ବାଥୁଡି ସମାଜର ଅଠର ଦେଉଳ ସଭା ଅନୁଷ୍ଠିତ ହୋଇଯାଇଛି। ଅଠର ଦେଉଳର ଦେହୁରୀ କମିଟି ସଭାପତି ଚିତ୍ତରଞ୍ଜନ ଦାସମହାପାତ୍ର ଓ ଭାରତୀ ନାଏକଙ୍କ ଆହ୍ୱାନକ୍ରମେ କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର ଜିଲ୍ଲାର ବହୁ ବଡାମ କୁଳିଆ ଭାଇଭଉଣୀ, ୩ ହଜାରରୁ ଉର୍ଦ୍ଧ୍ୱ ଅଠର ଦେଉଳ ଭକ୍ତ ଯୋଗ ଦେଇଥିଲେ। ଜୟ ବଡାମ ସଂଗଠନ ସଭାପତି ଦେବେନ୍ଦ୍ର ନାଏକ, ସମ୍ପାଦକ ବ୍ରହ୍ମାନନ୍ଦ ନାଏକ ସଭାକୁ ଉତ୍ତମ ରୂପେ ପରିଚାଳନା କରିଥିଲେ। ଉକ୍ତ ସଭାରେ ଆଗାମୀ ଚୈତ୍ର ମାସ ଇଂରାଜୀ ମାର୍ଚ୍ଚ ମାସ ୨୯ ତାରିଖରୁ ଅପ୍ରେଲ ୫ ପର୍ଯ୍ୟନ୍ତ ୮ ଦିନ ବ୍ୟାପି ଅଠର ଦେଉଳ ପୂଜା ଆରାଧନା ଚାଲିବାକୁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଉକ୍ତ ୩ ଜିଲ୍ଲାର ବିଭିନ୍ନ ଗ୍ରାମର ବଡାମକୁଳିଆ ମହିଳା/ପୁରୁଷ ଉକ୍ତ କାର୍ଯ୍ୟକ୍ରମରେ ଯୋଗ ଦେବାକୁ କମିଟି ତରଫରୁ ସମସ୍ତଙ୍କୁ ସ୍ୱାଗତ ଜଣାଇଥିଲେ। କାର୍ଯ୍ୟକ୍ରମରେ ଭାଗ୍ୟଶ୍ରୀ ଜନସେବା କରଞ୍ଜିଆର ସଭାପତି ଚିତ୍ତରଞ୍ଜନ ନାଏକ, ସଙ୍ଗଠନର ସଭାପତି ଓ ସମ୍ପାଦକକୁ ଅନୁରୋଧ କରିଥିଲେ ଯେ, ଆଗାମୀ ଦିନର କାର୍ଯ୍ୟକ୍ରମ ପାଇଁ ସମସ୍ତ ଅଠର ଦେଉଳପ୍ରେମୀଙ୍କୁ ସ୍ୱତନ୍ତ୍ର ବ୍ୟାଚ୍ ବ୍ୟବସ୍ଥା ତଥା ଅଠର ଦେଉଳର ଅଠର ଦେବାଦେବୀଙ୍କ ପୀଠସ୍ଥଳୀକୁ ସମ୍ପୂର୍ଣ୍ଣ ପବିତ୍ରତା ରକ୍ଷା କରିବାକୁ ପ୍ରସ୍ତାବ ଗୃହୀତ ହୋଇଥିଲା।

### ଜରାଜୀର୍ଣ୍ଣ ଅବସ୍ଥାରେ ନବନିର୍ମିତ ଯାତ୍ରୀ ପ୍ରତୀକ୍ଷାଳୟ

## ପରିସରରେ ଶୁଖୁଛି ଲୁଗା; ପାର୍ଶ୍ୱରେ ଅଳିଆ ଆବର୍ଜନା

**ରାଇରଙ୍ଗପୁର,୩୦।୧୨(ସମିସ):**

ଯାତ୍ରୀଙ୍କୁ ଉନ୍ନତ ମାନର ସେବା ଯୋଗାଉଥିବା ନେଇ ରାଜ୍ୟ ସରକାର ଭାଷଣବାଜି କରୁଥିବାବେଳେ ନବନିର୍ମିତ ଯାତ୍ରୀ ପ୍ରତୀକ୍ଷାଳୟ ଜରାଜୀର୍ଣ୍ଣ ଅବସ୍ଥାରେ ପଡିରହିଛି। କୁଢ଼ କୁଢ଼ ଆଳିଆ ଆବର୍ଜନା ପଡିଥିବାବେଳେ ଦୁର୍ଗନ୍ଧରେ ଯାତ୍ରୀଙ୍କ ନାକ ଫାଟିପଡୁଛି। ଯାହାର ସୁଧାର ନେଇ କାହାରି ନଜର ପଡୁନି। ଏହି ଚିତ୍ର ହେଉଛି ବାମନଘାଟି ଉପଖଣ୍ଡର ବଡାମତଳିଆସ୍ଥ ଲକ୍ଷ୍ମୀ ବସ୍‌ଷ୍ଟାଣ୍ଡ।

### ପୁତି ଗନ୍ଧମୟ ପରିବେଶ ପାଇଁ ନାକ ଟେକୁଛନ୍ତି ଯାତ୍ରୀ

ଗ୍ରାମାଞ୍ଚଳକୁ ସହରାଞ୍ଚଳ ସହିତ ଯୋଡ଼ିବା ପାଇଁ ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଲକ୍ଷ୍ମୀ ବସ୍ ଭଳି ମହତକାଂକ୍ଷୀ ଯୋଜନା କରିଥିଲେ। ଯେଉଁଥିରେ ଲୋକଙ୍କୁ କମ୍ ଟଙ୍କାରେ ସୁଗମ, ସୁନ୍ଦର ଭାବେ ଯାତ୍ରା କରିବାର ସୁଯୋଗ ମିଳୁଥିଲା। ଏ ନେଇ ପ୍ରତି ଗ୍ରାମରେ ଯାତ୍ରୀ ପ୍ରତୀକ୍ଷାଳୟ ମଧ୍ୟ କରିଥିଲେ। କିନ୍ତୁ ତାହା ନୂତନ ସରକାର ଆସିବା ପରେ ରକ୍ଷଣାବେକ୍ଷଣ ଅଭାବରୁ ଜରାଜୀର୍ଣ୍ଣ ହେବାକୁ ଯାଉଛି। ଉକ୍ତ ଯାତ୍ରୀ ପ୍ରତୀକ୍ଷାଳୟଟି ରାସ୍ତା କଡ଼କୁ ଥିବାବେଳେ ସବୁଠି ଲୁଗା ପଟା ଶୁଖାଇ ଦିଆଯାଇଛି। ଯାତ୍ରୀ ବସିବା ପାଇଁ ପିଣ୍ଡି ହେଉ କି ଷ୍ଟିଲ ବାଡ଼ ସବୁଠି ଲୁଗା ଶୁଖୁଛି। ପ୍ରତୀକ୍ଷାଳୟ କଡ଼କୁ କୁଢ଼ କୁଢ଼ ଆଳିଆ ଆବର୍ଜନା ପଡିରହିଛି। ଯାହାକି ମାସ ମାସ ଧରି ସଫେଇ ହୋଇନାହିଁ। ଯାତ୍ରୀଙ୍କ ସୁରକ୍ଷା ଓ ସୁବିଧା ପାଇଁ ଉକ୍ତ ପ୍ରତୀକ୍ଷାଳୟ ରହିଥିବାବେଳେ ତାହା କିନ୍ତୁ ସାଧିତ ହେଉନାହିଁ। ଅଳ୍ପଦିନ ହେବ ନବନିର୍ମିତ ଯାତ୍ରୀ ପ୍ରତୀକ୍ଷାଳୟର ରକ୍ଷଣାବେକ୍ଷଣ ଅଭାବରୁ ଏଭଳି ଅବସ୍ଥା ହୋଇଛି ବୋଲି ଯାତ୍ରୀ ଅଭିଯୋଗ କରିଛନ୍ତି। ସନ୍ଧ୍ୟା ହେଲେ ଅସାମାଜିକଙ୍କ ମଧ୍ୟ ଏଠାରେ ମେଳି ଜମୁଛି। ଆଳିଆ ଆବର୍ଜନା ପାଇଁ ପୁତି ଗନ୍ଧମୟ ପରିବେଶ ଥିବାରୁ ଦୁର୍ଗନ୍ଧରେ ଯାତ୍ରୀଙ୍କ ନାକ ଫାଟି ପଡୁଛି। ତେଣୁ ଯାତ୍ରୀ ବସ୍ ପାଇଁ ଯାତ୍ରୀ ପ୍ରତୀକ୍ଷାଳୟ ପରିବର୍ତ୍ତେ ରାସ୍ତା କଡ଼ରେ ଛିଡା ହୋଇ ବସ୍‌କୁ ଅପେକ୍ଷା କରୁଛନ୍ତି। ଉକ୍ତ ସମସ୍ୟା ପ୍ରତି ସ୍ଥାନୀୟ ପ୍ରଶାସନ ଦୃଷ୍ଟି ଦେଇ ତୁରନ୍ତ ସମାଧାନ କରିବାର ଆବଶ୍ୟକତା ରହିଛି।



## ଗଛରେ ଝୁଲୁଛି ମୃତଦେହ

**ତୁରୁମୁଙ୍ଗା, ୩୦।୧୨(ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ଡୁମୁରିଗୋଡ଼ା ଗ୍ରାମର ବିଷ୍ଣୁ କାରୁଆଙ୍କ ପୁଅ ଅମିତ (୩୦)ଙ୍କ ଝୁଲନ୍ତା ମୃତଦେହ ମଙ୍ଗଳବାର ସକାଳୁ ଘରଠାରୁ କିଛି ଦୂରରେ ଥିବା ଏକ ଆମ୍ବ ଗଛରେ ଝୁଲନ୍ତା ଅବସ୍ଥାରେ ଠାବ ହୋଇଛି। ଖବର ପାଇ ତୁରୁମୁଙ୍ଗା ପୁଲିସ ସହ ସାଇଣ୍ଟିଫିକ୍ ଟିମ୍ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ପରିବାର ଲୋକେ ତାଙ୍କୁ ହତ୍ୟା କରାଯାଇଥିବା ନେଇ ସନ୍ଦେହ କରୁଥିବା ବେଳେ ସଂଧ୍ୟା ପର୍ଯ୍ୟନ୍ତ କୌଣସି ଲିଖିତ ଅଭିଯୋଗ କରି ନଥିବାରୁ ମୃତଦେହ ଉଦ୍ଧାର କରାଯାଇ ନାହିଁ। ଫଳରେ ମଙ୍ଗଳବାର ସକାଳଠାରୁ ସନ୍ଧ୍ୟା ଯାଏ ମୃତଦେହ ଗଛରେ ଝୁଲନ୍ତା ଅବସ୍ଥାରେ ରହିଛି। ସନ୍ଧ୍ୟା ହେବାରୁ ମୃତଦେହ ଉଦ୍ଧାର କରାଯାଇନାହିଁ। ପରିବାର ଲୋକେ ଅଭିଯୋଗ କଲେ ବୁଧବାର ସକାଳୁ ମୃତଦେହ ଉଦ୍ଧାର କରାଯାଇ ଶବକୁ ବ୍ୟବଚ୍ଛେଦ ପାଇଁ ପଠାଯିବ ବୋଲି ପୁଲିସ କହିଛି।



■ ଗୋନାସିକା-କେନ୍ଦୁଝର ମହୋତ୍ସବରେ ଜାତୀୟ ପଲ୍ଲିଶ୍ରୀ ମେଳା

## ପିଏମ୍‌ଶ୍ରୀ ବାଳିକା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**କେନ୍ଦୁଝର, ୩୦।୧୨(ସମିସ):** ସାହାରପଡ଼ା ବ୍ଲକ ରାଇଡିହା ପିଏମ୍‌ଶ୍ରୀ ସରକାରୀ ବାଳିକା ଉଚ୍ଚମାଧ୍ୟମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। କେନ୍ଦୁଝର ଜିଲ୍ଲା ମଙ୍ଗଳ ବିଭାଗର ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସମାଜସେବୀ ଯଜ୍ଞେଶ୍ୱର ଦାସ, ସମ୍ମାନିତ ଅତିଥି ଭାବେ କେନ୍ଦୁଝର ମଣ୍ଡଳର ଶିକ୍ଷା ମଣ୍ଡଳାଧୀଶ ସଞ୍ଚିତା ବେହେରା, କେନ୍ଦୁଝର ଜିଲ୍ଲା ଶିକ୍ଷା ନୀରିକ୍ଷକ ସଞ୍ଜୟ କୁମାର ଧଳ,ଅତିରିକ୍ତ ଜିଲ୍ଲା ମଙ୍ଗଳ ଅଧିକାରୀ ଜୟନ୍ତ କୁମାର ସାମନ୍ତ ସିଂହାର,କେନ୍ଦୁଝର ଜିଲ୍ଲା ଶିକ୍ଷା ବିଭାଗର ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଶ୍ରୀକାନ୍ତ ବେହେରା, ମୁଖ୍ୟବକ୍ତା ଭାବେ ମିତ୍ରଭାନୁ ତନ୍ତୀ ଯୋଗ ଦେଇଥିଲେ। ଜିଲ୍ଲା ମଙ୍ଗଳ ବିଭାଗର ସ୍ୱତନ୍ତ୍ର ଅଧିକାରୀ ସୁନାରାମ ସିଂ ଛାତ୍ରୀମାନଙ୍କୁ ଭଲ ମଣିଷ ହେବାପାଇଁ ସ୍ୱପ୍ନ ଦେଖିବାକୁ ପରାମର୍ଶ ଦେଇଥିଲେ। ଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ ଆର୍ଟ ଗ୍ୟାଲେରି, ଫଟୋଚିତ୍ର ପ୍ରଦର୍ଶନୀ ଏବଂ କ୍ୟାରିୟର ମେଳା ଅତିଥିଙ୍କ ଦ୍ୱାରା ଉଚ୍ଚ ପ୍ରଶଂସିତ ହୋଇଥିଲା। ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ସୁରେନ୍ଦ୍ର ନାଏକ ଏବଂ ଉଚ୍ଚ ମାଧ୍ୟମିକ ବିଭାଗର ଅଧ୍ୟକ୍ଷା ପ୍ରଦୀପ୍ତା ବ୍ରହ୍ମଙ୍କ ତତ୍ତ୍ୱାବଧାନରେ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଡଃ ଚନ୍ଦ୍ରଶେଖର ମିଶ୍ର ସଭା ପରିଚାଳନା କରିଥିବା ବେଳେ ଦୀପ୍ତିରଞ୍ଜନ ମଲ୍ଲିକ, ଶୁଭଶ୍ରୀ ଶୁଭସ୍ମିତା ଖିଲାର ଏବଂ ଛାତ୍ରୀଙ୍କ ସହଯୋଗରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଶିକ୍ଷକ ଜଗବନ୍ଧୁ ସାହୁ, ମନୀଷା ଦାସ, ବିନୀତା ମହାପାତ୍ର, ସବିତାରାଣୀ ମିଶ୍ର, ସୁଧାସ୍ମିତା ଜେନା, ରଶ୍ମିତା ସାହୁ, ବାଦଲ ବେହେରା, ଅନାଦି ଚରଣ ସାହୁ, ଭାଗ୍ୟଶ୍ରୀ ସିଂ, ସତ୍ୟଜିତ ଗିରି, ସନ୍ତୋଷ ବରାଳ ସହଯୋଗ କରିଥିଲେ।



## ଡୁମୁର୍ଡା ବୁରୁ ସାହିବାସୀଙ୍କୁ ୨୦୨୬ ନୂଆବର୍ଷର ବିଜୁଳି ଭେଟି

**ଯୋଡ଼ା, ୩୦।୧୨(ସମିସ):** ଯୋଡ଼ା ବ୍ଲକ୍ ବଲାଣି ପଞ୍ଚାୟତର ଡୁମୁର୍ଡା ବୁରୁସାହି ନୂଆ ବର୍ଷଠାରୁ ବିଜୁଳି ଆଲୁଅ ଦେଖିବା ସମ୍ଭବ ହୋଇପାରିଛି। ମଙ୍ଗଳବାର ବିଧିବଦ୍ଧ ଭାବେ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ସୁଇଚ ଚିପି ଗାଁକୁ ବିଜୁଳି ଆଲୁଅ ଯୋଗାଇ ଦିଆଯାଇଛି। ଅଧିକାରୀମାନଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନକରି ବାଜାବାଣ ରୋଶଣି ମଧରେ ଗ୍ରାମବାସୀ ପାଛୋଟିନେଇଥିଲେ। ବଡ଼ବିଲ ତହସିଲଦାର ରାକେଶ ପଣ୍ଡା, ଯୋଡ଼ା ବ୍ଲକ୍ ଅଧିକାରୀ ଡାନିସ ବେହେରା, ସରପଞ୍ଚ ମୁଗା ମୁଣ୍ଡା, ୱାର୍ଡ ମେମ୍ବର ରଙ୍ଗଲତା ନାଏକ, ଭଦ୍ରାସାହି ବିଜେପି ମଣ୍ଡଳ ସଭାପତି କ୍ଷୀରୋଦ ମହାନ୍ତ, ସାଂସଦ ପ୍ରତିନିଧି ଅଗୁନ ଚରଣ ମହାନ୍ତ, ବିଧାୟକ ପ୍ରତିନିଧି ପୂର୍ଣ୍ଣଚନ୍ଦ୍ର ନାଏକ, ବିଜୁଳି ବିଭାଗ ଉପଖଣ୍ଡ ଅଧିକାରୀ (ବଡ଼ବିଲ) ରାଜେଶ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଗ୍ରାମଟିରେ ପ୍ରାୟ ୫୦ ଆଦିବାସୀ ପରିବାର ବସବାସ କରନ୍ତି। ବର୍ଷ ବର୍ଷ ଧରି ଆଧୁନିକ ସମୟରେ ବି ମୌଳିକ ସମସ୍ୟା ସମାଧାନ ହେଉ ନଥିବା ଏବଂ ଲୋକଙ୍କ ଦୁର୍ଦ୍ଦଶା ନେଇ ବିଭିନ୍ନ ଗଣମାଧ୍ୟମରେ ଖବର ପ୍ରସାରଣପରେ ସ୍ଥାନୀୟ ପ୍ରଶାସନ ପ୍ରାୟ ଏକ କିଲୋମିଟର ଦୂରରୁ ନୂଆ ଖୁଣ୍ଟ ଦେଇ ଗାଁ ମୁଣ୍ଡରେ ଏକ ସବଷ୍ଟେସନ ସ୍ଥାପନ କରିଥିଲା। ମାତ୍ର ୩ ମାସ ମଧ୍ୟରେ ନୂଆ ବର୍ଷ ପୂର୍ବରୁ ବିଜୁଳି ଆଲୁଅ ଯୋଗେଇଦେଇଛନ୍ତି। ଗ୍ରାମବାସୀ ଗଣମାଧ୍ୟମ ନିକଟରେ କୃତଜ୍ଞତା ଜ୍ଞାପନ କରିବାସହ ଅଧିକାରୀଙ୍କୁ ଧନ୍ୟବାଦ ଅର୍ପଣ କରିଛନ୍ତି।



## ହଳଦିଆ ବନ୍ଧରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ

**କୁଳିଅଣା, ୩୦।୧୨(ସମିସ):** ଆଜି କୁଳିଅଣା ବ୍ଲକ ଅଧୀନ ହଳଦିଆ ବନ୍ଧରେ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ ଓ ନୂତନ ଭାବେ ନିର୍ମିତ ପାର୍କର ଉଦଘାଟନ ହୋଇଛି। ଏହି ବନ୍ଧଟି ତତ୍କାଳୀନ ମୟୂରଭଞ୍ଜ ମହାରାଜାଙ୍କ ଦ୍ୱାରା ୧୯୧୦ରେ ନିର୍ମିତ ହୋଇଥିଲା। ଏହାର ନୂତନ ଭାବେ ନିର୍ମାଣ କରାଯାଇ ୨୦୨୩ରେ ଉଦଘାଟନ କରାଯାଇଥିଲା। ଏହି ବନ୍ଧର ସୌନ୍ଦର୍ଯ୍ୟକରଣ ପାଇଁ ଏକ ନୂତନ ପାର୍କ ନିର୍ମାଣ ସହିତ ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓଙ୍କ ପ୍ରତିମୂର୍ତ୍ତି ସ୍ଥାପନ କରାଯାଇଛି। ବିଜେପି ଜିଲ୍ଲା ଉପସଭାପତି ଦୋଳଗୋବିନ୍ଦ ବେହେରାଙ୍କ ସଭାପତିତ୍ୱରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ମୁଖ୍ୟଅତିଥି ଭାବେ ନଗର ଉନ୍ନୟନ ଓ ଗୃହ ନିର୍ମାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର ଯୋଗ ଦେଇଥିବାବେଳେ ଅତିଥ ଠିଭାବେ ପୂର୍ବତନ ମୋରଡା ବିଧାୟକ ମହାରାଜା ପ୍ରବୀଣ ଚନ୍ଦ୍ର ଭଞ୍ଜଦେଓ, ମହାରାଣୀ ରଶ୍ମିରାଜ୍ୟଲକ୍ଷ୍ମୀ ଭଞ୍ଜଦେଓ, ସାରସକଣା ବିଧାୟକ ଭାଦବ ହାଁସଦା, ମୟୂରଭଞ୍ଜ ସାଂସଦ ନବ ଚରଣ ମାଝୀ, ବାଙ୍ଗରିପୋଷୀ ବିଧାୟିକା ସୁଶ୍ରୀ ସଞ୍ଜଳି ମୁର୍ମୁ, ବିଜେପି ରାଷ୍ଟ୍ରୀୟ ମୋର୍ଚ୍ଚା ସଭ୍ୟ ସୁଗଦା ମୁର୍ମୁ, ବିଜେପି ଜିଲ୍ଲା (ପୂର୍ବ) ସଭାପତି ନିହାର ମୋଦି, ଅତିରିକ୍ତ ଜିଲ୍ଲାପାଳ ଦୁଃଖବନ୍ଧୁ ନାଏକ, ମୁଖ୍ୟଯନ୍ତ୍ରୀ ଚିତ୍ତରଞ୍ଜନ ଭୂୟାଁ ପ୍ରମୁଖ ଯୋଗଦେଇ ମହାରାଜାଙ୍କ ପ୍ରତିମୂର୍ତ୍ତି ଉନ୍ମୋଚନ କରିବା ସହିତ ନୂତନ ପାର୍କର ଉଦଘାଟନ କରିଥିଲେ।



## ହରେକୃଷ୍ଣ ଦାସ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ

**ସାରସକଣା,୩୦।୧୨(ସମିସ):** ହରେକୃଷ୍ଣ ଦାସ ବିଜେଡିର ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତ ହୋଇଛନ୍ତି। ଶ୍ରୀ ଦାସ ୫୬ନଂ ଜିଲ୍ଲା ପରିଷଦ ଉପନିର୍ବାଚନ, ପଦ୍ମପୁର ଉପନିର୍ବାଚନ ଓ ନୂଆପଡା ଉପନିର୍ବାଚନ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ପ୍ରଚାରରେ ପ୍ରମୁଖ ଭୂମିକା ଅଂଶଗ୍ରହଣ କରିଥିଲେ। ସେ ୨୦୧୧ରେ ଯୁବ ରାଜନୀତିରେ ପାଦ ଥାପିଥିଲେ। ଶ୍ରୀ ଦାସ ରାଜ୍ୟ ସାଧାରଣ ସମ୍ପାଦକ ଭାବେ ନିଯୁକ୍ତି ପାଇବା ପରେ ଦଳର ସଭାପତି ନବୀନ ପଟ୍ଟନାୟକ, ଯୁବ ଜନତା ଦଳ ରାଜ୍ୟ ସଭାପତି ଚିନ୍ମୟ ସାହୁ, ପୂର୍ବତନ ଯୁବ ସଭାପତି ତଥା ଚାନ୍ଦବାଲି ବିଧାୟକ ବ୍ୟୋମକେଶ ରାୟ, ମୟୂରଭଞ୍ଜ-୨ ଜିଲ୍ଲା ସଭାପତି ଡକ୍ଟର ଦେବାଶିଷ ମାର୍ଣ୍ଡି, ବରିଷ୍ଠ ନେତା ଅମରେନ୍ଦ୍ର କର, ପୂର୍ବତନ କୃଷି ଶିଳ୍ପ ନିଗମ ଅଧ୍ୟକ୍ଷ ଦେବାଶିଷ ମହାନ୍ତିଙ୍କୁ ଧନ୍ୟବାଦ ପ୍ରଦାନ କରିଛନ୍ତି।



● ଥାନାରେ ଛାତ୍ରଙ୍କୁ ନିର୍ଯାତନା ଘଟଣା


## ଏସ୍‌ପିଙ୍କୁ ଭେଟି ତଦନ୍ତ ଦାବିକଲେ ଜେଏମଏମ କର୍ମକର୍ତ୍ତା

**ମୋରଡ଼ା,୩୦।୧୨(ସମିସ):** ମୋରଡ଼ା ଥାନା ଭିତରେ ଛାତ୍ରଙ୍କୁ ମାଡ଼ ମାରିବା ସହ ଶାରୀରିକ ନିର୍ଯାତନା ଦିଆଯାଇଥିବା ଘଟଣା ମୋରଡ଼ା ବ୍ଲକ ତଥା ମୟୂରଭଞ୍ଜ ଜିଲ୍ଲାରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଉକ୍ତ ଛାତ୍ରଙ୍କୁ ନ୍ୟାୟ ପ୍ରଦାନ ଦାବିରେ ମଙ୍ଗଳବାର ଝାଡ଼ଖଣ୍ଡ ମୁକ୍ତିମୋର୍ଚ୍ଚା ତରଫରୁ ମୟୂରଭଞ୍ଜ ଏସପି ବରୁଣ ଗୁଣ୍ଟୁପାଲିଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ଦାବି ମୁତାବକ ଡିସେମ୍ବର ୨୫ ତାରିଖ ଦିନ ନଳଗଜା ମହାବିଦ୍ୟାଳୟର ସୁଶାନ୍ତ ପାତ୍ର ନାମକ ଜଣେ ଛାତ୍ରଙ୍କୁ ତଦନ୍ତ ଆଳରେ ମୋରଡା ଥାନାକୁ ଡାକି ଆଣି ମାଡ଼ ମାରିବା ସହିତ ଅତ୍ୟଧିକ ଶୀତରେ ମଧ ତାଙ୍କ ପୋଷାକ ଖୋଲି ଥାନାରେ ଅଟକ ରଖିଥିଲା ପୁଲିସ। ଏଭଳି ଅମାନୁଷିକ ଘଟଣା ଘଟିବା ସହ ମୋରଡ଼ା ଥାନା ଆଦର୍ଶ ଥାନା ହିସାବରେ ଜିଲ୍ଲାରେ ପରିଗଣିତ ହୁଏ ଯାହାକି କିଛି ଦିନ ହେବ ନଷ୍ଟ ହେବାକୁ ବସିଲାଣି। ତେଣୁ ଉପଯୁକ୍ତ ତଦନ୍ତ କରି ଦୋଷୀ ବିରୁଦ୍ଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଛାତ୍ରଙ୍କୁ ନ୍ୟାୟ ପ୍ରଦାନ ପାଇଁ ଅନୁରୋଧ କରାଯାଇଛି।



## ରାଜ୍ୟସ୍ତରୀୟ ମା'ତାରିଣୀ କପ୍ ଫୁଟ୍‌ବଲ: କେନ୍ଦ୍ରାପଡ଼ା ଚାମ୍ପିଅନ

**ଆନନ୍ଦପୁର, ୩୦।୧୨ (ସମିସ):** ଆନନ୍ଦପୁର ବ୍ଲକ ଅନ୍ତର୍ଗତ ତରତରା ଷ୍ଟାଡିୟମଠାରେ ରାଜ୍ୟସ୍ତରୀୟ ମା'ତାରିଣୀ କପ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ଫାଇନାଲରେ ଢେଙ୍କାନାଳକୁ ୫-୪ ଗୋଲରେ ପରାସ୍ତ କରି କେନ୍ଦ୍ରାପଡ଼ା ଚାମ୍ପିଅନ ହୋଇଛି। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ କେନ୍ଦୁଝର ସାଂସଦ ଅନନ୍ତ ନାୟକ, ବିଜେପି ନେତା ରାମଚନ୍ଦ୍ର ସାହୁ, ଆଲୋକ ସେଠୀ, ଜ୍ଞାନରଞ୍ଜନ ସାମନ୍ତରାୟ ଯୋଗ ଦେଇଥିଲେ। ରେଫରୀ ଭାବେ ପ୍ରସନ୍ନ ନାୟକ, ରାମଚନ୍ଦ୍ର ବେସରା, ଲକ୍ଷ୍ମଣ ସୋରେନ୍ ଓ ମାନସ ବିଶ୍ୱାଳ ପ୍ରମୁଖ ଦାୟିତ୍ୱ ତୁଲାଇଥିଲେ। କମିଟିର ସଭାପତି ସୁବ୍ରତ ସାମଲ (ମୁନା)ଙ୍କ ସଂଯୋଜନାରେ ଆୟୋଜିତ ଖେଳରେ ମୁଖ୍ୟଅତିଥି ଭାବେ ଓଡ଼ିଶାର ବିଶିଷ୍ଟ ଶିଳ୍ପପତି ତାରାରଞ୍ଜନ ପଟ୍ଟନାୟକ ଯୋଗ ଦେଇଥିଲେ। କମିଟିର ସଦସ୍ୟ ସୁଶାନ୍ତ ସାମଲ, ଜିତେନ୍ଦ୍ର ସାମଲ, ବସନ୍ତ ଜେନା, ପ୍ରିୟବ୍ରତ ନାୟକ, ସୁଶୀଳ ସାମଲ, ଜଗନ୍ନାଥ ସାମଲ, ମନ୍ଦୋଧର ଜେନା, ଅଜିତ ଜେନା, ସନ୍ତୋଷ ଧଳ, ସୁଶାନ୍ତ ଜେନା, ସତ୍ୟବ୍ରତ ନାୟକ, ପ୍ରିୟବ୍ରତ ନାୟକଙ୍କ ସହ ବହୁ ସଦସ୍ୟ ଖେଳରେ ସହଯୋଗ କରିଥିଲେ।



### ବିଶୋଇ ଚାମ୍ପିୟନ୍ସ ଲିଗ୍ ଉଦ୍‌ଯାପିତ

## ଗୁଣ୍ଡୁରିଆ ପାନ୍ଥରକୁ ହରାଇ ବିଶୋଇ ୱାରିୟର ଚାମ୍ପିଅନ

**ବିଶୋଇ,୩୦।୧୨ (ସମିସ):**

ବିଶୋଇ ନେତାଜୀ କ୍ଲବ୍ ପକ୍ଷରୁ ଚାଲିଥିବା ବିଶୋଇ ଅଞ୍ଚଳର ବୃହତ କ୍ରିକେଟ ଲିଗ୍ ବିଶୋଇ ଚମ୍ପିୟନ୍ସ ଲିଗ୍ (ବିସିଏଲ)ର ଚତୁର୍ଥ ସଂସ୍କରଣ ଆଜି ଉଦଯାପିତ ହୋଇଯାଇଛି। ବିଶୋଇ, ବିଜାତଳା, ସାରସକଣା ଓ ବାଙ୍ଗିରିପୋଷି ପ୍ରମୁଖ ୪ଟି ବ୍ଲକର ପ୍ରତିଭାବାନ ଖେଳାଳିଙ୍କୁ ନେଇ ଆଇପିଏଲ ଢାଞ୍ଚାରେ ୮ଟି ଫ୍ରାଞ୍ଚାଇଜର ମଧ୍ୟରେ ଲିଗ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଆଜି ଫାଇନାଲ ମ୍ୟାଚ୍ ଗୁଣ୍ଡୁରିଆ ପାନ୍ଥର ଲିଜେଣ୍ଡସ୍ ଓ ବିଶୋଇ ୱାରିୟର ମଧ୍ୟରେ ହୋଇଥିଲା। ଟସ୍ ଜିଣି ଗୁଣ୍ଡୁରିଆ ପ୍ରଥମେ ବ୍ୟାଟିଂ କରି ୬ ୱିକେଟ ବିନିମୟରେ ୮ ଓଭରରେ ୭୮ ରନ୍ କରିଥିଲା। ଜବାବରେ ବିଶୋଇ ୱାରିୟର ୩ ୱିକେଟ ହରାଇ ଲକ୍ଷ୍ୟ ହାସଲ କରିଥିଲା।




ଆଜି ଉଦଯାପନୀ ଦିବସରେ ମୁଖ୍ୟଅତିଥି ଭାବେ ମୟୂରଭଞ୍ଜ ରାଜା ପ୍ରବୀଣ ଭଞ୍ଜଦେଓ ଯୋଗଦେଇ ମୟୂରଭଞ୍ଜରେ କ୍ରୀଡା ଭିତ୍ତିଭୂମି ବିକାଶ କରି କିପରି ଲୁକ୍କାୟିତ ପ୍ରତିଭା ବିକଶିତ କରିହେବ ସେନେଇ ବ୍ୟକ୍ତବ ରଖିଥିଲେ। ମୁଖ୍ୟବକ୍ତା ଭାବେ ସାରସକଣା ବିଧାୟକ ଭାଦବ୍ ଚନ୍ଦ୍ର ହାଁସଦା ଯୋଗଦେଇ ଲିଗର ଭବ୍ୟ ଆୟୋଜନକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଦସ୍ୟା ବିନ୍ଦୁସ୍ମିତା ଦେଓ, ପଶ୍ଚିମ ମୟୂରଭଞ୍ଜ ଜିଲ୍ଲା ବିଜେପି ସଭାପତି ଜୁରିଲାଲ ମହାନ୍ତ, ବିଜେପି ଜିଲ୍ଲା ସାଧାରଣ ସମ୍ପାଦକ ସରୋଜ ମହାନ୍ତ, ବିଶୋଇ ସରପଞ୍ଚ କରୁଣା ସାଗର ମାର୍ଣ୍ଡି, ପଞ୍ଚାୟତ ସମିତି ସଦସ୍ୟ କାଶୁ ମାଝୀ, କ୍ଲବର ବରିଷ୍ଠ ସଦସ୍ୟ ଦେବେନ୍ଦ୍ର ମହାପାତ୍ର, ବିମ୍ବାଧର ଧୀର ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ଚାମ୍ପିଅନ ଦଳ ବିଶୋଇ ୱାରିୟରକୁ ୭୦ ହଜାର ଟଙ୍କା ପୁରସ୍କାର ରାଶି ସହିତ କପ ଓ ରନର୍ସଅପ୍ ଦଳ ଗୁଣ୍ଡୁରିଆ ପାନ୍ଥର ଲିଜେଣ୍ଡସକୁ ୫୦ ହଜାର ଟଙ୍କା ରାଶି ସହିତ କପ୍ ପ୍ରଦାନ କରାଯାଇଥିଲା। ସେହିପରି ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ଶିପୁ ଗିରି, ମ୍ୟାନ ଅଫ ଦି ମ୍ୟାଚ ଭାବେ ଅନନ୍ତ ନାରାୟଣ ଦେଓ, ମ୍ୟାନ ଅଫ ଦି ସିରିଜ ଭାବେ ଡମରୁଧର ମହାକୁଡ଼, ଶ୍ରେଷ୍ଠ ବୋଲର ଅଜୁ ଗିରି, ଶ୍ରେଷ୍ଠ ଦର୍ଶକ ହରିଶ୍ଚନ୍ଦ୍ର ଧଳ ପୁରସ୍କୃତ କରାଯାଇଥିଲା। ପଙ୍କଜ ମହାକୁଡ଼ ଧାରା ବିବରଣୀ ପ୍ରଦାନ କରିଥିବାବେଳେ ଦୀନବନ୍ଧୁ ଦାସ୍ ଓ ଜୟପ୍ରକାଶ ରାଉତ ଖେଳ ପରିଚାଳନା କରିଥିଲେ।




ସକାଳ
www.sakalaepaper.com

## ଅଭିନେତ୍ରୀଙ୍କ ଆତ୍ମହତ୍ୟା

ବେଙ୍ଗାଲୁରୁ, ୩୦।୧୨ (ଏଜେନ୍ସି): କନ୍ନଡ଼ ଏବଂ ତାମିଲ ସିନେ ଜଗତର ଲୋକପ୍ରିୟ ଅଭିନେତ୍ରୀ ନନ୍ଦିନୀ ସିଏମ ଆତ୍ମହତ୍ୟା କରିଛନ୍ତି। ବେଙ୍ଗାଲୁରୁ ସ୍ଥିତ ବାସଭବନରୁ ସୋମବାର



ତାଙ୍କ ମୃତଦେହ ଉଦ୍ଧାର କରାଯାଇଛି। ଘଟଣାସ୍ଥଳରୁ ପୁଲିସ ଏକ ସୁଇସାଇଡ ନୋଟ ଉଦ୍ଧାର କରିଛି। ଏଥିରେ ଲେଖାଯାଇଛି ଯେ ବିବାହ ପାଇଁ ପରିବାର ଚାପ ପକାଉଥିବାରୁ ସେ ଅବସାଦଗ୍ରସ୍ତ ହୋଇ ଏଭଳି ଚରମ ପଦକ୍ଷେପ ନେଇଛନ୍ତି। ଏହା ସହିତ ବ୍ୟକ୍ତିଗତ ସମସ୍ୟା ମଧ୍ୟ ତାଙ୍କ ଉପରେ ଭାରି ହୋଇ ଯାଇଥିଲା। ତେବେ ପ୍ରକୃତ କାରଣ ଏ ପର୍ଯ୍ୟନ୍ତ ସାମ୍ନାକୁ ଆସି ନାହିଁ। ପୁଲିସ ମାମଲାର ତଦନ୍ତ କରୁଛି। ତାମିଲ ଧାରାବାହିକ 'ଗୌରୀ'ରେ ନିଜ ଭୂମିକା ପାଇଁ ନନ୍ଦିନୀ ପ୍ରସିଦ୍ଧ ଥିଲେ। ସଂଯୋଗବଶତଃ କିଛି ଦିନ ତଳେ ତାଙ୍କ ଚରିତ୍ର ବିଷ ପିଇ ଆତ୍ମହତ୍ୟା କରିଥିଲେ। ଏବେ ସେ ଏଭଳି ପଦକ୍ଷେପ ନେଇଥିବାରୁ ଧାରାବାହିକକୁ ଏହା ସହ ଯୋଡ଼ି ଦେଖାଯାଉଛି।

## ୧୩ ଜଣଙ୍କୁ ଚାପିଦେଲା ବସ୍: ୪ ମୃତ, ୯ ଗୁରୁତର



ମୁମ୍ବଇ, ୩୦।୧୨ (ଏଜେନ୍ସି): ମୁମ୍ବଇର ଭାଣ୍ଡୁପ ରେଳ ଷ୍ଟେସନ ବାହାରେ ସୋମବାର ରାତିରେ ବଡ଼ ଅଘଟଣ ଘଟିଛି। ଏଠାରେ ଏକ ବସ୍ ପଛକୁ ନେବା ସମୟରେ ନିୟନ୍ତ୍ରଣ ହରାଇ ୧୩ ପଥଚାରୀଙ୍କୁ ଚାପି ଦେଇଛି। ଏହି ଦୁର୍ଘଟଣାରେ ୩ ମହିଳାଙ୍କ ସମେତ ୪ ଜଣଙ୍କ ମୃତ୍ୟୁ ହୋଇଛି। ୯ ଜଣ ଗୁରୁତର ଆହତ ହୋଇଛନ୍ତି। ପୁଲିସ ସୂଚନା ଅନୁଯାୟୀ, ବୃହନମୁମ୍ବଇ ଇଲେକଟ୍ରିକ ସପ୍ଲାଇ ଆଣ୍ଡ ଟ୍ରାନ୍ସପୋର୍ଟ (ବେଷ୍ଟ) ବସ୍ ଏହି ଦୁର୍ଘଟଣା ଘଟାଇ ଥିଲା। ଏହି ମାମଲାରେ ଡ୍ରାଇଭରକୁ ଗିରଫ କରାଯାଇଛି। ଏହି ସୂଚନା ପାଇ ପୁଲିସ, ଦମକଳ ବାହିନୀ ଏବଂ ବେଷ୍ଟ ଟିମ୍ ଘଟଣାସ୍ଥଳରେ ପହଞ୍ଚି ଥିଲା। ଆହତଙ୍କୁ ତୁରନ୍ତ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ଏହି ବସ୍‌ଟି ଏକ ବିଦ୍ୟୁତ ଖୁଣ୍ଟ ସହ ମାଡ଼ ହୋଇଥିଲା, ଫଳରେ ଏହା ଭାଙ୍ଗି ଯାଇଥିଲା। ଏହାକୁ ନେଇ ଘଟଣାସ୍ଥଳରେ ଧାଁଦୌଡ଼ ସ୍ଥିତି ସୃଷ୍ଟି ହୋଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ ଅନୁଯାୟୀ, ଫୁଟପାଥ୍‌କୁ କବ୍‌ଜା କରି ରଖା ଯାଇଥିବାରୁ ଲୋକେ ରାସ୍ତା ଉପରକୁ ଚାଲି ଯାଇଥିଲେ। ଏହି ସମୟରେ ବସ୍ ପଛ ପଟୁ ମାଡ଼ି ଯାଇଥିଲା।

# ୨୦୨୬ରେ ଭାରତ-ପାକିସ୍ତାନ ଯୁଦ୍ଧ!

■ ଆମେରିକା ଥିଙ୍କ ଟ୍ୟାଙ୍କର ଦାବି
■ କାରଣ ପାଲଟିବ କଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ
■ ଅସ୍ତ୍ରଶସ୍ତ୍ର କ୍ରୟ କରୁଛନ୍ତି ଦୁଇ ଦେଶ

ୱାସିଂଟନ, ୩୦।୧୨ (ଏଜେନ୍ସି): ଆସନ୍ତା ବର୍ଷ ଭାରତ ଏବଂ ପାକିସ୍ତାନ ମଧ୍ୟରେ ପୁଣି ଯୁଦ୍ଧ ହୋଇପାରେ। କାଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପ ବୃଦ୍ଧି ଏହାର କାରଣ ପାଲଟି ପାରେ। ଆମେରିକା ଥିଙ୍କଟ୍ୟାଙ୍କ 'କାଉନସିଲ ଅଫନ ଫରେନ ରିଲେସନ୍ସ (ସିଏଫଆର)' ପକ୍ଷରୁ ଏହି ଦାବି କରାଯାଇଛି। ସିଏଫଆରର 'କନଫ୍ଲିକ୍ଟ ଟୁ ୱାଚ ଇନ-୨୦୨୬'ରେ କୁହାଯାଇଛି ଯେ ଯଦି ଭାରତ-ପାକିସ୍ତାନ ମଧ୍ୟରେ ସଂଘର୍ଷ ହେବ ତେବେ ଏହାର ପ୍ରଭାବ ଆମେରିକାର ସ୍ୱାର୍ଥ ଉପରେ ପଡ଼ିବ। ଜମ୍ମୁ-କଶ୍ମୀରରେ ଏବେ କୌଣସି ବଡ଼ ଆତଙ୍କବାଦୀ ଆକ୍ରମଣ ହୋଇ ନାହିଁ। ମାତ୍ର ଜମ୍ମୁ କ୍ଷେତ୍ରରେ ୩୦ରୁ ଅଧିକ ଆତଙ୍କବାଦୀ ସକ୍ରିୟ ଅଛନ୍ତି ବୋଲି ଗୁଇନ୍ଦା ଏଜେନ୍ସିଗୁଡ଼ିକ ସୂଚନା ଦେଇଛନ୍ତି।

ଅନ୍ୟପକ୍ଷରେ ଗତ ମେ'୧୦ରେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଯୁଦ୍ଧବିରତି ହେବାପରଠାରୁ ଉଭୟ ଦେଶ ଅସ୍ତ୍ରଶସ୍ତ୍ର କ୍ରୟ ବୃଦ୍ଧି କରିଛନ୍ତି। ଭାରତରେ ପ୍ରତିରକ୍ଷା ଅଧିଗ୍ରହଣ ପରିଷଦ (ଡିଏସି) ସମ୍ପ୍ରତି ୭୯,୦୦୦ କୋଟି ଟଙ୍କାର ପ୍ରତିରକ୍ଷା ଚୁକ୍ତିକୁ ମଞ୍ଜୁର କରିଛି। ଏହା ମାଧ୍ୟମରେ ଡ୍ରୋନ୍, ଆକାଶରୁ ଆକାଶ ମାଡ଼ କରାଯାଉଥିବା କ୍ଷେପଣାସ୍ତ୍ର ଏବଂ ଗାଇଡେଡ୍ ବୋମା କିଣା ଯିବ। ସେହିପରି 'ଅପରେସନ୍ ସିନ୍ଦୂର' ସମୟରେ ଦେଖା ଦେଇଥିବା ଦୁର୍ବଳତାକୁ ଦୂର କରିବା ପାଇଁ ପାକିସ୍ତାନ ତୁର୍କୀ ଏବଂ ଚୀନ୍ ଠାରୁ ନୂତନ ଡ୍ରୋନ୍ ଏବଂ ବାୟୁ ପ୍ରତିରକ୍ଷା ପ୍ରଣାଳୀ କ୍ରୟ କରିବା ପାଇଁ ଆଲୋଚନା ଆରମ୍ଭ କରିଛି। ରିପୋର୍ଟରେ ଆଉ ଏକ ବଡ଼ ବିପଦର ସଙ୍କେତ ମଧ୍ୟ ଦିଆଯାଇଛି। ୨୦୨୬ରେ ପାକିସ୍ତାନ ଏବଂ ଆଫଗାନିସ୍ତାନ ମଧ୍ୟରେ ସଶସ୍ତ୍ର ସଂଘର୍ଷ ଜୋରାଦାର ହେବାର ସମ୍ଭାବନି ରହିଛି।



କିନ୍ତୁ ଏଥିରେ ଆମେରିକାର ସ୍ୱାର୍ଥ ସେତେ ପ୍ରଭାବିତ ହେବ ନାହିଁ। ଅକ୍ଟୋବରରେ ୨,୬୦୦ କିମିର ଲମ୍ବା ଡୁରାଣ୍ଡ ଲାଇନ ସହିତ ପାକିସ୍ତାନ ଏବଂ ତାଲିବାନ ଶାସିତ ଆଫଗାନିସ୍ତାନ ମଧ୍ୟରେ ଭୟଙ୍କର ସଂଘର୍ଷ ହୋଇଥିଲା। ଉଭୟ ଦେଶର ସେନା ଅନେକ ଅଞ୍ଚଳରେ ମୁହାଁମୁହିଁ ହୋଇଥିଲେ। ପରସ୍ପରର ସୀମା ପୋଷ୍ଟଗୁଡ଼ିକୁ ନଷ୍ଟ କରିଥିବା ଦାବି କରିଥିଲେ। ଏହା ଦ୍ୱାରା ଦୁଇ ଦେଶ ମଧ୍ୟରେ ସମ୍ପର୍କ ଏବଂ ବାଣିଜ୍ୟ ଗୁରୁତର ଭାବରେ ପ୍ରଭାବିତ ହୋଇଛି। ଏହା ବ୍ୟତୀତ ଦକ୍ଷିଣ ଏସିଆରେ ଆଗାମୀ ଦିନରେ ବଡ଼ ଭୂରାଜନୈତିକ ଉତ୍ତେଜନା ସୃଷ୍ଟି ହୋଇପାରେ।


# ଶାହା-ମମତା ମୁହାଁମୁହିଁ

■ ପଶ୍ଚିମବଙ୍ଗରୁ ଅନୁପ୍ରବେଶକାରୀଙ୍କୁ ବାହାର କରିବୁ: ଶାହା
■ ପହଲଗାମ ଆକ୍ରମଣ ନିଜେ କରାଇଛ କି? ମମତାଙ୍କ ପ୍ରଶ୍ନ



କୋଲକାତା, ୩୦।୧୨ (ଏଜେନ୍ସି): ବିଧାନସଭା ନିର୍ବାଚନ ପୂର୍ବରୁ ପଶ୍ଚିମବଙ୍ଗ ରାଜନୀତି ସରଗରମ ହୋଇ ଉଠିଛି। ରାଜ୍ୟ ଗସ୍ତର ଦ୍ୱିତୀୟ ଦିନରେ କୋଲକାତାରେ ସାମ୍ବାଦିକ ସମ୍ମିଳନୀ କରି ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀଙ୍କ ସରକାର ବିରୋଧରେ ରଣ ହୁଙ୍କାର ଦେଇଛନ୍ତି ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା। ସେ କହିଛନ୍ତି ଯେ ମମତା ସରକାର ଅନୁପ୍ରବେଶକାରୀଙ୍କୁ ରୋକିପାରୁ ନାହିଁ। ୨୦୨୬ରେ ପଶ୍ଚିମବଙ୍ଗରେ ବିଜେପି ସରକାର ଗଠନ କରିବ। ଆଉ ଏହା ପରେ ରାଜ୍ୟରୁ ଖୋଜି ଖୋଜି ଅନୁପ୍ରବେଶକାରୀଙ୍କୁ ବାହାର କରିବୁ। ଏହାକୁ ରୋକିବା ପାଇଁ ଏକ 'ନ୍ୟାସନାଲ ଗ୍ରୀଡ୍' ନିର୍ମାଣ କରାଯିବ। ଶାହା ରାଜ୍ୟରେ ବ୍ୟାପିଥିବା ଭୟ, ଦୁର୍ନୀତି ଏବଂ କୁଶାସନକୁ ନେଇ ଶାସକ ଦଳକୁ ଶାହା କଡ଼ା ସମାଲୋଚନା କରିଛନ୍ତି। ସେ କହିଛନ୍ତି ଯେ ଗତ ୧୫ ବର୍ଷ ଧରି ଟିଏମସି ଶାସନରେ ରାଜ୍ୟରେ ଅନୁପ୍ରବେଶ ବୃଦ୍ଧି ପାଇଛି। ଏହା ନାଗରିକଙ୍କ ଚିନ୍ତା ବଢ଼ାଇ ଦେଇଛି। ମମତା ସରକାରଙ୍କ ଦୁର୍ନୀତି କାରଣରୁ ପଶ୍ଚିମବଙ୍ଗର ବିକାଶ ଠପ୍ ହୋଇଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ଆରମ୍ଭ କରା ଯାଇଥିବା ଜନକଲ୍ୟାଣକାରୀ ଯୋଜନାଗୁଡ଼ିକ ଏଠାରେ 'ଟୋଲ୍ ସିଣ୍ଡିକେଟ୍'ର ଶିକାର ହୋଇଛି। ଗତ ୧୪ ବର୍ଷ ଧରି ଭୟ ଏବଂ ଦୁର୍ନୀତି ପଶ୍ଚିମବଙ୍ଗର ପରିଚୟ ପାଲଟିଛି। ମହିଳା ବିରୋଧୀ ହିଂସା ବଢ଼ି ଚାଲିଛି। ହିନ୍ଦୁଙ୍କ ସ୍ଥିତି ଦିନକୁ ଦିନ ଖରାପ ହେବାରେ ଲାଗିଛି। ରାଜ୍ୟରେ ଆତଙ୍କବାଦୀ ନେଟୱାର୍କ କାର୍ଯ୍ୟ କରୁଛି ଏବଂ ଅନୁପ୍ରବେଶ ଦ୍ରୁତ ଗତିରେ ବୃଦ୍ଧି ପାଉଛି।

ଅନ୍ୟପଟେ ମୁଖ୍ୟମନ୍ତ୍ରୀ ମମତା ଏହାର ଜବାବ ଦେଇ ବିଜେପିକୁ ପହଲଗାମ ଆକ୍ରମଣ ସମ୍ପର୍କରେ ପ୍ରଶ୍ନ ପଚାରିଛନ୍ତି। ଯଦି ଅନୁପ୍ରେବଶ ଖାଲି ପଶ୍ଚିମବଙ୍ଗରେ ହେଉଛି ତେବେ ଜମ୍ମୁ-କଶ୍ମୀରରେ କେମିତି ହେଲା? ପହଲଗାମ ଆକ୍ରମଣ ନିଜେ କରାଇ ଥିଲେ କି? ଦିଲ୍ଲୀ ଆକ୍ରମଣ ପଛରେ କିଏ ଥିଲା? ଏସଆଇଆର ନାମରେ ବିଜେପି ଲୋକଙ୍କୁ ସମସ୍ୟାରେ ପକାଉଛି ବୋଲି ଦିଦି ଅଭିଯୋଗ କରିଛନ୍ତି। ଶକୁନିର ଚେଲା ଦୁଃଶାସନ ରାଜ୍ୟକୁ ସୂଚନା ସଂଗ୍ରହ କରିବାକୁ ଆସିଛି ବୋଲି କହିଛନ୍ତି। ନିର୍ବାଚନ ଆସିବା ମାତ୍ରେ ଦୁଃଶାସନ ଏବଂ ଦୁର୍ଯ୍ୟୋଧନଙ୍କୁ ଦେଖିବାକୁ ମିଳୁଛି। ମମତା ଜମି ଦେଉନାହିଁ ବୋଲି ଆଜି ବିଜେପି ଅଭିଯୋଗ କରୁଛି, ତା ହେଲେ ପେଟ୍ରାପୋଲ, ଅଣ୍ଡାଲରେ ଜମି କିଏ ଦେଇଥିଲା ବୋଲି ଦିଦି ପଚାରିଛନ୍ତି।



## ପ୍ରିୟଙ୍କା ଭଦ୍ରାଙ୍କ ପୁଅ ରେହାନଙ୍କ ନିର୍ବନ୍ଧ

ନୂଆଦିଲ୍ଲୀ, ୩୦।୧୨ (ଏଜେନ୍ସି): କଂଗ୍ରେସ ସାଂସଦ ଏବଂ ଶିଳ୍ପପତି ରବର୍ଟ ଭଦ୍ରାଙ୍କ ପୁଅ ରେହାନ ଭଦ୍ରାଙ୍କ ନିର୍ବନ୍ଧ ହୋଇଛି। ପରିବାର ଲୋକ ଓ କିଛି ଘନିଷ୍ଠ ବନ୍ଧୁଙ୍କ ଉପସ୍ଥିତିରେ ରେହାନ ସୋମବାର ନିଜ ପ୍ରେମିକା ଅଭିଭା ବେଗ୍‌ଙ୍କୁ ମୁଦି ପିନ୍ଧାଇଛନ୍ତି। ଏହାର ଏକ ଫଟୋ ଭାଇରାଲ ହେବାରେ ଲାଗିଛି, ମାତ୍ର ଭଦ୍ରା କିମ୍ବା ବେଗ୍ ପରିବାର ପକ୍ଷରୁ ଏ ନେଇ ଆନୁଷ୍ଠାନିକ ଭାବେ କୌଣସି ସୂଚନା ଦିଆଯାଇ ନାହିଁ। ରେହାନ ଏବଂ ଅବିବା ୭ବର୍ଷ ହେଲା ପ୍ରେମ ସମ୍ପର୍କରେ ଥିଲେ। ଅବିବା ନିଜ ପରିବାର ସହ ଦିଲ୍ଲୀର ରହୁଛନ୍ତି। ସେ ଇମ୍ରାନ ବେଗ ଏବଂ ଇଣ୍ଟେରିୟର ଡିଜାଇନର ନନ୍ଦିତା ବେଗଙ୍କ ଝିଅ। ଅଭିଭାଙ୍କ ମାଆ ହିଁ କଂଗ୍ରେସ ମୁଖ୍ୟାଳୟ ଇନ୍ଦିରା ଭବନର ଡିଜାଇନ କରିଥିଲେ। ଭଦ୍ରା ପରିବାର ସହ ଅଭିଭା ପରିବାର ସମ୍ପର୍କ ବହୁତ ନିବିଡ଼ ଥିଲା।

## ଦୁଇ ଦିନ ବ୍ୟବଧାନରେ ଦମ୍ପତିଙ୍କ ଆତ୍ମହତ୍ୟା

■ ଅଳ୍ପକେ ବର୍ତ୍ତିଗଲେ ମାଆ
■ କାଳ ହେଲା ବିବାହ ପୂର୍ବର ସମ୍ପର୍କ

ନାଗପୁର, ୩୦।୧୨ (ଏଜେନ୍ସି): ମହାରାଷ୍ଟ୍ର ନାଗପୁରରୁ ବିଚଳିତ କରିବା ଭଳି ଖବର ଆସିଛି। ଦୁଇ ମାସ ତଳେ ବିବାହ କରିଥିବା ଦମ୍ପତି ଦୁଇ ଦିନ ବ୍ୟବଧାନରେ ଆତ୍ମହତ୍ୟା କରିଛନ୍ତି। ପୁଅର ମାଆ ମଧ୍ୟ ଆତ୍ମହତ୍ୟା ଉଦ୍ୟମ କରିଥିଲେ। କିନ୍ତୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ। ଏଠାକାର ଏକ ହୋଟେଲରୁ ଶନିବାର ସୁରଜ ଶିବନ୍ନା (୩୬) ଦଉଡ଼ି ଦେଇ ଆତ୍ମହତ୍ୟା କରିଥିଲେ। ତାଙ୍କର ୬୦ ବର୍ଷର ମାଆ ଜୟନ୍ତୀ ବି ଆତ୍ମହତ୍ୟା ପ୍ରୟାସ କରିଥିଲେ। ଏହାର ଦୁଇ ଦିନ ତଳେ ଗତ ୨୫ ତାରିଖରେ ସୁରଜଙ୍କ ପତ୍ନୀ ଗଣଭୀ (୨୬) ଆତ୍ମହତ୍ୟା କରିଥିଲେ। ଗଣଭୀଙ୍କ ମାତାପିତା ସୁରଜଙ୍କ ପରିବାର ବିରୋଧରେ ଯୌତୁକ ଉତ୍ପୀଡ଼ନ ଏବଂ ଆତ୍ମହତ୍ୟା ପାଇଁ ଉସୁକାଇଥିବା ଅଭିଯୋଗ ଲଗାଇ ଥିଲେ। ବିବାହ ପୂର୍ବର ବନ୍ଧୁତାକୁ ନେଇ ଏହି ଦମ୍ପତିଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହା ଆତ୍ମହତ୍ୟାର ମୁଖ୍ୟ କାରଣ ବୋଲି ଜଣାପଡ଼ିଛି। ସୂଚନା ଅନୁଯାୟୀ, ବେଙ୍ଗାଲୁରୁର ବିଦ୍ୟାରନ୍ୟାପୁର ଅଞ୍ଚଳର ସୁରଜ ଓ ଗନଭୀ ବିବାହ ପରେ ଦମ୍ପତି ୧୦ ଦିନ ପାଇଁ ଶ୍ରୀଲଙ୍କାକୁ ହନିମୁନରେ ଯାଇଥିଲେ। ସେଠାରେ ବିବାହ ପୂର୍ବ ସମ୍ପର୍କକୁ ନେଇ ଉଭୟଙ୍କ ମଧ୍ୟରେ ଝଗଡ଼ା ହୋଇଥିଲା। ଏହାପରେ ଦୁହେଁ ଅଧାରୁ ସେଠାରୁ ଚାଲି ଆସିଥିଲେ। ଗୁରୁବାର ଗନଭୀଙ୍କ ଆତ୍ମହତ୍ୟା ପରେ ପୁଲିସ କାର୍ଯ୍ୟାନୁଷ୍ଠାନ ଭୟରେ ସୁରଜ ନାଗପୁର ଯାଇ ଏକ ହୋଟେଲ ରୁମ୍‌ରେ ଆତ୍ମହତ୍ୟା କରିଥିଲେ।



ସୁରଜଙ୍କ ବଡ଼ଭାଇ ସଞ୍ଜୟ ଶିବନ ପୁଲିସକୁ କହିଛନ୍ତି ଯେ, ଗନଭୀଙ୍କର ବିବାହ ପୂର୍ବରୁ ଅନ୍ୟ କାହା ସହିତ ବନ୍ଧୁତା ରହିଥିଲା। ସେ ସୁରଜଙ୍କୁ ବିବାହ କରିବାକୁ ଚାହୁଁ ନ ଥିଲେ। ହନିମୁନ ସମୟରେ ଏହାକୁ ନେଇ ଝଗଡ଼ା ହୋଇଥିଲା। ଘରକୁ ଫେରିବା ପରେ ଉଭୟଙ୍କୁ ବୁଝାସୁଝା ଉଦ୍ୟମ କରାଯାଇଥିଲା। ମାତ୍ର କିଛି ଫଳ ମିଳି ନ ଥିଲା। ପରେ ଗନଭୀ ରାଗି ବାପଘରକୁ ଯାଇ ଆତ୍ମହତ୍ୟା କରିଥିଲେ। ଗନଭୀଙ୍କ ଆତ୍ମହତ୍ୟା ପରେ ତାଙ୍କ ପରିବାର ମିଥ୍ୟା ଯୌତୁକ ନିର୍ଯାତନା ଅଭିଯୋଗ ଆଣିଥିଲେ। ଏପରିକି ଗନଭୀଙ୍କ ପରିବାରର ୩୦ ଜଣ ଲୋକ ସୁରଜଙ୍କ ଘରେ ପଶି ଝିଅର ମୃତ୍ୟୁ ପାଇଁ ତାଙ୍କୁ ଦାୟୀ କରିଥିଲେ। ଗନଭୀଙ୍କ ପରିବାର ଭୟରେ ସୁରଜ ଏବଂ ତାଙ୍କ ପରିବାର ସଦସ୍ୟ ପ୍ରଥମେ ହାଇଦରାବାଦ ପରେ ନାଗପୁର ଚାଲିଯାଇଥିଲେ।

## ଖାଇକୁ ଖସିଲା ବସ୍; ୭ ମୃତ

ଡେରାଡୁନ, ୩୦।୧୨ (ଏଜେନ୍ସି): ଉତ୍ତରାଖଣ୍ଡ ଆଲମୋଡାର ଭିକିୟାସେନ-ବିନାୟକ ମାର୍ଗର ଶିଳାପାଣି ନିକଟରେ ଏକ ବସ୍ ନିୟନ୍ତ୍ରଣ ହରାଇ ମଙ୍ଗଳବାର ସକାଳେ ୧୭୦ ଫୁଟ ଗଭୀର ଖାଇକୁ ଖସି ପଡ଼ିଛି। ଏଥିରେ ୭ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଛି। ୧୧ ଜଣ ଗୁରୁତର ଆହତ ହୋଇଛନ୍ତି। ଏହି ବସ୍‌ରେ ୨୮ ଜଣ ଯାତ୍ରୀ ଯାତ୍ରା କରୁଥିଲେ। ଦୁର୍ଘଟଣାର ସୂଚନା ପାଇ ଉଦ୍ଧାରକାରୀ ଦଳ ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହାୟତାରେ ଉଦ୍ଧାରକାର୍ଯ୍ୟ ଆରମ୍ଭ କରିଥିଲା। ଦୁର୍ଗମ ପାହାଡ଼ିଆ ଅଞ୍ଚଳ ହୋଇଥିବାରୁ ଉଦ୍ଧାରକାର୍ଯ୍ୟରେ ସମସ୍ୟା ହୋଇଥିଲା। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହି ଘଟଣାକୁ ନେଇ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହି ବସ୍‌ଟି ଦ୍ୱାରହାଟ-ଭିକିୟାସେନ-ବାସୋଟ ଦେଇ ରାମନଗର ଯାଉଥିଲା। ମାର୍ଗରେ ଡ୍ରାଇଭର ଗାଡ଼ି ଉପରୁ ନିୟନ୍ତ୍ରଣ ହରାଇ ଥିଲେ।



## ଖାଲିଦା ଜିଆଙ୍କ ପରଲୋକ

■ ପ୍ରଧାନମନ୍ତ୍ରୀ ମୋଦୀ, ଶେଖ ହସିନାଙ୍କ ଶୋକ
■ ଅନ୍ତିମ ସଂସ୍କାରରେ ସାମିଲ ହେବେ ଜୟଶଙ୍କର

ଢାକା, ୩୦।୧୨ (ଏଜେନ୍ସି): ବାଂଲାଦେଶର ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ତଥା ବାଂଲାଦେଶ ନ୍ୟାସନାଲ ପାର୍ଟି (ବିଏନ୍‌ପି) ମୁଖ୍ୟ ଖାଲିଦା ଜିଆ (୮୦)ଙ୍କ ମଙ୍ଗଳବାର ପରଲୋକ ହୋଇଛି। ସେ ଦୀର୍ଘ ଦିନ ହେଲା ଅସୁସ୍ଥ ଥିଲେ। ଖଲିଦା ଏକାଧିକ ରୋଗରେ ପୀଡ଼ିତ ଥିଲେ। ଢାକାର ଏକ ହସ୍ପିଟାଲରେ ତାଙ୍କର ଚିକିତ୍ସା ଜାରି ରହିଥିଲା। ସେ ପ୍ରାୟ ୨୦ ଦିନ ହେଲା ଭେଣ୍ଟିଲେଟରରେ ଥିଲେ। ହୃତ୍‌ପିଣ୍ଡ ସଂକ୍ରମଣ, ଯକୃତ, ବୃକକ, ମଧୁମେହ, ଷ୍ଟୋନ ଏବଂ ଆଖି ଜନିତ ସମସ୍ୟାରେ ସେ ପୀଡ଼ିତ ଥିଲେ। ତାଙ୍କ ମୃତ୍ୟୁରେ ବାଂଲାଦେଶରେ ତିନି ଦିନିଆ ରାଷ୍ଟ୍ରୀୟ ଶୋକ ଘୋଷଣା କରାଯାଇଛି।

ଖାଲିଦା ଜିଆଙ୍କ କ୍ୟାରିୟର ବିବାଦପୂର୍ଣ୍ଣ ଥିଲା। ୧୯୭୧ ମୁକ୍ତି ସଂଗ୍ରାମ ପରେ ପାକିସ୍ତାନ ସେନା ଗୃହବନ୍ଦୀ କରି ରଖିଥିଲା। ସେ ଜୁଲାଇରୁ ଡିସେମ୍ବର ପର୍ଯ୍ୟନ୍ତ ପାକିସ୍ତାନ କଏଦରେ ରହିଥିଲେ। ୧୯୭୧ ଡିସେମ୍ବରରେ ଭାରତଠାରୁ ପାକିସ୍ତାନ ହାରିବା ପରେ ଖାଲିଦା ଜିଆ ମୁକ୍ତ ହୋଇଥିଲେ। ମାତ୍ର ସେ ଭାରତର ତୀବ୍ର ବିରୋଧୀ ଥିଲେ। ପରେ ଖାଲିଦା ରାଜନୈତିକ ସଂଘର୍ଷ, ଆନ୍ଦୋଳନ ଏବଂ ଆକ୍ରମଣ ଦ୍ୱାରା ଘେରି ହୋଇ ଯାଇଥିଲେ। ୨୦୧୫ ଢାକା ମେୟର ନିର୍ବାଚନ ସମୟରେ ତାଙ୍କ କାର୍‌କେଡ ଉପରକୁ ଗୁଳି ମାଡ଼ ହୋଇଥିଲା। ଏଥିରୁ ସେ ଅଳ୍ପକେ ବର୍ତ୍ତି ଯାଇଥିଲେ।

ପୂର୍ବତନ ରାଷ୍ଟ୍ରପତି ଜିଆଉର ରେହମାନଙ୍କ ପତ୍ନୀ ଖାଲିଦା ୧୯୯୧-୯୬ ଏବଂ ୨୦୦୧-୦୬ ପର୍ଯ୍ୟନ୍ତ ଦୁଇ ଥର ବାଂଲାଦେଶ ପ୍ରଧାନମନ୍ତ୍ରୀ ହୋଇଥିଲେ। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବାଂଲାଦେଶର ବିତାଡ଼ିତ ପ୍ରଧାନମନ୍ତ୍ରୀ ଶେଖ ହସିନା ପ୍ରମୁଖ ତାଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି। ଭାରତର ବୈଦେଶିକ ମନ୍ତ୍ରୀ ଏସ ଜୟଶଙ୍କର ତାଙ୍କ ଅନ୍ତିମ ସଂସ୍କାରରେ ସାମିଲ ହେବା ପାଇଁ ଢାକା ଗସ୍ତ କରିବେ। ପାକିସ୍ତାନ ବିଦେଶମନ୍ତ୍ରୀ ଇସାକ ଡାର ମଧ୍ୟ ଏଥିରେ ଯୋଗ ଦେବେ। ଶେଖ ହସିନା କହିଛନ୍ତି ଯେ ଖାଲିଦାଙ୍କ ମୃତ୍ୟୁ ଯୋଗୁଁ ବାଂଲାଦେଶ ରାଜନୀତିରେ ବଡ଼ ଶୂନ୍ୟସ୍ଥାନ ସୃଷ୍ଟି ହୋଇଛି। ପ୍ରଥମ ମହିଳା ପ୍ରଧାନମନ୍ତ୍ରୀ ଭାବେ ଦେଶର ବିକାଶକୁ ଗୁରୁତ୍ୱପୂର୍ଣ୍ଣ ଯୋଗଦାନ ଦେଇଥିଲେ। ଗଣତନ୍ତ୍ର ପ୍ରତିଷ୍ଠାରେ ସଂଘର୍ଷରେ ଖାଲିଦା ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏହାକୁ ସବୁବେଳ ପାଇଁ ମନେ ରହିବ।

ଭାରତରେ ଜନ୍ମିତ ଖାଲିଦା ଜିଆଙ୍କର ରାଜନୈତିକ ଆଭିମୁଖ୍ୟ ସବୁବେଳେ ନୂଆଦିଲ୍ଲୀ ବିରୋଧୀ ରହିଥିଲା। ବାଂଲାଦେଶର ସାର୍ବଭୌମ ଏବଂ ସୁରକ୍ଷା ସବୁଠୁ ଜରୁରୀ ବୋଲି ସେ କହୁଥିଲେ। ଭାରତ ବିରୋଧରେ ବିଷୋଦଗାର କରି ସାମ୍ପ୍ରଦାୟିକ ନିଶାରେ ବୁଡ଼ିଥିବା ବାଂଲାଦେଶରେ ସେ ଲୋକପ୍ରିୟ ହୋଇଥିଲେ। ଗଙ୍ଗା ଜଳ ବଣ୍ଟନ ଚୁକ୍ତି ହେଉ କିମ୍ବା ଅନ୍ୟ କୌଣସି ଘଟଣାର ଖାଲିଦା ସବୁବେଳେ ଭାରତକୁ ଦାୟୀ କରି ଆସିଛନ୍ତି।

## ସାମାଜିକ ଗଣମାଧ୍ୟମ କମ୍ପାନୀଙ୍କୁ କେନ୍ଦ୍ରର ଚେତାବନୀ
## ଅଶ୍ଳୀଳ ପୋଷ୍ଟ ହଟାଅ; ନଚେତ କେସ୍ ହେବ

ନୂଆଦିଲ୍ଲୀ, ୩୦।୧୨ (ଏଜେନ୍ସି): ସବୁ ସାମାଜିକ ଗଣମାଧ୍ୟମ ପ୍ଲାଟଫର୍ମ ଗୁଡ଼ିକୁ କେନ୍ଦ୍ର ସରକାର ମଙ୍ଗଳବାର ଚେତାବନୀ ଜାରି କରିଛନ୍ତି। ନିଜ ନିଜ ପ୍ଲାଟଫର୍ମରୁ ଅଶ୍ଳୀଳ ପୋଷ୍ଟ ହଟାଇବାକୁ ନିର୍ଦ୍ଦେଶ ଦେଇଛନ୍ତି। ଅଶ୍ଳୀଳ, ଖରାପ, ପର୍ଣ୍ଣୋଗ୍ରାଫିକ, ଶିଶୁ ଯୌନ ଉତ୍ପୀଡ଼ନ ସମ୍ବନ୍ଧିତ ଏବଂ ବେଆଇନ ବିଷୟବସ୍ତୁକୁ ତୁରନ୍ତ ରୋକ ଲଗାଇବା ପାଇଁ କହିଛନ୍ତି। ଯଦି କାର୍ଯ୍ୟାନୁଷ୍ଠାନ ନେବାରେ ବିଳମ୍ବ କରିବେ ତେବେ କମ୍ପାନୀ ବିରୋଧରେ ମାମଲା ଚାଲିବ ବୋଲି ଚେତାବନୀ ଦିଆଯାଇଛି। ସୂଚନା ମନ୍ତ୍ରାଳୟ (ମେଇଟି) ପକ୍ଷରୁ ଏ ନେଇ ସୋମବାର ମାର୍ଗଦର୍ଶିକା ଜାରି କରାଯାଇଥିଲା। ଏଥିରେ ଇଣ୍ଟରନେଟ ପ୍ଲାଟଫର୍ମ ଗୁଡ଼ିକୁ ଆଇଟି ନିୟମ ସମ୍ବନ୍ଧିତ 'ଅନୁପାଳନ କାର୍ଯ୍ୟଖସଡ଼ା'ର ସମୀକ୍ଷା ପାଇଁ କୁହାଯାଇଛି। ସାମାଜିକ ଗଣମାଧ୍ୟମରେ ଅପଲୋଡ, ଉପସ୍ଥାପନ ହେଉଥିବା, ସେୟାର କରାଯାଉଥିବା ସାମଗ୍ରୀ ଉପରେ ନଜର ରଖିବା ଏବଂ ବେଆଇନ ବିଷୟବସ୍ତୁ ଉପରେ ଉଚିତ ସମୟରେ କାର୍ଯ୍ୟାନୁଷ୍ଠାନ ନେବା କମ୍ପାନୀର ଦାୟିତ୍ୱ ବୋଲି କୁହାଯାଇଛି।

ଏହି ନିୟମ ପାଳନ ନ କଲେ କମ୍ପାନୀ ବିରୋଧରେ ବଡ଼ କାର୍ଯ୍ୟାନୁଷ୍ଠାନ ନିଆଯିବ। କେବଳ କମ୍ପାନୀ ନୁହଁନ୍ତି, ପ୍ଲାଟଫର୍ମ ସହିତ ବ୍ୟବହାରକାରୀଙ୍କ ବିରୋଧରେ ମଧ୍ୟ ମାମଲା ରୁଜୁ ହେବ। ଅନେକ ପ୍ଲାଟଫର୍ମ ଭୁଲ୍ ଏବଂ ଅଶ୍ଳୀଳ ବିଷୟବସ୍ତୁ ହଟାଇବାରେ କୋହଳ ନୀତି ଆପଣାଉଥିବା ଜଣାପଡ଼ିଛି। ତେଣୁ ନିୟମିତ ଭାବେ ଏବଂ ଦ୍ରୁତଗତିରେ ଏ ଦିଗରେ କାର୍ଯ୍ୟ କରିବାକୁ କୁହାଯାଇଛି।

# ସଲ୍‌ମାନଙ୍କ 'ବ୍ୟାଟେଲ ଅଫ ଗଲୱାନ' ଚଳଚ୍ଚିତ୍ରକୁ ନେଇ ଚୀନ୍ କ୍ଷୁବ୍ଧ

ବେଜିଂ, ୩୦।୧୨ (ଏଜେନ୍ସି): ସୁପରଷ୍ଟାର ସଲ୍‌ମାନ ଖାନ ନିଜ ଜନ୍ମଦିନରେ ଆଗାମୀ ଚଳଚ୍ଚିତ୍ର 'ବ୍ୟାଟେଲ ଅଫ ଗଲୱାନ'ର ଟ୍ରେଲର ଜାରି କରିଛନ୍ତି। ୨୦୨୦ରେ ଗଲୱାନରେ ଚୀନ୍-ଭାରତ ସେନା ମଧ୍ୟରେ ହୋଇଥିବା ସଂଘର୍ଷ ଉପରେ ଏହା ଆଧାରିତ। ଏଥିରେ କର୍ଣ୍ଣେଲ ସନ୍ତୋଷ ବାବୁଙ୍କ ଭୂମିକାରେ ସଲ୍‌ମାନ ଅଭିନୟ କରୁଛନ୍ତି। ଏହି ଚଳଚ୍ଚିତ୍ରକୁ ନେଇ ଚୀନ୍ ଅସହ୍ୟ ହୋଇଯାଇଛି। ଏହି ଫିଲ୍ମକୁ ସମାଲୋଚନା କରିଛି। ଚଳଚ୍ଚିତ୍ରରେ ଦେଖା ଯାଉଥିବା ଦୃଶ୍ୟ ସତ୍ୟଠାରୁ ବହୁ ଊର୍ଦ୍ଧ୍ୱରେ ବୋଲି ଚୀନ୍ ସରକାରୀ ଗଣମାଧ୍ୟମ ପକ୍ଷରୁ କୁହାଯାଇଛି। ଗ୍ଲୋବାଲ ଟାଇମ୍ସ ଏହାକୁ ନେଇ ଏକ ଆଲେଖ୍ୟ ଛାପିଛି। ଏହାର ଶୀର୍ଷକ 'ବ୍ୟାଟେଲ ଅଫ ଗଲୱାନ' ଚଳଚ୍ଚିତ୍ର ଉପରେ ବିବାଦ ରହିଛି। ଏହି ଫିଲ୍ମ ଯେତେ ନାଟକୀୟ ହୋଇଥିଲେ ବି




ଦେଶର ସୀମା ଉପରେ ପ୍ରଭାବ ପକାଇପାରିବ ନାହିଁ ବୋଲି କୁହାଯାଇଛି। ଚୀନ୍ ଏବଂ ଭାରତର ସମ୍ବନ୍ଧରେ ସୁଧାର ଆସୁଥିବାବେଳେ ଏଭଳି ଚଳଚ୍ଚିତ୍ର ମୁକ୍ତିଲାଭ କରିବା ଭୁଲ୍। କେବଳ ଭାରତୀୟ ଦୃଷ୍ଟିକୋଣରୁ ପ୍ରସ୍ତୁତ ଏହି ଫିଲ୍ମ ଚୀନ୍ ବିରୋଧୀ ଭାବନାକୁ ପ୍ରୋତ୍ସାହନ ଦେବ ବୋଲି ବିଶେଷଜ୍ଞଙ୍କ ଆଧାରରେ ଆଲେଖ୍ୟରେ ଲେଖାଯାଇଛି। ଚୀନ୍ ସାମାଜିକ ଗଣମାଧ୍ୟମରେ ସଲମାନଙ୍କ ପୋଷାକ ଏବଂ ଚୁଟି କାଟିବା ଶୈଳୀ ଉପରେ ମଧ୍ୟ ପ୍ରଶ୍ନ ଉଠାଯାଉଛି। ବଲିଉଡ ଫିଲ୍ମ ମନୋରଞ୍ଜନ ପାଇଁ ହୋଇଥାଏ। ଏହା ଦ୍ୱାରା ଇତିହାସ ବଦଳି ଯିବନାହିଁ ବୋଲି ଚୀନ୍ ବିଶେଷଜ୍ଞ କହିଛନ୍ତି। ଅନ୍ୟପଟେ ଏହାକୁ ନେଇ ଭାରତ ସରକାରଙ୍କ ସୂତ୍ରରୁ କୁହାଯାଇଛି ଯେ ଦେଶରେ ଚଳଚ୍ଚିତ୍ର ନିର୍ମାଣରେ କଳାତ୍ମକ ସ୍ୱାଧୀନତା ରହିଛି। ଏହି ସ୍ୱାଧୀନତା ବ୍ୟବହାର କରିବାରେ ଚଳଚ୍ଚିତ୍ର ନିର୍ମାତାଙ୍କ ଅଧିକାର ରହିଛି।

ଗଲୱାନରେ ଭାରତୀୟ ସେନାର ୧୬ ବିହାର ରେଜିମେଣ୍ଟର ଯବାନ ଚୀନ୍ ଔଦ୍ଧତ୍ୟର ଜବାବ ଦେଇଥିଲେ। ଏହି ଚଳଚ୍ଚିତ୍ର ଶିବ ଆରୋରା ଏବଂ ରାହୁଲ ସିଂହଙ୍କ ଲିଖିତ 'ଇଣ୍ଡିଆସ ମୋଷ୍ଟ ଫିୟରଲେସ-୩' ପୁସ୍ତକ ଉପରେ ଆଧାରିତ। ଚୀନ୍ ସହ ଲଢ଼ି ବୀର ଗତି ପ୍ରାପ୍ତ କରିଥିବା କର୍ଣ୍ଣେଲ ତଥା କମାଣ୍ଡିଂ ଅଫିସର ବିକୁମାଲା ସନ୍ତୋଷ ବାବୁଙ୍କ ଭୂମିକାରେ ଅଭିନୟ କରୁଛନ୍ତି। ଏହି ସଂଘର୍ଷରେ ଭାରତ ୨୦ ଯବାନଙ୍କୁ ହରାଇଥିବାବେଳେ ଚୀନ୍ ସତ ସ୍ୱୀକାର କରି ନ ଥିଲା। କେବଳ ୩ ଯବାନ ପ୍ରାଣ ହରାଇଥିବା କହିଥିଲା। କିନ୍ତୁ, ଚୀନ୍‌ର ୫୦ରୁ ଅଧିକ ଯବାନ ସଂଘର୍ଷରେ ମୃତ୍ୟୁବରଣ କରିଥିଲେ ବୋଲି ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟରେ କୁହାଯାଇଥିଲା।

## ଆଦିବାସୀ ଜମି ହଡ଼ପ ଉଦ୍ୟମ

# ସ୍ଥିତାବସ୍ଥା ବଜାଇ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କାଳିପଦା, ୩୦।୧୨ (ସମିସ)

ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତ ଦେଉଳା ଗ୍ରାମର ୧୦ ନିରୀହ ଆଦିବାସୀ ପରିବାରର ଘର, ଘରବାଡ଼ି, ଚାଷ ଜମି ଏହିପରି ମୋଟ ଅଢେଇ ଏକର ଜାଗାକୁ କେତେକ ମୁଷ୍ଟିମେୟ ଲୋକ ମିଛ ଦଲିଲ, ପଟ୍ଟା କରି ହଡପ କରିବାକୁ ଉଦ୍ୟମ କରିଥିଲେ। ଏହି ମୁଷ୍ଟିମେୟ ଲୋକମାନେ ବିଭିନ୍ନ ସ୍ତରରେ ଚାପ ପକାଇ ସେମାନଙ୍କୁ ଭୋଗ ଦଖଲରୁ ଉଚ୍ଛେଦ କରିବା ପାଇଁ ଅର୍ଥ ଦେଇ ଲୋକ ବଳ ଠୁଳ କରିଥିଲେ। ଏହାକୁ କେନ୍ଦ୍ର କରି ସେଠାରେ ଦୀର୍ଘ ଦିନ ହେବ ଉତ୍ତେଜନା ଲାଗି ରହିଥିଲା। ଜଣେ ସ୍ୱେଚ୍ଛାସେବୀ ଆଦିବାସୀଙ୍କ ପକ୍ଷ ନେଇ ହାଇକୋର୍ଟରେ ଏକ ମାମଲା ରୁଜୁ କରିଥିଲେ। ତାଙ୍କୁ ମୁଷ୍ଟିମେୟ ମାନେ ନାନା ଧମକ ଚମକ ଦେଉଥିଲେ। ସ୍ୱେଚ୍ଛାସେବୀ ସୁଶାନ୍ତ ବିନ୍ଧାଣୀ ଗତ ୨୨ ତାରିଖ ଦିନ ଓଡିଶା ହାଇକୋର୍ଟରେ ନ୍ୟାୟ ପାଇଁ ଏକ ଏକ ମକଦ୍ଦମା ଦାୟର କରିଥିଲେ। କୋର୍ଟ ଏହାର ଶୁଣାଣି କରି ଗତ ୨୭ ତାରିଖ ଦିନ ଡବ୍ଲ୍ୟୁ ପି ( ସି ) ନଂ ୩୬୯୬୧ /୨୫ ମୂଳେ ଏକ ନିର୍ଦ୍ଦେଶ ଜାରି କରି ଜାଗାର ସ୍ଥିତାବସ୍ଥା ବଜାଇ ରଖିବାକୁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ପ୍ରାୟ ଚାରି ପିଢ଼ି ଧରି ଏହି ୧୦ ପରିବାର ଏହି ସବୁ ଜାଗାକୁ ଭୋଗ ଦଖଲ କରି ଆସୁଥିଲେ। ଜମିଦାରୀ ପ୍ରଥା ଉଚ୍ଛେଦ ପରେ ଏମାନଙ୍କ ପୂର୍ବ ପୁରୁଷ ଗାଗଲ ବିନ୍ଧାଣୀ, ପିତା ମଧୁ ବିନ୍ଧାଣୀ,ଦେଉଳା ଜମିଦାର ମୁଖଦା ମଣୀ ମହାଶୟ, ସ୍ୱାମୀ ଶିବ ନାରାୟଣ ମହାଶୟ ଶାବକ ଖତିୟାନ ନଂ ୮୧୧, ବର୍ତ୍ତମାନ ଖତିୟାନ ୬୧୨, ପ୍ଲଟ ନଂ ୧୭୮୮, ୧୭୮୯, ୧୭୯୪, ୧୭୯୫ ଓ ୧୭୯୬କୁ ଉକ୍ତ ପ୍ରଜାଙ୍କୁ ଜମିଦାରୀ ଆଇନ ୧୯୫୧ ଉଚ୍ଛେଦ ପରେ ଜମିଦାର ଅଙ୍ଗନ ନାମା ପଟ୍ଟା ପ୍ରଦାନ କରିଥିଲେ। ପ୍ରଜାମାନେ ଜମିଦାରଙ୍କ ନାମରେ ଖଜଣା କାଟି ଉକ୍ତ ଜାଗାକୁ ଦଖଲ କରି ଆସୁଥିଲେ। ସେତେବେଳେ ଉକ୍ତ ପ୍ଲଟକୁ ପ୍ରଜାଙ୍କ ନାମରେ ନାମଜାରୀ କରିବାକୁ ଏକ ସରକାରୀ ନୋଟିସ ମଧ୍ୟ ଆସିଥିଲା। ମାତ୍ର ଅପାଠୁଆ ଆଦିବାସୀ ମାନେ ଉକ୍ତ ନୋଟିସକୁ ବୁଝି ନ ପାରି ଅଣଦେଖା କରିଥିଲେ। ଉକ୍ତ ପ୍ଲଟ ଉପରେ ଆଦିବାସୀଙ୍କୁ ଦିଆଯାଇଥିବା ସରକାରୀ ଆବାସ ଗୃହ, ବିଦ୍ୟୁତ, ରାସ୍ତା ଆଦି ନାନାଦି ସୁବିଧା ସୁଯୋଗ ମିଳି ସାରିଛି। ମାତ୍ର ଆଦିବାସୀଙ୍କ ସରଳତାର ସୁଯୋଗ ନେଇ ୨୦୨୧ ମସିହା ସେପ୍ଟେମ୍ବର ୨୨ ତାରିଖ ସୁରେନ୍ଦ୍ର ନାରାୟଣ ରାୟ ନାମକ ଜଣେ ବ୍ୟକ୍ତି ଉକ୍ତ ପ୍ଲଟର ଉତ୍ତରାଧିକାରୀର ପରିଚୟ ପ୍ରଦାନ କରି ଉକ୍ତ ଜାଗାକୁ ବିକ୍ରି କରିବା କେତେ ଦୂର ଯୁକ୍ତି ଯୁକ୍ତ। ସେ ମୁଖଦା ମଣିଙ୍କ ଅଣ ନାତିର ପରିଚୟ ଦେଇ ଛନ୍ତି। ତାଙ୍କର ବର୍ତ୍ତମାନ ଠିକଣା ଏ -୧୦୪, ଲେକ ଗାର୍ଡେନ, ପଶ୍ଚିମ ବଙ୍ଗ। ଅରୁଣ କୁମାର ଚାଟାର୍ଜୀ ଉକ୍ତ ବିକ୍ରୟ ଦଲିଲକୁ ଏକ ଜେନେରାଲ ପାୱାର ଅଫ ଅଟର୍ଣ୍ଣି ମଧ୍ୟରେ ବିକ୍ରି କରିଥିବା ଏବଂ ଆଟର୍ଣ୍ଣି ୧୯୮୮ ମସିହାରେ ହୋଇଥିବା ଜଣା ପଡିଛି। ମାତ୍ର ପ୍ରଶ୍ନ ଉଠେ ଯେ ଜମିଦାରୀ ପ୍ରଥା ଉଚ୍ଛେଦ ପରେ ତାଙ୍କ ଅଣ ନାତିଙ୍କ ପାଖକୁ ବିକ୍ରି ପାଇଁ ଅଧିକାର ଆସିଲା କୁଆଡୁ ? ଯଦି ସେ ଜୀବିତ ଅଛନ୍ତି ତେବେ ବିକ୍ରି ସମୟରେ ଅନୁପସ୍ଥିତ କାହିଁକି ଥିଲେ ? ୮୦ ବର୍ଷ ଧରି ସେ ଖଜଣା କାହିଁକି ଦେଉ ନ ଥିଲେ? ପ୍ଲଟରେ ନିର୍ମାଣ ଥିବା ଦଲିଲ ରେ ଲୁଚାଇ ପାୱାର ଅଫ ଆଟର୍ଣ୍ଣି ଯଦି ତାଙ୍କ ପାଖରେ ଥିଲା, ସୁରେନ୍ଦ୍ର ନାରାୟଣ ରାୟଙ୍କ ଦସ୍ତଖତ କାହିଁକି ହେଲା? କଲିକତା ରେ ରହି ଏକ ଅଫିଡେଭିଟ କରି ରେଜେଷ୍ଟ୍ରି କେମିତି ଅଜ୍ଞାତ ସ୍ଥାନରେ କଲେ? ବିକ୍ରେତାଙ୍କ ଦସ୍ତଖତକୁ କଲିକତାରେ ବାଲିଆପାଳର ସବ ରେଜିଷ୍ଟାର କିପରି ଯାଞ୍ଚ କଲେ ? ଏପରି ଅନେକ ପ୍ରଶ୍ନ ସାଧାରଣରେ ପ୍ରଶ୍ନ ବାଚୀ ସୃଷ୍ଟି କରିଛି। ଆଦିବାସୀଙ୍କୁ ନ୍ୟାୟ ଦେବାକୁ ସାଧାରଣରେ ଦାବି ଉଠିଥିଲା। ଅନ୍ୟପକ୍ଷରେ ବାଲିଆପାଳ ତହସିଲଦାରଙ୍କୁ ଏ ବାବଦରେ ପଚାରିବାରୁ ଘଟଣାଟି ତଦନ୍ତ ସାପେକ୍ଷ ବୋଲି କହିଛନ୍ତି।

## ପ୍ଲାଟିନମ୍ ଜୁବୁଲିରେ ଯୋଗଦେବାକୁ ରାଜ୍ୟପାଳଙ୍କୁ ନିମନ୍ତ୍ରଣ



ଜଲେଶ୍ୱର, ୩୦।୧୨ (ସମିସ) : ପିଏମ୍ଶ୍ରୀ ଜଲେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟର ୭୫ବର୍ଷ ପୂର୍ତ୍ତି ପ୍ଲାଟିନମ୍ ଜୁବୁଲି ପାଳନର ପ୍ରସ୍ତୁତି ସରିଛି। ଏହି ପ୍ଲାଟିନମ୍ ଜୁବୁଲିରେ ରାଜ୍ୟପାଳଙ୍କ ଯୋଗଦାନ ଲାଗି ବିଧାୟକ ଅଶ୍ୱିନୀ ପାତ୍ର ରାଜଭବନକୁ ଯାଇ ନିମନ୍ତ୍ରଣ ଜଣାଇଛନ୍ତି। ଆସନ୍ତା ଏପ୍ରିଲ ମାସର ବିଦ୍ୟାଳୟର ପ୍ଲାଟିନମ୍ ଜୁବୁଲିରେ ଉପସ୍ଥିତ ରହିବେ ବୋଲି ସମ୍ମତି ପ୍ରଦାନ କରିଥିବା ଜଣାଯାଇଛି। ଆଜି ଜଲେଶ୍ୱରରୁ ଏକ ପ୍ରତିନିଧି ଦଳ ଭୁବନେଶ୍ୱର ଗସ୍ତ କରି ବିଧାୟକଙ୍କ ସହିତ ରାଜଭବନ ଯାଇ ନିମନ୍ତ୍ରଣ କରିଥିବା ଜଣାଯାଇଛି। ଆସନ୍ତା ଏପ୍ରିଲ ମାସରେ ଅନୁଷ୍ଠିତ ପ୍ଲାଟିନମ୍ ଜୁବୁଲିରେ ରାଜ୍ୟପାଳଙ୍କ ଯୋଗଦେବା କଥା ଜଣାଯିବା ପରେ ଛାତ୍ରଛାତ୍ରୀ, ପୁରାତନ ଶିକ୍ଷାର୍ଥୀ ପରିଷଦ ଓ ଅଭିଭାବକଙ୍କ ମଧ୍ୟରେ ଆନନ୍ଦର ଲହରୀ ଖେଳି ଯାଇଛି। ଜଲେଶ୍ୱରରୁ ଯାଇଥିବା ଟିମ୍‌ରେ ଜୁବୁଲି କମିଟି ସଭାପତି ଡ. ଈଶ୍ୱର ଚନ୍ଦ୍ର ଜେନା, ପ୍ରଧାନ ଶିକ୍ଷକ ଅର୍ଜୁନ ସିଂ, ଏସଏମ୍‌ସି ସଭାପତି ଜୟନାରାୟଣ ଦାସ, ଶିଶିର ହୁଇ, ଅଶୋକ ଦାସ, ଲକ୍ଷ୍ମୀନାରାୟଣ ଜେନା, କାଉନ୍‌ସିଲର ଶିବନାରାୟଣ ଦାସମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ମାଟିଆଳି ଓ ଅଯୋଧ୍ୟାରେ ଖୋଲିଲା ଧାନମଣ୍ଡି



ନୀଳଗିରି, ୩୦।୧୨ (ସମିସ): ନୀଳଗିରି ସେବା ସମବାୟ ସମିତିର ଅଯୋଧ୍ୟା ମଣ୍ଡି ଓ ବରହମପୁର ସେବା ସମବାୟ ସମିତିର ମାଟିଆଳି ମଣ୍ଡି ଚଳିତ ବର୍ଷର ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ମଙ୍ଗଳବାର ଶୁଭାରମ୍ଭ ହୋଇଯାଇଛି। ନୀଳଗିରି ବିଧାୟକ ସନ୍ତୋଷ ଖଟୁଆ ମୁଖ୍ୟଅତିଥି ଭାବେ ଯୋଗ ଦେଇ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ଏହି ଧାନ ମଣ୍ଡିର ଶୁଭ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ ଆୟୋଜିତ ସଭାରେ ବିଧାୟକ ଚାଷୀମାନଙ୍କୁ ସମ୍ବୋଧିତ କରି କହିଥିଲେ ଚାଷୀ ହେଉଛନ୍ତି ଆମ ଅର୍ଥନୀତିର ମେରୁଦଣ୍ଡ। ସେମାନଙ୍କ ପରିଶ୍ରମର ଉଚିତ୍ ମୂଲ୍ୟ ପ୍ରଦାନ କରିବା ସରକାରଙ୍କ ମୁଖ୍ୟ ଲକ୍ଷ୍ୟ। ମଣ୍ଡିରେ ଧାନ କିଣାବିକା ସମୟରେ ଯେପରି କୌଣସି ପ୍ରକାର ଅନିୟମିତତା ନ ହୁଏ ଏବଂ ଦଲାଲମାନେ ଚାଷୀଙ୍କୁ ଶୋଷଣ ନ କରନ୍ତି, ସେଥିପାଇଁ ପ୍ରଶାସନ ପକ୍ଷରୁ କଡ଼ା ନଜର ରଖାଯାଇଛି। ବିଧାୟକ ଆହୁରି ମଧ୍ୟ କହିଛନ୍ତି ଯେ, ସରକାରଙ୍କ ଦ୍ୱାରା ଧାର୍ଯ୍ୟ କରାଯାଇଥିବା ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍.ଏମ୍.ପି) ସିଧାସଳଖ ଚାଷୀଙ୍କ ବ୍ୟାଙ୍କ ଆକାଉଣ୍ଟକୁ ପଠାଯିବ। ମଣ୍ଡିରେ ଚାଷୀଙ୍କ ପାଇଁ ଶୁଦ୍ଧ ପାନୀୟ ଜଳ, ବିଶ୍ରାମ ଗୃହ ଓ ପର୍ଯ୍ୟାପ୍ତ ଆଲୋକର ବ୍ୟବସ୍ଥା କରାଯାଇଛି। ଅନ୍ୟମାନଙ୍କ ମଧ୍ୟରେ ସମବାୟ ସମିତିର ସମ୍ପାଦକ, ସ୍ଥାନୀୟ ଜନପ୍ରତିନିଧି ଏବଂ ଶତାଧିକ ଚାଷୀ ଭାଇ ଉପସ୍ଥିତ ଥିଲେ।

## ଦୁଇ ବାଇକ୍ ଧକ୍କା, ଦୁଇ ଗୁରୁତର

ନୀଳଗିରି, ୩୦।୧୨ (ସମିସ): ମିତ୍ରପୁର-ନୀଳଗିରି ରାସ୍ତାର ବାଣପୁର ବିଦ୍ୟୁତ୍ ଛକ ନିକଟରେ ଦୁଇ ବାଇକ୍ ଧକ୍କା ହେବାରୁ ଗୁରୁତର ଅବସ୍ଥାରେ ଘଟଣା ସ୍ଥଳରେ ନୀଳଗିରି ପୁଲିସ ପହଞ୍ଚି ଭ୍ୟାନରେ ନୀଳଗିରି ମେଡିକାଲକୁ ଆଣିଥିଲେ। ଉଭୟ ବାଇକ୍ ଆରୋହୀ ନୀଳଗିରିକୁ ଆସୁଥିବା ବେଳେ ଦୁର୍ଘଟଣା ଘଟିଛି। ନୀଳଗିରି ମିରିଗିଣି ଗ୍ରାମର ସୁନୀଲ ପ୍ରଧାନର ପୁଅ ମିଳନ୍ (୪୨) ନିଜ ବାଇକରେ ନୀଳଗିରି ଆସୁଥିବା ବେଳେ ଅଯୋଧ୍ୟା ଗ୍ରାମର ଅଭିଜିତ ସିଂ ରେମୁଣା କଲେଜରୁ କାମ ସାରି ନୀଳଗିରି ଆସୁଥିଲେ। ଏପଟେ ଉଭୟ ବାଇକ୍ ଆରୋହୀ ନୀଳଗିରି ମେଡିକାଲରେ ଚିକିତ୍ସିତ ହେଉଥିବା ବେଳେ ମିଳନ ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ବାଲେଶ୍ୱର ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ଦୁଇ ବାଇକ୍‌କୁ ପୁଲିସ ଜବତ କରିଛି।

**● ଉଦୟପୁର ବେଳାଭୂମିରେ ଓଡ଼ିଶା-ପଶ୍ଚିମବଙ୍ଗ ପୁଲିସର ମିଳିତ ଚଢ଼ଉ**

# ୫ ଲକ୍ଷ ଟଙ୍କାର ବିଦେଶୀ ମଦ ଜବତ, ୨ ଗିରଫ

ଚନ୍ଦନେଶ୍ୱର, ୩୦।୧୨(ସମିସ): ଓଡିଶା-ପଶ୍ଚିମବଙ୍ଗ ସୀମାନ୍ତ ବାଲେଶ୍ୱର ଜିଲ୍ଲା ଭୋଗରାଇ ମନୋରମ ଉଦୟପୁର ବେଳାଭୂମିରେ ଦୁଇ ରାଜ୍ୟ ପୁଲିସ ପକ୍ଷରୁ ମଙ୍ଗଳବାର ମିଳିତ ଚଢ଼ଉ କରାଯାଇଥିଲା। ଏଥିରେ ପୁଲିସକୁ ଆଶାନୁରୂପକ ସଫଳତା ମିଳିଛି। ପୁଲିସକୁ ଚକମା ଦେଇ ଖସି ଯାଉଥିବା ଅସାଧୁ ବ୍ୟବସାୟୀମାନଙ୍କୁ ଶକ୍ତ ଝଟକା ଲାଗିଛି। ଏହି ଚଢ଼ଉରେ ପ୍ରାୟ ୫ଲକ୍ଷ ଟଙ୍କାର ପଶ୍ଚିମବଙ୍ଗ ମାର୍କା ବିଦେଶୀ ମଦ ଜବତ ହୋଇଥିବା ତାଳସାରୀ ସାମୁଦ୍ରିକ ଥାନା ଅଧିକାରୀ ଶ୍ରବଣ କୁମାର ମହାରଣା ସୂଚନା ଦେଇଛନ୍ତି। ଏଥିସହ ଉଭୟ ରାଜ୍ୟର ୨ଜଣ ବେପାରୀଙ୍କୁ ମଧ୍ୟ ଗିରଫ କରାଯାଇଛି। ଏନେଇ ପଶ୍ଚିମବଙ୍ଗର ଦୀଘା ଥାନାରେ ମାମଲା ରୁଜୁ ହୋଇଛି। ତାଳସାରୀ ସାମୁଦ୍ରିକ ଥାନାରେ ଶ୍ରୀ ମହାରଣା ଯୋଗଦେବା ପରଠାରୁ ଅସାମାଜିକ ମାଫିଆଙ୍କ ଆଖିରୁ ନିଦ ହଜି ଯାଇଛି। ଉଦୟପୁର ବେଳାଭୂମିରୁ



**କୁମ୍ଭକର୍ଣ୍ଣ ନିଦ୍ରାରେ ଅବକାରୀ ବିଭାଗ**

ବେଆଇନ ନିଶା ବେପାରକୁ ବନ୍ଦ କରିବା ପାଇଁ ବାରମ୍ବାର ଚଢ଼ଉ କରି ଯାଉଥିଲେ ମଧ୍ୟ ସେମାନେ ପଶ୍ଚିମବଙ୍ଗ ପଟକୁ ଦୌଡି ପଳାଇ ଖସି ଯାଉଥିଲେ। ମଙ୍ଗଳବାର ବେଳାଭୂମିରେ ଗହଳି ଆରମ୍ଭ ହେବା ସହିତ ପଶ୍ଚିମବଙ୍ଗ ପଟେ ବ୍ୟବସାୟ କରୁଥିବା ବ୍ୟବସାୟୀମାନେ କାରବାର ଆରମ୍ଭ କରୁଥିଲେ। ସାଧା ବେଶରେ ଥାନା ଅଧିକାରୀ ଶ୍ରୀ ମହାରଣା ଯାଇ ପ୍ରଥମେ ୨ଜଣଙ୍କୁ କାବୁ କରି ଦୀଘା ଥାନାକୁ ଖବର ଦେଇଥିଲେ। ସେମାନେ ପହଞ୍ଚିବାରେ ବିଳମ୍ବ କରିବାରୁ ବାଲେଶ୍ୱର ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କୁ ଅବଗତ କରିଥିଲେ। ପରେ ଦୀଘା ଥାନାରୁ ପୁଲିସ ପହଂଚି ଚୋରା ମଦକୁ ଜବତ କରିଥିଲେ। ଏଥିରେ ପ୍ରାୟ ୯ଟି ବଡ ଫ୍ରିଜରେ ଭର୍ତ୍ତି ଥିବା ବିଅର ସହ ୨ଟି କେବିନରେ ଥିବା ବିଦେଶୀ ମାର୍କା ମଦକୁ ଜବତ କରି ୨ଟି ପିକଅପରେ ଦୀଘା ଥାନାକୁ ନେଇଥିଲେ। ତାଳସାରୀ ମେରାଇନ ଓ ବଙ୍ଗ ପୁଲିସର ମିଳିତ ଚଢ଼ାଉ କରାଯାଇ ଉଭୟ ରାଜ୍ୟର ପୁଲିସକୁ ବଡ଼ ସଫଳତା ମିଳିଛି। ଭୋଗରାଇ ବ୍ଲକର ଉଦୟପୁର ଓ ପଶ୍ଚିମବଙ୍ଗର ଦୀଘା ବେଳାଭୂମିରେ ଉଭୟ ରାଜ୍ୟର ପୋଲିସ ପକ୍ଷରୁ ବଡ଼ ଧରଣର ରେଡ କରାଯାଇ ୫ ଲକ୍ଷ ଟଙ୍କାର ଚୋରା ମଦ ଜବତ ହେବା ସହ ଦୁଇ ଗିରଫ ହୋଇଛନ୍ତି। ନୂଆ ବର୍ଷ ପୂର୍ବରୁ ପୁଲିସ ବିଭାଗକୁ ବଡ଼ ସଫଳତା ମିଳିଛି। ଚିର ନିଦ୍ରାରେ ଅବକାରୀ ବିଭାଗ ଶୋଇଥିବାବେଳେ ଲକ୍ଷାଧିକ ଟଙ୍କାର ମଦ ଜବତ କରିଛି ଉଭୟ ଓଡିଶା ଓ ପଶ୍ଚିମବଙ୍ଗ ପୁଲିସ। ଯୁଆଡେ ଦେଖିବେ ସିଆଡେ ମଦ ଖାଲି ମଦ ହିଁ ମଦ। ନୂଆ ବର୍ଷ ପାଇଁ ପ୍ରତି ଫ୍ରିଜରେ ଥାକ ଥାକ ହୋଇ ରହିଛି ମଦ। ଓଡ଼ିଶାର ଉଦୟପୁର ବେଳାଭୂମିରେ ପର୍ଯ୍ୟଟକଙ୍କୁ ମଦ ଯୋଗାଇବା ପାଇଁ ଦୀଘା ସୀମାରେ ଏବେଠୁ ଷ୍ଟକ ହେଲାଣି ମଦ। ଅବକାରୀ ନୁହେଁ ବରଂ ପୁଲିସ ଟିମ ମାଡ଼ି ବସିଛି। ଏଥିରେ ସାହାବାଜିପୁର ଗାଁର ପ୍ରଦୀପ ପଟ୍ଟାୟତ(୪୦) ଏବଂ ପଶ୍ଚିମବଙ୍ଗର ବଂଟି ବେହେରାକୁ ଗିରଫ କରି ଦୀଘା ଥାନାକୁ ନେଇଥିବା ଜଣା ପଡିଛି।

## ଅସହାୟଙ୍କୁ ଶୀତବସ୍ତ୍ର ବଣ୍ଟନ



ଖଇରା, ୩୦।୧୨ (ସମିସ): ଖଇରା ବ୍ଲକ ସାରଡାଙ୍ଗ ଠାରେ ଗଢି ଉଠିଥିବା ଶ୍ରୀ ଜଗନ୍ନାଥ ସେବା ସଂଗଠନ ପକ୍ଷରୁ ୫୨ ଜଣ ଅସହାୟ, ନିରାଶ୍ରୟ ବୃଦ୍ଧବୃଦ୍ଧାଙ୍କୁ କମ୍ବଳ ବଣ୍ଟନ କାର୍ଯ୍ୟକ୍ରମ ସାରଡାଙ୍ଗ ଦୁର୍ଗାମଣ୍ଡପଠାରେ ଆୟୋଜିତ ହୋଇଥିଲା। ଅନୁଷ୍ଠାନର ମୁଖ୍ୟ ପରିଚାଳକ ଅନିରୁଦ୍ଧ ପଣ୍ଡାଙ୍କ ନେତୃତ୍ୱରେ ଏହି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କାର୍ଯ୍ୟକ୍ରମକୁ ଅନିରୁଦ୍ଧ ପଣ୍ଡା ପରିଚାଳନା କରିଥିବାବେଳେ ଅତିଥି ଭାବେ ବରିଷ୍ଠ ଶିକ୍ଷକ ନରେନ୍ଦ୍ର ପଣ୍ଡା, ଅବସରପ୍ରାପ୍ତ କର୍ମଚାରୀ ଦିବାକର ବେହେରା, ରଘୁନାଥ ଘଡେଇ, ସମାଜସେବୀ ବୁଲୁ ଲେଙ୍କା, ବୈକୁଣ୍ଠ ସେଠୀ, ଛାୟାକାନ୍ତ ମହାନ୍ତି ପ୍ରମୁଖ ଯୋଗଦେଇଥିବା ବେଳେ ଜ୍ୟୋତି କର, ସୁଦାମ କୁଣ୍ଡ, ନବକିଶୋର ପଣ୍ଡା, ମଧୁସୂଦନ କୁଣ୍ଡ, ଉପେନ୍ଦ୍ର ବାରିକ, ରଞ୍ଜନ ନାୟକ, ଉପେନ୍ଦ୍ର ସେଠୀ, ଦାଶରଥି ଉପାଧ୍ୟାୟ, ବାବୁଜି ବାରିକ, ଭଗବାନ ଜେନା, ନିରଞ୍ଜନ ପଣ୍ଡା ଓ ବିଶ୍ୱଭୂଷଣ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ଓୟୁଜେ ପକ୍ଷରୁ ଆଇନମନ୍ତ୍ରୀଙ୍କୁ ଦାବିପତ୍ର



ଖଇରା,୩୦।୧୨ (ସମିସ): ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଖଇରା ଗସ୍ତ ଅବସରରେ ଓଡିଶା ସାମ୍ବାଦିକ ୟୁନିଅନ ଜିଲା ଶାଖା ପକ୍ଷରୁ ୫ଦଫା ସମ୍ବଳିତ ଦାବିପତ୍ର ପ୍ରଦାନ କରାଯାଇଛି। ଏଥି ମଧ୍ୟରେ ସାମ୍ବାଦିକ ସୁରକ୍ଷା ଆଇନ ପ୍ରଣୟନ, ଅଧିସ୍ୱୀକୃତି କମିଟି ନିୟମିତ ଡକାଯିବା, ୬୦ବର୍ଷରୁ ଉର୍ଦ୍ଧ୍ୱ ସାମ୍ବାଦିକଙ୍କ ପାଇଁ ପେନସନ ବ୍ୟବସ୍ଥା, ସ୍ୱାସ୍ଥ୍ୟବୀମା ରାଶି ୫ଲକ୍ଷରୁ ୧୦ଲକ୍ଷକୁ ବୃଦ୍ଧି, ପ୍ରତି ଜିଲାର ସଦର ମହକୁମାରେ ସାମ୍ବାଦିକ ଭବନ ନିର୍ମାଣ ସମ୍ପର୍କିତ ଦାବି ଉଲ୍ଲେଖ କରାଯିବା ସହ ମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରାଯାଇଥିଲା। ମନ୍ତ୍ରୀ ଯଥାସମ୍ଭବ ଦାବି ପୂରଣ ପାଇଁ ପ୍ରତିଶୃତି ଦେଇଥିଲେ। ୟୁନିଅନର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଅନାମ ଚରଣ ପଣ୍ଡା, ଜିଲା ଉପସଭାପତି ଉତ୍କଳବନ୍ଧୁ ପଣ୍ଡା, ସମ୍ପାଦକ ତପୋଧନ ବାରିକ, ବ୍ଲକ ସଂଯୋଜକ ଉମେଶ କୁମାର ଜେନା, ବରିଷ୍ଠ ସଦସ୍ୟ କୈଳାସ ଚନ୍ଦ୍ର ଦାସ, ବଳରାମ ଲେଙ୍କା, ସଞ୍ଜୟ କୁମାର ବେହେରା, ଶମ୍ଭୁନାଥ ନାୟକ ଓ ସତ୍ୟଭାମା ପ୍ରଧାନ ପ୍ରମୁଖ ମନ୍ତ୍ରୀଙ୍କ ସହ ଆଲୋଚନାରେ ସାମିଲ ହୋଇଥିଲେ।

## କଷାଫଳ ବେଳାଭୂମି ମହୋତ୍ସବର ଚତୁର୍ଥ ସନ୍ଧ୍ୟା



କାଳିପଦା, ୩୦।୧୨ (ସମିସ): ବାବା ବାଲ ଗଣେଶ କ୍ଲବ ପକ୍ଷରୁ ପର୍ଯ୍ୟଟନ କେନ୍ଦ୍ର କଷାଫଳ ବେଳାଭୂମିରେ ଅନୁଷ୍ଠିତ କଷାଫଳ ବେଳାଭୂମି ମହୋତ୍ସବର ସୋମବାର ଥିଲା ଚତୁର୍ଥ ସନ୍ଧ୍ୟା। ଏହି ସାନ୍ଧ୍ୟ ଉତ୍ସବରେ ବସ୍ତା ବିଧାୟିକା ସୁବାସିନୀ ଜେନା ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ କଷାଫଳ ବେଳାଭୂମିର ବିକାଶ ପାଇଁ ସମସ୍ତେ ଆଗେଇ ଆସିବାକୁ ଆହ୍ୱାନ ଜଣାଇଥିଲେ। ବେଳାଭୂମିର ବିକାଶ ସହିତ ଲୋକଙ୍କ ବିକାଶ ଜଡିତ ବୋଲି ସେ ମଧ୍ୟ କହିଥିଲେ। ମୁଖ୍ୟବକ୍ତା ଭାବରେ ମାନସ ଦାସ ପଟ୍ଟନାୟକ ଯୋଗ ଦେଇ ମହୋତ୍ସବ ଦ୍ୱାରା ଅନାଲୋଚିତ ପ୍ରତିଭାମାନେ ଆଗକୁ ଆସି ପାରିବେ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବରେ ଇଂ ଅଭୟ ଦାସ, ପୂର୍ବତନ ସରପଞ୍ଚ ବିଜୟ ଭୂୟାଁ, କୋଅପରେଟିଭ ଡାଇରେକ୍ଟ ବୋର୍ଡ ସଦସ୍ୟା ଅନିତା ଭୂୟାଁ, ପୂର୍ବତନ ସରପଞ୍ଚ ଶିବାନନ୍ଦ ପାତ୍ର ପ୍ରମୁଖ ଯୋଗ ଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଦିଲ୍ଲୀପ ପାତ୍ର ସଭା ପରିଚାଳନା କରିଥିଲେ।

## ଜଲେଶ୍ୱର ସୀମାନ୍ତ ଗ୍ରାମୀଣ ମହୋତ୍ସବର ନବମ ସନ୍ଧ୍ୟା



ଜଲେଶ୍ୱର, ୩୦।୧୨(ସମିସ): ଜଲେଶ୍ୱର ନୂଆବଜାର ତାରିଣୀ ଛକ ସନ୍ନିକଟ ମହୋତ୍ସବ ପଡିଆରେ ଗତ ୨୧ ତାରିଖରୁ ଆରମ୍ଭ ହୋଇଥିବା ଜଲେଶ୍ୱର ସୀମାନ୍ତ ଗ୍ରାମୀଣ ମହୋତ୍ସବ ଓ ଉତ୍କଳ ବଙ୍ଗ ମୈତ୍ରୀ ଉତ୍ସବର ନବମ ସନ୍ଧ୍ୟା କାର୍ଯ୍ୟକ୍ରମରେ ମହୋତ୍ସବର ସାଧାରଣ ସମ୍ପାଦକ ମନୋରଞ୍ଜନ ଦାସ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ବାଗ୍ୟସ୍ୱରି ସଂସ୍କୃତ ମହା ବିଦ୍ୟାଳୟର ଅଧ୍ୟକ୍ଷ ଡ. ବିବେକାନନ୍ଦ ସାହୁ, ମୁଖ୍ୟବକ୍ତା ଯୁଗ୍ମ ପ୍ରକଳ୍ପ ସଂଯୋଜକ ଜାତୀୟ ରାଜ ପଥ ପ୍ରାଧିକରଣ ସଞ୍ଜୟ ସୁନ୍ଦର ଘଟକ, ବରେଣ୍ୟ ଅତିଥି ଯୁବନେତା ସିମନଦାସ ମହାପାତ୍ର ପ୍ରମୁଖ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିଥିଲେ। ଅଶୋକ ଦାସ ମଞ୍ଚ ଆହ୍ୱାନ ସହ ଅତିଥି ମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଘନଶ୍ୟାମ ଗିରି ଧନ୍ୟବାଦ ଅର୍ପଣ କରିଥିଲେ। ଟାଟା ପାୱାର ନିର୍ବାହୀ ଯନ୍ତ୍ରୀ ରତିରଞ୍ଜନ ରାଉତ ଓ ସହକାରୀ ଯନ୍ତ୍ରୀ ବିଦ୍ୟାଧର ପଣ୍ଡାଙ୍କୁ ସମ୍ବର୍ଦ୍ଧନା କରାଯାଇଥିଲା।

## ଏସ୍‌ଏଫ୍‌ଆଇର ପ୍ରତିଷ୍ଠା ଦିବସ

ଜଲେଶ୍ୱର, ୩୦ ।୧୨(ସମିସ) : ଦୀନକୃଷ୍ଣ ମହାବିଦ୍ୟାଳୟରେ ଥିବା ଛାତ୍ରସଂଗଠନ ଏସ୍.ଏଫ.ଆଇ.ର ପ୍ରତିଷ୍ଠା ଦିବସ ଆଜି ପାଳନ କରାଯାଇଛି। ଶାଖା ସଭାପତି ଅଚ୍ୟୁତାନନ୍ଦ ଜେନା ସଂଗଠନର ପତାକା ଉତ୍ତୋଳନ କରି ସ୍ୱାଧୀନତା, ଗଣତନ୍ତ୍ର, ସମାଜବାଦର ବିଶେଷତ୍ୱ ଉପରେ ବକ୍ତବ୍ୟ ରଖିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛାତ୍ରନେତା ତଥା ଜିଲ୍ଲା ସଭାପତି ସୌରଭ ସାହୁ, ଦୀପକ ପାତ୍ର, ହାସନ ପ୍ରମାଣିକ, ସୁବ୍ରତ ପାତ୍ର, ଆରାଧନା ସାହୁ, ଆଶିଷ ବାରିକ, ମିଟୁ ପୋଲାଇ, ସାଗର ପାତ୍ର, ଖୁସୀ ଦାସ ପ୍ରମୁଖ ଅଂଶ ଗ୍ରହଣ କରି ବକ୍ତବ୍ୟ ରଖିଥିଲେ। ପୂର୍ବତନ ଛାତ୍ରନେତା ଦୀପ୍ତିମାନ ଆଚାର୍ଯ୍ୟ ଆଗାମୀ ୪ତାରିଖରେ ହେବାକୁ ଥିବା ଆଲୋଚନାଚକ୍ରରେ ଅଂଶଗ୍ରହଣ କରିବାକୁ ଛାତ୍ରଛାତ୍ରୀମାନଙ୍କୁ ଆହ୍ୱାନ ଦେଇଥିବାବେଳେ ଶ୍ରମିକ ନେତା ତଥା ଅଭିଭାବକ ପଲଟୁ ଦାସ ଧନ୍ୟବାଦ୍ ଅର୍ପଣ କରିଥିଲେ।

## ଶ୍ରଦ୍ଧାଞ୍ଜଳି ସଭା

କାଳିପଦା, ୩୦।୧୨ (ସମିସ): ବାଲିଆପାଳ ବ୍ଲକ ଶୁଙ୍ଗମୁହଁ ଗ୍ରାମର ବ୍ରଜ ମୋହନ ସୀଙ୍କ ଧର୍ମପତ୍ନୀ ଯମୁନା ରାଣୀ ସୀଙ୍କ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇ ଯାଇଛି। ଅଧ୍ୟାପକ ସୁକାନ୍ତ କୁମାର ଗିରିଙ୍କ ପରିଚାଳନାରେ ଅନୁଷ୍ଠିତ ଏହି ସଭାରେ ଯମୁନା ରାଣୀଙ୍କ ବଡ଼ ପୁଅ ପ୍ରାକ୍ତନ ଅଧ୍ୟକ୍ଷ କାର୍ତ୍ତିକ ଚନ୍ଦ୍ର ସୀ ମା'ଙ୍କ ତ୍ୟାଗପୂତ ଜୀବନ ସମ୍ପର୍କରେ ସୂଚନା ପ୍ରଦାନ କଲାପରେ ଅଧ୍ୟାପକ ଗଣେଶ ଚନ୍ଦ୍ର ସୀ, ମଧୁସୂଦନ ମହାପାତ୍ର, ରଜତ କୁମାର ମହାପାତ୍ର, ମୀନ କେତନ ସୀ, ଅଞ୍ଜଳି ମହାପାତ୍ର, ତନ୍ମୟ ସୀ, ପ୍ରଣବ କାନ୍ତି ଦତ୍ତ, ଅଞ୍ଜନା ରାଣୀ ସୀ, ଅଶୋକ ଦତ୍ତ, ଅରୁଣ ଦତ୍ତ, ମନୋଜ ଜେନା, ମଧୁସ୍ମିତା ସାହୁ, ଚିନ୍ମୟକୁମାର ସୀ, ସୁରେଶ ଚନ୍ଦ୍ର ସୀ ପ୍ରମୁଖ ଯମୁନା ରାଣୀଙ୍କ ସ୍ମୃତି ଚାରଣ କରିବା ସହିତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ।

## ସ୍ୱାମୀ ସନ୍ତାନ ହରା ମାଳତୀ ନାୟକଙ୍କୁ ସହାୟତା

ଖଇରା,୩୦ ।୧୨ (ସମିସ): ବାଲେଶ୍ୱର ଜିଲା ଖଇରା ବ୍ଲକ କରୁଣ୍ଡା ପଞ୍ଚାୟତ ଅଧୀନ ବାଗଡିଆ ଗ୍ରାମର ସ୍ୱାମୀ ସନ୍ତାନକୁ ହରାଇ ଦୁଃଖରେ କାଳାତିପାତ କରୁଥିବା ଅସହାୟ ମହିଳା ମାଳତୀ ନାୟକଙ୍କୁ ସହାୟତାର ହାତ ବଢାଇଛନ୍ତି ନନ୍ଦୁର ଗାଁର ଚଣ୍ଡୀମାତା ସେବା ସଙ୍ଗଠନର ସଦସ୍ୟଗଣ। ସଙ୍ଗଠନର ଅଧ୍ୟକ୍ଷ ହିମାଂଶୁ ନାୟକଙ୍କ ନେତୃତ୍ୱରେ ସଦସ୍ୟମାନେ ମାଳତୀଙ୍କୁ ଭେଟି ଆଶ୍ୱାସନା ଦେବା ସହ ଆର୍ଥିକ ସହାୟତା ପ୍ରଦାନ କରିଛନ୍ତି। କିଛି ବର୍ଷ ତଳେ ଏକମାତ୍ର ପୁଅ ମୃତ୍ୟୁ ବରଣ କରିଥିବା ବେଳେ ନିକଟରେ ସ୍ୱାମୀ ସୁଦର୍ଶନ ମହାପାତ୍ରଙ୍କ ଦେହାନ୍ତ ହୋଇ ଯାଇଛି।

# ବାସନ୍ତୀପଡିଆ - ଅନୁକୂଳ ମନ୍ଦିର ରାସ୍ତା ପ୍ରଶସ୍ତିକରଣ କାମ ନିମ୍ନମାନର

ଜଲେଶ୍ୱର, ୩୦।୧୨ (ସମିସ)

ଜଲେଶ୍ୱରଠାରୁ ପଶ୍ଚିମବଂଗର ସୀମା ସୁନାକଣିଆ ଯିବାଲାଗି ରାସ୍ତାର ବାସନ୍ତୀପଡିଆଠାରୁ ଅନୁକୂଳ ମନ୍ଦିର ପର୍ଯ୍ୟନ୍ତ ୨ କି.ମିରୁ ଅଧିକ ରାସ୍ତାର ପ୍ରଶସ୍ତିକରଣ କାର୍ଯ୍ୟ ଏବେ ଚାଲୁଅଛି। ଦୀର୍ଘ ୫ବର୍ଷରୁ ଉଦ୍ଧ୍ୱର୍ ସମୟ ଧରି ଏହି କାର୍ଯ୍ୟ ଚାଲୁଥିବାବେଳେ ଏଥିଲାଗି ୪ କୋଟିରୁ ଅଧିକ ଅର୍ଥ ବ୍ୟୟବରାଦ ହୋଇଛି। ଏହି କାର୍ଯ୍ୟର କିଛି ଅଂଶ କରି ଠିକାଦାର ୧.୫କୋଟି ଅର୍ଥ ଉଠାଇନେଇ ଛାଡି ଚାଲିଗଲାପରେ ଦୀର୍ଘ ମାସ ଧରି କାର୍ଯଟି ଅସଂପୂର୍ଣ୍ଣଭାବେ ପଡି ରହିଥିଲା। ଏବେ ଅନ୍ୟଜଣେ ଠିକାଦାର ଏହି କାର୍ଯ୍ୟର ବାକି ଅଂଶ ପୂର୍ଣ୍ଣାଙ୍ଗ କରିବା ଲାଗି ଚୁକ୍ତି କରିଥିବା ବେଳେ କାର୍ଯ୍ୟର ମାନ ନେଇ ସ୍ଥାନୀୟ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏ ସଂପର୍କରେ ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ଅବଗତ କରିଥିବା ବେଳେ ନିମ୍ନମାନର ପିଚୁ କାର୍ଯ୍ୟ ଯୋଗୁଁ କେତେକ ସ୍ଥାନରେ ଉଠିଯାଉଥିବା ସଂପର୍କରେ ପ୍ରଭାସ ଚନ୍ଦ୍ର ସାହୁ, ରାକେଶ କୁମାର ବାରିକ, ତପନ କୁମାର ମହାନ୍ତି, ଶୁଭମ୍ ମିଶ୍ର, ପ୍ରକାଶ ପଣ୍ଡା, କାର୍ତିକ ବ୍ରହ୍ମ, ଆଲୋକ କୁମାର ଡଗର, ସୌଭାଗ୍ୟ ରଂଜନ ପାଳ, ସତ୍ୟରଂଜନ ମହାନ୍ତି, ଦୀପକ କୁମାର ଜେନା ପ୍ରମୁଖ ବହୁ ଲୋକ କହିଛନ୍ତି। ସରକାରଙ୍କ ନିୟମ ଅନୁଯାୟୀ କାର୍ଯ୍ୟହେଉଥିବା ରାସ୍ତାରେ କୌଣସି ଫଳକ ନ ଥିବା, ପିଚୁ ଡବ୍ଲୁ.ଏମ୍. ଏମ୍ ପ୍ଲା ରେ ତିଆରୀ ନ ହୋଇ ସାଧାରଣ ଭାବେ ଗୋଳାଇ ରାସ୍ତାରେ ପଡୁଥିବା, ପୂର୍ତ୍ତ ବିଭାଗର ଯନ୍ତ୍ରୀଙ୍କ ଅନୁପସ୍ଥିତିରେ କାର୍ଯ୍ୟ ଚାଲୁଥିବା, ରାସ୍ତାର ଦୁଇପାର୍ଶ୍ୱକୁ



**ଅଞ୍ଚଳବାସୀଙ୍କ ଅଭିଯୋଗ**

ପ୍ରଶସ୍ତିକରଣ ବେଳେ ବାହାରୁଥିବା ମାଟିକୁ ଠିକାଦାର ବାହାରେ ବିକ୍ରି କରୁଥିବା, କାର୍ଯ୍ୟଶେଷର ଅବଧି ଲେଖା ନ ଯିବା ଇତ୍ୟାଦି ଅଭିଯୋଗ ହୋଇଛି। କାର୍ଯ୍ୟ ଚାଲୁଥିବା ବେଳେ ପିଚୁ ଉଠିଯାଉଥିବାରୁ ନିମ୍ନମାନର କାର୍ଯ୍ୟର ସ୍ଥାୟୀତ୍ୱ ନେଇ ସାଧାରଣ ଲୋକେ ପ୍ରଶ୍ନ ଉଠାଇଛନ୍ତି। ଏ ସଂପର୍କରେ ବିଭାଗୀୟ ଯନ୍ତ୍ରୀଙ୍କ ସହ ଯୋଗାଯୋଗ କରାଯାଇଥିବା ବେଳେ ଫୋନ୍ ଉଠାଇନଥିଲେ କିମ୍ବା କାର୍ଯ୍ୟ ହେଉଥିବା ସ୍ଥାନରେ ଉପସ୍ଥିତ ନ ଥିଲେ। ଏସ୍‌ଡିଓଙ୍କୁ ପଚାରିବାରୁ ଅଭିଯୋଗ ସଂପର୍କରେ ସେ ଅନୁଧ୍ୟାନ କରିବେ ବୋଲି କହିଥିଲେ।

# କ୍ରୀଡ଼ା

ସକାଳ THE SAKALA
www.sakalaepaper.com

■ ନ୍ୟୁଜିଲାଣ୍ଡ ଦିନିକିଆ ସିରିଜ୍‌ରୁ ବାଦ୍

## ଅଧିକ ଓଜନ ହରାଇବା ଆୟରଙ୍କ ଫେରିବାରେ ସାଜିଲା ପ୍ରତିବନ୍ଧକ



ବେଙ୍ଗାଲୁରୁ,୩୦।୧୨(ଏଜେନ୍ସି): ଫିଟନେସ ଲାଗି ଓଜନ ହରାଇବା ଜରୁରୀ। କିନ୍ତୁ ଅଧିକ ଓଜନ ହରାଇବା ଯେ କ୍ଷତିକାରକ ତାହା ଶ୍ରେୟସ ଆୟରଙ୍କ ଘଟଣାରୁ ସ୍ପଷ୍ଟ ହୋଇଛି। ଆଘାତ ପାଇବା ପରେ ଫିଟ୍ ହେବାକୁ ସଂଘର୍ଷ କରୁଥିବା ଆୟରଙ୍କ ଓଜନ ଏବେ ଅଧିକ କମିଯାଇଛି। ଯାହା ଫଳରେ ଫିଟ୍ ହୋଇଥିଲେ ମଧ୍ୟ ତାଙ୍କୁ ପ୍ରତିଯୋଗିତାମୂଳକ କ୍ରିକେଟ ଖେଳିବାକୁ ଅନୁମତି ଦେଇ ନାହାନ୍ତି ବିସିସିଆଇ ମେଡିକାଲ ଟିମ୍। ଯାହା ଫଳରେ ଏବେ ଚାଲିଥିବା ଘରୋଇ ଦିନିକିଆ କ୍ରିକେଟ ବିଜୟ ହଜାରେ ଟ୍ରଫି ଓ ଜାନୁଆରୀ ୧୧ରୁ ନ୍ୟୁଜିଲାଣ୍ଡ ସହ ଆରମ୍ଭ ହେବାକୁ ଯାଉଥିବା ୩ ମ୍ୟାଚ୍ ବିଶିଷ୍ଟ ଦିନିକିଆ ସିରିଜ୍‌ରେ ତାଙ୍କ ନାମ ବିଚାରକୁ ନିଆଯିବ ନାହିଁ। ଏବେ ସେ ବେଙ୍ଗାଲୁରୁର ସେଣ୍ଟର ଅଫ୍ ଏକ୍ସିଲେନ୍ସରେ ଫିଟ୍‌ନେସ ଫେରିପାଇବା ଲାଗି ଚିକିତ୍ସିତ ହେଉଛନ୍ତି ଓ ଅତିକମ୍‌ରେ ଆଉ ଏକ ସପ୍ତାହ ଏଠାରେ ରହିବେ ବୋଲି ଜଣାଯାଇଛି। ଆୟରଙ୍କ ଓଜନ ୬ କେଜି କମିଛି, ଯାହା ଫଳରେ ତାଙ୍କ ମାଂସପେସୀ ଠିକ୍ ଭାବେ କାମକରୁନାହିଁ। ମେଡିକାଲ ଟିମ୍‌ର ଆଶା ଆଉ ଏକ ସପ୍ତାହ ଟ୍ରେନିଂ କଲାପରେ ଆୟର ଫିଟ୍ ହୋଇଯିବେ।

## ଆଇସିସି ଟି-୨୦ ମାନ୍ୟତାରେ ଶେଫାଳିଙ୍କ ଉନ୍ନତି




ଦୁବାଇ,୩୦।୧୨(ଏଜେନ୍ସି): ଆଇସିସି ପକ୍ଷରୁ ପ୍ରକାଶିତ ସର୍ବଶେଷ ମାନ୍ୟତାରେ ଭାରତୀୟ ମହିଳା କ୍ରିକେଟରଙ୍କ ମାନ୍ୟତାରେ ଉଲ୍ଲେଖନୀୟ ଅଗ୍ରଗତି ଘଟିଛି। ଏହା ମଧ୍ୟରେ ଓପନର ଶେଫାଳି ବର୍ମା ସବୁଠାରୁ ଅଧିକ ଲାଭବାନ ହୋଇଛନ୍ତି। ଦିନିକିଆ ବିଶ୍ୱକପ୍ ଫାଇନାଲରେ ୮୦ ରନ୍ କରି ଭାରତକୁ ଚାମ୍ପିଅନ କରାଇବା ପରେ ଶ୍ରୀଲଙ୍କା ବିପକ୍ଷ ସିରିଜ୍‌ରେ ଶେଫାଳି ୩ଟି ଚମତ୍କାର ଇନିଂସ ଖେଳି ଟି-୨୦ ମାନ୍ୟତାରେ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଏକଦା ନଂ-୧ ସ୍ଥାନରେ ଥିବା ଏହି ୨୧ ବର୍ଷୀୟ ଓପନର ଶ୍ରୀଲଙ୍କା ବିପକ୍ଷରେ ୪୨ ବଲ୍‌ରୁ ୬୯, ୪୬ ବଲରୁ ୬୯ ଓ ୩୪ ବଲ୍‌ରୁ ଅପରାଜିତ ୬୯ ରନ୍ କରି ଭାରତର ସିରିଜ୍ ବିଜୟରେ ମୁଖ୍ୟ ଭୂମିକା ଗ୍ରହଣ କରିଛନ୍ତି। ଏହି ସିରିଜ୍‌ରେ ସଂଘର୍ଷ କରିବା ପରେ ଚତୁର୍ଥ ଟି-୨୦ରେ ୮୦ ରନ୍ କରିଥିବା ଭାରତୀୟ ଉପଅଧିନାୟିକା ହରମନପ୍ରୀତ୍ କୌର ପୂର୍ବପରି ତୃତୀୟ ସ୍ଥାନ ବଜାୟ ରଖିଛନ୍ତି। କିନ୍ତୁ ଜେମିମା ରୋଡ୍ରିଗ୍ସେଜ୍‌ଙ୍କର ଗୋଟିଏ ସ୍ଥାନରେ ଅବନତି ହୋଇ ୧୦ମ ସ୍ଥାନରେ ପହଞ୍ଚିଛନ୍ତି। ବୋଲିଂରେ ଭାରତୀୟ ଅଲରାଉଣ୍ଡର ଦୀପ୍ତି ଶର୍ମା ପୂର୍ବପରି ନଂ-୧ ସ୍ଥାନ ବଜାୟ ରଖିଛନ୍ତି। ମିଡିୟମ୍ ପେସ୍ ବୋଲର ରେଣୁକା ସିଂ ଯୁଗ୍ମ ୬ଷ୍ଠ ସ୍ଥାନକୁ ଉନ୍ନୀତ ହୋଇଛନ୍ତି। ଦୁଇ ଯୁବ ସ୍ପିନର ଶ୍ରୀ ଚରଣି ୫୨ତମ ଓ ଡେବ୍ୟୁଟାଣ୍ଟ ବୈଷ୍ଣବୀ ଶର୍ମା ୧୨୪ତମ ସ୍ଥାନକୁ ଉନ୍ନୀତ ହୋଇଛନ୍ତି।

### ଶ୍ରୀଲଙ୍କା ବିପକ୍ଷ ପଞ୍ଚମ ଟି-୨୦ ମୁକାବିଲା

# ଭାରତର ସମ୍ମାନ ରଖିଲେ ହରମନ୍‌ପ୍ରୀତ

ତିରୁଅନନ୍ତପୁରମ,୩୦।୧୨(ଏଜେନ୍ସି)

ଅଧିନାୟିକା ହରମନପ୍ରୀତ୍ କୌରଙ୍କ ଉପଯୋଗୀ ଅର୍ଦ୍ଧଶତକ ବଳରେ ଏଠାରେ ମଙ୍ଗଳବାର ଅନୁଷ୍ଠିତ ଶ୍ରୀଲଙ୍କା ବିପକ୍ଷ ପଞ୍ଚମ ତଥା ଶେଷ ଟି-୨୦ ମୁକାବିଲାରେ ଭାରତର ସମ୍ମାନ ରକ୍ଷା ହୋଇଯାଇଛି। ଏହି ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିବା ଭାରତ ୭୭ ରନ୍‌ରେ ୫ ୱିକେଟରେ ହରାଇ ବିପଦରେ ପଡ଼ିଥିଲା। ଏହି ସମୟରେ ହରମନପ୍ରୀତ୍ ଦମ୍‌ର ସହ ଖେଳି ୬୮ ରନ୍ କରିବା ଫଳରେ ଭାରତ ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୭୫ ରନ୍ କରିବାକୁ ସମର୍ଥ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ ଦୁଇ ପେସ୍ ବୋଲର ଅରୁନ୍ଧତି ରେଡ୍ଡୀ ୧୧ ବଲ୍‌ରୁ ଅପରାଜିତ ୨୭ ଓ ଅମନଜୋତ୍ କୌର ୧୮ ବଲ୍‌ରେ ୨୧ ରନ୍ କରି ଉପଯୋଗୀ ସହାୟତା ଦେଇଥିଲେ। ଶ୍ରୀଲଙ୍କାର ଅଧିନାୟିକା ଚାମରି ଆଟାପାଟ୍ଟୁ, ରଶ୍ମିକା ସେୱାଣ୍ଡି ଓ କାଭିସ୍ ଦିଲହରୀ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ। ୧୭୬ ରନ୍‌ର ଟାର୍ଗେଟକୁ ପିଛା କରି ଶ୍ରୀଲଙ୍କା ୨ ଓଭରରେ କୌଣସି ୱିକେଟ ନ ହରାଇ ୧୦ ରନ୍ ସଂଗ୍ରହ କରିନେଇଛି। ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍‌ର ପ୍ରଥମ ୪ଟି ମ୍ୟାଚ୍ ଜିତି ଭାରତ ୪-୦ରେ ଆଗୁଆ ଥିଲାବେଳେ କ୍ଲିନ୍ ସୁଇପ୍ କରିବା ଲକ୍ଷ୍ୟରେ ରହିଛି।




ଏହି ସିରିଜ୍‌ରେ ଭାରତ କ୍ରମାଗତ ଦ୍ୱିତୀୟ ମ୍ୟାଚ୍‌ରେ ଟସ୍ ହାରି ପ୍ରଥମେ ବ୍ୟାଟିଂ କରିଥିଲା। ଦଳ ଦୁଇଜଣ ତାରକା ଖେଳାଳି ସ୍ମୃତି ମନ୍ଧାନା ଓ ରେଣୁକା ସିଂଙ୍କୁ ଏହି ମ୍ୟାଚ୍‌ରୁ ବାଦ୍ ଦେଇଥିଲା। ଦଳର ଅନ୍ୟତମ ସଫଳ ଓପନର ଶେଫାଳି ବର୍ମା ୫, ଡେବ୍ୟୁଟାଣ୍ଟ ଗୁନ୍‌ଲାନ କମଳିନୀ ୧୨, ହର୍ଲିନ ଦେଓଲ ୧୩, ୱିକେଟରକ୍ଷକ ତଥା ବିସ୍ଫୋରକ ବ୍ୟାଟର ରିଚା ଘୋଷ ୫ ଓ ଅଲରାଉଣ୍ଡର ଦୀପ୍ତି ଶର୍ମା ୭ ରନ୍‌ରେ ଆଉଟ ହୋଇଥିଲେ। ଫଳରେ ଭାରତ ୧୦.୪ ଓଭରରେ ୭୭ ରନ୍ କରିଥିଲାବେଳେ ଅଧା ବା ୫ ୱିକେଟ ହରାଇଥିଲା। ଏହି ସମୟରେ ହରମନପ୍ରୀତ୍‌ଙ୍କ ସହ ଅମନଜୋତ କୌର ୬ଷ୍ଠ ୱିକେଟରୁ ୩୭ ବଲ୍‌ରେ ୬୧ ରନ୍ ଉଠାଇ ଭାରତର ସମ୍ମାନ ରଖିଥିଲେ। କିନ୍ତୁ ବଡ଼ ସ୍କୋର କରିବା ପୂର୍ବରୁ ହରମନପ୍ରୀତ୍ ୪୩ ବଲ୍‌ରୁ ୯ ଚୌକା ଓ ୧ଛକା ସହ ୬୮ ରନ୍ କରି ଆଉଟ ହୋଇଥିଲେ। ଅମନଜୋତ ୧୮ ବଲ୍‌ରୁ ୨୧ ରନ୍ ଯୋଗଦାନ କରିଥିଲେ। ୮ମ ୱିକେଟରେ ଅରୁନ୍ଧତି ରେଡ୍ଡୀ ଓ ସ୍ନେହ ରାଣା ୧୪ ବଲ୍‌ରୁ ୩୩ ରନ୍ ଉଠାଇବା ଫଳରେ ଦଳ ୭ ୱିକେଟରେ ୧୫୭ ରନ୍ କରି ଏକ ସମ୍ମାନଜନକ ସ୍କୋର କରିଥିଲା। ଅରୁନ୍ଧତି ମାତ୍ର ୧୧ ବଲ୍‌ରୁ ୪ ଚୌକା ଓ ୧ଛକା ସହ ୨୭ ଓ ସ୍ନେହ ୬ ବଲ୍‌ରୁ ୮ ରନ୍ କରି ଅପରାଜିତ ରହିଥିଲେ। ଶ୍ରୀଲଙ୍କା ପକ୍ଷରୁ ଏହି ମ୍ୟାଚ୍‌ରେ ଭଲ ବୋଲିଂ ପ୍ରଦର୍ଶନ କରାଯାଇଥିଲା। ଅଧିନାୟିକା ଚାମରି ଆଟାପାଟ୍ଟୁ, ରଶ୍ମିକା ସେୱାଣ୍ଡି ଓ କାଭିସ୍ ଦିଲହରୀ ୨ଟି ଲେଖାଏଁ ୱିକେଟ ଅକ୍ତିଆର କରିଥିଲେ।

## ସୂର୍ଯ୍ୟକୁମାର ମୋତେ ବାରମ୍ବାର ମେସେଜ୍ କରୁଥିଲେ: ଖୁସି ମୁଖାର୍ଜୀ






ମୁମ୍ବାଇ,୩୦।୧୨(ଏଜେନ୍ସି): ବଲିଉଡ୍ ନାୟିକା ଓ ମଡେଲ ଖୁସି ମୁଖାର୍ଜୀ ଆଜି କ୍ରିକେଟ ଖେଳାଳିଙ୍କୁ ନେଇ ଏକ ବିସ୍ଫୋରକ ତଥ୍ୟ ଗଣମାଧ୍ୟମ ଆଗରେ ରଖିଛନ୍ତି। ଏହା ମଧ୍ୟରେ ରହିଛି ଭାରତୀୟ ଦଳର ଟି-୨୦ ଅଧିନାୟକ ସୂର୍ଯ୍ୟକୁମାର ଯାଦବଙ୍କୁ ନେଇ ରୋଚକ ତଥ୍ୟ। ସୂର୍ଯ୍ୟକୁମାରଙ୍କ ସହ ତାଙ୍କର ବହୁ ପୁରୁଣା ସମ୍ପର୍କ ରହିଛି ଓ ସେ ମୋତେ ଆଗରୁ ବାରମ୍ବାର ମେସେଜ୍ କରନ୍ତି ବୋଲି ଖୁସି ଆଜି ଗଣମାଧ୍ୟମରେ କହିଛନ୍ତି। ଜଣେ କ୍ରିକେଟ ଖେଳାଳିଙ୍କ ସହ ଡେଟ୍ କରିବାକୁ ପସନ୍ଦ କରିବେ କି ବୋଲି ପ୍ରଶ୍ନର ଉତ୍ତରରେ ଖୁସି ଏହା କହିଥିଲେ। କେବଳ ସୂର୍ଯ୍ୟକୁମାର ନୁହଁନ୍ତି, ଅନେକ କ୍ରିକେଟର ମୋ ପଛରେ ପଡ଼ିଛନ୍ତି। କିନ୍ତୁ ମୁଁ କୌଣସି କ୍ରିକେଟରଙ୍କ ସହ ଜଡିତ ହେବାକୁ ଚାହିଁନାହିଁ। ସୂର୍ଯ୍ୟକୁମାରଙ୍କ ସହ ଏବେ ମୋର ବିଶେଷ ସମ୍ପର୍କ ନାହିଁ। ଏବେ ଆମେ ବେଶି କଥାବାର୍ତ୍ତା ହେଉନାହୁଁ। ମୁଁ ମଧ୍ୟ କୌଣସି କ୍ରିକେଟ ଖେଳାଳିଙ୍କ ସହ ଯୋଡି ହେବାକୁ ଚାହୁଁନାହିଁ ବୋଲି ଖୁସି କହିଛନ୍ତି। ଖୁସିଙ୍କ ଏହି ବିସ୍ଫୋରଣାତ୍ମକ ମନ୍ତବ୍ୟ ଉପରେ କୌଣସି ପ୍ରତିକ୍ରିୟା ରଖିନାହାନ୍ତି ସୂର୍ଯ୍ୟକୁମାର। ଭାରତୀୟ ଟି-୨୦ ଦଳର ଅଧିନାୟକ ସୂର୍ଯ୍ୟକୁମାର ଓ ତାଙ୍କ ପତ୍ନୀ ଦେବୀଶା ସେଟ୍ଟୀ ଏବେ ଆନ୍ଧ୍ରପ୍ରଦେଶର ତିରୁମାଲାସ୍ଥିତ ଭେଙ୍କଟେଶ୍ୱର ସ୍ୱାମୀ ମନ୍ଦିରୂ ପରିଦର୍ଶନ କରିଥିଲେ। ବୈକୁଣ୍ଠ ଏକାଦଶୀରେ ସେମାନେ ମନ୍ଦିରରେ ପୂଜାର୍ଚ୍ଚନା କରିବା ସହ ଆଶୀର୍ବାଦ ଭିକ୍ଷା କରିଥିଲେ। ସୂର୍ଯ୍ୟକୁମାର ଏବେ ଭଲ ଫର୍ମରେ ନାହାନ୍ତି। ନିକଟରେ ଶେଷ ହୋଇଥିବା ଦକ୍ଷିଣ ଆଫ୍ରିକା ବିପକ୍ଷ ଟି-୨୦ ସିରିଜ୍‌ରେ ସୂର୍ଯ୍ୟକୁମାରଙ୍କ ନେତୃତ୍ୱରେ ଭାରତ ୩-୧ରେ ବିଜୟୀ ହୋଇଥିଲା। ଏହା ପରେ ଆସନ୍ତାବର୍ଷ ଜାନୁଆରୀ ୧୧ରୁ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ସହ ୫ ମ୍ୟାଚ୍ ବିଶିଷ୍ଟ ଟି-୨୦ ସିରିଜ୍ ଓ ଏହା ପରେ ଫେବୃଆରୀ ୭ରୁ ଟି-୨୦ ବିଶ୍ୱକପ୍‌ରେ ନେତୃତ୍ୱ ନେବାକୁ ସୂର୍ଯ୍ୟକୁମାର ମନୋନୀତ ହୋଇଛନ୍ତି। ଖୁସିଙ୍କ ଏହି ବୋମା ସୂର୍ଯ୍ୟକୁମାରଙ୍କୁ କିପରି ଆଘାତ ଦେଉଛି ନା ଫର୍ମ ଫେରାଇବାରେ ସହାୟକ ହେବ ତାହା ଆସନ୍ତାଦିନରେ ଜଣାପଡ଼ିବ।

■ ବିଜୟ ମର୍ଚ୍ଚାଣ୍ଟ ଟ୍ରଫି

## ୩୦୫/୬ରେ ଓଡ଼ିଶାର ପାଳି ଘୋଷଣା

କଟକ,୩୦।୧୨(ସମିସ): ୧୬ ବର୍ଷରୁ କମ୍ ବାଳକ ବିଜୟ ମର୍ଚ୍ଚାଣ୍ଟ ଟ୍ରଫିର ୫ମ ପର୍ଯ୍ୟାୟ ଲିଗ୍ ମ୍ୟାଚ୍ ଜାରି ରହିଛି। ଗ୍ୱାଲିୟରର ଶ୍ରୀମନ୍ତ ମାଧବରାଓ ସିନ୍ଧିଆ କ୍ରିକେଟ ଷ୍ଟାଡିୟମରେ ଖେଳାଯାଉଥିବା ପଣ୍ଡିଚେରୀ ବିପକ୍ଷ ମ୍ୟାଚ୍‌ରେ ଓଡ଼ିଶା ୬ ୱିକେଟ ହରାଇ ୩୦୫ରନ କରିଥିବା ବେଳେ ଆଜି ପ୍ରଥମ ପାଳି ଘୋଷଣା କରିଛି। ଓପନର ମିଧାଂଶୁ ଦାସ ୧୩୬, ଅରୋବିନ୍ଦ ୫୬ରନ ଏବଂ ଓମପ୍ରକାଶ ୨୩ରନରେ ଆଉଟ ହେବା ପରେ ଦଳ ପାଳି ଘୋଷଣା ପାଇଁ ନିଷ୍ପତ୍ତି ନେଇଥିଲା। ଅନ୍ୟପଟେ ପଣ୍ଡିଚେରୀ ୪ ୱିକେଟ ବିନିମୟରେ ୧୮୬ରନ ସଂଗ୍ରହ କରି ଓଡ଼ିଶାକୁ ଜବାବ ଦେଇଛି। ଅଭୟ ସିଂହ(୭୦ରନ) ଏବଂ ଏସ୍ ପ୍ରନଶୁ(୬୭) ଉଭୟ ଅର୍ଦ୍ଧଶତକୀୟ ପାଳି ଖେଳିଛନ୍ତି। ଦଳ ୧୧୯ରନ ପଛୁଆ ଥିବା ବେଳେ ହାତରେ ୬ ୱିକେଟ ବଳକା ଥିବା ହେତୁ ପଣ୍ଡିଚେରୀ ଇନିଂସ ଅଗ୍ରଣୀ କରିବାର ସମ୍ଭାବନା ରହିଛି।

## ଜ୍ଞାନରଞ୍ଜନ ଦାସଙ୍କ ପରଲୋକ

କଟକ,୩୦।୧୨(ସମିସ): ପୂର୍ବତନ ଜାତୀୟ ଫୁଟବଲ ଖେଳାଳି ଜ୍ଞାନରଞ୍ଜନ ଦାସଙ୍କର ୬୩ବର୍ଷ ବୟସରେ ପରଲୋକ ଘଟିଛି। ଜ୍ଞାନରଞ୍ଜନ ଦୀର୍ଘବର୍ଷ ଧରି ସନ୍ତୋଷ ଟ୍ରଫିରେ ରାଜ୍ୟ ଦଳରୁ ପ୍ରତିନିଧିତ୍ୱ କରିଥିଲେ। ଏହାଛଡ଼ା ଓ୍ୱେଷ୍ଟର୍ଣ୍ଣ ମହାବୀର କ୍ଲବର ଖେଳାଳି ରହିବା ସହ କ୍ଲବର ପ୍ରଶିକ୍ଷକ ଦାୟିତ୍ୱ ମଧ୍ୟ ବହନ କରିଥିଲେ। ଜ୍ଞାନରଞ୍ଜନ ୟଙ୍ଗ ଉତ୍କଳ କ୍ଲବର ପ୍ରଶିକ୍ଷକ ମଧ୍ୟ ରହିଥିଲେ। ଏ.ଜି କାର୍ଯ୍ୟାଳୟରୁ ଅବସର ପରେ ଫୁଟବଲ ଜଗତରେ ସେ ସକ୍ରିୟ ରହିଥିଲେ। ତାଙ୍କ ବିୟୋଗରେ ଫୁଟବଲ ଆସୋସିଏସନ ଅଫ ଓଡ଼ିଶା(ଫାଓ) ପକ୍ଷରୁ ଶୋକ ପ୍ରକାଶ ପାଇଛି।

## ସୌମ୍ୟଙ୍କୁ ୮୬ତମ ଟାଇଟଲ; ଏଥର ଆମେରିକାରେ



ଭୁବନେଶ୍ୱର,୩୦।୧୨ (ସମିସ): ଓଡ଼ିଶାର ଜଣାଶୁଣା ଚେସ୍ ଖେଳାଳି ତଥା ଫିଡେ ମାଷ୍ଟର ଏଥର ଆମେରିକାର ଲାସ୍‌ଭେଗାସରେ ଅନୁଷ୍ଠିତ ନର୍ଥ ଆମେରିକାନ ଓପନ ଚେସ୍ ଚାମ୍ପିଅନ୍‌ସିପ୍‌ରେ ଟାଇଟଲ ବିଜୟୀ ହୋଇଛନ୍ତି। ସେ ଏହି ଟାଇଟଲ ୭ ରାଉଣ୍ଡ ବିଶିଷ୍ଟ ମାଷ୍ଟର୍ସ ବିଭାଗରେ ଜିତିଛନ୍ତି। ଏଥିରେ ତାଙ୍କୁ ୪.୫ ପଏଣ୍ଟ ମିଳିଥିଲା ଓ ବୁକୋଲଜ୍‌ରେ ସେ ପ୍ରଥମ ସ୍ଥାନ ଅଧିକାର କରି ଟାଇଟଲ ଜିତିଥିଲେ। ଟାଇଟଲ ଜିତିବା ସହ ତାଙ୍କୁ ମଧ୍ୟ ୨୮ଟି ରେଟିଂ ପଏଣ୍ଟ ମିଳିଛି। ଏହି ଟୁର୍ଣ୍ଣାମେଣ୍ଟରେ ୮ମ ସିଡ୍ ମାନ୍ୟତା ପାଇଥିବା ସୌମ୍ୟ ଶେଷ ରାଉଣ୍ଡରେ ହାରିଯାଇଥିଲେ ମଧ୍ୟ ଟାଇଟଲ ହାତଛଡ଼ା କରି ନ ଥିଲେ।

## ପୂର୍ବ ଭାରତ ବଡ଼ି ବିଲ୍ଡିଂ ଚାମ୍ପିଅନସିପ୍ ୧୦ରୁ




ଭୁବନେଶ୍ୱର,୩୦।୧୨(ସମିସ): ସ୍ଥାନୀୟ ବଉଳଗଡ଼ କ୍ଲବ ଓ ଓଡ଼ିଶା ବଡ଼ି ବିଲ୍ଡିଂ ମିଳିତ ଆନୁକୂଲ୍ୟରେ ଏବଂ ପୂର୍ବ ଭାରତ ବଡି ବିଲ୍ଡର୍ସ ଆସୋସିଏସନ ତତ୍ତ୍ୱାବଧାନରେ ଜାନୁଆରୀ ୧୦ରୁ ୧୨ ତାରିଖ ମଧ୍ୟରେ ୩ ଦିନ ଧରି ଦ୍ୱାଦଶ ପୂର୍ବ ଭାରତ ପୁରୁଷ ଓ ମହିଳା ବଡ଼ି ବିଲ୍ଡିଂ ଓ ଶାରୀରିକ କ୍ରୀଡ଼ା ଚାମ୍ପିଅନସିପ୍ ଆୟୋଜନ ହେବ। ୧୯୭୫ରୁ ବଉଳଗଡ଼ କ୍ଲବ ରାଜ୍ୟରେ କ୍ରୀଡ଼ାର ବିକାଶ ପାଇଁ ଉଲ୍ଲେଖନୀୟ କାର୍ଯ୍ୟ କରିଆସୁଛି। ବଉଳଗଡ଼ କ୍ଲବର ସୁବର୍ଣ୍ଣ ଜୟନ୍ତୀ ପାଳନ ଅବସରରେ ଏହି ପ୍ରତିଯୋଗତା ଆୟୋଜନ ହେବାକୁ ଯାଉଛି। ଲିଙ୍ଗରାଜ ମନ୍ଦିର ନିକଟରେ ଥିବା ଭଞ୍ଜକଳା ମଣ୍ଡପରେ ଏହି ପ୍ରତିଯୋଗତା ଆୟୋଜନ ହେବ। ଏହି ପ୍ରତିଯୋଗିତାରେ ପୂର୍ବ ଭାରତର ୧୨ଟି ରାଜ୍ୟର ପ୍ରତିଯୋଗୀମାନେ ଅଂଶଗ୍ରହଣ କରିବେ। ଏହି ରାଜ୍ୟଗୁଡ଼ିକରୁ ୪୦୦ ବଡ଼ିବିଲ୍ଡର ଓ ୧୦୦ଜଣ ଅଫିସିଆଲ ଅଂଶଗ୍ରହଣ କରିବେ। ଓଡ଼ିଶାରୁ ୨୫ ପୁରୁଷ ଓ ୫ ମହିଳା ସମେତ ମୋଟ ୩୦ ପ୍ରତିଯୋଗୀ ଏଥିରେ ଅଂଶଗ୍ରହଣ କରିବେ। ଭୁବନେଶ୍ୱରର ଏକାମ୍ର ବିଧାୟକ ତଥା ଚାମ୍ପିଅନସିପ୍‌ର ଅଭ୍ୟର୍ଥନା କମିଟି ଅଧ୍ୟକ୍ଷ ବାବୁ ସିଂହଙ୍କ ଦିଗଦର୍ଶନରେ ହିଁ ଏହି ପ୍ରତିଯୋଗିତା ଆୟୋଜନ ହେବ ବୋଲି ମଙ୍ଗଳବାର ସମ୍ବାଦିକ ସମ୍ମିଳନୀରେ କ୍ଲବ୍‌ର ତରଫରୁ ସୂଚନା ଦିଆଯାଇଛି। ଏଥିରେ ବାବୁ ସିଂହଙ୍କ ସମେତ ବଉଳଗଡ଼ କ୍ଲବ ସମ୍ପାଦକ ରାଧାନାଥ ମହାପାତ୍ର ପୂର୍ବ ଭାରତ ବଡ଼ି ବିଲ୍ଡର୍ସ ଆସୋସିଏସନ ଓ ଓଡ଼ିଶା ବଡ଼ି ବିଲ୍ଡିଂ ଆସୋସିଏସନ ସାଧାରଣ ସମ୍ପାଦକ ପ୍ରସନ୍ନ କୁମାର ମହାସୁଆର, ରାଧାମାଧବ ପଣ୍ଡା, ଚକ୍ରଧର ବେହେରା, ପ୍ରଫୁଲ୍ଲ ଚନ୍ଦ୍ର ଗୁରୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ। ଏହି ଅବସରରେ ତାରକା ବଡ଼ି ବିଲ୍ଡର ଅମିତ କୁମାର ଭୂୟାଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

## ଇଡେନ ପିଚ୍ ସନ୍ତୋଷଜନକ

ମୁମ୍ବାଇ,୩୦।୧୨(ଏଜେନ୍ସି): ଭାରତ ଓ ଦକ୍ଷିଣ ଆଫ୍ରିକା ମଧ୍ୟରେ କୋଲକାତାରେ ନଭେମ୍ବର ୧୪ରୁ ୧୬ ଯାଏ ଅନୁଷ୍ଠିତ ଟେଷ୍ଟ ମ୍ୟାଚ୍ ପିଚ୍‌କୁ ଆଇସିସି ସନ୍ତୋଷଜନକ ରେଟିଂ ପ୍ରଦାନ କରିଛି। ଏହି ମ୍ୟାଚ୍‌ର ପ୍ରଥମ ଦିନରୁ ଖେଳ ଦକ୍ଷିଣ ଆଫ୍ରିକା କବ୍‌ଜାରେ ରହିଥିଲା ଓ ଭ୍ରମଣକାରୀ ଦଳ ଏହାକୁ ୩୦ ରନ୍‌ରେ ଜିତିଥିଲା। ଏହା ପରେ ଗୁଆହାଟୀ ଟେଷ୍ଟକୁ ଦକ୍ଷିଣ ଆଫ୍ରିକା ୪୦୮ ରନ୍‌ରେ ଜିତିବା ସହ ଟେଷ୍ଟ ସିରିଜ୍‌କୁ ୨-୦ରେ ଜିତିନେଇଥିଲା। ଏହା ଫଳରେ ଭାରତ ମାଟିରେ ଦକ୍ଷିଣ ଆଫ୍ରିକା ଦୀର୍ଘ ୨୫ ବର୍ଷ ପରେ ଟେଷ୍ଟ ସିରିଜ୍ ଜିତିବାକୁ ସମର୍ଥ ହୋଇଥିଲା। କୋଲକାତା ଟେଷ୍ଟ ୩ ଦିନରେ ଶେଷ ହୋଇଥିବାରୁ ଏହାକୁ ଅନୁପଯୁକ୍ତ କରାଯିବ ବୋଲି ଆଶଙ୍କା ପ୍ରକାଶ ପାଇଥିଲା। କିନ୍ତୁ ମ୍ୟାଚ୍ ରେଫରୀ ରିଚି ରିଚାର୍ଡସନ ଏହାକୁ ସନ୍ତୋଷଜନକ ରେଟିଂ ଦେବା ପରେ ବିସିସିଆଇ ଓ ଭାରତୀୟ ସମର୍ଥକ ଆଶ୍ୱସ୍ତ ହୋଇଛନ୍ତି।

■ ସର୍ବଭାରତୀୟ ଅଶୋକ ଦାସ ସ୍ମାରକୀ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ

## ସେମିରେ ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ



ଯାଜପୁର,୩୦।୧୨(ସମିସ): ଯାଜପୁର ଜିଲ୍ଲା କ୍ରିକେଟ୍ ଆସୋସିଏସନ୍ ଓ ମେଲବର୍ଣ୍ଣ କ୍ରିକେଟ୍ କ୍ଲବ୍ (ଏମ୍‌ସିସି) ଯାଜପୁରର ମିଳିତ ଉଦ୍ୟମରେ ଅଶୋକ ଦାସ ମେମୋରିଆଲ୍ ସର୍ବଭାରତୀୟ କ୍ରିକେଟ୍ ଟୁର୍ଣ୍ଣାମେଣ୍ଟର ଦ୍ୱିତୀୟ ଦିନରେ କୋଲକାତାର ବିରାଟ ଏକାଡେମୀକୁ -- ପରାସ୍ତ କରି ଖୋର୍ଦ୍ଧା ଇଷ୍ଟକୋଷ୍ଟ ରେଲୱେ ସେମିଫାଇନାଲରେ ପ୍ରବେଶ କରିଛି। ଏହି ମ୍ୟାଚ୍‌ରେ ପ୍ରଥମେ ବ୍ୟାଟିଂ କରି ଇଷ୍ଟକୋଷ୍ଟ ରେଲୱେ ୫ ୱିକେଟ୍ ହରାଇ ୨୨୬ ରନ୍ କରିଥିଲା। ଦଳ ପକ୍ଷରୁ ଓମ୍‌କାର ଥୋରାଟ୍ ୬୩ ଓ କାମେଶ୍ୱର ବାରିକ ୫୪ରନ୍ କରିଥିଲେ। ପ୍ରତିପକ୍ଷ ବୋଲର ଅଭିନବ ସିଂ ୨ଟି ୱିକେଟ୍ ଅକ୍ତିଆର କରିଥିଲେ। ଜବାବରେ ବିରାଟ ଏକାଡେମୀ କଲିକତା ୨୧.୨ ଓଭର ରେ ୧୪୨ରନ୍ ସଂଗ୍ରହ କରି ପରାସ୍ତ ହୋଇଥିଲା। ଦଳ ପକ୍ଷରୁ ରାଜେଶ ସରୋଜ ସର୍ବାଧିକ ୩୦ ରନ୍ ସଂଗ୍ରହ କରିଥିଲେ। ଆଜିର ମ୍ୟାଚର ମ୍ୟାନ୍ ଅଫ୍ ଦି ମ୍ୟାଚ୍ ଓମକାର ଥୋରାଟଙ୍କୁ ଶ୍ରୀଜୟ ଗ୍ରୁପ୍‌ର ନୀଳମଣୀ ପରିଡ଼ା, ସନ୍ତୋଷ ମହଲା, ଅଜୟ ବାରିକ ପୁରସ୍କୃତ କରିଥିଲେ। ଆଜିର ଏହି ମ୍ୟାଚ୍‌କୁ ଅମ୍ପାୟାର୍ ଭାବେ ଖଗେଶ୍ୱର ମଲ୍ଲିକ ଓ ସତ୍ୟବ୍ରତ ଯେନା ପରିଚାଳନା କରିଥଲେ। ସ୍କୋରର ଭାବେ ସ୍ୱସ୍ତିକ ପହି, ବିଶ୍ୱଜିତ୍ ଦାସ ଦାୟିତ୍ୱ ସମ୍ଭାଳିଥିଲେ।

ଫେଡେରେସନ କପ୍ ଉଷୁ ଚାମ୍ପିଅନସିପ୍

## ଓଡ଼ିଶାକୁ ୫ ସ୍ୱର୍ଣ୍ଣ ସହ ୩୧ ପଦକ



ଭୁବନେଶ୍ୱର,୩୦।୧୨ (ସମିସ): ଛତିଶଗଡ଼ର ରାଜନନ୍ଦନଗାଓଁଠାରେ ଚଳିମାସ ୨୬ରୁ ୩୦ ଯାଏ ଅନୁଷ୍ଠିତ ନବମ ଫେଡେରେସନ କପ୍ ଉଷୁ ଚାମ୍ପିଅନସିପ୍‌ରେ ଓଡ଼ିଶା ୫ ସ୍ୱର୍ଣ୍ଣ, ୪ ରୌପ୍ୟ ଓ ୨୨ କାଂସ୍ୟ ସହ ୩୧ଟି ପଦକ ଜିତି ଭଲ ସଫଳତା ହାସଲ କରିଛି। ଏହି ପ୍ରତିଯୋଗିତାରେ ଓଡ଼ିଶାରୁ ୫୩ ଜଣ ପ୍ରତିଯୋଗୀ ଭାଗ ନେଇ ଏହି ପଦକ ଜିତିଛନ୍ତି। ସ୍ୱର୍ଣ୍ଣ ବିଜେତା ପ୍ରତିଯୋଗୀମାନେ ହେଲେ ସବ୍‌ଜୁନିଅର ବିଭାଗ ୨୨ କେଜିରେ କ୍ରିଷ୍ଣା ମୁଣ୍ଡା, ୨୮ କେଜିରେ ମଞ୍ଜୁ ମୁଣ୍ଡା, ୨୬ କେଜିରେ ସାବିତ୍ରୀ ମୁଣ୍ଡା, ସିନିଅର ୫୨ କେଜି ବିଭାଗରେ ରାଜକୁମାର ମୁଣ୍ଡା, ଆୟୁଷ ଅଂଶୁମାନ ସାହୁ। ପଙ୍କଜ ମହାନ୍ତ ଓ ସୁଜନ ରଥ କୋଚ୍ ରହିଥିଲାବେଳେ ପ୍ରଦ୍ୟୁମ୍ନ ବେହେରା ହେଡ୍ ଜଜ୍, ସାଣ୍ଡାରେ ସୁଶାନ୍ତ ନାୟକ ଓ ତାଓଲୁରେ ଟିକା ବାହାଦୁର ଜଜ୍ ଭାବେ ଦାୟିତ୍ୱ ତୁଲାଇଥିଲେ। ଓଡ଼ିଶା ଉଷୁ ସଂଘ ଅଧ୍ୟକ୍ଷ ଇଂ ସୁଧାଂଶୁ ଶେଖର ହରିଚନ୍ଦନ ଓ ସଭାପତି ବିଷ୍ଣୁ ମୋହନ ମହାନ୍ତି ପ୍ରତିଯୋଗୀମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।

■ ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ କପ୍

## ପ୍ରୟାଗରାଜକୁ ହରାଇ ରାଞ୍ଚି ମେକନ ଚାମ୍ପିଅନ

ପାଇକମାଳ,୩୦।୧୨(ସମିସ): ବରଗଡ଼ ଜିଲ୍ଲା ପାଇକମାଳ ବ୍ଲକ୍ ଛିନ୍ଦେଇକେଲା ଚନ୍ଦ୍ରଶେଖର ମିନି ଷ୍ଟାଡିୟମରେ ରାଇଜିଂ ଷ୍ଟାର କ୍ରିକେଟ କ୍ଲବ୍ ପକ୍ଷରୁ ଚାଲିଥିବା ୨୯ତମ ସର୍ବଭାରତୀୟ ଛିନ୍ଦେଇକେଲା କ୍ରିକେଟ କପ୍‌ର ମଙ୍ଗଳବାର ଶେଷ ହୋଇଛି। ଫାଇନାଲରେ ପ୍ରୟାଗରାଜକୁ ହରାଇ ରାଞ୍ଚି ମେକନ ଚାମ୍ପିଅନ ହୋଇଛି। ରାଞ୍ଚି ମେକନ ଦଳ ପ୍ରଥମ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୭ ୱିକେଟ ହରାଇ ୧୭୪ ରନ ସଂଗ୍ରହ କରିଥିଲା।୧୭୫ ରନ ବିଜୟ ଲକ୍ଷ୍ୟ ନେଇ ପ୍ରୟାଗରାଜ ଦଳ ୧୯.୨ ଓଭରରେ ସମସ୍ତ ୱିକେଟ ହରାଇ ୧୫୨ ରନ ସଂଗ୍ରହ କରି ୨୨ ରନରେ ପରାଜିତ ହୋଇଥିଲା।

ରାଜ୍ୟ ଆଥ୍‌ଲେଟିକ୍ ମିଟ୍ ଉଦ୍‌ଯାପିତ

## କଟକ ଚାମ୍ପିଅନ, ସୁନ୍ଦରଗଡ଼ ରନର୍ସଅପ୍

କଟକ,୩୦।୧୨(ସମିସ)

ବକ୍ସିବଜାର ସ୍ଥିତ ରିଜର୍ଭ ପୁଲିସ ଗ୍ରାଉଣ୍ଡରେ ଚାଲିଥିବା ରାଜ୍ୟ ଆଥଲେଟିକ ମିଟ ଆଜି ଉଦ୍‌ଯାପିତ ହୋଇଯାଇଛି। ମୋଟ୍ ୪୦୦ ପଏଣ୍ଟ ସଂଗ୍ରହ କରି କଟକ ଦଳଗତ ଚାମ୍ପିଅନ ହୋଇଥିବା ବେଳେ ୩୩୬ ପଏଣ୍ଟ ହାସଲ କରିଥିବା ସୁନ୍ଦରଗଡ ରନର୍ସଅପ ହୋଇଛି। ଉଭୟ ପୁରୁଷ ଏବଂ ମହିଳା ବର୍ଗରେ ଓଡ଼ିଶା ପୁଲିସ ସର୍ବାଧିକ ପଏଣ୍ଟ ହାସଲ କରିଛି। ଅନ୍ୟପକ୍ଷରେ ଚାରିଦିନିଆ ଏହି ରାଜ୍ୟ ଚାମ୍ପିଅନସିପ୍‌ରେ ୨୫ଟି ନୂଆ ମିଟ୍ ରେକର୍ଡ ପ୍ରତିଷ୍ଠା ହୋଇଥିବା ଓଡ଼ିଶା ଆଥଲେଟିକ ଆସୋସିଏସନ ପକ୍ଷରୁ ସୂଚନା ଦିଆଯାଇଛି।

ମିଟ୍‌ର ପ୍ରଥମ ଦିବସରେ ୫ଟି ନୂତନ ରେକର୍ଡ ହୋଇଥିଲା। ମହିଳା ୫ହଜାର ମିଟର ଦୌଡ଼ରେ ସୁସ୍ମିତା ଟିଗା, ୧୮ ବର୍ଷରୁ କମ୍ ବାଳିକା ଜାଭେଲିନ ଥ୍ରୋରେ ଆଲୋକିକା ସ୍ୱାଇଁ, ପୁରୁଷ




### ୪ ଦିନରେ ୨୫ ନୂଆ ମିଟ୍ ରେକର୍ଡ

ହାଇଜମ୍ପରେ ସ୍ୱାଧୀନ କୁମାର ମାଝୀ, ମହିଳା ଲଙ୍ଗଜମ୍ପରେ ମନୀଷା ମେରେଲ, ୨୦ବର୍ଷରୁ କମ୍ ବାଳକ ସଟପୁଟରେ ଓମକାର ପ୍ରସାଦ ନନ୍ଦ ନୂତନ ମିଟ ରେକର୍ଡ ପ୍ରତିଷ୍ଠା କରିଥିଲେ। ସେହିପରି ଦ୍ୱିତୀୟ ଦିବସରେ ୨୦ବର୍ଷରୁ କମ୍ ବାଳକ ହାମର ଇଭେଣ୍ଟରେ ଓମକାର ପ୍ରସାଦ ନନ୍ଦ, ୨୩ବର୍ଷରୁ କମ୍ ବାଳିକା ହାଇଜମ୍ପରେ ମେହକ ନରସିମ, ପୁରୁଷ ଲଙ୍ଗଜମ୍ପରେ ଶରୁଣ ପାୟାସିଂହ, ଡିକାଥଲନରେ ଯଶବୀର ନାୟକ, ତୃତୀୟ ଦିବସରେ ୧୪ବର୍ଷରୁ କମ୍ ବାଳକ ଜାଭେଲିନ ଥ୍ରୋ ଇଭେଣ୍ଟରେ ଦେବରାଜ ଗଣ୍ଡୁଆ, ୧୪ବର୍ଷରୁ କମ୍ ବାଳିକା ଜାଭେଲିନ ଥ୍ରୋରେ ଭାରତୀ ଗଣ୍ଡୁଆ, ୨୩ବର୍ଷରୁ କମ୍ ବାଳକ ପୋଲଭଲ୍ଟରେ ଦୁର୍ଗାଚରଣ କିସକୁ, ୨୦ବର୍ଷରୁ କମ୍ ବାଳିକା ହାମରରେ ଅଙ୍କିତା ମହାପାତ୍ର, ୨୩ବର୍ଷରୁ କମ୍ ବାଳକ ଡିସକସ ଥ୍ରୋରେ ନିର୍ମଳ ଜେନା ନୂତନ ମିଟ ରେକର୍ଡ ପ୍ରତିଷ୍ଠା କରିଛନ୍ତି। ତେବେ ଆଜି ଖେଳର ଅନ୍ତିମ ଦିନରେ ନୂତନ ୧୧ଟି ମିଟ ରେକର୍ଡ ହୋଇଛି। ୧୮ବର୍ଷରୁ କମ ବାଳକ ଜାଭେଲିନ ଥ୍ରୋରେ ସତ୍ୟରଞ୍ଜନ ନାୟକ, ୨୩ବର୍ଷରୁ କମ୍ ବାଳକ ଟ୍ରିପଲ ଜମ୍ପରେ ସ୍ୱାଗତ କୁମାର ବେହେରା,୨୩ବର୍ଷରୁ କମ୍ ବାଳିକା ସଟପୁଟରେ ଅଂଶିକା ରାଉତରାୟ, ମହିଳା ହେପ୍ଟାଥଲନରେ ପୂର୍ଣ୍ଣିମା ହେମ୍ବ୍ରମ, ୨୩ବର୍ଷରୁ କମ୍ ବାଳକ ଜାଭେଲିନ ଥ୍ରୋରେ ରତ୍ନାକର ପାଲଟାସିଂହ, ପୁରୁଷ ୧୦ହଜାର ମିଟର ଦୌଡ଼ରେ ଅଶୋକ ଦଣ୍ଡସେନା, ୨୩ବର୍ଷରୁ କମ୍ ବାଳକ ୩ହଜାର ମିଟର ଷ୍ଟିପଲ ଚେଜ୍‌ରେ ଶୁଭମ ବେହେରା, ୧୫ଶହ ମିଟର ଦୌଡ଼ରେ ଦୟାନିଧି ମୁଣ୍ଡା, ୮୦୦ମିଟର ଦୌଡ଼ରେ ବଳଭଦ୍ର ଭତ୍ର, ମହିଳା ୪୦୦ ମିଟର ଦୌଡ଼ରେ ସୁଖୀ ବସ୍କି ଏବଂ ୨୩ବର୍ଷରୁ କମ୍ ବାଳକ ୧୦ହଜାର ମିଟର ଦୌଡ଼ରେ ପଙ୍କଜ ସୋରେନ ନୂତନ ମିଟ ରେକର୍ଡ ପ୍ରତିଷ୍ଠା କରିଛନ୍ତି।

## ଅଂଶିକାଙ୍କ ମିଟ୍ ରେକର୍ଡ




ଏହି ପ୍ରତିହେଯାଗିତାରେ ୨୩ ବର୍ଷରୁ କମ୍ ମହିଳା ଡିସ୍‌କସ୍ ଥ୍ରୋରେ ଅଂଶିକା ରାଉତରାୟ ନୂଆ ମିଟ୍ ରେକର୍ଡ ସୃଷ୍ଟି କରିଛନ୍ତି। ସେ ମଧ୍ୟ ଡିସ୍‌କସ୍ ଥ୍ରୋରେ ରୌପ୍ୟ ପଦକ ବିଜୟୀ ହୋଇଥିଲେ। ହର୍ଡଲ୍ସ କୁଇନ୍ ଭାବେ ବିବେଚିତ ଓଡ଼ିଶାର କିଂବଦନ୍ତୀ ଆଥ୍‌ଲେଟ୍ ଅନୁରାଧା ବିଶ୍ୱାଳଙ୍କ ଝିଅ ହେଉଛନ୍ତି ଅଂଶିକା।

PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED.
PRINTED AT THE SAKALA, SWOTI VILLAGE, PANIKOILI-755043, DIST: JAJPUR, ODISHA
କାର୍ଯ୍ୟନିର୍ବାହୀ ସମ୍ପାଦକ : ସମରେନ୍ଦୁ ଦାସ
EXECUTIVE EDITOR: SAMARENDU DAS